

Vol. XLIV No. 6 UTKAL PRASANGA Regd No. O-05/88
Licence No. C. R. N. P. 5—Licensed to post without Pre-Payment



ଆସ ଭାରତର ପାହାଡ଼ି ରାଜ୍ୟରେ
ଝୁର-ଝିଂକାର ଖେଳେ ....







ପାର୍ଲିଆମେଣ୍ଟର ମିଳିତ ଅଧିବେଶନକୁ ....

# ଉତ୍କଳ ପ୍ରସଙ୍ଗ

ମାଘ/ଫାଲ୍‌ଗୁନ ୧୯୦୯ ଶକାବ୍ଦ ୪୪ ଖଣ୍ଡ ୭/୮ମ ସଂଖ୍ୟା ଫେବୃଆରୀ/ମାର୍ଚ୍ଚ ୧୯୮୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ବିଶ୍ୱଜିତ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ଅନନ୍ତ କୁମାର ପାଣ୍ଡେ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକୁ ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ରାଜ୍ୟ ବିଧାନ ସଭାରେ ରାଜ୍ୟପାଳଙ୍କ ଅଭିଭାଷଣ | | .. ୧ |
| ନେତୃତ୍ୱର ନୂଆ ପିଢ଼ି | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧୫ |
| ଗଞ୍ଜାମର ଦୁଇଟି ମନ୍ଦିର | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | .. ୧୭ |
| ଦରିଦ୍ର ଥଇଥାନ ଯୋଜନା | ଡକ୍ଟର ପ୍ରମୋଦ କୁମାର ମିଶ୍ର<br>ଡକ୍ଟର ବି ନୃସିଂହ ନାଥ ପାତ୍ର | .. ୧୯ |
| ଶିଶୁ ବିକାଶ କାର୍ଯ୍ୟକ୍ରମ | ଡକ୍ଟର କୈଳାସ ଚନ୍ଦ୍ର ରଥ | .. ୨୧ |
| କଳିଙ୍ଗ ବନ୍ଧୁ ଗୋପବନ୍ଧୁ | ଶ୍ରୀ ପ୍ରଫୁଲ୍ଲ ଦାସ | .. ୨୪ |
| ସଂକ୍ରାମକ ରୋଗ : ହାଡ଼ଫୁଟି | ଡକ୍ଟର ଚତୁର୍ଭୁଜ ନାୟକ | .. ୨୭ |
| କୃଷି ଉତ୍ପାଦନରେ ସୂର୍ଯ୍ୟମୁଖୀ ଓ ସୋୟାବିନ୍ | ଶ୍ରୀ ଲବଣ୍ୟ ଚନ୍ଦ୍ର ସାହୁ | .. ୨୯ |
| ଭକ୍ତର ଭତି ବୃତ୍ତି | ଶ୍ରୀ ରଘୁନାଥ ପାତ୍ର | .. ୩୧ |
| ସାର୍ଥକ ସ୍ୱପ୍ନ | | .. ୩୭ |
| ସମ୍ବାଦ ପରିକ୍ରମା | | .. ୪୦ |
| ଗ୍ରାମାଞ୍ଚଳ ନାରୀମାନଙ୍କର ସାମାଜିକ ଦାୟିତ୍ୱ | ଶ୍ରୀମତୀ ପୂର୍ଣ୍ଣେନ୍ଦୁପ୍ରଭା ମହାପାତ୍ର | .. ୪୭ |
| ଦେଶର ସମୃଦ୍ଧିପଥେ ବୈଷୟିକ ଶିକ୍ଷା | ଶ୍ରୀ ମାଗୁଣି ପ୍ରଧାନ | .. ୫୦ |
| ସୌର ଶକ୍ତି ଚାଳିତ ପାଣି ପମ୍ପର କାହାଣୀ | ଶ୍ରୀ ସୁରେଶ ପରିଡ଼ା | .. ୫୩ |
| ଆମ ରୋଷେଇ ଘର | ଶ୍ରୀମତୀ ଶାଶ୍ୱତୀ ପରିଡ଼ା | .. ୫୫ |
| ପ୍ରାଚୀନ କଳିଙ୍ଗର ବିଲୁପ୍ତ ବନ୍ଦର | ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ | .. ୫୮ |
| ରାଷ୍ଟ୍ରୀୟ ସାମାଜିକ ବିଜ୍ଞାନ ପ୍ରଶିକ୍ଷଣ କେନ୍ଦ୍ର | ଡକ୍ଟର ରାଧାଗୋବିନ୍ଦ ଦାସ | .. ୬୮ |



# ରାଜ୍ୟ ବିଧାନ ସଭାରେ

# ରାଜ୍ୟପାଳଙ୍କ ଅଭିଭାଷଣ

**ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟ ବୃନ୍ଦ,**

ବିଧାନସଭାର ନବମ ଅଧିବେଶନରେ ମୁଁ ଆପଣମାନଙ୍କୁ ସାଦର ସ୍ୱାଗତ ଜଣାଉଛି । ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

2. ଶ୍ରୀ ସଦାନନ୍ଦ ଜହିଁର ଏହି ଗୃହର ସମ୍ମାନିତ ସଦସ୍ୟ ଥିଲେ । ସେ ନିକଟରେ ଇହଧାମରୁ ବିଦାୟ ନେଇଛନ୍ତି । ତାଙ୍କର ଦୁଃଖମୟ ତିରୋଧାନରେ ମୋ ସହିତ ଆପଣମାନେ ଗଭୀର ଶୋକ ପ୍ରକାଶ କରିବା ପାଇଁ ମୁଁ ଅନୁରୋଧ କରୁଛି ।

3. ସପ୍ତମ ପଞ୍ଚବାର୍ଷିକ ଯୋଜନାର ଶେଷ ବର୍ଷରେ ଆମେ ପାଦ ଦେବାକୁ ଗଲାବେଳେ ଦେଖାଯାଏ ଯେ ଯୋଜନାର ବିଗତ ବର୍ଷଗୁଡ଼ିକ ଆମ ସଫଳତାର ଏକ ଅଭିଲେଖ । ଦେଶର ପ୍ରଗତିଶୀଳ ରାଜ୍ୟମାନଙ୍କ ମଧ୍ୟରେ ଏହି ରାଜ୍ୟ ଏକ ସମ୍ମାନଜନକ ସ୍ଥାନ ଲାଭ କରିପାରିଛି । ଆସନ୍ତା ଆର୍ଥିକ ବର୍ଷରେ ଓଡ଼ିଶା ରାଜ୍ୟପାଇଁ ଯୋଜନା ବ୍ୟୟ ବାବଦରେ 925 କୋଟି ଟଙ୍କା ବରାଦ ହୋଇଛି ଯାହାକି ଚଳିତ ଆର୍ଥିକ ବର୍ଷର ବ୍ୟୟ ବରାଦଠାରୁ 90 କୋଟି ଟଙ୍କା ଅଧିକ । ଅତି ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ଜଳସେଚନ, ବିଦ୍ୟୁତ ଶକ୍ତି, କୃଷି, ଶିଳ୍ପ ଏବଂ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପ୍ରତି ଅଗ୍ରାଧିକାର ଦିଆଯାଇଛି ।

4. ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ କର୍ମ ନିଯୁକ୍ତିର ଅଭାବ ଜନିତ ସମସ୍ୟା ସମାଧାନ କରିବାକୁ ଚଳିତ ଓ ଆସନ୍ତା ଆର୍ଥିକ ବର୍ଷ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ନିଯୁକ୍ତି ଯୋଜନାମାନ ପ୍ରଣୟନ କରାଯାଇଛି । କୃଷି, ଜଙ୍ଗଲ, ମତ୍ସ୍ୟ, ପଶୁପାଳନ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ, ପରିବହନ, ଗୃହ ନିର୍ମାଣ, ନଗର ଉନ୍ନୟନ ପ୍ରଭୃତି କାର୍ଯ୍ୟକ୍ରମ ଜରିଆରେ ଏହା କାର୍ଯ୍ୟକାରୀ କରାଯାଇ ଦୁଇଲକ୍ଷ ଲୋକଙ୍କପାଇଁ ଅଧିକ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇ ପାରିବ ବୋଲି ଆଶା କରାଯାଉଛି ।

5. ଯୋଜନା କାର୍ଯ୍ୟକ୍ରମର ଅନୁଧ୍ୟାନ ଓ ସମୀକ୍ଷା ପାଇଁ ଜିଲ୍ଲା ଯୋଜନା ବୋର୍ଡମାନ ଗଠନ କରାଯାଇଛି । ଜିଲ୍ଲା ପାଇଁ ଯୋଜନା ପ୍ରସ୍ତୁତ କରିବା, ସମ୍ବଳ ଓ ଆବଶ୍ୟକତା ମଧ୍ୟରେ ସମନ୍ୱୟ ରକ୍ଷିବା ଓ ଯୋଜନା କାର୍ଯ୍ୟ ସଂପାଦନକୁ ଅନୁଧ୍ୟାନ କରିବାର ଦାୟିତ୍ୱ

ବୋର୍ଡ ଉପରେ ନ୍ୟସ୍ତ କରାଯାଇଛି । ଅନଗ୍ରସରତାକୁ ଦୃଷ୍ଟିରେ ରଖି ଲୋକସଂଖ୍ୟା ଭିତିରେ ଜିଲ୍ଲାମାନଙ୍କୁ ଅର୍ଥ ଯୋଗାଇ ଦିଆଯାଉଛି । ମୁଁ ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ ବିଧିବଦ୍ଧ ଭାବରେ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରାଯିବା ହେତୁ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତିରେ ଜାତୀୟ ସ୍ତରରେ ମୋ ରାଜ୍ୟ 1987-୮୮ରେ ଦ୍ୱିତୀୟ ସ୍ଥାନ ଲାଭ କରିଛି ।

6. ବନ୍ୟାଜନିତ ପ୍ରାକୃତିକ ଦୁର୍ବିପାକ ଯୋଗୁ ରାଜ୍ୟର ୮ ଗୋଟି ଜିଲ୍ଲା ଯଥା— ବାଲେଶ୍ୱର, ମୟୂରଭଞ୍ଜ, କଟକ, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ଘଟିଥିଲା । ଏହି ଜିଲ୍ଲାମାନଙ୍କରେ ଧନ, ଜୀବନ, ଗୋସଂପଦ ଓ ସାଧାରଣ ସଂପତ୍ତିର କ୍ଷତି ଘଟିଥିଲା । ବିପନ୍ନ ଲୋକଙ୍କୁ ସରକାର ଅବିଳମ୍ବେ ଜରୁରୀକାଳୀନ ସାହାଯ୍ୟ ପ୍ରଦାନ କରିଛନ୍ତି ଏବଂ କ୍ଷତିଗ୍ରସ୍ତ ସାଧାରଣ ସଂପତ୍ତି ଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି । ଚଳିତ ବର୍ଷ ବଲାଙ୍ଗୀର, ଫୁଲବାଣୀ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାର ମରୁଡ଼ି ପ୍ରପୀଡ଼ିତ କେତେକ ଅଞ୍ଚଳ ବ୍ୟତୀତ ସମଗ୍ର ରାଜ୍ୟରେ ଫସଲ ଅବସ୍ଥା ମୋଟା ମୋଟି ଉତ୍ତମ ବୋଲି ଜଣାଯାଏ । ଯଦିଓ ମରୁଡ଼ିଜନିତ ପ୍ରକୃତ କ୍ଷୟ କ୍ଷତିର ପରିମାଣ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇ ନାହିଁ, ଏହି ଅଞ୍ଚଳମାନଙ୍କରେ ରାଜ୍ୟ ସରକାର ଠିକ୍ ସମୟରେ ଫସଲକୁ ରକ୍ଷା କରିବାପାଇଁ ପ୍ରତିକାର ବ୍ୟବସ୍ଥାସ୍ୱରୂପ ଆବଶ୍ୟକୀୟ ଜଳସେଚନ ସୁବିଧା କରିଛନ୍ତି । ଜରୁରୀକାଳୀନ ଖାଦ୍ୟ ଯୋଗାଣ ଏବଂ ଉନ୍ନୟନ କାର୍ଯ୍ୟ ମାଧ୍ୟମରେ କର୍ମ ଯୋଗାଣ କରାଯାଉଛି । ମରୁଡ଼ି ପରିସ୍ଥିତିର ମୁକାବିଲା କରିବାପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ଦୃଢ଼ୀଭୂତ କରାଯାଉଛି । ଏହି ସମସ୍ତ ପ୍ରକାର ବ୍ୟବସ୍ଥା ମାଧ୍ୟମରେ ମରୁଡ଼ିର ପରବର୍ତ୍ତୀ ଅବସ୍ଥାକୁ ସଫଳତାର ସହ ମୁକାବିଲା କରାଯାଇ ପାରିଛି ।

7. ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ କ୍ଷତିକୁ ଭରଣା କରିବାପାଇଁ ଚଳିତ ଆର୍ଥିକ ବର୍ଷରେ ବ୍ୟାପକ କୃଷି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । 19୮୮ ଖରିଫ୍ ଫସଲର ସଫଳତା ନିଶ୍ଚିତ ଭାବରେ ଉତ୍ସାହଜନକ ହୋଇଛି ଏବଂ 19୮୮-୮୯ର ରବି ଫସଲର ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ । ଗତ ଖରିଫ୍ ଋତୁରେ, ଅନ୍ୟାନ୍ୟ ଫସଲ ବ୍ୟତୀତ, କେବଳ ଧାନ ଉତ୍ପାଦନରେ ବିଗତ ବର୍ଷ ଅପେକ୍ଷା ନଅ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ଦ୍ରୁତ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ । ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ଶୁଷ୍କ ଜମିରେ ବୈଷୟିକ ଜ୍ଞାନ ପ୍ରୟୋଗ, ଉଚ୍ଚ ଜମିରେ ଧାନ ପରିବର୍ତ୍ତେ ଅନ୍ୟାନ୍ୟ ଫସଲ ଚାଷ, ମିଶ୍ରିତ କୃଷି ପଦ୍ଧତି, ସଠିକ ଅମଳକ୍ଷମ ଧାନ ଚାଷ ଏବଂ ଉନ୍ନତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଅତୀତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ନୂତନ କୃଷି କୌଶଳ ଓ ପଦ୍ଧତିରୁ ଆଶାନୁରୂପ ସୁଫଳ ମିଳିଛି । ପଶ୍ଚାତ୍ ଦୃଷ୍ଟି ଦେଲେ ଜଣାଯାଏ, 1979 ମସିହାର ଧାନ ଉତ୍ପାଦନ 29.14 ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିବା ସ୍ଥଳେ ଚଳିତ ବର୍ଷ (19୮୮-୮୯) ଏହା 53.00 ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବାର ସମ୍ଭାବନା ଅଛି । ରାସାୟନିକ ସାର ପ୍ରୟୋଗ କ୍ଷେତ୍ରରେ ମଧ୍ୟ ସନ୍ତୋଷଜନକ ଉନ୍ନତି ଘଟିଛି । ହେକ୍ଟର ପ୍ରତି ସାର ପ୍ରୟୋଗ ହାରାହାରି 12.4 କିଲୋଗ୍ରାମରୁ ବୃଦ୍ଧିପାଇ ଚଳିତ ବର୍ଷ ରବି ଋତୁରେ ଏହା 30 କିଲୋଗ୍ରାମରେ ପହଞ୍ଚିଛି । ଆସନ୍ତାବର୍ଷ ଏହାକୁ 40 କିଲୋଗ୍ରାମ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ସମସ୍ତ ଉଦ୍ୟମ ସରକାର କରୁଛନ୍ତି ।

୮. ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥାରେ ଭୂମିର ଉନ୍ନତି ବିଧାନ, ବୃକ୍ଷ ରୋପଣ, ଜଳ ଅମଳ ପ୍ରକଳ୍ପ ପ୍ରଭୃତି କାର୍ଯ୍ୟକ୍ରମ ଜନସାଧାରଣରେ ବିଶେଷ ଆଦୃତ ହୋଇପାରିଛି । କେବଳ ଜଳ ଅମଳ ପ୍ରକଳ୍ପଗୁଡ଼ିକ ଦ୍ୱାରା 76 ହଜାର ହେକ୍ଟରରୁ ଅଧିକ ଜମିରେ ଜଳସେଚନ

ସୁବିଧା କରାଯାଇପାରିଛି । କଳାହାଣ୍ଡି ଜିଲ୍ଲାରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (ଆଡ଼ାପ୍ଟ)ରେ ମୃତ୍ତିକା ସଂରକ୍ଷଣକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି ।

୨. ଚଳିତବର୍ଷ (୧୯୮୮-୮୨) 12,200 ହେକ୍ଟର ଜମିରେ ବିଭିନ୍ନ କିସମର ଫଳଚାଷ ଓ 5'38 ଲକ୍ଷ ହେକ୍ଟର ଜମିରେ ଆଳୁ ସମେତ ବିଭିନ୍ନ ପନିପରିବା ଚାଷ କରାଯାଇଛି । କଦଳୀ, ଆଳୁ, ନଡ଼ିଆ ଓ ଆମ୍ବ ଚାଷର ଉନ୍ନତି ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ଆସନ୍ତାବର୍ଷ (1989-୨0)ରେ ଅଧିକ 12,000 ହେକ୍ଟର ଜମିରେ ମିଶ୍ରିତ ଫଳଚାଷ ଓ 30,000 ହେକ୍ଟର ଜମିରେ ପରିବା ଚାଷ କରିବାର ପ୍ରସ୍ତାବ ରହିଛି । କଦଳୀ, ଆଳୁ, ଆମ୍ବ ଓ ନଡ଼ିଆ ଚାଷର ସଂପ୍ରସାରଣ ଉପରେ ଗୁରୁତ୍ୱ ଦିଆଯିବ ।

10. ସମବାୟ ଅନୁଷ୍ଠାନଗୁଡ଼ିକ ବ୍ୟବସାୟିକ ବ୍ୟାଙ୍କ ସହିତ ସମାନ୍ତରାଳ ଭାବରେ କୃଷକମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଓ କରିବେ । ଆମେ ଆନନ୍ଦର ସହିତ ଉଲ୍ଲେଖ କରିବା କଥା ଯେ, ଅଦ୍ୟାବଧି ଶତକଡ଼ା ଅଶୀ ଭାଗ କୃଷକ ପରିବାର ସମବାୟ ପରିସରଭୁକ୍ତ ହୋଇ ପାରିଛନ୍ତି । ସମବାୟ ପରିସର ମଧ୍ୟରେ ଯେପରି ସମଗ୍ର କୃଷକ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇପାରିବେ, ସେ ଦିଗରେ ସରକାରଙ୍କର ସମସ୍ତ ଉଦ୍ୟମ ଅବ୍ୟାହତ ରହିବ । କେବଳ ଋଣ ଲଗାଣ ଏବଂ କ୍ରୟ ବିକ୍ରୟ ବୃଦ୍ଧି ମଧ୍ୟରେ ସରକାରଙ୍କର ସମବାୟ କାର୍ଯ୍ୟକ୍ରମ ସୀମିତ ନୁହେଁ । ଜନସାଧାରଣଙ୍କ ମଧ୍ୟରେ ସମବାୟର ଉପକାରିତା ପ୍ରତି ଜାଗରଣ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ରାଜ୍ୟସାରା ସମବାୟ ଶିକ୍ଷା ଓ ତାଲିମ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ରାଜ୍ୟ ସମବାୟ ସଂଘ ମୁଖ୍ୟ ଭୂମିକା ଗ୍ରହଣ କରିଛି । 1987 ମସିହାରେ ମରୁଡ଼ି ଜନିତ ବିପତ୍ତିରେ ଲୋକମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ଜରୁରୀକାଳୀନ ସାହାଯ୍ୟ ମଧ୍ୟରେ ବକେୟା ସମବାୟ ଋଣର ସୁଧ ଉପରେ ଶତକଡ଼ା ପାଞ୍ଚଭାଗ ରିହାତି ଦେବା ସମବାୟ କ୍ଷେତ୍ରରେ ମୋ ସରକାରଙ୍କର ଏକ ଉଲ୍ଲେଖନୀୟ ନିଷ୍ପତ୍ତି । ଏହା ଫଳରେ ବକେୟା ଋଣ ବହୁ ପରିମାଣରେ ଆଦାୟ ହୋଇପାରିଛି । ଆଦିବାସୀ ଉପଯୋଜନା ଅଞ୍ଚଳରେ ଟ 250ଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଋଣ କରିଥିବା ଆଦିବାସୀମାନଙ୍କ କ୍ଷେତ୍ରରେ ଉକ୍ତ ଋଣ ଛାଡ଼କରି ସରକାର ସେମାନଙ୍କୁ ଋଣମୁକ୍ତ କରିଛନ୍ତି । ସମବାୟ ପ୍ରକଳ୍ପ ମଧ୍ୟରୁ ନୟାଗଡ଼ସ୍ଥ ଚିନିକଳରୁ ଉତ୍ପାଦନ ଆରମ୍ଭ ହେଲଣି ଓ 1989 ମାର୍ଚ୍ଚ ସୁଦ୍ଧା ବଡ଼ମ୍ବା ଚିନିକଳ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ କରିବାପାଇଁ ପ୍ରସ୍ତୁତ । ବରଗଡ଼ ତେଲ କାରଖାନାରେ ମଧ୍ୟ ଉତ୍ପାଦନ ଆରମ୍ଭ ହେଲଣି । ଖୋର୍ଦ୍ଧାଠାରେ ଏକ ବନସ୍ପତି କାରଖାନା ସମବାୟ ତୈଳସଂଘ ଆନୁକୂଲ୍ୟରେ ପ୍ରତିଷ୍ଠିତ ହେବାକୁ ଯାଉଛି ।

11. ଅଧିକ ଜଳସେଚନ ସୁବିଧା ସୃଷ୍ଟି କରିବା ଉପରେ ମୋ ସରକାରଙ୍କର କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି । ମୋଟ ୬5'5୨ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ 5୨ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିବ ବୋଲି ହିସାବରୁ ଜଣାଯାଏ । ସପ୍ତମ ଯୋଜନାର ପ୍ରାରମ୍ଭରେ ପ୍ରାୟ 17'22 ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଥିଲା । ସପ୍ତମ ଯୋଜନା କାଳରେ ଆଉ ପ୍ରାୟ 4'32 ଲକ୍ଷ ହେକ୍ଟରରେ ଜଳସେଚନ ବ୍ୟବସ୍ଥା କରିବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ଲକ୍ଷ୍ୟ ହାସଲ ପାଇଁ ସେଚ ପ୍ରକଳ୍ପ ବ୍ୟତୀତ, ସପ୍ତମ ଯୋଜନାର ଶେଷ ଦୁଇବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ମହାନଦୀ

ତ୍ରିକୋଣଭୂମି ଅଞ୍ଚଳରେ ବହୁସଂଖ୍ୟକ ଶାଖା କେନାଲକୁ ଉନ୍ନତ କରିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ବିକାଶ ସାଧନ କରିବା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ବର୍ତ୍ତମାନ ଥିବା ସେଚ ବ୍ୟବସ୍ଥା ଦୃଢ଼ୀଭୂତ ହୋଇପାରିବ ଏବଂ ଏହା ଫଳରେ ଅଧିକ 54,000 ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିବ ।

12. ବିଦ୍ୟୁତ୍‌ଶକ୍ତିର ଚାହିଦା ଓ ଉତ୍ପାଦନ ମଧ୍ୟରେ ଥିବା ତାରତମ୍ୟ ସମ୍ପର୍କରେ ଆମେ ସଚେତନ । ବାର୍ଷିକ ବିଦ୍ୟୁତ୍ ଚାହିଦା ହାରାହାରି ପ୍ରାୟ ଶତକଡ଼ା 20 ଭାଗ ବୃଦ୍ଧି ପାଉଥିବା ଦୃଷ୍ଟିରୁ ସରକାର ଏହି କ୍ରମବର୍ଦ୍ଧମାନ ଚାହିଦା ପୂରଣ କରିବା ଦିଗରେ ଅବିରାମ ଉଦ୍ୟମ କରିଆସୁଛନ୍ତି । ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପର ଦୁଇଟି ୟୁନିଟ ଏବଂ ଉପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପର ଦୁଇଟି ୟୁନିଟ ଚାଲୁ ହେବା ଫଳରେ ରାଜ୍ୟର ପ୍ରତିଷ୍ଠିତ ବିଦ୍ୟୁତ୍ ଉତ୍ପାଦନ ଶକ୍ତି 1,394 ମେଗାଓ୍ୱାଟକୁ ବୃଦ୍ଧି ପାଇଛି । ଆସନ୍ତା ଆର୍ଥିକବର୍ଷ ମଧ୍ୟରେ ଅଧିକ 167·5 ମେଗାଓ୍ୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରି ଏହି ପ୍ରତିଷ୍ଠିତ କ୍ଷମତାକୁ ବୃଦ୍ଧି କରିବା ପାଇଁ ସରକାର ଆଶା କରନ୍ତି । ଦୀର୍ଘକାଳୀନ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ଇବ୍ ଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ତାଳଚେର ଠାରେ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣ । ଏ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ଚଳିତବର୍ଷ ଆରମ୍ଭ ହୋଇଛି ।

13. ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମ ଜରିଆରେ ଶତକଡ଼ା 59·19 ଭାଗ ଗ୍ରାମକୁ ଏବଂ ଶତକଡ଼ା 79·55 ଭାଗ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଗଲାଣି । ଆସନ୍ତା ବର୍ଷ ଅଧିକ 1,875ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ସଙ୍ଗେ ସଙ୍ଗେ ରାଜ୍ୟ ଜନସଂଖ୍ୟାର ଏକ ବିଶେଷ ଅଂଶ ରୂପେ ପରିଗଣିତ 350 ଟି ଆଦିବାସୀ ଓ 40 ଟି ହରିଜନ ବହୁଳ ଗ୍ରାମ ମଧ୍ୟ ବିଦ୍ୟୁତକରଣ କରାଯିବ । ଏହା ବ୍ୟତୀତ କୁଟୀରଜ୍ୟୋତି ପରିକଳ୍ପନା ଅନୁଯାୟୀ 15,000 ଗୃହ ଏବଂ ହରିଜନ ବସ୍ତିମାନଙ୍କରେ ରାସ୍ତା ଆଲୋକ ବ୍ୟବସ୍ଥା କରାଯିବ ।

14. 1980 ମସିହାରେ ପ୍ରଣୀତ ଶିଳ୍ପ ନୀତିକୁ 1986 ମସିହାରେ ଅଧିକ କୋହଳ ଓ ଉନ୍ନତ କରାଯାଇ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ଓ ସୁଦୃଢ଼ କରାଯାଇଛି । ଆପଣମାନଙ୍କୁ ସ୍ମରଣ କରାଇ ଦିଆଯାଇ ପାରେ ଯେ ସପ୍ତମ ଯୋଜନାର ପ୍ରଥମ ତିନି ବର୍ଷ ମଧ୍ୟରେ 44 ଗୋଟି ବୃହତ୍ ଓ ମଧ୍ୟମ ଶିଳ୍ପ, 8,287 ଗୋଟି କ୍ଷୁଦ୍ର ଶିଳ୍ପ ଏବଂ 4,05,770 ଗୋଟି ଗ୍ରାମ୍ୟ ଓ କାରିଗରୀ ଶିଳ୍ପ ପ୍ରତିଷ୍ଠିତ ହୋଇଛି । ଏହା ଏକ ବିରାଟ ସାଫଲ୍ୟ ବୋଲି କହିବା ସମୀଚୀନ ହେବ । ଆଗାମୀ ବର୍ଷ 2,000 କ୍ଷୁଦ୍ର ଶିଳ୍ପ ଏବଂ 81,000 କାରିଗରୀ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ଶିଳ୍ପାୟନ କ୍ଷେତ୍ରରେ ରାସାୟନିକ, ଇଂଜିନିୟରିଂ, ଇଲେକ୍‌ଟ୍ରୋନିକ୍‌ସ ଓ କଂପ୍ୟୁଟର ଶିଳ୍ପ ଉପରେ ସଂପ୍ରତି ଗୁରୁତ୍ୱ ଆରୋପ କରାଯାଉଛି । ଆଗାମୀ ବର୍ଷମାନଙ୍କରେ ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯେଉଁ ବିସ୍ତୃତ ତାଲିକା ପ୍ରସ୍ତୁତ କରାଯାଇଛି ସେଥିମଧ୍ୟରେ ଅଟୋମୋବାଇଲ ଟାୟାର ଓ ଟ୍ୟୁବ୍, ଟିଟାନିୟମ ଡାଇଅକ୍‌ସାଇଡ୍, ଆଲୁମିନିୟମ୍ ରୋଲିଂ ଓ କାଷ୍ଟିଙ୍ଗ୍, ପର୍ସନାଲ କଂପ୍ୟୁଟର, କର୍ଡ଼ ବିହୀନ ଓ ପୁସ୍‌ବଟନ୍ ଟେଲିଫୋନ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍‌ସ ପ୍ରକଳ୍ପ, ପରିଷ୍କାର ପିଲଚେଣ୍ଟ ଓ ପ୍ଲାଇଉଡ ପରି କେତୋଟି ଶିଳ୍ପର ନାମ ଉଲ୍ଲେଖ ଯୋଗ୍ୟ ।

15. ଓଡ଼ିଶାରେ ତିନୋଟି ଅଭିବୃଦ୍ଧି କେନ୍ଦ୍ର ପ୍ରତିଷ୍ଠିତ ହେବାକୁ ଯାଉଛି । ଓଡ଼ିଶା ରାଜ୍ୟ ଇଲେକ୍‌ଟ୍ରୋନିକ୍ ଉନ୍ନୟନ ନିଗମ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ, ଶିଳ୍ପ ଉନ୍ନୟନ ଏବଂ ଅର୍ଥ ଲଗାଣ ନିଗମ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ, ଓଡ଼ିଶା ଚମଡ଼ା ନିଗମ, ଚଳଚ୍ଚିତ୍ର ଉନ୍ନୟନ ନିଗମ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ, ହସ୍ତତନ୍ତ ଉନ୍ନୟନ ନିଗମ, ହସ୍ତଶିଳ୍ପ ଉନ୍ନୟନ ନିଗମ ରାଜ୍ୟର ଶିଳ୍ପର ଉନ୍ନତି ପାଇଁ ସୋଗସୂତ୍ରକାରୀ ସଂସ୍ଥାମାନେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ

କରିଛନ୍ତି । ବେକାରମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମରେ ସରକାରୀ ଓ ଅର୍ଥଲଗାଣକାରୀ ବ୍ୟାଙ୍କ୍ ଜରିଆରେ ୨୫,୦୦୦ରୁ ଅଧିକ ଯୁବକଙ୍କୁ ସହାୟତା ଯୋଗାଇ ଦିଆଯିବା ଫଳରେ ସେମାନେ ଆତ୍ମନିଯୁକ୍ତି ପାଇଁ ସକ୍ଷମ ହୋଇ ପାରିଛନ୍ତି । ସଂଖ୍ୟା ଦୃଷ୍ଟିରୁ ଏହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହି ଯୋଜନା ଫଳରେ ଆତ୍ମ ନିଯୁକ୍ତି ସଂପର୍କରେ ଯେଉଁ ସାମାଜିକ ଓ ବ୍ୟକ୍ତିଗତ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ହୋଇଛି ତାହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।

16. ଶିଳ୍ପ ପ୍ରସାର ପାଇଁ ଆବଶ୍ୟକ ହେଉଥିବା ଯେକୌଣସି ଚାହିଦାକୁ ଦୃଷ୍ଟିରେ ରଖି ବୈଷୟିକ ଶିକ୍ଷା ଓ ତାଲିମ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଉଛି । ଇଲେକ୍ଟ୍ରୋନିକ୍ସ, କଂପ୍ୟୁଟର ଆପ୍ଲିକେସନ, କେମିକାଲ ଇଂଜିନିୟରିଂ, ଟେଲିକମ୍ୟୁନିକେଶନ ଇଂଜିନିୟରିଂ, ହସ୍ତତନ୍ତ, ହାତ ତିଆରି ତନ୍ତ, ଚମଡ଼ା ଶିଳ୍ପ, ପୋଷାକ ତିଆରି କୌଶଳ, ପ୍ଲାଷ୍ଟିକ୍ ପ୍ରୋସେସିଂ ପ୍ରଭୃତି ବିଷୟରେ ତାଲିମ୍ ପ୍ରବର୍ତ୍ତନ ଫଳରେ ନୂତନ ଭାବେ ଗଢି ଉଠୁଥିବା ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା କର୍ମଚାରୀ ଚାହିଦା ପୂରଣ କରାଯାଇ ପାରିବ ।

17. ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକରେ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ପରିସ୍ଥିତିରେ କର୍ମନିଯୁକ୍ତି ସୁଯୋଗ ଦେବା, ଏହି ଦୁଇଟି ଉଦ୍ଦେଶ୍ୟ ନିହିତ । ଚଳିତ ବର୍ଷରେ ବର୍ତ୍ତମାନ ସୁଦ୍ଧା ଗ୍ରାମ୍ୟ ଭୂମିହୀନ ଶ୍ରମିକ ନିଯୁକ୍ତି କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଜରିଆରେ ୨୫·03 ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି । ଏହି କାର୍ଯ୍ୟକ୍ରମ ବ୍ୟତୀତ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ (ଏନ୍. ଆର.ଇ, ପି,) ରେ 103·34 ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି । ସାମାଜିକ ବନୀକରଣ କାର୍ଯ୍ୟକ୍ରମର ବିକାଶ ପାଇଁ ଉଭୟ କାର୍ଯ୍ୟକ୍ରମରେ ଶତକଡ଼ା 25 ଭାଗ ବିନିଯୋଗ ହେବାପାଇଁ ନିର୍ଦ୍ଧାରିତ ହୋଇଛି । ବସ୍ତୁତଃ ବର୍ତ୍ତମାନ ଏହି ଦୁଇଟି କାର୍ଯ୍ୟକ୍ରମହିଁ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଗ୍ରାମାଞ୍ଚଳର ଉପାର୍ଜନ କ୍ଷମତା ବୃଦ୍ଧି କରିବା କ୍ଷେତ୍ରରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (ଆଇ. ଆର. ଡି. ପି.) ଏବଂ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ (ଇ. ଆର. ଆର. ପି.) ଗ୍ରାମାଞ୍ଚଳରେ ଆୟବୃଦ୍ଧି କରିବା ଦିଗରେ ଅନୁଘଟକ ଭାବରେ କାର୍ଯ୍ୟ କରିଆସୁଛି । ଚଳିତ ଯୋଜନା କାଳ ମଧ୍ୟରେ ପ୍ରାୟ ୬·30 ଲକ୍ଷ ହିତାଧିକାରୀ ଏହି ଯୋଜନା ପରିସରଭୁକ୍ତ ହୋଇଛନ୍ତି ଏବଂ ଷଷ୍ଠ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ ହିତାଧିକାରୀଙ୍କ ମଧ୍ୟରୁ ବିଭିନ୍ନ କାରଣରୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଯାଇପାରି ନ ଥିବା 1·80 ଲକ୍ଷ ବ୍ୟକ୍ତିଙ୍କୁ ଚଳିତ ଯୋଜନା କାଳରେ ପୁନର୍ବାର ସାହାଯ୍ୟ ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଏବଂ ଗ୍ରାମ୍ୟ ଯୁବକଙ୍କ ଆତ୍ମନିଯୁକ୍ତି ପାଇଁ ତାଲିମ (ଟ୍ରାଇସେମ୍) କାର୍ଯ୍ୟକ୍ରମ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ପରିପୂରକ ଭାବରେ କାର୍ଯ୍ୟ କରୁଛି । ଆଜି ସୁଦ୍ଧା 11,280 ଜଣଙ୍କୁ ଲାଭଜନକ ନିଯୁକ୍ତି ପାଇଁ ତାଲିମ୍ ଦିଆସରିଛି । ଏହା କ୍ରମଶଃ ବୃଦ୍ଧି ପାଇବ ।

18. କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଏବଂ ସମ୍ବଲପୁର ଜିଲ୍ଲାରେ ଯେଉଁ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉଛି ତାର ଅଂଶ ବିଶେଷ ଭାବେ ମୋ ସରକାର ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ କାର୍ଯ୍ୟକ୍ରମ ନାମକ ଏକ ଯୋଜନା ହାତକୁ ନେଇଛନ୍ତି । ସରକାରଙ୍କଠାରୁ ପର୍ଯ୍ୟାପ୍ତ ରିହାତି ଦିଆଯାଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଅଗଭୀର ନଳକୂପ ଏବଂ ସେଚକୂପ ବସାଇ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ଏହି ଯୋଜନାର ପ୍ରଧାନ ଲକ୍ଷ୍ୟ । ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ ଲାଗୁ ରହିବ । ଯେଉଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଋଣ ନେଇ ସେଚକୂପ ଖନନ କରି ଜଳସେଚନ କରିବାରେ ବିଫଳ ହୋଇଛନ୍ତି ସେ ବାବଦର କ୍ଷତି ମୋ ସରକାର ସଂପୂର୍ଣ୍ଣ ଭାବରେ ପୂରି କରିବେ ।

19. ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ, ଯଥା ଯୌତୁକ ପ୍ରଥା ବିରୁଦ୍ଧରେ ଗଣଚେତନା ସୃଷ୍ଟି କରିବା, ଉପେକ୍ଷିତ ଓ ପରିତ୍ୟକ୍ତ ଶିଶୁ ଏବଂ ସାମାଜିକ ବ୍ୟାଧିଗ୍ରସ୍ତ ବ୍ୟକ୍ତିମାନଙ୍କ ସୁରକ୍ଷା ଓ ଯତ୍ନ ଆଦି ବୃହତ୍ତର ଗୋଷ୍ଠୀ ଉନ୍ନୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବାଳ ଅପରାଧୀଙ୍କ ପର୍ଯ୍ୟବେକ୍ଷଣ କେନ୍ଦ୍ର, ନିରାଶ୍ରୟଙ୍କ ପାଇଁ ଭତ୍ତା ଯୋଜନା, ମୂକ-ବଧୀରଙ୍କ ପାଇଁ ସ୍ୱତନ୍ତ୍ର ସହାୟତା, ଭୂମିହୀନ କୃଷି ଶ୍ରମିକଙ୍କ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନା ଇତ୍ୟାଦି କେତେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଆପଣମାନେ ନିଶ୍ଚୟ ଏକମତ ହେବେ ଯେ, ସମାଜର ସର୍ବାଧିକ ଅବହେଳିତ ଶ୍ରେଣୀର ଲୋକଙ୍କ ଯତ୍ନ ଦିଗରେ ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି ।

20. ଗ୍ରାମାଞ୍ଚଳ ଓ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ବାସଗୃହ ଯୋଜନା ଅନ୍ୟ ଏକ ମୁଖ୍ୟ କାର୍ଯ୍ୟକ୍ରମ । ଏ ପର୍ଯ୍ୟନ୍ତ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ 14,580 ଗୋଟି ଗୃହ ନିର୍ମାଣ କରାଯାଇଛି । ଦୁର୍ବଳ ଶ୍ରେଣୀ ଲୋକଙ୍କ ଲାଗି ବାସଗୃହ ଯୋଗାଣ କାର୍ଯ୍ୟକ୍ରମ ଜରିଆରେ ଚଳିତ ବର୍ଷ 1,067 ଗୋଟି ଓ ଆସନ୍ତା ବର୍ଷ 1,055 ଗୋଟି ଗୃହ ନିର୍ମାଣର ଲକ୍ଷ୍ୟ ରଖାଯାଇଛି । ଆସନ୍ତା ବର୍ଷ ସମନ୍ୱିତ ଗୃହନିର୍ମାଣ ଯୋଜନାରେ 3,333ଟି ଗୃହ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ।

21. ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ନୂତନ କୂପ ଖନନ ଯୋଜନା ଅନୁଯାୟୀ ତଫସିଲଭୁକ୍ତ ଜାତି, ଅନୁସୂଚିତ ଜନଜାତି ଓ ନାମମାତ୍ର ଚାଷୀଙ୍କ ଲାଗି 9,000 ଗୋଟି ଜଳକୂପ ଖନନ ଲାଗି ଲକ୍ଷ୍ୟ ରଖାଯାଇଛି । ପାନୀୟ ଜଳ ନ ଥିବା ଗ୍ରାମମାନଙ୍କରେ କୂପ ଖନନ କାର୍ଯ୍ୟକ୍ରମ ସହିତ ଏହି ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ । ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତୀତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ଉନ୍ନତ ପରିମଳ ବ୍ୟବସ୍ଥା ଲାଗି 'ଡାନିଡ଼ା' ପ୍ରକଳ୍ପ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆ-
ଯାଉଛି ।

22. ସହରର ବସ୍ତିଅଞ୍ଚଳଗୁଡ଼ିକରେ ପରିବେଶର ଉନ୍ନତି ପାଇଁ ଚଳିତ ଓ ଆସନ୍ତା
ବର୍ଷ ମଧ୍ୟରେ 10 ହଜାର ବସ୍ତିବାସୀଙ୍କୁ ଉପକୃତ କରାଯିବାର ଲକ୍ଷ୍ୟ ରଖାଯାଉଛି । ସହରା-
ଞ୍ଚଳରେ ମୌଳିକ ସେବା କାର୍ଯ୍ୟକ୍ରମରେ ମହିଳାମାନଙ୍କର ଆର୍ଥିକ ଉନ୍ନତି ଓ ଶିଶୁମାନଙ୍କ
ପାଇଁ ଶିକ୍ଷା ଓ ତାଲିମ ଦେବା ସଙ୍ଗେ ସଙ୍ଗେ ରାଜ୍ୟର 24 ଗୋଟି ସହରକୁ ଚଳିତ ବର୍ଷ
ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯିବ ଏବଂ ଆସନ୍ତା ବର୍ଷ ମଧ୍ୟ ସମସଂଖ୍ୟକ ସହର
ଏହାର ଅନ୍ତର୍ଭୁକ୍ତ କରାଯିବ ।

23. ଏତଦ୍‌ସହିତ, ରାଜଧାନୀରେ ପାର୍କ ଓ ଷ୍ଟାଡ଼ିୟମ ନିର୍ମାଣ, ହ୍ରଦ ଖନନ ଓ ସୁପରି-
ଚଳିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ପରି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇ ସହରବାସୀଙ୍କର
ଜୀବନଧାରଣର ମାନ ବୃଦ୍ଧି କରିବାକୁ ଉଦ୍ୟମ କରାଯାଉଛି । ସଚିବାଳୟ ସମ୍ମୁଖସ୍ଥ
ପଡ଼ିଆକୁ ଏକ ପାର୍କରେ ପରିଣତ କରାଯାଉଛି ଏବଂ ସେଠାରେ ସ୍ୱର୍ଗତା ପ୍ରଧାନମନ୍ତ୍ରୀ
ଇନ୍ଦିରା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଏହାକୁ ଏକ ଜାତୀୟ ସ୍ମାରକୀ ପୀଠର
ମର୍ଯ୍ୟାଦା ଦିଆଯାଉଛି । ଏହା ବ୍ୟତୀତ 1,002 ରାଜ୍ୟ ସରକାରୀ କର୍ମଚାରୀଙ୍କୁ କ୍ୱାର୍ଟର
ଯୋଗାଇ ଦିଆଯାଉଛି ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଓଡ଼ିଶା ଗୃହନିର୍ମାଣ ବୋର୍ଡ
ଜରିଆରେ ଅଧିକ 2,314 ଗୋଟି କ୍ୱାର୍ଟର ନିର୍ମାଣ କରାଯାଉଛି । କର୍ମଚାରୀଙ୍କୁ ବାସଗୃହ
ଯୋଗାଣ କ୍ଷେତ୍ରରେ ସୁବିଧା ପୂରଣ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ସାଫଲ୍ୟ ।

24. ଅଧିକନ୍ତୁ ଓ ପ୍ରଗତିଶୀଳ ନ୍ୟାୟ ଦେଇ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ
ସ୍ୱାର୍ଥରକ୍ଷା କରିବା ମୋ ସରକାରଙ୍କ ଆଦିବାସୀ ଉପଯୋଜନାର ଅଭିମୁଖ୍ୟ । ଏହା

ମୁଖ୍ୟତଃ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, 'ମାଡା' ଭଳି ସ୍ୱତନ୍ତ୍ର ପ୍ରକଳ୍ପ, ଅଣୁ ଯୋଜନା, ବିକ୍ଷିପ୍ତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ଇତ୍ୟାଦି ପରିକଳ୍ପନା ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପଗୁଡ଼ିକର ସଫଳତା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଏକ ମୁଖ୍ୟ ଆଧାର ଭାବେ କାର୍ଯ୍ୟ କରୁଛି । ଏହି ଯୋଜନା ମଧ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ମୋ ସରକାର ଗ୍ରହଣ କରିଛନ୍ତି । ପୋଡୁଚାଷ ନିରାକରଣ ଓ ପୋଡୁ ଚାଷୀ ପରିବାରଙ୍କ ଥଇଥାନ, କ୍ଷୁଦ୍ର ଋଣ ପଇଠ କରି ନ ଥିବା ଆଦିବାସୀଙ୍କୁ ଋଣମୁକ୍ତ କରିବା, ମିଶ୍ରିତ ସେଚ ଯୋଜନା, ଗମନାଗମନ ବିକାଶ, କୁଟୀର ଜ୍ୟୋତି ଯୋଜନା, ଜୀବନଧାରା ଯୋଜନା, ଦାରିଦ୍ର୍ୟ ମୋଚନପାଇଁ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ (ଆଡାପ୍ଟ) ଏବଂ ତଫସିଲଭୁକ୍ତ ଜାତିର ବିକାଶ ଲାଗି ସ୍ୱତନ୍ତ୍ର ଯୋଜନାମାନ ପରିକଳ୍ପନାର ଅଂଶ ବିଶେଷ । ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଦିଗରେ ଉଦ୍ୟମ ଅବ୍ୟାହତ ରଖାଯାଇଛି । ଏ ଦିଗରେ ପ୍ରବର୍ତ୍ତନା ସୃଷ୍ଟି କରିବା ପାଇଁ ନୂଆ ନୂଆ ପଦ୍ଧତିର ଅନୁସରଣ ଉପରେ ଗୁରୁତ୍ୱ ଦିଆଯାଉଛି ।

25. ବହୁ ସଂଖ୍ୟକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରି ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ସଂପ୍ରସାରଣ କରିବାକୁ ମୋ ସରକାର ଉଦ୍ୟମ କରିଆସୁଛନ୍ତି । ସପ୍ତମ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ 500 ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା 326 ଗୋଟି କେନ୍ଦ୍ର ମଞ୍ଜୁର ହୋଇସାରିଲାଣି ଓ ଚଳିତ ବର୍ଷ ଆଉ 74 ଗୋଟି ମଞ୍ଜୁର ହେବାର ପ୍ରସ୍ତାବ ରହିଛି । ଏତଦ୍‌ସହିତ 26 ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ଚଳିତ ବର୍ଷ ମଞ୍ଜୁର ହେବାର ଆଶା କରାଯାଉଛି । ସ୍ୱାସ୍ଥ୍ୟ ସେବାକୁ ସଂପ୍ରସାରିତ କରିବା ଲକ୍ଷ୍ୟରେ ଗତବର୍ଷଠାରୁ ଏ ଦିଗରେ ଜନ ସହଯୋଗ ଲାଭ କରିବାକୁ ଏକ ନୂତନ ପ୍ରଣାଳୀ ଅବଲମ୍ବନ କରାଯାଇଛି । ଏହି ନୀତି ଅନୁଯାୟୀ ସ୍ଥାନୀୟ ଲୋକଙ୍କ ସ୍ୱେଚ୍ଛାକୃତ ଅବଦାନରେ ଜମି ଯୋଗାଣ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଓ କର୍ମଚାରୀଙ୍କ ବାସଗୃହ ନିର୍ମାଣ ଯେଉଁ ସ୍ଥାନରେ ହୋଇପାରିବ ସେହି ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପିତ ହେବ । ଏତଦ୍‌ସହିତ ଚଳିତ ବର୍ଷ 25 ଗୋଟି ଆୟୁର୍ବେଦୀୟ ଓ 25 ଗୋଟି ହୋମିଓପ୍ୟାଥିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯିବ । ଗୋଟିଏ ପୂର୍ଣ୍ଣାଙ୍ଗ ଆୟୁର୍ବେଦୀୟ ହାସପାତାଳ ଖୋଲାଯିବାର ପ୍ରସ୍ତାବ ରହିଛି । ଏଥିସହିତ ଭୁବନେଶ୍ୱରଠାରେ ଥିବା ଆୟୁର୍ବେଦୀୟ ହାସପାତାଳକୁ ସଂପ୍ରସାରଣ କରାଯିବ । 'ଆଡାପ୍ଟ' ଯୋଜନାର ଅଂଶ ଭାବେ ଚଳିତବର୍ଷଠାରୁ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର 15 ଗୋଟି ଦୁର୍ଗମ ବ୍ଲକ୍ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ କରାଯାଉଛି ।

26. ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଉଚିତ ଅଗ୍ରାଧିକାର ଦିଆଯାଉଛି । ଟେକ୍‌ନୋଲଜି ମିଶନ ଆନୁକୂଲ୍ୟରେ ଜନସଂଖ୍ୟା ନିୟନ୍ତ୍ରଣ ଓ ପ୍ରତିଷେଧ ଟିକାଦାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ସବୁଜପତ୍ରିକା, ଲଟେରୀ ଓ ଆର୍ଥିକ ପ୍ରୋତ୍ସାହନ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ପ୍ରସାରିତ କରିବା ଦିଗରେ ସହାୟକ ହୋଇଛି । ଏଗାର ଗୋଟି ଜିଲ୍ଲାରେ ସାର୍ବଜନୀନ ପ୍ରତିଷେଧ ଟିକାଦାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଆସନ୍ତା ବର୍ଷ ଅବଶିଷ୍ଟ ଦୁଇଟି ଜିଲ୍ଲାକୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବ । ଗ୍ରାମାଞ୍ଚଳରୁ ଏସବୁ ଯୋଜନା ପ୍ରତି ଯେଉଁ ସମର୍ଥନ ମିଳୁଛି ସେଥିରୁ ଏସବୁ କାର୍ଯ୍ୟକ୍ରମ ପ୍ରକୃତ ସଫଳତା ଲାଭ କରିଛି ବୋଲି ଜଣାଯାଏ ଏବଂ ସେଥିପାଇଁ ଆମେମାନେ ଆନନ୍ଦିତ ହେବା ଉଚିତ ।

27. କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ଜିଲ୍ଲା ମଧ୍ୟରେ, ଆନ୍ତଃଜିଲ୍ଲା ଏବଂ ରାଜ୍ୟ ସୀମା ବାହାରକୁ ଧାନ ଚାଉଳ ପରିବହନ କ୍ଷେତ୍ରରେ ଥିବା କଟକଣା ଉଠାଇ ଦିଆଯାଇଛି ।

ମାତ୍ର ଚଳିତ ଖରିଫ ଋତୁରେ ଲେଭି ଧାନ ଚାଉଳ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି ଏବଂ ଭାରତୀୟ ଖାଦ୍ୟନିଗମ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ଉଭୟ ଖାଉଟୀ ଏବଂ ଚାଷୀଙ୍କର ସ୍ୱାର୍ଥ ପ୍ରତି ଲକ୍ଷ୍ୟ ରଖି ସଂଗ୍ରହ ନୀତି ପ୍ରଣୀତ ହୋଇଛି । ସଂଗ୍ରହ ଦର ବୃଦ୍ଧି କରାଯାଇଛି ଏବଂ ଧାର୍ଯ୍ୟ ଦରଠାରୁ କମ୍‌ରେ କାରବାର ହେଲେ ତାହା ଧର୍ତ୍ତବ୍ୟ ଓ ଅଣଜାମିନ ଅପରାଧ ବୋଲି ପରିଗଣିତ ହେଉଛି । ସମତଳ ଅଞ୍ଚଳରେ ପ୍ରତି 2,000 ଏବଂ ପାର୍ବତ୍ୟାଞ୍ଚଳରେ ପ୍ରତି 1,000 ଲୋକ ସଂଖ୍ୟା ପାଇଁ ଗୋଟିଏ ଲେଖାଏଁ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯାଉ ବିକ୍ରି କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଉଛି । ଏ କ୍ଷେତ୍ରରେ ସମବାୟ ସଂସ୍ଥା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆଦିବାସୀ ଉପଯୋଜନା ଅଞ୍ଚଳଗୁଡ଼ିକରେ ରିହାତି ଦରରେ ଖାଦ୍ୟ ଶସ୍ୟ ଯୋଗାଣ ଯୋଜନା ଅବ୍ୟାହତ ରହିବ । ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଅସାଧୁ ଓ ଆଇନ ଉଲ୍ଲଂଘନକାରୀ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉଛି ।

28. ବିଂଶସୂତ୍ରୀ ଅର୍ଥନୀତି କାର୍ଯ୍ୟକ୍ରମର ଅଂଶରୂପେ ଖାଉଟୀ ସୁରକ୍ଷା ଅଭିଯାନ ପ୍ରଶାସନିକ କାର୍ଯ୍ୟସୂଚୀରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଖାଉଟୀ ଅଭିଯୋଗ ଶୁଣିବାର ପାଇଁ ରାଜ୍ୟ କମିସନ ଓ ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ଗଠିତ ହୋଇଛି । କଟକ ଜିଲ୍ଲାରେ ଖାଉଟୀ ଫୋରମ ଗଠିତ ହୋଇ କାର୍ଯ୍ୟ ଆରମ୍ଭ କରିଛି । କ୍ରମଶଃ ପ୍ରତ୍ୟେକ ଜିଲ୍ଲାରେ ଏପରି ଫୋରମ ଗଠିତ ହେବ । ଖାଉଟୀ ଅଭିଯାନ ଏକ ପ୍ରଶାସନିକ ବିଧାନ ଉପରେ ପର୍ଯ୍ୟବସିତ ହୋଇପାରେନା । ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହଯୋଗ ଆହରଣ କରି ଖାଉଟୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯାଉଛି ଏବଂ ଏ ଦିଗରେ ମିଳିଥିବା ଜନ ସହଯୋଗ ଉତ୍ସାହଜନକ ।

29. ଯୋଗାଯୋଗ କ୍ଷେତ୍ରରେ ସପ୍ତମ ଯୋଜନାଟି ମୁଖ୍ୟତଃ ସେତୁଭିତ୍ତିକ କାର୍ଯ୍ୟକ୍ରମ ରୂପେ ପ୍ରସ୍ତୁତ କରାଯାଇଥିଲା । ବ୍ୟାପକ ଅଞ୍ଚଳରେ ସବୁଦିନିଆ ରାସ୍ତା ଯୋଗାଯୋଗ ବ୍ୟବସ୍ଥା କରିବା ଯୋଜନାର ଲକ୍ଷ୍ୟ । ଆପଣମାନେ ଜାଣି ଖୁସି ହେବେ ଯେ 1988 ନଭେମ୍ବର ସୁଦ୍ଧା 182 ଗୋଟି ସେତୁର ନିର୍ମାଣ ସଂପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ 1,267 କି.ମି.ରୁ ଅଧିକ ରାସ୍ତା ଉନ୍ନତ କରାଯାଉଛି । ଆସନ୍ତା ବର୍ଷ 71 ଗୋଟି ସେତୁର ନିର୍ମାଣ ଏବଂ 266 କି. ମି. ରାସ୍ତାର ଉନ୍ନତି ବିଧାନ ପାଇଁ କାର୍ଯ୍ୟକ୍ରମ ରହିଛି । ଅଦ୍ୟାବଧି ଦୁର୍ଗମ ଥିବା ବହୁ ଅଞ୍ଚଳକୁ ସପ୍ତମ ଯୋଜନା ଶେଷ ସୁଦ୍ଧା ସବୁଦିନିଆ ରାସ୍ତା ଯୋଗାଯୋଗ କରାଯାଇପାରିବ ବୋଲି ଆମେ ଆଶା କରୁଛୁ ।

30. ସିଲିଂ ବହିର୍ଭୂତ ଜମି ବଣ୍ଟନ କରିବା ଭୂସଂସ୍କାରର ଏକମାତ୍ର ପଦ୍ଧତି ନୁହେଁ । ନୂତନ ଭାବରେ କ୍ଷୁଦ୍ର ଜମି ମାଲିକ ଶ୍ରେଣୀଭୁକ୍ତ ହୋଇଥିବା ଏହି ହିତାଧିକାରୀମାନଙ୍କୁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଅନ୍ତର୍ଭୁକ୍ତ କରାଯାଉଛି । ଚଳିତ ବର୍ଷ (1988 ଅକ୍ଟୋବର ସୁଦ୍ଧା) 1·21 ଲକ୍ଷରୁ ଅଧିକ ଲୋକଙ୍କ ମଧ୍ୟରେ ଉଦ୍‌ବୃତ୍ତ ଜମି ବଣ୍ଟନ କରାଯାଇଛି । ସେମାନଙ୍କ ମଧ୍ୟରେ ପ୍ରାୟ 87 ହଜାର ବ୍ୟକ୍ତି ହରିଜନ ଏବଂ ଆଦିବାସୀ ଶ୍ରେଣୀଭୁକ୍ତ । ସପ୍ତମ ଯୋଜନାରେ ଘରବିହୀନ ଥିବା ଏକ ଲକ୍ଷ ପରିବାରକୁ ଭୂମି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଆପଣମାନେ ଜାଣି ଖୁସି ହେବେ ଯେ ଏହି ଯୋଜନାରେ 1988 ଅକ୍ଟୋବର ସୁଦ୍ଧା ପ୍ରାୟ 1·84 ଲକ୍ଷ ପରିବାର ଉପକୃତ ହୋଇଛନ୍ତି । 425 ଗୋଟି ଆଦିବାସୀ, 274 ଗୋଟି ହରିଜନ ଏବଂ 392 ଗୋଟି-ଅନ୍ୟାନ୍ୟ ଭୂମିହୀନ ପରିବାରଙ୍କ ମଧ୍ୟରେ ଘାସଜମି ମଧ୍ୟ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମ କେବଳ ଏହିଠାରେ ଶେଷ ହୋଇନାହିଁ, ବରଂ

ଏହିସବୁ ହିତାଧିକାରୀମାନଙ୍କୁ ଜମିର ଉନ୍ନତି ବିଧାନ କରିବାକୁ ଓ କୃଷି ସାମଗ୍ରୀ ସଂଗ୍ରହ କରିବା ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଉଛି । ଏ କ୍ଷେତ୍ରରେ ମୋ ସରକାରଙ୍କ ସାଫଲ୍ୟ ପ୍ରଶଂସନୀୟ ବୋଲି ଆପଣମାନେ ଏକମତ ହେବେ ।

31. ଏକଥା ସାଧାରଣରେ ବିଦିତ ଯେ ଅନ୍ୟାନ୍ୟ କାରଣ ମଧ୍ୟରେ ପ୍ରାଣୀ-ପ୍ରାଦୁର୍ଭାବ ହେତୁ ଜଙ୍ଗଲର ଦ୍ରୁତ ଅବକ୍ଷୟ ଘଟୁଛି । ଏହି ଅବକ୍ଷୟକୁ ରୋକିବା ଯେପରି ଆବଶ୍ୟକ ସେହିପରି କ୍ଷୟପ୍ରାପ୍ତ ଜଙ୍ଗଲ ଓ ନୂତନ ଅଞ୍ଚଳରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସେହିପରି ଜରୋରୀ । ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ସ୍ୱରୂପ କଳାହାଣ୍ଡି, ଫୁଲବାଣୀ ଓ ବଲାଙ୍ଗୀର ଜିଲ୍ଲାରେ ମୋ ସରକାର ଗଛକଟା ନିଷିଦ୍ଧ କରିଛନ୍ତି । ତତ୍‌ସହିତ ଅଧୁନା ରାଜ୍ୟରେ ଏକ ବ୍ୟାପକ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ବର୍ତ୍ତମାନ ହାତକୁ ନିଆଯାଇଛି । ସପ୍ତମ ଯୋଜନାରେ ଏ ପର୍ଯ୍ୟନ୍ତ 1·37 ଲକ୍ଷ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଛି ଏବଂ 1·07 ଲକ୍ଷ ହେକ୍ଟର କ୍ଷୟପ୍ରାପ୍ତ ଜଙ୍ଗଲରେ ପୁନଃ ବନୀକରଣ କରାଯାଇଛି । ଚଳିତ ବର୍ଷ ଅଧିକ 1·23 ଲକ୍ଷ ହେକ୍ଟରରେ ଜଙ୍ଗଲ ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ରହିଛି । ସ୍ୱିଡେନ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଏହି ଯୋଜନାର ଅନ୍ତର୍ଭୁକ୍ତ । ଜଙ୍ଗଲ ସୁରକ୍ଷା ଏବଂ ସଂପ୍ରସାରଣ କରିବା ଦିଗରେ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ମୋ ସରକାର ଏକ ପନ୍ଥା ଅବଲମ୍ବନ କରିଛନ୍ତି । ଏହି ଯୋଜନା ଅନୁସାରେ ସଂରକ୍ଷିତ ଜଙ୍ଗଲର ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ଉପରେ ଜଙ୍ଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯିବ । ପ୍ରତିବଦଳରେ ଗ୍ରାମବାସୀମାନେ ମୌଳିକ ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ଜଙ୍ଗଲ ଜାତ ଦ୍ରବ୍ୟ ପାଇ ପାରିବେ । ପ୍ରାକୃତିକ ଭାରସାମ୍ୟ ରକ୍ଷାକରିବା ଲକ୍ଷ୍ୟ ନେଇ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

32. ସାମାଜିକ ଓ ଆର୍ଥନୀତିକ ବିକାଶ ଦିଗରେ ଏକ ପଦକ୍ଷେପ ସ୍ୱରୂପ ମତ୍ସ୍ୟଚାଷର ସଂପ୍ରସାରଣ ପ୍ରତି ଉଚିତ ଧ୍ୟାନ ଦିଆଯାଉଛି । ଏପର୍ଯ୍ୟନ୍ତ ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥାମାନଙ୍କ ଦ୍ୱାରା 26,000 ହେକ୍ଟରରୁ ଊର୍ଦ୍ଧ୍ୱ ଜଳାଶୟର ଉନ୍ନତି ବିଧାନ କରାଯାଇଛି ଓ 18,000 ହେକ୍ଟର ମତ୍ସ୍ୟଚାଷୀଙ୍କୁ ତାଲିମ ଦିଆଯାଇଛି । ଓଡ଼ିଶା ମତ୍ସ୍ୟ ବିହନ ଉନ୍ନୟନ ନିଗମ ଅଧୀନକୁ ମାଛ ଯାଆଁଳ ମହଜୁଦ୍ ରଖିବା ପାଇଁ ବହୁ ସଂଖ୍ୟକ ଜଳଭଣ୍ଡାର ହସ୍ତାନ୍ତର କରାଯାଇଛି । ମଧୁରପାଣି ଜଳାଶୟରେ ମତ୍ସ୍ୟଚାଷ, ଖାରିପାଣି ଚିଙ୍ଗୁଡ଼ିଚାଷ ଦ୍ୱାରା ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଯୋଗାଇଦେବା ଏହି କାର୍ଯ୍ୟକ୍ରମର ଏକ ବିଶିଷ୍ଟ ଅଂଶ । ଧାମରାଠାରେ ଏକ ମାଛଧରା ବନ୍ଦର ନିର୍ମିତ ହୋଇଛି ଏବଂ ଅସ୍ତରଙ୍ଗ, ପାରାଦ୍ୱୀପ ଓ ଗୋପାଳପୁରଠାରେ ଏପରି ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ସାମୁଦ୍ରିକ ମତ୍ସ୍ୟ ବ୍ୟବସାୟରେ ନିୟୋଜିତ ପାରଂପରିକ ମାଛଧରା ନୌକାଗୁଡ଼ିକୁ ଯନ୍ତ୍ରଚାଳିତ ନୌକାରେ ପରିଣତ କରିବା ସଙ୍ଗେ ସଙ୍ଗେ ଆଇନର ସହାୟତାରେ ପାରଂପରିକ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥରକ୍ଷାର ବ୍ୟବସ୍ଥା କରାଯାଇଛି ।

33. ପଶୁ ସଂପଦର ବିକାଶ ଜରିଆରେ ଗ୍ରାମ୍ୟ ଅର୍ଥନୀତିର ଅଗ୍ରଗତି ଲାଗି କାର୍ଯ୍ୟକାରୀ ହେଉଥିବା ଯୋଜନା ଅନୁଯାୟୀ 200 ଗୋଟି ହିମିକୃତ ଶୁକ୍ରକେନ୍ଦ୍ର ଓ ତିନିଗୋଟି ହିମିକୃତ ଶୁକ୍ରଭଣ୍ଡାର ଖୋଲାଯାଇଛି । କଟକ, ପୁରୀ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାମାନଙ୍କରେ ଦୁଗ୍ଧବନ୍ୟା ଯୋଜନା କାର୍ଯ୍ୟକାରୀ ହୋଇଛି । ସମ୍ବଲପୁରଠାରେ ଦୈନିକ 10,000 ଲିଟର କ୍ଷମତା ବିଶିଷ୍ଟ ଏକ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଉଛି । ଆସନ୍ତା ବର୍ଷ ଗଞ୍ଜାମ, କୋରାପୁଟ, ବାଲେଶ୍ୱର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ 200ଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରିବାର କାର୍ଯ୍ୟକ୍ରମ ରହିଛି । ଗୋ-

ସଂପଦର ଉନ୍ନୟନ ପାଇଁ "ଟେକ୍‌ନୋଲଜି ମିଶନ" ଗଠନ କରିବାର ପ୍ରସ୍ତାବ ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ବିଭାବ । ଦାରିଦ୍ର୍ୟ ବିମୋଚନ ପାଇଁ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (ଆଡ଼ାପ୍‌ଟ) ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ନୂଆପଡ଼ା ସବ୍‌ଡ଼ିଭିଜନରେ ଏକ ସ୍ୱତନ୍ତ୍ର ଗୋ-ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯିବ । ସାତଗୋଟି ଜିଲ୍ଲାରେ ସଙ୍କର ଜାତୀୟ ବାଛୁରୀ ପାଳନ ପାଇଁ ଏକ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯିବ ଯାହା ଫଳରେ କି ଗୋ-ସଂପଦ ଓ ଦୁଗ୍ଧ ଉତ୍ପାଦନରେ ଉନ୍ନତି ଘଟିବ । ଚଳିତ ବର୍ଷ ଓଡ଼ିଶା ରାଜ୍ୟ କୁକୁଡ଼ା ମହାସଂଘ ଜରିଆରେ 2,000 ପକ୍ଷୀ ବିଶିଷ୍ଟ ଦୁଇଗୋଟି ଖାଦ୍ୟୋପଯୋଗୀ ଉନ୍ନତ କୁକୁଡ଼ା ପାଳନ କେନ୍ଦ୍ର ସ୍ଥାପିତ ହେଉଛି । ବଡ଼ ବଡ଼ ସହରାଞ୍ଚଳରେ କୁକୁଡ଼ା ବିକ୍ରୟ କେନ୍ଦ୍ର ଖୋଲିବାକୁ ଏହି ମହାସଂଘର ପ୍ରସ୍ତାବ ରହିଛି । ଗ୍ରାମ୍ୟ ଦରିଦ୍ରଙ୍କ ଉନ୍ନତି କଳ୍ପେ ଗୃହାଙ୍ଗନରେ କୁକୁଡ଼ା ଗୁଷକୁ ପ୍ରୋତ୍ସାହନ ଦିଆଯାଉଛି ।

34. ତାଳଚେର–ସମ୍ବଲପୁର ଓ କୋରାପୁଟ–ରାୟଗଡ଼ା ରେଳ ରାସ୍ତାର ନିର୍ମାଣ କାର୍ଯ୍ୟ ଦ୍ରୁତ ଆଗେଇ ଗୁଲିଛି ଏବଂ ସମ୍ବଲପୁରଠାରେ ରେଳବାଇ ଡ଼ିଭିଜନର କାର୍ଯ୍ୟାଳୟ ଖୋଲିବାପାଇଁ ଭିତ୍ତିଭୂମିର ସୁବିଧା ସୃଷ୍ଟି କରାଯାଉଛି । ହୀରାଖଣ୍ଡ ଏକ୍‌ସପ୍ରେସ, ଧଉଳି ଏକ୍‌ସପ୍ରେସ ଏବଂ ଗୁଆହାଟି ବାଙ୍ଗାଲୋର ମଧ୍ୟରେ ସୁପରଫାଷ୍ଟ ଏକ୍‌ସପ୍ରେସ ଟ୍ରେନମାନ ପ୍ରବର୍ତ୍ତନ କରାଯାଇଛି ।

35. ରାଜ୍ୟର ଦୁଇଟି ବୃହତ୍ ସଡ଼କ ପରିବହନ ସଂସ୍ଥା ଅର୍ଥଲଗାଣକାରୀ ସଂସ୍ଥା ସହାୟତାରେ ବହୁସଂଖ୍ୟକ ନୂତନ ବସ୍ କ୍ରୟ କରିବାକୁ ଯାଉଛନ୍ତି । 1983 ରେ ପ୍ରବର୍ତ୍ତିତ ହୋଇ 1985 ରେ ପରିମାର୍ଜିତ ବ୍ୟାଜର ଯୋଜନାକୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯାଉଛି ।

36. ମଟର ଗାଡ଼ି ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବାପାଇଁ ଦୁଇ ଚକିଆ ଓ ତିନି ଚକିଆ ଯାନ ଏବଂ ବିକଳାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ଯାନମାନଙ୍କ ଉପରେ ଏକକାଳୀନ ଟିକସ ଆଦାୟ ପାଇଁ ପଦ୍ଧତିର ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବିଧାନସଭାର ଚଳିତ ଅଧିବେଶନରେ ଏ ସଂପର୍କରେ ଏକ ବିଧେୟକ ଆଗତ କରାଯିବ ।

37. ବିଜ୍ଞାନକୁ ଜନାଭିମୁଖୀ କରିବା ପାଇଁ ମୋ ସରକାର ଯେଉଁସବୁ ପଦକ୍ଷେପ ନେଇଛନ୍ତି ତା'ର ବାସ୍ତବ ସଫଳତା ଶକ୍ତି ସଂରକ୍ଷଣ, କଂପ୍ୟୁଟର ପ୍ରୟୋଗ ତାଲିମ, ଚିଲିକା ହ୍ରଦର ସଂରକ୍ଷଣ ଓ ପରିଚ୍ଛନ୍ନତା, ପରିବେଶ ସଂପର୍କରେ ଚେତନା ସୃଷ୍ଟି କରିବା କାର୍ଯ୍ୟକ୍ରମ, ଉପକୂଳବର୍ତ୍ତୀ ହେନ୍ତାଳ ବଣର ସଂରକ୍ଷଣ ଓ ପରିଚ୍ଛନ୍ନତା କ୍ଷେତ୍ରଗୁଡ଼ିକରେ ପ୍ରତିଫଳିତ ହୋଇଛି । ଏକ ଜୀବ ବିଜ୍ଞାନ ଅନୁଷ୍ଠାନ ଓ ପରିବେଶ ପରିଚ୍ଛନ୍ନତା ନିମନ୍ତେ ଏକ ତାଲିମ କେନ୍ଦ୍ର ସ୍ଥାପନ କରିବାକୁ ସରକାର ପ୍ରସ୍ତାବ କରୁଛନ୍ତି ।

38. ନୂତନ ଖଣିଜ ପଦାର୍ଥ ଚିହ୍ନଟ କରିବା ଓ ସେ ସବୁର ସଦୁପଯୋଗ କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ଅଷ୍ଟମ ଯୋଜନା ଶେଷ ସୁଦ୍ଧା ଦଶବର୍ଷ ମଧ୍ୟରେ ଖଣିଜ ସଂପଦର ମୂଲ୍ୟାୟନ କରିବାଲାଗି ଯୋଜନା ପ୍ରସ୍ତୁତ କରାଯାଉଛି । ଖଣିଜ ପଦାର୍ଥର ଉତ୍ତୋଳନ ଓ ଖଣି ଅଞ୍ଚଳରେ ପରିବେଶ ପରିଚ୍ଛନ୍ନତା ଓ ସେ ଅଞ୍ଚଳରେ ପାରିପାର୍ଶ୍ୱିକ ପ୍ରଭାବର ଜଳନା କରିବା ପାଇଁ ବିହିତ ଅନୁଧ୍ୟାନ କରିବାକୁ ରାଜ୍ୟ ସରକାର କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ଏବଂ ମହାକାଶ ବିଭାଗର ସହଯୋଗରେ ଉପଗ୍ରହ ମାଧ୍ୟମରେ ସୁଦୂର ପର୍ଯ୍ୟବେକ୍ଷଣ ପଦ୍ଧତି ପ୍ରୟୋଗ କରୁଛନ୍ତି । ଖଣିଜ ସଂପଦର ବିକାଶ ପାଇଁ ସରକାରଙ୍କ ଦ୍ୱାରା ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରାଯାଉଛି । ମୂଲ୍ୟବାନ ମଣି ପଥରର ଉଦ୍ୟୋଗଗୁଡ଼ିକୁ ଯୋଜନାବଦ୍ଧ ଭାବରେ ଉନ୍ନତ କରାଇବା ପାଇଁ କେତେକ ପଦକ୍ଷେପ ନିଆଯାଉଛି ।

39. ଓଡ଼ିଶା ଖଣି ନିଗମର ଉଲ୍ଲେଖନୀୟ ଅଗ୍ରଗତି ମୁଁ ଏଠାରେ ଦର୍ଶାଇବାକୁ ଚାହୁଁଛି । ଚଳିତବର୍ଷ କାରବାରର ଆକାରକୁ ଟ4,500ଙ୍କା ଲକ୍ଷକୁ ବୃଦ୍ଧି କରିବା ପାଇଁ ଏହି ନିଗମ ପଦକ୍ଷେପ ନେଇଛି । କ୍ରୋମ ପଥର ବିଶୋଧନ କାରଖାନା, ଯନ୍ତ୍ରଚାଳିତ ଚିନାମାଟି ଓ୍ୱାସେରୀ, ଭବାନୀପାଟଣାରେ ସମବାୟ ହସ୍ତଶିଳ୍ପ ନିଗମର ସହଯୋଗୀତାରେ ମଣି ପଥର ପ୍ରଶିକ୍ଷଣ ତଥା ଉତ୍ପାଦନ କେନ୍ଦ୍ରର ପ୍ରତିଷ୍ଠା ଓଡ଼ିଶା ଖଣି ନିଗମର କେତେକ ଉଚ୍ଚାଭିଳାଷୀ ପ୍ରକଳ୍ପ । ଓ. ଏମ. ସି. ଆଲଏଜ ଲିଃ ଦ୍ୱାରା ପ୍ରତିଷ୍ଠିତ ଚାର୍ଯକ୍ରୋମ କାରଖାନା ଚଳିତବର୍ଷ ମଧ୍ୟରେ ଟ1,520 ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ବୈଦେଶିକ ମୁଦ୍ରା ଅର୍ଜନ କରିଛି ।

40. ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟକ୍ରମ, ବିଶେଷକରି ଦାରିଦ୍ର୍ୟ ଦୂରିକରଣ କାର୍ଯ୍ୟକ୍ରମ ଗୁଡ଼ିକ, କାର୍ଯ୍ୟକାରୀ କରିବାପାଇଁ ଉଦ୍ଦିଷ୍ଟ ଆନୁଷ୍ଠାନିକ ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟାବଳୀ ମୋ ସରକାର ଦକ୍ଷତାର ସହିତ ପରିଗ୍ରହନା କରିଛନ୍ତି । ଏହା ସହିତ ଋଣ ଆଦାୟ ଓ ଅର୍ଥର ପୁନର୍ବିନିଯୋଗ ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଚଳିତବର୍ଷ 7୨୨,୩୬୫ ବ୍ୟକ୍ତିଙ୍କ ସପକ୍ଷରେ ସମୁଦାୟ ଟ2୬4·67 କୋଟି ଋଣ ଦିଆଯାଇଛି । ଏଥିମଧ୍ୟରେ କୃଷି ଓ ତତ୍ସମ୍ପର୍କୀୟ ଋଣ, ମଧ୍ୟମ ଓ ସ୍ୱଳ୍ପକାଳୀନ ଋଣ, ଏବଂ କ୍ଷୁଦ୍ର ଶିଳ୍ପପାଇଁ ଋଣ ଅନ୍ତର୍ଭୁକ୍ତ । କେବଳ କୃଷି କ୍ଷେତ୍ରରେ 130·୬୫ କୋଟି ଟଙ୍କା ବିନିଯୋଗ ହୋଇଛି ।

41. ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା, ମାଧ୍ୟମିକ ଶିକ୍ଷାକୁ ଧନ୍ଦା ମୂଳକ କରିବାକୁ ଏହାର ପୁନର୍ବିନ୍ୟାସ ଓ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଜାତୀୟ ଶିକ୍ଷା ନୀତିରେ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ 1990 ମସିହା ସୁଦ୍ଧା ୬ ରୁ 11 ବର୍ଷ ବୟସ ପିଲମାନଙ୍କର ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଓ ବିଦ୍ୟାଳୟ ପରିତ୍ୟାଗ ନିରୋଧ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି, ତା ମଧ୍ୟରେ ଚଳିତବର୍ଷ ଶିକ୍ଷକ ତାଲିମ ପାଇଁ 4ଗୋଟି ମହାବିଦ୍ୟାଳୟ ଏବଂ ୬ ଗୋଟି ଜିଲ୍ଲା ସ୍ତରୀୟ ଶିକ୍ଷା ତଥା ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରିବାର ପ୍ରସ୍ତାବ ଅନ୍ତର୍ଭୁକ୍ତ । ଏ ପର୍ଯ୍ୟନ୍ତ ଶିକ୍ଷାର ସୁଯୋଗ ନ ଥିବା ଅଞ୍ଚଳମାନଙ୍କରେ ଲୋକସଂଖ୍ୟା ଭିତ୍ତିରେ ଓ ୨,077 ଇନ୍ଦିରା ଆବାସ କଲୋନିମାନଙ୍କରେ ପ୍ରାଥମିକ ଶିକ୍ଷାର ପ୍ରସାର କରିବା ମୋ ସରକାରଙ୍କ ଆସନ୍ତା ବର୍ଷର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ । ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ମଧ୍ୟ ଇଂରାଜି ବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ଦେବା କଳାପଟା ଅଭିଯାନ କାର୍ଯ୍ୟକ୍ରମରେ ଶିକ୍ଷାସହାୟକ ସାମଗ୍ରୀ ଯୋଗାଇଦେବା, ବିଦ୍ୟାଳୟ ଗୃହ ନିର୍ମାଣ କରିବା ଓ ଅଧିକ ଶିକ୍ଷକ ତାଲିମ ଅନୁଷ୍ଠାନ ଖୋଲିବା ଏ ସବୁ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ 1୨ଗୋଟି କେନ୍ଦ୍ରୀୟ ପ୍ରକଳ୍ପ ଓ ୬ଗୋଟି ରାଜ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ଓ ଆଉ 3ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । କଳାହାଣ୍ଡି ଓ କଟକ ଜିଲ୍ଲାରେ ଜାତୀୟ ସାକ୍ଷରତା ମିଶନର କାର୍ଯ୍ୟ ଆରମ୍ଭ କରାଯାଇଛି । ଏହି ମିଶନ ଅଧୀନରେ 500 ଗୋଟି ଜନଶିକ୍ଷା ନୀଳୟମ ଖୋଲଯାଇଛି, ଯଦ୍ୱାରାକି ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଓ ଅବ୍ୟାହତ ରହିବ । ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡ଼ିଜ୍, ଇଂଲିଶ ଲାଙ୍ଗୁଏଜ ଇନ୍‌ଷ୍ଟିଚ୍ୟୁଟ ଓ ଇନ୍‌ଷ୍ଟିଚ୍ୟୁଟ ଅଫ ଫିଜିକ୍ସ ଭଳି କେତେକ ସଂସ୍ଥାକୁ ମୋ ସରକାର ସମର୍ଥନ ଓ ସାହାଯ୍ୟ ଯୋଗାଉଛନ୍ତି । କଲେଜ ଶିକ୍ଷକମାନଙ୍କୁ ଦିଗ୍-ଦର୍ଶନ ତାଲିମ ଦେବା ଉଦ୍ଦେଶ୍ୟରେ ଏକ ନିରବଚ୍ଛିନ୍ନ ତାଲିମ ପ୍ରତିଷ୍ଠାନ ଭାବରେ ଏକାଡ଼େମିକ ଷ୍ଟାଫ କଲେଜ ପ୍ରତିଷ୍ଠା କରାଯାଇଛି । ତିନୋଟି

ମୁଖ୍ୟ କଲେଜକୁ ସ୍ୱୟଂ ଶାସିତ କରିବା ପ୍ରସ୍ତାବ ଆସନ୍ତାବର୍ଷ କାର୍ଯ୍ୟକାରୀ ହେବାର ଆଶା ଅଛି ।

42. ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ବିଧାନ କରିବାର ଉଦ୍ଦେଶ୍ୟ ନେଇ ଭାରତ ସରକାର ଓ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ସହିତ ବିଶଦ ଭାବରେ ପରାମର୍ଶ କରି ରାଜ୍ୟ ସରକାର ଗତ 14-11-1988 ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶ, 1988 ଜାରି କରିଛନ୍ତି । ଇତି ମଧ୍ୟରେ ବିଭିନ୍ନ ଶିକ୍ଷକ ସଂଘରୁ ମିଳିଥିବା ଆବେଦନ ଏବଂ ବିଭିନ୍ନ ସ୍ତରରୁ ମିଳିଥିବା ମତାମତ ସରକାରଙ୍କ ବିଚାରାଧୀନ ଅଛି । ବିଧାନ ସଭାର ଚଳିତ ଅଧିବେଶନରେ ଏ ସମ୍ପର୍କରେ ଆବଶ୍ୟକୀୟ ବିଧେୟକ ଉପସ୍ଥାପନ କରାଯିବ ।

43. କ୍ରୀଡ଼ା କ୍ଷେତ୍ରରେ ମୋ ସରକାରଙ୍କ କେତେକ ନୀତି ହେଲା, ଭିତ୍ତିଭୂମିର ଉନ୍ନୟନ, ବ୍ଲକ ସ୍ତରରୁ ରାଜ୍ୟସ୍ତର ଯାଏ କ୍ରୀଡ଼ା ପ୍ରତିଭାକୁ ଅନ୍ୱେଷଣ କରି ବିକାଶ ସାଧନ କରିବା, କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରଶିକ୍ଷଣ ଓ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ । ଇତିମଧ୍ୟରେ 352 ଗୋଟି ଗ୍ରାମ୍ୟ କ୍ରୀଡ଼ା କେନ୍ଦ୍ର ସ୍ଥାପିତ ହୋଇସାରିଲାଣି । ଗ୍ରାମାଞ୍ଚଳରେ 70 ଗୋଟି କ୍ରୀଡ଼ାଙ୍ଗନର ଉନ୍ନତି ବିଧାନ ଲାଗି ସହାୟତା ପ୍ରଦାନ କରାଯାଇଛି । ନଅ ଗୋଟି ବହୁଉପଯୋଗୀ ଷ୍ଟାଡ଼ିୟମ ଓ ତେର ଗୋଟି ଜିଲ୍ଲାସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣର କାର୍ଯ୍ୟ ଆଗେଇ ଚାଲିଛି । ଭୁବନେଶ୍ୱର ଓ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ କ୍ରୀଡ଼ା କେନ୍ଦ୍ର ଏବଂ ବିଭିନ୍ନ ସ୍ଥାନରେ 315 ସ୍ଥାନ ବିଶିଷ୍ଟ କେତେଗୋଟି କ୍ରୀଡ଼ା ଛାତ୍ରାବାସ ମଧ୍ୟ ନିର୍ମାଣ କରାଯାଉଛି । ରାଜ୍ୟର ବହୁ ସଂଖ୍ୟକ କ୍ରୀଡ଼ାବିତ୍ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାଫଲ୍ୟ ଲାଭ କରିବା ଏକ ଆନନ୍ଦଦାୟକ ବିଷୟ ।

44. ରାଜ୍ୟର ପାରମ୍ପରିକ କଳା ଓ ସ୍ଥାପତ୍ୟକଳାର ପୁନରୁଦ୍ଧାର କରି ତାହାକୁ ସମୃଦ୍ଧ କରିବା ଦିଗରେ ମୋ ସରକାର କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ମୋ ସରକାରଙ୍କ ଏ ଦିଗରେ ଗୃହୀତ ନୀତିର କେତେକ ବାସ୍ତବ ପ୍ରତିଫଳନ ହେଉଛି—ଓଡ଼ିଶୀ ଗବେଷଣା କେନ୍ଦ୍ର, ଆଞ୍ଚଳିକ କଳା କେନ୍ଦ୍ର, ଆଦିବାସୀ କଳାକାର କଲ୍ୟାଣ କେନ୍ଦ୍ର, ବାର୍ଷିକ ଯାତ୍ରା ଉତ୍ସବ, ଦକ୍ଷିଣ ପୂର୍ବ ଏସିଆ ପରବ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଓ ଛଉନାଚ ତାଲିମ କେନ୍ଦ୍ର ଇତ୍ୟାଦିର ପ୍ରତିଷ୍ଠା । ପ୍ରଥମଥର ପାଇଁ କୋଣାର୍କଠାରେ ସୂର୍ଯ୍ୟମନ୍ଦିର ପ୍ରାଙ୍ଗଣରେ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି ।

45. ଆଇନ ସହାୟତା ଶିବିରଗୁଡ଼ିକ ଜନ ସମାଜରେ ଉତ୍ସାହଜନକ ଭାବରେ ଆଦୃତ ହୋଇଛି । ନ୍ୟାୟାଳୟରେ ବିଚାରାଧୀନ ଥିବା ମକଦ୍ଦମାଗୁଡ଼ିକର ଅଣ-ଆନୁଷ୍ଠାନିକ ବିଚାରାଳୟ ଦ୍ୱାରା ସମାଧାନ ହେବା ଫଳରେ ଲୋକଙ୍କର ଦ୍ୱାରଦେଶରେ ନ୍ୟାୟ ପହଞ୍ଚାଇ ଦିଆଯାଇ ପାରିଛି । ଏ ପରୀକ୍ଷାରୁ ସୁଫଳ ମିଳିଛି ଓ ଏହା ଜନ ଜୀବନର ଏକ ଧାରା ଭାବରେ ପ୍ରତିଷ୍ଠିତ ହୋଇଯାଇପାରେ ।

46. ସାଧାରଣ ଜୀବନରୁ, ବିଶେଷ କରି ସରକାରୀ ଜୀବନରୁ, ଦୁର୍ନୀତିର ମୂଳୋତ୍ପାଟନ କରିବାର ପ୍ରଚେଷ୍ଟା ଅବ୍ୟାହତ ରହିଛି । 1988 ମସିହାରେ ଦୁର୍ନୀତି ନିବାରଣ ସଂସ୍ଥା 224 ଗୋଟି ଫୌଜଦାରୀ ମାମଲା ରୁଜୁ କରିଥିଲେ । ନ୍ୟାୟାଳୟରେ 23 ଗୋଟି ମକଦ୍ଦମାର ବିଚାର କରାଯାଇ ତନ୍ମଧ୍ୟରୁ 12 ଗୋଟି ମକଦ୍ଦମାରେ ଦଣ୍ଡାଦେଶ ଦିଆଯାଇଥିଲା । ବର୍ତ୍ତମାନ ବିଭିନ୍ନ ନ୍ୟାୟାଳୟରେ 470 ଗୋଟି ମାମଲା ବିଚାରାଧୀନ ଅଛି । ଆଉ ୨66 ଗୋଟି ଅଭିଯୋଗ ଉପରେ ସାନି ତଦନ୍ତ କାର୍ଯ୍ୟ ହାତକୁ ନିଆଯାଇଛି ଓ ୨07 ଗୋଟି ଘଟଣାରେ

ବିଧିବଦ୍ଧ ତଦନ୍ତ ସଂପୂର୍ଣ୍ଣ ହୋଇଗଲାଣି । ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ବେଆଇନ ମହଜୁଦ, ବିକ୍ରୟ କର ଫାଙ୍କି ଏବଂ ଜଙ୍ଗଲ ଆଇନ ଭଙ୍ଗ ଇତ୍ୟାଦି କ୍ଷେତ୍ରକୁ ମଧ୍ୟ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି ।

47. ରାଜ୍ୟରେ ସାଧାରଣ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଓ ନିୟନ୍ତ୍ରଣାଧୀନ ଥିଲା । ମୋଟାମୋଟିଭାବେ ଶିଳ୍ପ-ଶ୍ରମିକ ସମ୍ପର୍କ ସନ୍ତୋଷଜନକ ଥିଲା । ଅଳ୍ପ କେତେକ କ୍ଷେତ୍ରରେ ସାମୟିକ ଭାବରେ ସାମାନ୍ୟ ଉତ୍ତେଜନା ଦେଖାଦେବା ସତ୍ତ୍ୱେ ଘଟଣାଗୁଡ଼ିକୁ ଅଧିକ ଜଟିଳ ହେବାକୁ ଦିଆଯାଇ ନ ଥିଲା । ଅଷ୍ଟମ ଅର୍ଥ କମିସନଙ୍କ ସୁପାରିଶ ଫଳରେ ପୁଲିସ ପ୍ରଶାସନର ଉନ୍ନତି କରଣ ଯୋଜନାରେ ନୂତନ ଥାନା ଖୋଲିବା, ବହୁ ସଂଖ୍ୟକ ମହିଳା କନେଷ୍ଟବଳ ନିଯୁକ୍ତ କରିବା, ଥାନା ଗୃହ ଏବଂ କର୍ମଚାରୀଙ୍କ ବାସଗୃହ ନିର୍ମାଣ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । 1988 ଅକ୍ଟୋବର ଶେଷ ସୁଦ୍ଧା 37 ଗୋଟି ନୂତନ ଥାନା ଖୋଲାଯାଇଛି । ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ତାଙ୍କର ପବିତ୍ର ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ମୋ ସରକାର ମାନବିକ ଦୃଷ୍ଟିକୋଣ ସମ୍ପନ୍ନ କେତେକ କଲ୍ୟାଣକର ଯୋଜନା ଗ୍ରହଣ କରିଛନ୍ତି । ସେଗୁଡ଼ିକ ହେଲା ଫୌଜଦାରୀ ଦଣ୍ଡବିଧି ଆଇନର 107 ଧାରା ଅନୁସାରେ 6 ମାସରୁ ଊର୍ଦ୍ଧ୍ୱ କାରାବାସ କରିଥିବା ବ୍ୟକ୍ତିଙ୍କୁ କାରାମୁକ୍ତ କରିବା, ମୁଚୁଲିକା ଦେଇ ନପାରି କାରାବରଣ କରିଥିବା ଲୋକଙ୍କୁ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଉଦାର ମନୋଭାବ ଗ୍ରହଣ କରିବା ଏବଂ ଜାମିନ ଯୋଗ୍ୟ ଓ ଏକବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇ ବିଚାରାଧୀନ କଏଦୀ ଭାବରେ 6 ମାସରୁ ଊର୍ଦ୍ଧ୍ୱ କାରାବାସ କରିଥିବା ବ୍ୟକ୍ତିମାନଙ୍କ ଉପରୁ ମକଦ୍ଦମା ପ୍ରତ୍ୟାହାର କରିବା । ନିଶା ଔଷଧ ସଂପର୍କୀୟ ଅପରାଧ ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ନିଶା ନିବାରକ ଔଷଧ ଏବଂ ସ୍ନାୟୁଶିଥିଳକ ଦ୍ରବ୍ୟ ଅଧିନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଅପରାଧ ଶାଖା (କ୍ରାଇମ ବ୍ରାଞ୍ଚ) ଅଧୀନରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଛି । ଯେଉଁ କେତେ ସଂଖ୍ୟକ ଧରପଗଡ଼ କରାଯାଉଛି ସେଥିରୁ ପ୍ରଭୂତ ସୁଫଳ ମିଳିଛି ।

48. ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସନ୍ତୋଷଜନକ ସଂପାଦନ ନିର୍ଭର କରୁଛି ଏକ ଦକ୍ଷ ଓ ଅନୁରକ୍ତ ପ୍ରଶାସନିକ ବ୍ୟବସ୍ଥା ଉପରେ । ଏହି ଲକ୍ଷ୍ୟନେଇ ନିରନ୍ତର ଭାବରେ ସଂସ୍କାରମୂଳକ ପଦକ୍ଷେପ ନିଆଯାଉଛି : ଏହି ପଦକ୍ଷେପର ଅଂଶ ବିଶେଷ ରୂପେ ପ୍ରଚଳିତ ପଦ୍ଧତିଗୁଡ଼ିକର ସରଳୀକରଣ, ଶାସନ କଳର ନିମ୍ନ ସ୍ତରରେ କାର୍ଯ୍ୟନିର୍ବାହ ପାଇଁ କ୍ଷମତା ହସ୍ତାନ୍ତର, ନିୟମାବଳୀର ସରଳୀକରଣ ଓ ଆଧୁନିକୀକରଣ, ସିଦ୍ଧାନ୍ତଗୁଡ଼ିକର ପର୍ଯ୍ୟବେକ୍ଷଣ ପାଇଁ କଂପୁଟର ପ୍ରଚଳନ, କମିଟି, ବୈଠକ ଓ ସମ୍ମିଳନୀଗୁଡ଼ିକର ସଂଖ୍ୟା ହ୍ରାସ କରିବା, ପ୍ରଭୃତି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । କର୍ମଚାରୀ ନିଯୁକ୍ତି ଓ ପ୍ରଶିକ୍ଷଣ ପ୍ରଣାଳୀକୁ ଶୃଙ୍ଖଳିତ କରିବା, ବିଭିନ୍ନ ବିଭାଗର କାର୍ଯ୍ୟକ୍ରମର ପୁନଃ ଶ୍ରେଣୀ ବିନ୍ୟାସ ଏବଂ ସବୁ ସ୍ତରରେ କାର୍ଯ୍ୟାବଳୀର ଆଶୁ ସଂପାଦନ ନିମନ୍ତେ ନୂତନ ପଦ୍ଧତିମାନ ପ୍ରଚଳନ କରାଯାଉଛି ।

49. ସଂକ୍ଷେପରେ କହିଲେ ମୋ ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି ଏବଂ ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି ପ୍ରତୀୟମାନ ହୁଏ ।

50. ଆପଣମାନଙ୍କର ଆଲୋଚନା ଗଠନମୂଳକ ଓ ରାଜ୍ୟବାସୀଙ୍କ ପାଇଁ ହିତକାରୀ ହେବ ବୋଲି ଆଶାକରି ମୁଁ ବର୍ତ୍ତମାନ ଆପଣମାନଙ୍କଠାରୁ ବିଦାୟ ନେଉଛି ।

**ଫେବୃଆରୀ ୨୧, ୧୯୮୯**

**ଜୟହିନ୍ଦ୍**

STATEMENT ABOUT OWNERSHIP AND OTHER PARTICULARS ABOU

# THE UTKAL PRASANGA

**FORM IV**

( *See* Rule 8 )

| | | | |
|---|---|---|---|
| 1. | Place of Publications | .. | Bhubaneswar |
| 2. | Periodicity of its Publications | .. | Monthly |
| 3. | Printer's name | .. | Shri S. R. Patanaik, I. A. S., For and o behalf of the Government of Orissa. |
| | Nationality | .. | Indian |
| | Address | .. | Director, Printing, Stationery & Publica tions, Orissa, Cuttack-753010. |
| 4. | Publisher's name | .. | Shri Subas Pani, I. A. S. For and on behalf of Government of Orissa. |
| | Nationality | .. | Indian |
| | Address | .. | Director of Information & Public Rela-tions and Additional Secretary to Government of Orissa, Information & Public Relations Department, Bhubane-swar-751001. |
| 5. | Chief Editor's name | .. | Shri S. N. Champatiray |
| | Nationality | . | Indian |
| | Address | .. | Chief Editor, Information & Public Rela-tions Department, Government of Orissa, Bhubaneswar-751001. |
| 6. | Editor's name | .. | Shri Biswajit Das |
| | Nationality | .. | Indian |
| | Address | .. | Editor, Utkal Prasanga, Information & Public Relations Department, Bhubane-swar-751001. |
| | Name and Address of Individuals who own newspaper and part-ners or shareholders holding more than one per cent of the total capital. | | Government of Orissa, Bhubaneswar |

I, Shri Subas Pani, I. A. S., Director of Information & Public Relations and Additional Secretary to Government, Information & Public Relations Department, hereby declare that the particulars given above are true to the best of my knowledge and belief.

SUBAS PANI

*Signature of Publisher*



# ନେତୃତ୍ୱର ନୂଆ ପିଢ଼ି

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଉତ୍କଳ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଉ ପାଞ୍ଚ ବର୍ଷ ପରେ ପାଳିତ ହେବ । ଗୋଟିଏ ବିଶ୍ୱବିଦ୍ୟାଳୟ ପକ୍ଷରେ ୪୫ ବର୍ଷ ପୂର୍ତ୍ତି କିଛି ବଡ଼ କଥା ନୁହେଁ । ଆମ ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ବହୁ ଦିନୁ ୧୦୦ ବର୍ଷ ଅତିକ୍ରମ କରି ଗଲେଣି । ଏହିପରି ୟୁରୋପରେ ଅନେକ ବିଶ୍ୱବିଦ୍ୟାଳୟର ଆୟୁ ପାଞ୍ଚଶହ ବର୍ଷ ହେଲାଣି ।

ୟୁରୋପ ଯେତେବେଳେ ଅନ୍ଧକାରମୟ ଯୁଗରେ ଥିଲା ସେତେବେଳେ ମଧ୍ୟ ଭାରତବର୍ଷରେ ବିଶ୍ୱବିଦ୍ୟାଳୟ ରହିଥିଲା । ଆମେମାନେ ସମସ୍ତେ ତକ୍ଷଶୀଳା, ନାଳନ୍ଦା ବିଶ୍ୱବିଦ୍ୟାଳୟ କଥା ଜାଣିଥାଉଁ । ଏ ସବୁ ବିଶ୍ୱବିଦ୍ୟାଳୟ ପୃଥିବୀର ବିଭିନ୍ନ ଦେଶରୁ ଉଚ୍ଚ ଶିକ୍ଷା ନିମନ୍ତେ ପ୍ରତିଭାଧର ବ୍ୟକ୍ତିଙ୍କୁ ଆକୃଷ୍ଟ କରୁଥିଲା । ସେଥିପାଇଁ ମନୁ ତାଙ୍କ ଧର୍ମ ଶାସ୍ତ୍ରରେ ଯଥାର୍ଥରେ କହିଥିଲେ ଏ ପୃଥିବୀର ଲୋକେ ଭାରତବର୍ଷର ଶ୍ରେଷ୍ଠ ଲୋକମାନଙ୍କ ସମ୍ପର୍କରେ ଆସି ଯାହା ବିଦ୍ୟା ଶିକ୍ଷା କରୁଥିଲେ ତଦ୍ୱାରା ସେମାନଙ୍କ ସଭ୍ୟତା, ସେମାନଙ୍କ ସଂସ୍କୃତିର ବୃଦ୍ଧି ଘଟୁଥିଲା ।

"ଅସ୍ମାତ୍ ଦେଶ ପ୍ରସୂତସ୍ୟ ସକାଶା ଅଗ୍ରଜନ୍ମନ
ସ୍ୱ ସ୍ୱ ଚରିତ୍ର ଶିକ୍ଷେରଂ ପୃଥିବ୍ୟାଂ ସର୍ବମାନବାଃ ।"

ସେତେବେଳେ ଭାରତବର୍ଷର କିଭଳି ସ୍ଥିତି ଥିଲା, ଗଣିତ, ଜ୍ୟୋତିଷଶାସ୍ତ୍ର ଓ ବିଜ୍ଞାନରେ ଭାରତ କିପରି ପାରଦର୍ଶିତା ଲାଭ କରିଥିଲା ତାହା କାହାରିକୁ ଅଜଣା ନାହିଁ । ଭାରତବର୍ଷରେ କାଳକ୍ରମେ ଜ୍ଞାନ ଗବେଷଣା ଓ ବିଜ୍ଞାନ ଚର୍ଚ୍ଚା ହ୍ରାସ ପାଇବାରୁ ପୃଥିବୀ ସହିତ ଆମର ସମ୍ପର୍କ ଆପେକ୍ଷିକ ଭାବେ ହ୍ରାସ ପାଇଲା । ବାହାର ଦୁନିଆ ଉପରେ ଆମର ପ୍ରଭାବ ରହିଲା ନାହିଁ । ଆକବରଙ୍କଠାରୁ ଆରମ୍ଭ କରି ଶାହାଜାହାନ, ଆଉରଙ୍ଗଜେବ୍‌ଙ୍କ ଭଳି ସୁପ୍ରସିଦ୍ଧ ମୋଗଲ ସମ୍ରାଟ୍‌ମାନେ ମଧ୍ୟ ବିଜ୍ଞାନ ଚର୍ଚ୍ଚା ଉପରେ ଆବଶ୍ୟକୀୟ ଗୁରୁତ୍ୱ ଦେଇ ନ ଥିଲେ । ପୃଥିବୀରେ କ'ଣ ଘଟୁଛି ସେଥିପ୍ରତି ସଚେତନ ନ ଥିଲେ । ଫଳରେ ଭାରତବର୍ଷ ସାମରିକ କ୍ଷେତ୍ରରେ ଦୁର୍ବଳ ହୋଇ ପଡ଼ିଲା । ୟୁରୋପର ଅଭୂତପୂର୍ବ ଅଗ୍ରଗତି ଯୋଗୁ ୟୁରୋପୀୟ ଶକ୍ତି ପାଖରେ ଆମକୁ ହାର ମାନିବାକୁ ପଡ଼ିଥିଲା ।

ଜାତି ନିର୍ମାଣ ନିମନ୍ତେ ଅତୀତରୁ ଆମକୁ ବହୁ କଥା ଶିକ୍ଷା କରିବାକୁ ହେବ । ଇଂରାଜୀ ଶିକ୍ଷା ଓ ଶାସନର ଯେଉଁ ସୁଫଳ ପ୍ରଥମେ ଭାରତର କେତେକ ରାଜ୍ୟକୁ ମିଳିଥିଲା ଓଡ଼ିଶା ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ନ ଥିଲା । ଏଇ କାରଣରୁ ହିଁ କଲିକତା, ମାଡ୍ରାଜ, ବମ୍ବେରେ ବିଶ୍ୱବିଦ୍ୟାଳୟ ଶିକ୍ଷାର ଅଧିକ ପ୍ରସାର ହୋଇଥିଲା । ଅତୀତରେ କେଉଁ କାରଣରୁ ଆମେ ଅସୁବିଧାର ସମ୍ମୁଖୀନ ହୋଇଛୁ ସେଗୁଡ଼ିକୁ ବିଶ୍ଳେଷଣ କରି ସଂପ୍ରତି ଆମକୁ ପୃଥିବୀ ସହିତ ପାଦ ମିଳାଇ ଚାଲିବାକୁ ପଡ଼ିବ । ଏହା ହିଁ ଥିଲା ପଣ୍ଡିତ ନେହେରୁଙ୍କ ଉପଦେଶ ।

ଆମ ପକ୍ଷରେ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଳ୍ପକାଳ ମଧ୍ୟରେ ଯଥେଷ୍ଟ ସୁନାମ ଅର୍ଜନ କରିପାରିଛି । ଆମ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ସର୍ବଭାରତୀୟ ପରୀକ୍ଷାରେ ଓ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିଛନ୍ତି । ଅନ୍ୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ସେମାନେ ସୁନାମ ଅର୍ଜନ କରୁଛନ୍ତି । ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ଥିବାରୁ ଏହା ସମ୍ଭବ ହେଉଛି ।

ଗୋଟିଏ ବର୍ଦ୍ଧିଷ୍ଣୁ ବିଶ୍ୱବିଦ୍ୟାଳୟର ଯେ ବିବିଧ ସମସ୍ୟା ରହିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ରାସ୍ତାଘାଟ, ପାନୀୟ ଜଳ, ଆଇନ ଶୃଙ୍ଖଳା ଓ କୋଠାବାଡ଼ି ମରାମତି ଭଳି ବିବିଧ ସମସ୍ୟା ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ସବୁ ସମସ୍ୟା ଆମ ପାଇଁ ଗୋଟିଏ ଗୋଟିଏ ଆହ୍ୱାନ । ଖେଳ ପଡ଼ିଆ ଏବଂ ପାନୀୟ ଜଳ ପାଇଁ ଏକାଧିକ ଟ୍ୟୁବ୍‌ୱେଲ୍ ଖନନର ନିତାନ୍ତ ଆବଶ୍ୟକତା ରହିଛି । ସେଇଭଳି ଆଉ ଏକ ଅଡ଼ିଟୋରିଅମ୍ ଏବଂ ଛାତ୍ରୀ ନିବାସର ବିଶେଷ ଅଭାବ ପରିଲକ୍ଷିତ ହେଉଛି ।

ବିଶ୍ୱବିଦ୍ୟାଳୟରେ ଛାତ୍ରୀ ସଂଖ୍ୟା ଶତକଡ଼ା ୪୦କୁ ବୃଦ୍ଧି ପାଇଥିବାରୁ ମହିଳା ଛାତ୍ରୀମାନେ ସମସ୍ତଙ୍କର ଅଭିନନ୍ଦନୀୟା । ଝିଅ ପିଲାମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିନା ଦରମାରେ ଶିକ୍ଷାଦାନ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି । ଓଡ଼ିଶାରେ ଏଇ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାହା କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଛି ।

ଆଜିର ଏକ ସୁଗୋଟିତ ଆହ୍ୱାନ ହେଉଛି ଆମେ ଭାରତବର୍ଷକୁ କିପରି ଭାବରେ ଦୃଢ଼, ଶକ୍ତିଶାଳୀ ଓ ପ୍ରଗତିଶୀଳ, ଆଦର୍ଶବାଦୀ ଦେଶରେ ପରିଣତ କରିବା । କବିବର ରାଧାନାଥ ଉତ୍କଳ ସମ୍ମେଳନ ଉପଲକ୍ଷେ

ଯେଉଁ ଗୀତିକା ରଚନା କରିଥିଲେ, ସେଥିରେ ଭାରତବର୍ଷର ଗୁଣ କୀର୍ତ୍ତନ କରି କୁହାଯାଇଛି ଏକମାତ୍ର ଭାରତବର୍ଷ ବ୍ୟତୀତ ଆମର ଆଉ ଅନ୍ୟ ଗତି ନାହିଁ । ସେହି ଗୀତିକାରେ ଭାରତବର୍ଷ ଭିତରେ ହିଁ ଉତ୍କଳର ପ୍ରଗତି କଳ୍ପିତ ହୋଇଛି ।

ଭାରତବର୍ଷକୁ ଛାଡ଼ି ଆମେ ଉତ୍କଳର ଅଗ୍ରଗତି ଚିନ୍ତା କରି ପାରିବା ନାହିଁ । ଅତୀତ ଗୌରବକୁ ନେଇ ଗର୍ବ କରିବାର ସମୟ ଥିଲା ଅଲଗା । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟର ସୀମା ବିସ୍ତୃତ ହୋଇଥିଲା । ଖାରବେଳଙ୍କ ସମୟରେ ମହାରାଷ୍ଟ୍ରଠାରୁ ମଗଧ ପର୍ଯ୍ୟନ୍ତ ବିଶାଳ ଭୂମି ଓଡ଼ିଶାର ଅଧିକାରରେ ଥିଲା । କପିଳେନ୍ଦ୍ର ଦେବଙ୍କ ସମୟରେ ହୁଗୁଳିରୁ କୃଷ୍ଣା, କାବେରୀ ପର୍ଯ୍ୟନ୍ତ ଆମର ସୀମା ପରିବ୍ୟାପ୍ତ ଥିଲା ।


ବର୍ତ୍ତମାନ ଆୟତନ ବଡ଼ କଥା ନୁହେଁ । ଓଡ଼ିଶାଠାରୁ ବଡ଼ ଆୟତନର ଅନେକ ରାଜ୍ୟ ଭାରତବର୍ଷରେ ଅଛି । ସେ ସବୁ ଅତ୍ୟନ୍ତ ଗରିବ ଅବସ୍ଥାରେ ଅଛନ୍ତି । ମଧ୍ୟପ୍ରଦେଶ ଓଡ଼ିଶାର ତିନିଗୁଣ; କିନ୍ତୁ ମଧ୍ୟପ୍ରଦେଶ ଓଡ଼ିଶା ପରି ଏକ ଗରିବ ରାଜ୍ୟ । ଉତ୍ତରପ୍ରଦେଶ ଓଡ଼ିଶାର ଦୁଇଗୁଣରୁ ବେଶୀ । କିନ୍ତୁ ଉତ୍ତରପ୍ରଦେଶର କେବଳ ପଶ୍ଚିମ ଅଂଶ ଛାଡ଼ି ଦେଲେ ଅଧିକାଂଶ ହେଉଛି ଦରିଦ୍ର । ତେଣୁ ଆୟତନ ଆଜି ଗରିମାର ମାପ କାଠି ନୁହେଁ । ପଞ୍ଜାବ ଓଡ଼ିଶା ତୁଳନାରେ ଅନେକ କ୍ଷୁଦ୍ର । ହରିଆନା ମଧ୍ୟ । କିନ୍ତୁ ଏ ଦୁଇଟି ରାଜ୍ୟ ଅର୍ଥନୀତି କ୍ଷେତ୍ରରେ ଭାରତର ଅଗ୍ରଗାମୀ ରାଜ୍ୟଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

ପ୍ରତ୍ୟେକ ଯୁଗରେ, ପ୍ରତ୍ୟେକ ପିଢ଼ି ପାଇଁ ଗୋଟିଏ ଗୋଟିଏ ଆହ୍ବାନ ଆସେ । ସେ ଆହ୍ବାନ ଆସିଥିଲା ଉତ୍କଳ ଗୌରବ ମଧୁସୂଦନଙ୍କ ପାଇଁ । ଉତ୍କଳମଣି ଗୋପବନ୍ଧୁଙ୍କ ପାଇଁ । ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ, ମହତାବଙ୍କ ପାଇଁ । ସେ ଆହ୍ବାନ ବର୍ତ୍ତମାନ ଆମ ପାଇଁ, ଆପଣଙ୍କ ପାଇଁ, ଉତ୍ତର ପିଢ଼ି ପାଇଁ; ଓଡ଼ିଶାକୁ କିପରି ଭାବେ ଉଠାଇବା । ଘୋର ଦାରିଦ୍ର୍ୟ ମଧ୍ୟରୁ କିପରି ତାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ? ଏହା କେବଳ ଏକ ଧ୍ୱନି ନୁହେଁ । ଯେଉଁ ସବୁ ଉପାଦାନ ବଳରେ ଅତୀତରେ ଓଡ଼ିଶା ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା, ସେ ସବୁ ଉପାଦାନ ସ୍ୱାଧୀନ ଭାରତରେ ମଧ୍ୟ ଓଡ଼ିଶାରେ ରହିଛି । ସେଗୁଡ଼ିକ ହେଉଛି ଆମର ବିଶାଳ ପ୍ରାକୃତିକ ବିଭବ ଓ ଲୋକଶକ୍ତି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଲୋକେ ଅଧିକ ବୁଦ୍ଧିମାନ ଓ ପରିଶ୍ରମୀ । ଆମର ସବୁଠୁ ବଡ଼ କଥା ହେଉଛି ସଙ୍କଳ୍ପର ଅଭାବ । ଆମେ ଯଦି ସଙ୍କଳ୍ପବଦ୍ଧ ନ ହେବା, ଉଚ୍ଚ ଆକାଂକ୍ଷା ପୋଷଣ ନ କରିବା, ପ୍ରତିଜ୍ଞାବଦ୍ଧ ନ ହେବା ତା'ହେଲେ ଅସ୍ୱାସ୍ଥ୍ୟ, କୁସଂସ୍କାର, କୁଶିକ୍ଷା, ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରା... କରି ପାରିବା ନାହିଁ । ଏ କ୍ଷେତ୍ରରେ ଉଚ୍ଚ ଶିକ୍ଷିତମାନଙ୍କର ଯେ ବିଶେ... ଦାୟିତ୍ୱ ରହିଛି ତାହା ସମସ୍ତେ ଭଲ ଭାବେ ଜାଣନ୍ତି ।

୧୯୮୧ ଜନଗଣନା ଅନୁଯାୟୀ ଆମ ରାଜ୍ୟର ଶତକଡ଼ା ତେତିରି... ଜଣ ବ୍ୟକ୍ତି ସାକ୍ଷର । ଆଦିବାସୀ ଅଞ୍ଚଳରେ ଶତକଡ଼ା ଦଶ ଭାଗ ମଧ୍ୟ ସାକ୍ଷର ନୁହନ୍ତି । ଓଡ଼ିଶା ପଛୁଆ ହେବାର ଆଉ ଏକ କାରଣ ଓଡ଼ିଶାରେ ଆଦିବାସୀ ହରିଜନଙ୍କ ସଂଖ୍ୟା ଶତକଡ଼ା ଅଠତିରିଶ ଭାଗ । ଭାରତର ଅନ୍ୟ କୌଣସି ରାଜ୍ୟରେ ଏତେ ସଂଖ୍ୟାରେ ଆଦିବାସୀ ହରିଜ... ନାହାନ୍ତି । ମଧ୍ୟପ୍ରଦେଶରେ ଏଇ ସଂଖ୍ୟା ତେତିଶ ଭାଗ । ସେ... ସବୁଠାରୁ ଯେଉଁମାନେ ପଛରେ ପଡ଼ିଛନ୍ତି, ଯେଉଁମାନେ ଅସ୍ୱାସ୍ଥ୍ୟ... କୁସଂସ୍କାରରେ ସଢ଼ୁଛନ୍ତି, ଦାରିଦ୍ର୍ୟର ତାଡ଼ନା ଭୋଗୁଛନ୍ତି ସେମାନ... ସ୍ୱାଧୀନ ଭାରତର ଦାୟିତ୍ୱଶୀଳ ନାଗରିକ ରୂପେ ଗଢ଼ିବା ପା... ଶିକ୍ଷିତମାନଙ୍କୁ ଅକ୍ଳାନ୍ତ ଉଦ୍ୟମ କରିବାକୁ ପଡ଼ିବ ।

ଆଜି ବିଶ୍ୱବିଦ୍ୟାଳୟର ପବିତ୍ର ଶିକ୍ଷା ପରିସର ମଧ୍ୟରେ ଯେ... ଛାତ୍ରଛାତ୍ରୀମାନେ ଅଛନ୍ତି, ଯେଉଁମାନେ ଭାରତୀୟ ଆଦର୍ଶ ବୁଝନ୍ତି ଏ... ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତି, ସେମାନେ ଛାତ୍ରାବସ୍ଥାରେ ରାଜନୀତି କରନ୍ତୁ ବା ନ କରନ୍ତୁ, ରାଜନୀତି ଯେ ଭାରତବର୍ଷର ଗଣତନ୍ତ୍ର... ସଫଳ କରିବା ପାଇଁ ଅନ୍ୟ ଏକ ପନ୍ଥା, ଏ ସମ୍ପର୍କରେ ସେମାନେ ଅବହିତ ହେବା ଦରକାର । ଆମେ ଯଦି ରାଜନୀତିରୁ ଦୂରେଇ ଯିବା ତା'ହେଲେ ଏହା ବାସ୍ତବରେ ଲାଷ୍ଟ୍ ରିସର୍ଟ ଅଫ୍ ସ୍କାଉଣ୍ଡ୍ରେଲ୍ସରେ ପରିଣତ ହେବ । ତେଣୁ ଯେଉଁ କାରଣରୁ ମହାତ୍ମା ଗାନ୍ଧୀ ରାଜନୀତିରେ ପ୍ରବେଶ କଲେ ଏବଂ ଯେଉଁ କାରଣରୁ ତତ୍କାଳୀନ ବୁଦ୍ଧିଜୀବୀମାନଙ୍କୁ ରାଜନୀତିକୁ ଆଣିଲେ ସେହି ଉଦ୍ଦେଶ୍ୟ ଏ ଯାଏଁ ସାଧିତ ହୋଇ ନାହିଁ । ଅଜ୍ଞାନ... ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ଏ ଯାଏଁ ଦୂର ହୋଇ ନାହିଁ ।

ସେଥିପାଇଁ ସମୃଦ୍ଧ ରାଷ୍ଟ୍ର ଗଠନର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ପାଞ୍ଚ ଦଶ ବର୍ଷ ମଧ୍ୟରେ ଏଇ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନେ ଯେ ଶିକ୍ଷା କ୍ଷେତ୍ରରେ, ଶିଳ୍ପ କ୍ଷେତ୍ରରେ, ଶାସନ ଓ ରାଜନୀତି କ୍ଷେତ୍ରରେ ନୂତନ ନେତୃତ୍ୱ ନେବେ ଏଥିରେ ସନ୍ଦେହର ଅବକାଶ ନାହିଁ । ଜଳ ସମ୍ପଦ, ଜନ ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଆମ ରାଜ୍ୟ ଆ... ସମସ୍ତଙ୍କ ସଙ୍କଳ୍ପ ବଳରେ ଦାରିଦ୍ର୍ୟ ଦୋଷରୁ ମୁକ୍ତ ହେବ । କାରଣ "ଦାରିଦ୍ର୍ୟ ଦୋଷ ଗୁଣରାଶି ନାଶି" । ଦାରିଦ୍ର୍ୟ ହିଁ ସମସ୍ତ ଗୁଣକୁ ନଷ୍ଟ କରିଦିଏ ।





# ଗଞ୍ଜାମର ଦୁଇଟି ମନ୍ଦିର

ଡଃ ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶା ଇଂରେଜମାନଙ୍କ ଅଧିକାର ଭୁକ୍ତ ହେବାର ପ୍ରାୟ ୪୦ବର୍ଷ ଆଗରୁ ଗଞ୍ଜାମ ଦୁର୍ଗରେ ମୁସଲମାନମାନେ ଦୃଢ଼ ଆଧିପତ୍ୟ ବିସ୍ତାର କରିଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀ ଏ ଅଞ୍ଚଳ ଅଧିକାର କଲାପରେ ତାଙ୍କ ପକ୍ଷରୁ ଭାରତରେ ଯେଉଁ ବ୍ୟବସାୟ ବାଣିଜ୍ୟ ପ୍ରସାର ଲାଭ କଲା ଏବଂ କଲିକତା ବନ୍ଦରଠାରୁ ମାନ୍ଦ୍ରାଜ ପ୍ରଭୃତି ବନ୍ଦରମାନଙ୍କୁ ପଣ୍ୟଦ୍ରବ୍ୟ ଓ ସୈନ୍ୟମାନଙ୍କ ଯାତାୟତ ପାଇଁ ସୁବିଧା କରାଯାଇଥିଲା, ସେଥି ମଧ୍ୟରେ କେତୋଟି ସାଧାରଣ ନୌକେନ୍ଦ୍ର ରୂପେ ବନ୍ଦରଗୁଡ଼ିକ ରହିଥିଲା । ସେଠାରୁ ସ୍ଥାନୀୟ ପଣ୍ୟଦ୍ରବ୍ୟ ବହନ କରି ଶତ ଶତ ବାଣିଜ୍ୟପୋତ ବିଦେଶକୁ ଯାତାୟତ କରୁଥାଏ । ସେହି ବନ୍ଦରଗୁଡ଼ିକ ସାଧାରଣତଃ ନଦୀ ମୁହାଣ କିମ୍ବା ପ୍ରାକୃତିକ ସୁବିଧା ଜନକ ସ୍ଥାନରେ ପୂର୍ବଭାରତୀୟ ସମୁଦ୍ର ଉପକୂଳରେ ରହିଥିଲା । ଓଡ଼ିଶାର ବନ୍ଦରମାନଙ୍କ ମଧ୍ୟରେ ଆମର ଓ ଗୋପାଳପୁର ବନ୍ଦର ପ୍ରଧାନ କହିଲେ ଚଳେ । ଓଡ଼ିଶା ସେମାନଙ୍କ ଅଧିକାରଭୁକ୍ତ ହେବା ପୂର୍ବରୁ ଋଷିକୁଲ୍ୟା ନଦୀ ମୁହାଣରେ ନିର୍ମିତ ଏକ ପ୍ରାଚୀନ ଦୁର୍ଗର ସଂସ୍କାର କରି ଗଞ୍ଜାମ ଦୁର୍ଗକୁ ଓଡ଼ିଶାର ପ୍ରଥମ ବନ୍ଦର ରୂପେ ଇଂରେଜମାନେ ବ୍ୟବହାର କରିଥିଲେ । ଗଞ୍ଜାମ ଜିଲ୍ଲାର ଶାସନକେନ୍ଦ୍ର ମଧ୍ୟ ସେଠାରେ ସ୍ଥାପନ କରି ଜମିଦାର ଓ ଜାଗିରଦାରଙ୍କଠାରୁ କରଆଦାୟକରିବା ଓ ରାଜ୍ୟରେ ଶାନ୍ତି ସୁରକ୍ଷା କରିବା ନିମନ୍ତେ କଲେକ୍ଟରଙ୍କୁ ସେଠାରେ ନିଯୁକ୍ତ କରାଯାଇଥିଲା ।

ଗଞ୍ଜା ଦୁର୍ଗର ଭଗ୍ନାବଶେଷ ଅଦ୍ୟାପି ଲୁପ୍ତ ହୋଇ ନାହିଁ । ସେଠାରୁ ପ୍ରାଚୀନ ଓ ମଧ୍ୟ ଯୁଗର ବହୁ ପ୍ରତ୍ନତାତ୍ତ୍ୱିକ ବସ୍ତୁ ଆବିଷ୍କୃତ ହୋଇ ପାରିଛି । ଋଷିକୁଲ୍ୟା ନଦୀ କୂଳରେ ପ୍ରାୟ ୫୦ କି.ମି. ଦୂରରେ ଅବସ୍ଥିତ ଜଉଗଡ ଦୁର୍ଗରେ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କର ଯେପରି ଏକ ଶାସନ କେନ୍ଦ୍ର ଗଠିତ ହୋଇଥିଲା, ସେଥିର ପ୍ରାୟ ସହସ୍ରାଧିକ କାଳପରେ କୋଙ୍ଗଦର ଶୈଳୋଦ୍‌ଭବ ଓ ଭୌମ ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ମଧ୍ୟ ଗଞ୍ଜାମ ଦୁର୍ଗରୁ ଶତ ଶତ ବାଣିଜ୍ୟ ତରି ବିଦେଶକୁ ଯାତ୍ରା କରୁଥିଲା । ସେଥିର ନିଦର୍ଶନ ଅଦ୍ୟାପି ଇଣ୍ଡୋନେସିଆର ବିଭିନ୍ନ ଦେଶରୁ ପ୍ରାପ୍ତ ଶିଳାଲେଖମାନଙ୍କରୁ ପ୍ରମାଣିତ ହୁଏ । ସେହି ଅଭିଲେଖଗୁଡ଼ିକରୁ ଆଉ ମଧ୍ୟ ସ୍ପଷ୍ଟ ଜଣାଯାଇଛି ଯେ, ଖ୍ରୀ: ୬ଷ୍ଠ ଶତାବ୍ଦୀ ବା ତା' ପୂର୍ବରୁ କଳିଙ୍ଗର ନୌଯାତ୍ରୀମାନେ ବାଲି, ଜାଭା, ବୋର୍ଣ୍ଣିଓ, କାମ୍ବୋଡ଼ିଆ, ଥାଇଲ୍ୟାଣ୍ଡ, ସିଂହଳ, ଇଣ୍ଡୋଚୀନ ପ୍ରଭୃତି ଦେଶକୁ ଜଳଯାତ୍ରା କରି ସେଠାରେ କଳିଙ୍ଗ ତଥା ଓଡ଼ିଶାର ଧର୍ମ ଓ ସଂସ୍କୃତି ସଙ୍ଗେ ସଙ୍ଗେ ସଂସ୍କୃତ ଭାଷା ପ୍ରସାରିତ କରି ପାରିଥିଲେ । ଓଡ଼ିଶା ଉପକୂଳରୁ ରାଜାମାନେ ଜାଭା, ବାଲି, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପରେ ସାମ୍ରାଜ୍ୟ ସ୍ଥାପନ କରିବା ଫଳରେ ଏ ଦେଶରୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଶ୍ରେଣୀୟ ଲୋକେ ସେଠାକୁ ଯାଇ ଉପନିବେଶ ସ୍ଥାପନ କଲେ । ଏ ଦେଶର ଭାଷା ଓ ଲିପି ସଙ୍ଗେ ଶିବ, ବିଷ୍ଣୁ ପ୍ରଭୃତି ଦେବ ଦେବୀମାନଙ୍କ ଆରାଧନା ସେଠାରେ ପ୍ରବର୍ତ୍ତିତ ହେଲା ।

ମଧ୍ୟଯୁଗପରେ ବହୁକାଳ ପର୍ଯ୍ୟନ୍ତ ସାମୁଦ୍ରିକ ଯାତ୍ରା ପ୍ରସାରିତ ହୋଇଥିଲା କିନ୍ତୁ ବୈଦେଶିକ ଡଚ୍ ପ୍ରଭୃତି ୟୁରୋପୀୟ ଜଳଦସ୍ୟୁମାନଙ୍କ ଉପଦ୍ରବ ହେତୁ ସେହି ନୌବାଣିଜ୍ୟର ଅବସାନ ଘଟିଥିବା ଜଣାଯାଏ । ତଥାପି ଖ୍ରୀ: ୧୬ଶ ଶତାବ୍ଦୀ ପର୍ଯ୍ୟନ୍ତ କେବେ କେବେ ବାଣିଜ୍ୟ ତରି ସମୁଦ୍ର ପଥରେ ବିଦେଶକୁ ଯାତ୍ରା କରୁଥିବା ବିଷୟ ଆଧୁନିକ ଯୁଗର କେତେକ ଦଲିଲରୁ ପ୍ରମାଣିତ ହୁଏ ।

ଊନବିଂଶ ଶତାବ୍ଦୀ ଆରମ୍ଭରେ ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ ଗଞ୍ଜାମରେ ବନ୍ଦୋବସ୍ତ (LAND SETTLEMENT) କାମ ଆରମ୍ଭ ହୋଇଥିଲା । ସେତେବେଳେ ପ୍ରତ୍ୟେକ ଜମିଦାର, ତାଲୁକଦାର ଓ ମଠ-ମନ୍ଦିରଗୁଡ଼ିକର ଭୂ-ସମ୍ପଦ ବିଷୟରେ ସେଥିରେ ଟିକିନିଖି ପ୍ରମାଣ ସଂଗ୍ରହ କରିବା ଭାର ବନ୍ଦୋବସ୍ତ-କର୍ମଚାରୀମାନଙ୍କୁ ଦିଆଯାଇଥିଲା । ସେମାନଙ୍କ ସରଜମିନ୍ ବିବରଣୀ ଏକାଠି କରି "Account Ganjam' ନାମକ ଗୋଟିଏ ପ୍ରାଚୀନ ଦଲିଲ ବର୍ତ୍ତମାନ ମାନ୍ଦ୍ରାଜର ORIENTAL MANUSCRIPT LIBRAR (L.R. Vol. 9) ରେ ସଂରକ୍ଷିତ ହୋଇଅଛି । ତାହା ତେଲୁଗୁ କିରାଣିମାନେ ସଂଗ୍ରହ କରି ତାଙ୍କ ଭାଷାରେ ଲେଖିଥିବାରୁ ଓଡ଼ିଶା ଇତିହାସରେ ଅଦ୍ୟାବଧି ସ୍ଥାନ ପାଇ ନାହିଁ । ଶ୍ରୀକାକୁଲମ୍ ସରକାରଙ୍କ ଠାରେ ୧୮୧୫ ସାଲରେ ଗଚ୍ଛିତ ଥିବା 'ଗଞ୍ଜାମ କୈଫୟତ୍' ନାମକ ଦଲିଲଟି କର୍ଣ୍ଣଲ ମେକାଞ୍ଜି (Col. Meccanzi) ସଂଗ୍ରହ କରିଥିଲେ । ସେହି ଦଲିଲଟି ଜଗନ୍ନାଥ ପଟ୍ଟନାୟକ ନାମକ ଜଣେ କର୍ମଚାରୀ ଲେଖିଥିଲେ । ଦଲିଲର ପ୍ରଥମାଂଶରେ ଅଖଣ୍ଡେଶ୍ୱର (ଶିବ) ମନ୍ଦିର ଗଞ୍ଜାମରେ ପ୍ରତିଷ୍ଠା ସମ୍ବନ୍ଧରେ ଯେଉଁ ବିବରଣୀ ବିବୃତ ହୋଇଅଛି, ତାହା ନିମ୍ନରେ ଉଦ୍ଧୃତ ହେଲା—

ଅତି ପ୍ରାଚୀନ କାଳରେ ଋଷିକୁଲ୍ୟା ମୁହାଣ ଏକ ଦୁର୍ଗମ ବନ୍ୟାଞ୍ଚଳ ହୋଇଥିଲା । ସେଠାକୁ ଏକଦା ମହର୍ଷି ଅଗସ୍ତି ମୁନି ଆସିଥିଲେ । ସେ ଉତ୍ତର ଭାରତର ଗଙ୍ଗା ଓ ତାମ୍ରପର୍ଣ୍ଣୀ ନଦୀ ପାର ହୋଇ, ଅବିନୀତ ବିନ୍ଧ୍ୟାଚଳର ଗର୍ବ ପ୍ରତିହତ କରି ଅଖଣ୍ଡେଶ୍ୱର ଶିବଙ୍କୁ ପବିତ୍ର ଋଷିକୁଲ୍ୟାର ଉତ୍ତର ତିରରେ ପ୍ରତିଷ୍ଠା କଲେ । ବହୁକାଳ ପରେ କଳିଯୁଗର କେତେ ବର୍ଷ ଅତୀତ ହୋଇଗଲା ପରେ ଋଷିକୁଲ୍ୟା ମୁହାଣରେ କେତେକ ମତ୍ସ୍ୟଜୀବୀ ଧୀବର ଗୋଟିଏ କ୍ଷୁଦ୍ର ଉପନିବେଶ

ସ୍ଥାପନ କରି ରହିଲେ । ସେମାନେ ତଙ୍ଗାରେ ସମୁଦ୍ରରୁ ପ୍ରତ୍ୟହ ମାଛ ଧରି ଜୀବିକା ନିର୍ବାହ କରୁଥାନ୍ତି । ସେତେବେଳେ ଅଖଣ୍ଡେଶ୍ୱରଙ୍କ ମନ୍ଦିରଟି ଅବହେଳିତ ହୋଇ ଭାଙ୍ଗି ପଡ଼ିଲା । ଦେବତାଙ୍କର ପୂଜା ଓ ପର୍ବପର୍ବାଣୀ କିଛି ହେଲା ନାହିଁ । କୌଣସି ଭକ୍ତଙ୍କ ପାଦ ସେଠାରେ ପଡ଼ିଲା ନାହିଁ ।

ସେଥିର ବହୁକାଳ ପରେ ଯେତେବେଳେ ସୂର୍ଯ୍ୟ ବଂଶୀୟ ମହାରାଜା ପୁରୁଷୋତ୍ତମ ଦେବ ଏ ରାଜ୍ୟର ଅଧୀଶ୍ୱର ହେଲେ, ସେତେବେଳେ ରାମଚନ୍ଦ୍ର ପାତ୍ର ନାମକ ଜଣେ ନିମ୍ନ ଜାତିର ରାଜକର୍ମଚାରୀଙ୍କୁ ଏ ସ୍ଥାନର ଶାସନଭାର ଦିଆଯାଇଥିଲା । ସେ ଅଖଣ୍ଡେଶ୍ୱରଙ୍କ ଆରାଧନା ପାଇଁ ଆଗ୍ରହୀ ହେଲେ କାରଣ ଏକଦା ପ୍ରଭୁ ଅଖଣ୍ଡେଶ୍ୱର ତାଙ୍କୁ ସ୍ୱପ୍ନରେ ଦେଖା ଦେଇ କହିଲେ ଯେ, ପୂର୍ବେ ଅଗସ୍ତି ମୁନିଙ୍କ ଦ୍ୱାରା ସେ ସ୍ଥାପିତ ହୋଇଥିଲେ ସୁଦ୍ଧା କାଳକ୍ରମେ ତାଙ୍କ ପୂଜା ଓ ପର୍ବ ପର୍ବାଣୀ ସ୍ଥଗିତ ହୋଇ ରହିଛି । ତେଣୁ ରାଜ୍ୟର ମଙ୍ଗଳ ସକାଶେ ପୁନର୍ବାର ତାଙ୍କ ମନ୍ଦିରଟି ସଂସ୍କାର କରି ଯଥାବିଧି ଆରାଧନା ପ୍ରବର୍ତ୍ତିତ କରିବାକୁ ହେବ ।

ଏପରି ସ୍ୱପ୍ନାଦେଶ ପାଇ ଖଣ୍ଡପାଳ ରାମଚନ୍ଦ୍ର ପାତ୍ର ପ୍ରଭାତରୁ ଶଯ୍ୟା ତ୍ୟାଗ କରି କେତେକ ଅନୁଚରଙ୍କୁ ସାଙ୍ଗରେ ଧରି ଋଷିକୁଲ୍ୟା ମୁହାଣସ୍ଥ ଅରଣ୍ୟ ଭିତରେ ଅନ୍ୱେଷଣ କରିବାକୁ ଲାଗିଲେ । ପ୍ରଭୁ ଯେଉଁ ସ୍ଥାନଟି ତାଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ କରିଥିଲେ ଠିକ୍ ସେଠାରେ ଗୁଳ୍ମାବୃତ ଅବସ୍ଥାରେ ଅଖଣ୍ଡେଶ୍ୱର ଲିଙ୍ଗ ଦେଖିବାକୁ ପାଇଲେ । ସେଠାରେ ଇତସ୍ତତଃ ବିନ୍ୟସ୍ତ ହୋଇଥିବା ପ୍ରାଚୀନ ମନ୍ଦିରର ଏକ ଫଳକରେ ଦେବ ଲିପିରେ ଲେଖାଥିଲା ଶିବ ଲିଙ୍ଗଙ୍କ ନାମ "ଅଖଣ୍ଡେଶ୍ୱର" ଏହା ଦେଖି ରାମଚନ୍ଦ୍ର ମହାପାତ୍ର ସେହି ସ୍ଥାନଟି ମୁନିଆଙ୍କ ହାତରେ ପରିଷ୍କାର କରି ଗୋଟିଏ ନୂତନ ମନ୍ଦିର ନିର୍ମାଣ କଲେ । ତା'ପରେ ସେଠାରେ କେତୋଟି ଗ୍ରାମ ଓ ଜନବସତି ସ୍ଥାପିତ ହେଲା । ସେଥି ମଧ୍ୟରୁ ଗୋଟିଏ ହେଉଛି "ଗଞ୍ଜାମ" ।

ଅଖଣ୍ଡେଶ୍ୱର ଶିବଙ୍କ ପୂଜା ଓ ପର୍ବ-ପର୍ବାଣୀ ଯଥା ବିହିତ ଭାବେ ଅନୁଷ୍ଠିତ ହେବାରୁ ଦେଶ ବିଦେଶରୁ ଯାତ୍ରୀମାନଙ୍କର ସମାଗମ କ୍ରମେ ବଢ଼ିବାକୁ ଲାଗିଲା । ରାମଚନ୍ଦ୍ର ମହାପାତ୍ର ମନ୍ଦିରର ପରିଚାଳନା ସକାଶେ କେତେକ ଭୂମି ଦାନ କଲେ; ଆଉ ମଧ୍ୟ ନଦୀ ଓ ସମୁଦ୍ରରୁ ସଂଗୃହୀତ ରାଜସ୍ୱରୁ କିଛି ଅଂଶ ମଧ୍ୟ ମନ୍ଦିର ପାଇଁ ଦାନ କଲେ ।

ଏଥିର କିଛି କାଳ ପରେ ଓଡ଼ିଶାର ମହାରାଜା ତେଲଙ୍ଗା ମୁକୁନ୍ଦଦେବଙ୍କ ରାଜତ୍ୱ କାଳରେ, ମୁସଲମାନମାନେ ଏ ଦେଶକୁ ଆସି ବହୁ ମନ୍ଦିର ଭାଙ୍ଗି ଦେଇଥିଲେ । ଅଖଣ୍ଡେଶ୍ୱର ମନ୍ଦିର ମଧ୍ୟ ତାଙ୍କ ଅତ୍ୟାଚାରରୁ ରକ୍ଷା ପାଇଲା ନାହିଁ । ମନ୍ଦିରର କେତେକ ଅଂଶ ସଙ୍ଗେ ଲିଙ୍ଗକୁ ମଧ୍ୟ ସେମାନେ ଖଣ୍ଡିତ କରିପକାଇଲେ । ସେଠାର ଶିଳାଲେଖ ସେତେବେଳେ ନଷ୍ଟ ଭ୍ରଷ୍ଟ ହୋଇଗଲା । ମୁସଲମାନମାନେ ପ୍ରାୟ ୨୦ ବର୍ଷ ଗଞ୍ଜାମରେ ରାଜତ୍ୱ କଲେ । ସେତେବେଳେ ସେହି ସ୍ଥାନରେ ଋଷିକୁଲ୍ୟା ନଦୀ ତଟରେ କରାବଡ଼ା (Karabada) ନାମକ ଗ୍ରାମଟିଏ ପ୍ରତିଷ୍ଠିତ ହେଲା ।

ଏହାପରେ ଦିଲ୍ଲୀର ମୋଗଲ ସମ୍ରାଟଙ୍କ ଆଧିପତ୍ୟ ଏହି ଅଞ୍ଚଳରେ ବିସ୍ତାର ଲାଭ କଲା । ତାଙ୍କ ଆଧିପତ୍ୟ ଦକ୍ଷିଣରେ ଶ୍ରୀକାକୁଲମ୍ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବାରୁ ରାଜକର ସଂଗ୍ରହର ସୁବିଧା ନିମନ୍ତେ ଇଚ୍ଛାପୁରଠାରେ ଅନ୍ୟଏକ ଡିଭିଜନ ସ୍ଥାପନ କଲେ । ମୋଗଲମାନେ ହାଇଦ୍ରାବାଦ (ଗୋଲକୁଣ୍ଡା) ନବାବଙ୍କ ହାତରେ ଏ ଅଞ୍ଚଳ (ଶ୍ରୀକାକୁଲମ୍-ସରକାର)ର ଶାସନ ଭାର ସମର୍ପଣ କରି ଦେଲେ । ସେତେବେଳେ ଅସିକାଠାରେ ଗଞ୍ଜାମର ଅପର ଜଣ ଜମିଦାରଙ୍କୁ ଆୟତ୍ତରେ ରଖିବା ପାଇଁ ଅନ୍ୟ ଗୋଟିଏ 'ସୁବା' ମଧ୍ୟ ସ୍ଥାପିତ ହେଲା । ସେଥିରେ ଛତିଶଟି ଗ୍ରାମ ମଧ୍ୟ ସଂଯୁକ୍ତ ହୋଇଥିଲା, ଯାହାକି ନିଜାମଙ୍କ 'ଖାସ୍ ମାହାଲ' ସେଠାରେ ଖ୍ରୀ. ୧୫୮୨ରେ ଦାମୋଦର ଚୌଧୁରୀ ନାମକ ଜଣେ ବ୍ରାହ୍ମଣ କର୍ମଚାରୀ ନିଜାମଙ୍କ ପକ୍ଷରୁ ଶାସକ ରୂପେ ଅବସ୍ଥାନ କରିଥିଲେ । ସେ ଅଖଣ୍ଡେଶ୍ୱରଙ୍କ ପରିଚାଳନା ସକାଶେ ୬୦ ଭରଣ ଭୂମି ମଞ୍ଜୁର କରିଦେଇଥିଲେ ଯାହାକି ପୂର୍ବେ ରାମଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଦେବତାଙ୍କ ନାମରେ ପ୍ରଦତ୍ତ ହୋଇଥିଲା । ତଦବଧି ଖ୍ରୀ: ୧୭୧୩ରେ ନିଜାମ ଉଲ୍‌ମୁଲକ ଆସଫଝାଙ୍କ ଅଧିକାର ପର୍ଯ୍ୟନ୍ତ ସ୍ଥିର ହୋଇ ମନ୍ଦିର ପରିଚାଳନା ଓ ଭୋଗରାଗାଦି କାର୍ଯ୍ୟରେ ବିନିଯୋଗ ହେଉଥିଲା ।

ଖ୍ରୀ: ୧୭୬୭ରେ ଇଂରେଜମାନେ ଏ ଅଞ୍ଚଳ ଅଧିକାର କଲେ । ସେତେବେଳେ ଋଷିକୁଲ୍ୟା ନଦୀ ମୁହାଣରେ ଗୋଟିଏ ଦୁର୍ଗର ସଂସ୍କାର ଓ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରି ସେଠାରେ ଦୃଢ଼ ଆଧିପତ୍ୟ ସ୍ଥାପନ କଲେ । ଏଥିପୂର୍ବରୁ ସେଠାରେ ଗୋଟିଏ ପ୍ରାଚୀନ ଦୁର୍ଗର ଅବସ୍ଥିତି ମଧ୍ୟ ସୂଚିତ ହୁଏ ।

ଗଞ୍ଜାମ ଯେତେବେଳେ ଚିଲିକାଠାରୁ ନାଗାବଳୀ ନଦୀ ପର୍ଯ୍ୟନ୍ତ ଏକ ଜିଲ୍ଲାରେ ପରିଣତ ହୋଇଥିଲା ଏବଂ ସେଥିର ମୁଖ୍ୟ ରାଜଧାନୀ ଥିଲା "ଗଞ୍ଜାମ" । ସେଥିର ଦକ୍ଷିଣ ପଶ୍ଚିମ କୋଣରେ ଅଖଣ୍ଡେଶ୍ୱରଙ୍କ ମନ୍ଦିର ଅବସ୍ଥିତ । ଜିଲ୍ଲା କଲେକ୍ଟର ମି.ପିଟର ଚେରି (Mr. Pitter Cherry)ଙ୍କ ସମୟରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ମନ୍ଦିର ସଂସ୍କାର ଓ ମଣ୍ଡପ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମନ୍ଦିର ପରିଚାଳନା ସକାଶେ ଯେଉଁ ଭୂମି ପ୍ରଦତ୍ତ ହୋଇଥିଲା ସେଥିରୁ ବାର୍ଷିକ ୮୮ ଟଙ୍କା ଆଦାୟ ହେଉଥିବା ପ୍ରସଙ୍ଗ ୧୮୧୫ ସାଲର 'ଗଞ୍ଜାମ-କୈଫୟତ'ରେ ଉଲ୍ଲେଖ ହୋଇଅଛି ।

ଗଞ୍ଜାମ ଗ୍ରାମର ଉତ୍ତର ଦିଗରେ ଶ୍ରୀଜଗନ୍ନାଥ ଓ ଗୋପାଳଙ୍କ ମନ୍ଦିର ପ୍ରତିଷ୍ଠିତ । ଅଖଣ୍ଡେଶ୍ୱରଙ୍କ ପରି ସେଠାରେ ଗୋପାଳଙ୍କ ପ୍ରତିଷ୍ଠା ମଧ୍ୟ କୌତୂହଳପୂର୍ଣ୍ଣ । ଏ ସମ୍ବନ୍ଧରେ 'ଗଞ୍ଜାମ-କୈଫୟତ'ରେ ଲେଖାଅଛି:-

ଏ ଅଞ୍ଚଳ ମୋଗଲ ଅଧୀନରେ ଶାସିତ ହେଉଥିବା ସମୟରେ (ଖ୍ରୀ: ୧୬ଶ ଶତାବ୍ଦୀରେ) ଦାମୋଦର ଚୌଧୁରୀ ଏ ଅଞ୍ଚଳର ଖଣ୍ଡପାଳ ରୂପେ ନିଯୁକ୍ତ ହୋଇଥିଲେ । ସେତେବେଳେ ଦକ୍ଷିଣ-ଭାରତର କେତେକ ବଣିକ ତାଙ୍କ ବାଣିଜ୍ୟ ଦ୍ରବ୍ୟ ସହ କେତୋଟି ନାବ ନେଇ ସମୁଦ୍ରରେ ଦୂର ଦେଶକୁ ଯାତ୍ରା କରୁଥାନ୍ତି । ସେମାନେ ତାଙ୍କ ବାଣିଜ୍ୟ ଦ୍ରବ୍ୟ ସବୁ ବିକ୍ରୟ କରି ସାରି ଜଳ ପଥରେ ଫେରିଲା ବେଳେ ସମୁଦ୍ରର ଅସ୍ଥିରତା ହେତୁ ପଥ ହରାଇ ଘୋର ବିପଦର ସମ୍ମୁଖୀନ ହେଲେ । ସେମାନଙ୍କ ନାବରେ ତାଙ୍କ ଆରାଧିତ ଇଷ୍ଟ ଦେବତା ବିଜୟଗୋପାଳଙ୍କ ମୂର୍ତ୍ତିକୁ ମଧ୍ୟ ନେଇ ସ୍ୱଦେଶକୁ ଫେରୁଥିଲେ । ଅତଳ ସମୁଦ୍ରରେ ପଥ ହରାଇବାରୁ ସେମାନେ ପ୍ରାଣ ଭୟରେ ଅତି ଆକୁଳ ହେଉଥିଲେ ଏବଂ ଇଷ୍ଟ ଦେବତାଙ୍କୁ ରକ୍ଷା ସକାଶେ ମନେ ମନେ ପ୍ରାର୍ଥନା କରୁଥାନ୍ତି । ଜଣେ ବଣିକଙ୍କୁ ବିଜୟଗୋପାଳ ସ୍ୱପ୍ନରେ ଦେଖାଦେଇ କହିଲେ "ତୁମେ ଆତୁର ହୁଅ ନାହିଁ । କାଲି ପ୍ରଭାତରୁ ଋଷିକୁଲ୍ୟା ନଦୀ ମୁହାଣରେ ତୁମ ନୌକାଗୁଡ଼ିକ ପହଞ୍ଚିବ । ସେଠାରେ ତୁମେ ନୌକାଗୁଡ଼ିକରେ ନଙ୍ଗର ପକାଇ ପ୍ରାଣ ରକ୍ଷା କରିବ । ମୋତେ ମଧ୍ୟ ସେହି ଗ୍ରାମରେ ମନ୍ଦିର ନିର୍ମାଣ କରି ପ୍ରତିଷ୍ଠା କରିବାକୁ ହେବ । ତା'ପରେ ତୁମ ନାବଗୁଡ଼ିକରେ ସ୍ୱଦେଶକୁ ନିର୍ବିଘ୍ନରେ ପ୍ରତ୍ୟାଗମନ କରିପାରିବ ।"

ପ୍ରଭୁଙ୍କଠାରୁ ଏକଥା ଶୁଣି ସେହି ନାବିକ ଶଯ୍ୟାତ୍ୟାଗ କରି ଏ ସମ୍ବାଦ ଅନ୍ୟମାନଙ୍କୁ କହିଲା । ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଦେଖିଲେ ଯେ, ନାବଗୁଡ଼ିକ ଯଥାର୍ଥରେ ଋଷିକୁଲ୍ୟା ନଦୀ ମୁହାଣରେ ପହଞ୍ଚିଯାଇଛନ୍ତି । ମହାପ୍ରଭୁ ବିଜୟଗୋପାଳଙ୍କ ଅପାର କରୁଣା ବୋଲି ସେମାନେ ସେଠାରେ ଶାସନକର୍ତ୍ତା ଦାମୋଦର ଚୌଧୁରୀଙ୍କୁ ଭେଟି ତାଙ୍କୁ ଏ ସମସ୍ତ ବିବରଣୀ ଜଣାଇଲେ । ତା ପରେ ସେମାନେ ଧନ ଖର୍ଚ୍ଚ କରି ସେଠାରେ ଗୋଟିଏ ନୂତନ ମନ୍ଦିର ନିର୍ମାଣ କରି ସେଥିରେ ବିଜୟ ଗୋପାଳଙ୍କୁ ପ୍ରତିଷ୍ଠା କଲେ । ସେହି ମନ୍ଦିର ନିକଟରେ ସ୍ଥାପିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ମଧ୍ୟ ତାଙ୍କ ସାହାଯ୍ୟରେ ନିର୍ମିତ ହେଲା । ଏ ସମସ୍ତ ଧର୍ମ କାର୍ଯ୍ୟ କରିସାରି ସେହି ବଣିକମାନେ ନିଜ ଦେଶକୁ ଫେରିଗଲେ ।

ଶାସକକର୍ତ୍ତା ଦାମୋଦର ଚୌଧୁରୀ ସେହି ଦେବତାମାନଙ୍କୁ ଆରାଧନା କରିବା ପାଇଁ ଓ ତାଙ୍କ ଯାତ୍ରାଦି ପର୍ବ ପର୍ବାଣି ଚଳାଇବାକୁ ୮ଟି ଗ୍ରାମ ଦାନ କରିଥିଲେ । ସେଗୁଡ଼ିକ ହେଉଛି ଅଲ୍ଲାବାଦ, ଜାମପୁର, ଗଙ୍ଗଣପୁର, ଗେଦଲ ନାରାଇଡ଼ି, ଭିତ୍ରପୁର, ଗୋପାଳପୁର, ସୀତାରାମପଲ୍ଲୀ ଏବଂ ... ସମୁଦାୟ ଜମିର ପରିମାଣ ହେଉଛି ୧୫୩ ଭରଣ ।

ଓଡ଼ିଶା ଗଞ୍ଜାମ
ପାରଳାଖେମୁଣ୍ଡି,
ଗଞ୍ଜାମ

# ଦରିଦ୍ର ଥଇଥାନ ଯୋଜନା

ଡଃ. ପ୍ରମୋଦ କୁମାର ମିଶ୍ର
ଡଃ. ବ. ନୃସିଂହନାଥ ପାତ୍ର

ଆମ ରାଜ୍ୟରେ ଆଦିବାସୀ, ହରିଜନ, ଭୂମିହୀନ ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର କୃଷୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଅଛି । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରକାର କୁଟୀର ଶିଳ୍ପ, କୃଷି, ପଶୁପାଳନ ଓ ମତ୍ସ୍ୟ ଚାଷ ଆଦି ପ୍ରଧାନ । ଦାରିଦ୍ର୍ୟ ଦୂରୀକରଣ ପାଇଁ ଏ ସବୁ ଧନ୍ଦା ମଧ୍ୟରେ ଛେଳିପାଳନ ସବୁଠାରୁ ସହଜ, ସୁବିଧା ଓ ଲାଭ ଦାୟକ । କାରଣ ଏଥିପାଇଁ ଅଧିକ ଜମିର ଆବଶ୍ୟକ ପଡ଼ୁନାହିଁ । ଖୁବ୍ କମ ମୂଳଧନରେ ଏହି ଧନ୍ଦା ଆରମ୍ଭ କରାଯାଇ ପାରେ ଓ ଅଳ୍ପ ଦିନରେ ଏଥିରୁ ଆୟ ମିଳେ । ପାଣିପାଗର ଅନିୟମତା ଏହା ଉପରେ ବିଶେଷ ପ୍ରଭାବ ପକାଇ ପାରେ ନାହିଁ । ପୁଣି ଛେଳିପାଳନ ଏହି ଲୋକମାନଙ୍କ ପାଇଁ କିଛି ନୂଆ ଧନ୍ଦା ନୁହେଁ । ସ୍ତ୍ରୀ, ପୁରୁଷ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଅକ୍ଳେଶରେ ଏ ଧନ୍ଦା ହାତକୁ ନେଇ ପାରିବେ ।

୧୯୮୨ ମସିହା ପଶୁଗଣନା ଅନୁଯାୟୀ ଆମ ରାଜ୍ୟରେ ପ୍ରାୟ ୫୦ ଲକ୍ଷ ଛେଳି ଅଛନ୍ତି । ଏ ଗୁଡ଼ିକ ମୁଖ୍ୟତଃ ମାଂସ ପାଇଁ ପାଳନ କରାଯାଇ ଥାଆନ୍ତି । ଛେଳିମାଂସ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟ ଖାଦ୍ୟ । ଏହା ଯେପରି ସୁସ୍ୱାଦୁ ସେହିପରି ପୁଷ୍ଟିକାରକ । ବଜାରରେ ଛେଳିମାଂସ ବିଶେଷତଃ ଖାସିମାଂସର ଚାହିଦା ଖୁବ୍ ବେଶୀ । ମାଂସ ଛଡ଼ା କ୍ଷୀର, ଖତ ଓ ଚମଡ଼ା ମଧ୍ୟ ଛେଳିଠାରୁ ମିଳେ । ଛେଳିକ୍ଷୀର, ଗାଈ ଓ ମଇଁଷି କ୍ଷୀର ତୁଳନାରେ ସହଜରେ ଜୀର୍ଣ୍ଣ ହୁଏ । ତେଣୁ ଶିଶୁ, ବୃଦ୍ଧ ଓ ରୋଗୀଙ୍କ ପାଇଁ ଏହା ଖୁବ୍ ଉପାଦେୟ । ଜାତିର ଜନକ ମହାତ୍ମା ଗାନ୍ଧୀ ନିୟମିତ ଛେଳି କ୍ଷୀର ବ୍ୟବହାର କରୁଥିଲେ ।

ଓଡ଼ିଶାର ଉତ୍ତରାଞ୍ଚଳରେ ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କଟକ ଜିଲ୍ଲାରେ ବ୍ଲାକ୍‌ବେଙ୍ଗଲ ଜାତୀୟ ଛେଳି ଦେଖାଯାଆନ୍ତି । ଏହି ଛେଳିଗୁଡ଼ିକ ଆକାରରେ ଛୋଟ, ଶରୀର ତ୍ରିଭୁଜାକାର ଓ ଗୋଡ଼ଗୁଡ଼ିକ ଛୋଟ । ପ୍ରାପ୍ତ ବୟସ ଗୋଟିଏ ବୋଦାର ଓଜନ ପ୍ରାୟ ୧୮-୧୯ କିଲୋଗ୍ରାମ ଓ ମାଈ ଛେଳିର ଓଜନ ପ୍ରାୟ ୧୪-୧୫ କିଲୋଗ୍ରାମ ହୋଇଥାଏ । ଏକ ବର୍ଷ ବୟସର ବୋଦାର ଓଜନ ପ୍ରାୟ ୧୦-୧୧ କିଲୋଗ୍ରାମ । ଏହି ଛେଳିମାନେ ୧୬-୧୭ ମାସ ବୟସରେ ପ୍ରଥମ ଛୁଆ ଦିଅନ୍ତି ଏବଂ ୨ ବର୍ଷରେ ହାରାହାରି ୩ ଥର ଜନ୍ମ କରନ୍ତି । ପ୍ରଥମ ଥର ସାଧାରଣତଃ ଗୋଟିଏ ଓ ପରବର୍ତ୍ତୀ ଥରମାନଙ୍କରେ ୨ ବା ୩ଟି ଛୁଆ ଦିଅନ୍ତି । ଏମାନଙ୍କଠାରୁ ଶରୀର ଓଜନର ଶତକଡ଼ା ୪୫ ଭାଗ ମାଂସ ଆକାରରେ ମିଳିଥାଏ । ଦକ୍ଷିଣାଞ୍ଚଳରେ ବିଶେଷତଃ ଗଞ୍ଜାମ, ଫୁଲବାଣୀ ଓ ପୁରୀଜିଲ୍ଲାରେ

କେତେକାଞ୍ଚଳରେ ଗଞ୍ଜାମ ଜାତୀୟ ଛେଳି ଦେଖାଯାଆନ୍ତି । ଏ ଛେଳିଗୁଡ଼ିକ ଆକାରରେ ବଡ଼ । ପ୍ରାପ୍ତ ବୟସ ବୋଦା ଓ ମାଈ ଛେଳିର ଓଜନ ଯଥାକ୍ରମେ ୨୮ – ୩୦ କିଲୋଗ୍ରାମ ଓ ୨୩ – ୨୫ କିଲୋଗ୍ରାମ ହୋଇଥାଏ । ଏକବର୍ଷ ବୟସର ବୋଦାର ଓଜନ ପ୍ରାୟ ୧୨-୧୩ କିଲୋଗ୍ରାମ । ଏହି ଛେଳିଗୁଡ଼ିକର ଗୋଡ଼ ଲମ୍ବା । ୩୬-୩୮ ମାସରେ ପ୍ରଥମ ଥର ଛୁଆ ଦିଅନ୍ତି ଏବଂ ବର୍ଷକୁ ଥରେ ଜନ୍ମକରନ୍ତି । ପ୍ରତିଥର ଗୋଟିଏ ଲେଖାଏଁ ଛୁଆ ଦିଅନ୍ତି । ଏମାନଙ୍କଠାରୁ ଶରୀର ଓଜନର ଶତକଡ଼ା ୪୦ ଭାଗ ମାଂସ ଆକାରରେ ମିଳିଥାଏ । ଏହାଛଡ଼ା କୋରାପୁଟ ଜିଲ୍ଲାର ମାଲକାନଗିରି ଅଞ୍ଚଳରେ ଏକ ପ୍ରକାର ଛେଳି ଦେଖାଯାଆନ୍ତି । ସେମାନଙ୍କଠାରେ ମାଂସ ଜାତୀୟ ଛେଳିର ସମସ୍ତ ଗୁଣ ଅଛି । କିନ୍ତୁ ସେମାନଙ୍କ ଅନ୍ତର୍ନିହିତ ଗୁଣ ବିଷୟରେ ଅଧିକ ଜାଣିବାର ଆବଶ୍ୟକତା ଅଛି । ଏ ଉପରୋକ୍ତ ସମସ୍ତ ଛେଳି ଆମ ରାଜ୍ୟର ଜଳବାୟୁରେ ଭଲ ବଢ଼ି ପାରନ୍ତି । ତେବେ କିଛିକ

ବିଶକୁ ଦେଖିଲେ ମାଂସପାଇଁ ଆମ ରାଜ୍ୟରେ ବ୍ଲାକବେଙ୍ଗଲ ଜାତୀୟ ଛେଳି ପାଳନ କରାଯିବା ଲାଭଜନକ ।

ପ୍ରଜନନ ପାଇଁ ଅପେକ୍ଷାକୃତ ଅଧିକ ଶରୀର ଓଜନ ଥିବା ଶିଙ୍ଗହୀନ ହୋଇ ନ ଥିବା ସୁସ୍ଥ ସବଳ ବୋଦା ବ୍ୟବହାର କରାଯିବା ଦରକାର । ୧୦ – ୧୨ଟି ପ୍ରଜନନକ୍ଷମ ଛେଳି ପାଇଁ ଗୋଟିଏ ବୋଦା ହେଲେ ଚଳିବ । କିନ୍ତୁ ଏହି ଛେଳି ଓ ବୋଦା ମଧ୍ୟରେ ବଂଶଗତ ନିକଟ ସମ୍ପର୍କ ନ ଥିବା ଦରକାର । ଅଧିକ ଛେଳି ରଖୁଥିଲେ ଚିହ୍ନଟ କରିବା ପାଇଁ ତାଙ୍କ କାନରେ ଆଲୁମିନିୟମ ନମ୍ବର ଦେଇଦେବା ଭଲ । ସମ୍ଭବ ହେଲେ ପଶୁ ଚିକିତ୍ସକଙ୍କ ସହାୟତାରେ ଛେଳିମାନଙ୍କର ଜନ୍ମ, ସଙ୍ଗମ ଓ ପ୍ରସବ ତାରିଖ, ସେମାନଙ୍କ ପିତା, ମାତାଙ୍କ ଚିହ୍ନଟ ନମ୍ବର, ପ୍ରତି ୬ ମାସରେ ସେମାନଙ୍କ ଶରୀର ଓଜନ ଆଦି ଲିପି ରଖିଲେ ଭବିଷ୍ୟତ ପ୍ରଜନନ ପାଇଁ ସେମାନଙ୍କୁ ବାଛିବା ସହଜ ହେବ ।

ଖୁବ୍ କମ ଖର୍ଚ୍ଚରେ ଛେଳିମାନଙ୍କ ପାଇଁ ଗୁହାଳଟିଏ କରାଯାଇ ପାରେ । ୫୦ଟି ଛେଳିପାଇଁ ପ୍ରାୟ ୬୦୦ ବର୍ଗ ଫୁଟ ପରିମିତ ଯାଗାରେ ଘରଖଣ୍ଡିଏ କଲେ ଯଥେଷ୍ଟ । ଗୁହାଳଟିକୁ ଯଥେଷ୍ଟ ଆଲୁଅ ଓ ପବନ ଆସୁଥିବ ଏବଂ ମଳ ମୂତ୍ର ସଫା କରିବା ପାଇଁ ସୁବିଧା ଥିବ । ଅଧାକାନ୍ଥ କରି ଆଉ ଅଧିକ ବାରିଣ ଜାଲି କରିଦେଲେ ଭଲ ।

ଡାଳ ପତ୍ର ଓ ଘାସ ଖାଇ ଛେଳିମାନେ ଭଲ ବଢ଼ି ପାରନ୍ତି । ଯଦି ବର୍ଷସାରା ଯଥେଷ୍ଟ ଡାଳ ପତ୍ର ମିଳୁଥାଏ, ତେବେ ଅନ୍ୟ କିଛି ଖାଦ୍ୟ ଦରକାର ନାହିଁ । ବିଲାତି ଜଉଁଆ, କେଳିକଦମ୍ବ ଆଦି ଗଛ ଲଗାଇ ତା'ର ଡାଳ ପତ୍ରକୁ ଏବଂ ବିଭିନ୍ନ ପ୍ରକାର ଘାସକୁ ଛେଳିମାନଙ୍କୁ ଖାଇବାକୁ ଦିଆଯାଇପାରେ । ବିଲାତି ଜଉଁଆ ପତ୍ରକୁ ଛେଳିମାନେ ଆଗ୍ରହରେ ଖାଆନ୍ତି ଏବଂ ଏହା ସେମାନଙ୍କ ପାଇଁ ପୁଷ୍ଟିକାରକ । ଏହି ଗଛ ବାଡ଼ ହିସାବରେ ରାସ୍ତାକଡ଼ରେ ଓ ଅନ୍ୟସ୍ଥଳ ପାଇଁ ଅନୁପଯୁକ୍ତ ଜମିରେ ଲଗାଯାଇ ପାରେ । ଏଗୁଡ଼ିକ କଣ୍ଟାଗଛ ହୋଇଥିବାରୁ ଗୋରୁଗାଈ ନଷ୍ଟ କରିଦେବାର ସମ୍ଭାବନା କମ୍ । ଗଛଗୁଡ଼ିକ ୬/୭ ଫୁଟ ହୋଇ ଗଲେ ଗଛମୂଳରୁ ୩/୪ ଫୁଟ ଛାଡ଼ି କାଟି ଛେଳିମାନଙ୍କୁ ଖାଇବାକୁ ଦିଆଯାଇ ପାରେ । କଟା ଯାଗାରୁ ପୁଣି ନୂଆଡାଳ କଅଁଳି ଥାଏ । ଓଡ଼ିଶା ପଶୁଚିକିତ୍ସା ଓ ପଶୁପାଳନ ମହା ବିଦ୍ୟାଳୟ ଦ୍ୱାରା ଏହାକୁ ସଫଳ ଭାବରେ ପ୍ରଦର୍ଶନ କରାଯାଇ ପାରିଛି । ଛେଳିମାନେ ପତ୍ର ଖାଇ ସାରିବା ପରେ ଡାଳଗୁଡ଼ିକୁ ଶୁଖାଇ ଜାଳ ହିସାବରେ ବ୍ୟବହାର କରଯାଇ ପାରିବ । ମଝିପାଇଁ କେତୋଟି ଗଛ ବଢ଼ିବାକୁ ଛାଡ଼ିଦେବା ଦରକାର । ଏହା ବ୍ୟତୀତ ଛେଳିକୁ ସୈନ୍ଧବ ଲବଣ ଓ ମିଶ୍ରିତ ଧାତବ ଲବଣ ଦେବାକୁ ହେବ । ଶିଘ୍ର ବଢ଼ିବା ପାଇଁ କିଛି ପୂର୍ବରୁ ଛେଳିଛୁଆକୁ କିଛିଦିନ ମିଶ୍ରିତ ଦାନା ଖାଇବାକୁ ଦେଲେ ଭଲ । ଯଦି ଡାଳ ପତ୍ର ଯଥେଷ୍ଟ ନମିଳେ (ବିଶେଷତଃ ଖରାଦିନେ) ତେବେ ସବୁ ଛେଳିକୁ କିଛି କିଛି ମିଶ୍ରିତ ଦାନା ଦେବା ଦରକାର । ଏହି ଦାନାରେ ଭୋଜନ ଗୁଣ୍ଡ ୩୦ ଭାଗ, ବାଦାମ ପିଡ଼ିଆ ୩୦ ଭାଗ, ଚୋକଡ଼ ୩୬ ଭାଗ, ଲୁଣ ୧ ଭାଗ, ମିଶ୍ରିତ ଧାତବ ଲବଣ ୨ ଭାଗ ଓ ଭିଟାବ୍ଲେଣ୍ଡ ୧ ଭାଗ ନିଆଯାଇପାରେ । ଦୈନିକ ବୟସ୍କ ଛେଳିକୁ ୫୦ କି: ଗ୍ରା. ଶରୀର ଓଜନପାଇଁ ୨୫୦ ଗ୍ରାମ, ଛୁଆକୁ ୧୦ କି. ଗ୍ରା. ଶରୀର ଓଜନପାଇଁ ୧୦୦ ଗ୍ରାମ ଏବଂ କ୍ଷୀର ଦେଉଥିବା ମା' ଛେଳି ୫୦ କି. ଗ୍ରା. ଶରୀର ଓଜନ ପାଇଁ ୫୦୦ ଗ୍ରାମ ଏହି ମିଶ୍ରିତ ଦାନା ଦିଆଯାଇ ପାରେ । ଏହାଛଡ଼ା ମିଳୁଥିବା ଡାଳପତ୍ର ମଧ୍ୟ ଖାଇବାକୁ ଦିଆଯିବ । ଆବଶ୍ୟକ ମୁତାବକ ପରିଷ୍କାର ପାଣି ପିଇବାକୁ ଦେବା ଉଚିତ ।

କୃମିରୋଗ ଛେଳିମାନଙ୍କର ପ୍ରଧାନ ରୋଗ । କୃମି ହେଲେ ଛେଳିମାନେ ଦୁର୍ବଳ ହୋଇଯାଆନ୍ତି । ପତଳା ଝାଡ଼ା ହୁଏ । ଶରୀରର ଉପଯୁକ୍ତ ବୃଦ୍ଧି ଘଟେ ନାହିଁ । ଶେଷରେ ମୃତ୍ୟୁ ମୁଖରେ ପଡ଼ନ୍ତି । ପ୍ରତି ୪ ମାସରେ ପଶୁ ଚିକିତ୍ସକଙ୍କ ଦ୍ୱାରା ଛେଳମାନଙ୍କ ଝାଡ଼ା ପରୀକ୍ଷା କରାଇ କୃମି ଔଷଧ ଦେଲେ ଆଉ ଅସୁବିଧା ହେବ ନାହିଁ । ଏହାଛଡ଼ା ଛେଳି ବସନ୍ତ, ଏଣ୍ଟେରୋଟକ୍ସିମିଆ, ଫାଟୁଆ, ଶାହାଣ ଓ ନିମୋନିଆ ଆଦି ରୋଗ ପାଇଁ ପ୍ରତିଷେଧକ ଟିକା ଦେଇଦେଲେ ଏ ରୋଗ ପାଇଁ ଆଉ ଭୟ ନଥିବ । ବେଳେବେଳେ ଛେଳିମାନଙ୍କ ମୁହଁରେ ଘା' ହୁଏ ଓ ଖାଇବାରେ ଅସୁବିଧା ହୁଏ । ଆକ୍ରାନ୍ତ ଛେଳି ଯନ୍ତ୍ରଣା ଅନୁଭବ କରେ । ଏହାକୁ ମୁହାଁ ବା ମେଁ ମେଁଇଆ ରୋଗ କହନ୍ତି । ଘା' କୁ ସଫାକରି ବୋରୋଗ୍ଲିସରିନ୍ ଲଗାଇଲେ ଶିଘ୍ର ଉପଶମ ହୁଏ ଏବଂ ରୋଗୀ ଅଧିକ ଯନ୍ତ୍ରଣା ପାଏ ନାହିଁ । ଛୁଆଦେବା ସମୟ ହୋଇଗଲେ ଗର୍ଭବତୀ ଛେଳିକୁ ଦୂରକୁ ଚରିବାକୁ ନପଠାଇ ପାଖ ଯାଗାରେ ଚରାଇବା ଆବଶ୍ୟକ । ଜନ୍ମ ପରେ ଛୁଆମାନେ ଯେପରି ଆବଶ୍ୟକ ମା କ୍ଷୀର ବା ଜନ୍ମକ୍ଷୀର ଖାଆନ୍ତି, ସେଥିପ୍ରତି ଦୃଷ୍ଟିଦେବା ଦରକାର । କାରଣ ଏହା ଛୁଆମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ଜନ୍ମାଏ । ୨ । ୩ ସପ୍ତାହ ହୋଇଗଲେ ଛୁଆମାନେ ଘାସପତ୍ର ଖାଇବା ଆରମ୍ଭ କରନ୍ତି । ବିକ୍ରିହେବାକୁ ଥିବା ଅଣ୍ଡିରା ଛୁଆମାନଙ୍କୁ ୨ ମାସ ବୟସରେ ବର୍ଡ଼ିଜୋ କାଷ୍ଟ୍ରେଟରରେ ଖାସୀ କରାଇବା ଦରକାର । ଅନ୍ୟାନ୍ୟ ରୋଗ ବୈରାଗ ପାଇଁ ସ୍ଥାନୀୟ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଆଯାଇପାରେ ।

ବିକାକିଣା ବେଳେ ଛେଳିମାନଙ୍କର ବୟସ ଅନ୍ଦାଜ କରିବାର ଆବଶ୍ୟକ ପଡ଼େ । ସାଧାରଣତଃ ଦାନ୍ତ ଦେଖି ଛେଳିମାନଙ୍କର ବୟସ ଅନୁମାନ କରାଯାଏ । ଏକ ବର୍ଷ ବୟସ ହେଲେ ପ୍ରଥମ ହଳକ ଅସ୍ଥାୟୀ ଦାନ୍ତ ପଡ଼ି ସ୍ଥାୟୀ ଦାନ୍ତ ଉଠେ । ସେହି ପରି ୨ ବର୍ଷ ବୟସରେ ୨ୟ ହଳକ, ୩ବର୍ଷ ବୟସରେ ୩ୟ ହଳକ ଓ ୪ବର୍ଷ ବୟସରେ ୪ର୍ଥ ହଳକ ଅସ୍ଥାୟୀ ଦାନ୍ତ ପଡ଼ି ସ୍ଥାୟୀ ଦାନ୍ତ ଉଠେ । ଅସ୍ଥାୟୀ ଦାନ୍ତ ତୁଳନାରେ ସ୍ଥାୟୀ ଦାନ୍ତ ଅପେକ୍ଷାକୃତ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଏ ।

କେତେକ ଲୋକ ଛେଳିମାନେ ଜଙ୍ଗଲ ନଷ୍ଟ ଓ ମୃତ୍ତିକାକ୍ଷୟ ପାଇଁ ଦାୟୀ ବୋଲି କହି ଛେଳିପାଳନକୁ ଉତ୍ସାହିତ କରନ୍ତି ନାହିଁ । କିନ୍ତୁ ଏହା ସଂପୂର୍ଣ୍ଣ ସତ୍ୟ ନୁହେଁ ଏବଂ ଯୋଜନାବଦ୍ଧ ଭାବେ ସୁବିଧା ସୃଷ୍ଟିକରି ଏହାକୁ ବହୁ ପରିମାଣରେ ଏଡ଼ାଇ ଦେଇ ହେବ । ଗଛର ନିର୍ଦ୍ଦିଷ୍ଟ ଉଚ୍ଚତା ପରେ ଛେଳିମାନେ ଗଛ ଉପରେ ଚଢ଼ି ଡାଳପତ୍ର ଖାଇପାରନ୍ତି ନାହିଁ । ଅପର ପକ୍ଷରେ ଛେଳିମାନଙ୍କ ମଳମୂତ୍ର ମୃତ୍ତିକାର ଉର୍ବରାଶକ୍ତି ବୃଦ୍ଧି କରେ ଓ ବୃକ୍ଷଲତାର ବଢ଼ିବାରେ ସାହାଯ୍ୟ କରେ ।

ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ,
ଭୁବନେଶ୍ୱର ।

# ଶିଶୁ ବିକାଶ କାର୍ଯ୍ୟକ୍ରମ

ଡକ୍ଟର କୈଳାସ ଚନ୍ଦ୍ର ରଥ

ଗୋଟିଏ ଗାଁରେ ପଶିଲେ, ସେ ଗାଁର କି ସାହିର ରାସ୍ତାଘାଟ, ଘର, ଲୋକବାକ, ତାଙ୍କ ଆଗ୍ରହ, ଗଳି,ଚଳଣି ଦେଖି ସେ ଗାଁ କି ସାହି ବିଷୟରେ କିଛି ଧାରଣା କରିହୁଏ । ସେମିତି ପର୍ଯ୍ୟାୟକ୍ରମେ ଦେଶ ବା ଜାତି ତଥା ପୃଥିବୀ ବିଷୟରେ ଜାଣିହେବ । ଆମ ପରିବାରରେ ସୁସ୍ଥ ଜୀବନ ଯାପନର ପାଥେୟ ରୂପେ କେତେ କେତେ ଜିନିଷ ଆମେ କରି ପକାଉଛୁ । ଘର ସଜାଉଛୁ । କ୍ଷେତରେ ଭଲ ଫସଲ ଉପଜାଉଛୁ । ଶ୍ୟାମଳିମାର ଲହରୀ, ଶୀତଳ ପବନର ମୃଦୁ ସ୍ପର୍ଶ, ବଗିଚାର ଗୋଲାପ କଢି ବା ପ୍ରସ୍ଫୁଟିତ ମହକଭରା ମଲ୍ଲୀ—କେତେ ସୁନ୍ଦର ସତେ!—ଆଉ ଆମମାନଙ୍କର ଭରସା ପୁରୁଷ, ଆମର ଛୋଟ ସଂସାରର, ଛୋଟ ଛୋଟ ନିରୀହ ଶିଶୁ ? ତାଙ୍କର ଅବୁଝା ଦରୋଟି ଭାଷାର କୋମଳ ହୃଦୟସ୍ପର୍ଶୀ ସଂବେଦନଶୀଳ ହସ—ଆମ ସମସ୍ତଙ୍କ-ପାଇଁ, ଆମ ନିତିଦିନିଆ ଜୀବନରେ ବହୁଥିବା ଝଡ଼ ଝଂଜାରେ ସେମାନେ ଆମୋଦକାରୀ ଆମ୍ରାଗଣ । ବାମନ, କୃଷ୍ଣ ଅବତାରରେ କ୍ଷୁଦ୍ର କମନୀୟ ଶରୀର ନେଇ, ଆମ ପାଖରେ ଭଗବାନଙ୍କର ପ୍ରତିନିଧି ରୂପେ, ତାଙ୍କର ଉପହାର ସ୍ୱରୂପ ।

ସୁସ୍ଥ ଆମୋଦ ପ୍ରଦାୟକ ଛୋଟ ଶିଶୁ କିମ୍ବା ପ୍ରାଣପ୍ରାଚୁର୍ଯ୍ୟ-ଭରା ଚପଳମତି କିଶୋରକୁ ଦେଖିଲେ ମନଭିତରୁ କେତେ ଦୁଃଖ ଓ ଅବସାଦ ଡଷ୍ଟର, ବ୍ଲୋଟିଂପେପର କିମ୍ବା ସକ ଆବର୍ଜ୍ଜବର ରୂପେ ସବୁ ସହି ହୋଇଯାଏ ନିକି ? ମାତ୍ର ଏମାନେ ଯଦି ସୁସ୍ଥ ଓ ଉନ୍ନତ ବ୍ୟବହାର ଓ ବାତାବରଣରେ ସମୃଦ୍ଧ ନ ହୁଅନ୍ତି କିମ୍ବା ଗୋଟିଏ ପୁଷ୍ପ ପରି ପୂର୍ଣ୍ଣ ବିକଶିତ ନ ହୁଅନ୍ତି ତେବେ ଆମକୁ ଶାନ୍ତି କି ଆନନ୍ଦ ପରିବର୍ତ୍ତେ ଦୁଃଖ ଲାଗିବା ସ୍ୱାଭାବିକ ।

ଗୋଟିଏ ଅସ୍ଥିକଙ୍କାଳ ସାର ଗ୍ରାରିମାସର କୁନି ପୁଅଟିଏ କିମ୍ବା ପାଞ୍ଚବର୍ଷର ଝିଅଟିଏ, ଶୋଷା ମୁହଁ, ଫୁଲ ଫୁଲ ବାଳ, ପେଟ ଓ ଗୋଡ଼ ଫୁଲିଛି । ସେ ଝିଅଟିର ଦେହରେ ଛିଣ୍ଡା ଫ୍ରକ ବି ପ୍ୟାଣ୍ଟ ଦେଖିଲେ କ୍ଲାନ୍ତ ଶ୍ରାନ୍ତ ମନ ହାଲୁକା ହେବା ପରିବର୍ତ୍ତେ କରୁଣାସିକ୍ତ ହୋଇ ଦୟା ଜାତ ହୁଏ । ଆହା ଏ କି ଅବସ୍ଥା ? ଶିଶୁ କହିଲେ ଆମେ ଜନ୍ମ ପରଠାରୁ ପାଞ୍ଚ ବର୍ଷର ପିଲାମାନଙ୍କୁ ବୁଝିଥାଉଁ । ଏହି ପ୍ରଥମ ପାଞ୍ଚ ବର୍ଷ ଏବଂ ସର୍ବୋପରି ଏଥିରୁ ପ୍ରଥମ ବର୍ଷଟି ଶିଶୁର ବିକାଶପାଇଁ ପ୍ରକୃଷ୍ଟ କ୍ଷେତ୍ର ହୋଇଥାଏ । ଏହି ସମୟରେ ଶିଶୁର ଶାରୀରିକ, ମାନସିକ ଓ ସାମାଜିକ ସ୍ଥିତି ଆସ୍ତେ ଆସ୍ତେ ସ୍ଥିର ଉନ୍ନତ ହେବା ପାଇଁ ମୂଳଭିତ୍ତି ସ୍ଥାପିତ ହୋଇଥାଏ ।

ମାତ୍ର ଏଥି ପୂର୍ବରୁ ଗର୍ଭସ୍ଥ ଶିଶୁର ବିକାଶ ପାଇଁ ଆମକୁ ନଜର ଦେବାକୁ ପଡ଼ିବ । ଉପଯୁକ୍ତ ପରିବେଶ ନ ପାଇଲେ ଗଛଟିଏ ବା ମଞ୍ଜିଟିଏ ଭଲ ଗଛ ହୋଇପାରେ ନାହିଁ । ସେହିଭଳି ମା' ପେଟରେ ଥିବା ଶିଶୁ ପାଇଁ ମା'ର ଉପଯୁକ୍ତ ଖାଦ୍ୟ, ଆବଶ୍ୟକୀୟ ଆଳସ୍ୟବିହୀନ କର୍ମ ଦକ୍ଷତା ତଥା ମାନସିକ, ଶାରୀରିକ ଓ ସାମାଜିକ ସ୍ୱାସ୍ଥ୍ୟର ଉପାଦେୟତା ରହିଛି । ଏଥି-ପାଇଁ ଖାଦ୍ୟ ଓ ବସ୍ତ୍ର ଭଳି ଧନୁଷ୍ଟଙ୍କାର ପ୍ରତିଷେଧକ ଟୀକା ଗର୍ଭା-ବସ୍ଥାରେ ଦେବାର ପ୍ରୟୋଜନ ରହିଛି । ଯେମିତି ଆମେ ବିହନ ବୁଣିବା ସମୟରେ ଓ ତା' ପୂର୍ବରୁ ବିହନରେ ପୋକମରା ଔଷଧ ଓ ମାଟିରେ ମାଟି ଔଷଧ ମିଶାଇ ମାଟିକୁ କର୍ଷଣ କରି ଶିଶୁ ଗଛଟିକୁ କେତେକ ରୋଗ ଦାଉରୁ ରକ୍ଷା କରିପାରୁଛେ । ଏହି ଧନୁଷ୍ଟଙ୍କାର ପ୍ରତିଷେଧକ ଟୀକା ଗର୍ଭାବସ୍ଥାରେ ୫ମାସରୁ ୯ମାସ ଭିତରେ ଏକ ଏକ ମାସ ବ୍ୟବଧାନରେ ଦୁଇଟି ମାତ୍ରାରେ ଓ ପରବର୍ତ୍ତୀ ଗର୍ଭଗୁଡ଼ିକରେ ଗୋଟିଏ ଲେଖାଏଁ ମାତ୍ରା ଦେଲେ ଯଥେଷ୍ଟ । ଏହା ଗର୍ଭସ୍ଥ ଶିଶୁକୁ ପ୍ରସବକାଳୀନ ନାଭିଛେଦନ କ୍ଷତ ଓ ମା'ର ପ୍ରସବ ସମୟର କ୍ଷତରୁ ସଂକ୍ରମିତ ହେଉଥିବା ଧନୁଷ୍ଟଙ୍କାର ରୋଗରୁ ରକ୍ଷା କରିଥାଏ । ଜନ୍ମ ହେଲାପରେ ଉପଯୁକ୍ତ ସ୍ନାନ, ତୈଳ ମର୍ଦ୍ଦନ ଓ ଖାଦ୍ୟ ପ୍ରତି ଯତ୍ନ ନେବାକୁ ହେବ । ପିଲାପାଇଁ ଭଲ ସଫା କନାରୁ ସଦ୍ୟ ସଜେଇ ପୋଷାକ ଓ ମାଆ କ୍ଷୀର

ଯେଉଁକି ପ୍ରଚୁର ହେବ ଓ ପିଲ ଭଲଭାବରେ ମାଆ କ୍ଷୀର ଖାଇ-ପାରିବ ତାହା ଦେଖିବା ଉଚିତ। ଏଠାରେ ମନେ ରଖିବାକୁ ହେବ ଯେ, ମାଆର କ୍ଷୀରରେ ଥିବା କଲୋଷ୍ଟ୍ରମ ପିଲ ମାଆ ପେଟରେ ଥିବାବେଳେ ପିଇଥିବା ଦୂଷିତ ପଦାର୍ଥସବୁକୁ ବାହାର କରିଦେବା ପାଇଁ ଏକୁଟିଆ ସମର୍ଥ—ଅନ୍ୟ କୌଣସି ଔଷଧ ନାହିଁ। ପୁଣି ମାଆ ପିଲଟିକୁ କ୍ଷୀର ଦେବା ଦ୍ୱାରା ତା'ର ମାତୃତ୍ୱର ସ୍ନେହ ମନେକରେ ଓ ପିଲଟି ତାକୁହିଁ ଆଦରି ନିଏ। ଏହା ମାନସିକ, ଶାରୀରିକ ଓ ସାମାଜିକ ସ୍ୱାସ୍ଥ୍ୟର ପ୍ରଥମ ଭିତ୍ତି-ଭୂମି। ଆଉ ବାପ ! ସେତ ଏ ନାଟକର ନିର୍ଦ୍ଦେଶକ, ଯେ କି ବେଳ ପଡ଼ିଲେ ମା'ର ଭୂମିକା (Proxy) ନେଇପାରେ, କେବଳ ସ୍ତନ୍ୟ ଦାନକୁ ଛାଡ଼ି ! ଏ ପିଲଟି ପାଇଁ ଓ ମା' ପାଇଁ ଆବଶ୍ୟକୀୟ ବିଶ୍ୱାସମୂଳକ ଉପାଦାନ ଯୋଗାଇବାରେ ସେହିଁ ବହୁବିଧ କର୍ମୀ (Multipurpose worker) ହୋଇଥାଏ।

ଗର୍ଭ ସମୟରେ ଡାକ୍ତରୀ ପରୀକ୍ଷା କରାଇନେବା ଏକାନ୍ତ ବାଞ୍ଛନୀୟ। ପ୍ରତି ମାସରେ ନିହାତି ପକ୍ଷରେ ଗର୍ଭସ୍ଥ ଶିଶୁ ଓ ମା'ର ସ୍ୱାସ୍ଥ୍ୟ ପରୀକ୍ଷା କରିବାପାଇଁ ବିବିଧ ବୈଜ୍ଞାନିକ ପ୍ରଣାଳୀ ରହିଛି। ମା'ର ଓଜନ ପ୍ରତିମାସରେ ନିଆଯିବ ଏବଂ ୪।୬ ମାସ ଗର୍ଭ ପରଠାରୁ ଲୌହ ବଟିକା ବା (Folifer Large) ଦିନକୁ ଗୋଟିଏ ଲେଖାଏଁ ଏମିତି ୧୦୦ ଦିନ ଖାଇବା ପାଇଁ ସରକାରଙ୍କ ତରଫରୁ ଦିଆଯାଉଛି। ସୁଖଦ ପ୍ରସବ ପାଇଁ ଆବଶ୍ୟକୀୟ ଚିକିତ୍ସା ମଧ୍ୟ କରାଇବା ଦରକାର। ଏଥିପାଇଁ ଗ୍ରାମ୍ୟ ଟ୍ରେନିଂ ପ୍ରାପ୍ତ ଧାଇ (Traditional Birth Attendant) ସହାୟିକା ନର୍ସ (A. N. M.) ଓ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା (L. H. V.) ତଥା ଡାକ୍ତରଖାନାମାନ ଗ୍ରାମାଞ୍ଚଳରେ ଅଛି। ଜନ୍ମ ସମୟରେ ଆବଶ୍ୟକୀୟ ଯତ୍ନ ଓ ନିରାପଦ ପ୍ରସବ ବ୍ୟବସ୍ଥା ଶିଶୁସ୍ୱାସ୍ଥ୍ୟରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥାଏ।

ଶିଶୁଟି ଜନ୍ମହେବା ସମୟରେ ତା'ର ମୁଣ୍ଡଟି ସାରା ଦେହଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ। କାରଣ ଏଇଟି ଏକ ମଣିଷ, ଯେକି ପ୍ରାଣୀ ଜଗତର ସର୍ବଶ୍ରେଷ୍ଠ ସୁନ୍ଦର ଓ ବୁଦ୍ଧିମାନ ଜୀବ, ତା'ର ମୁଣ୍ଡ ବା ମସ୍ତିଷ୍କଟିକୁ ସାନ କରି ସେଥିରେ ସବୁ ବୁଦ୍ଧି ବିବେକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରମାନ ଖଞ୍ଜିହୋଇ ପାରିବନାହିଁ। ଏତେ ବଡ଼ ମୂଲ୍ୟବାନ ଯନ୍ତ୍ର—ମସ୍ତିଷ୍କକୁ ବଡ଼ ଆକାରରେ ତିଆରି କରିବା ବୋଧେ ସଂଭବ। ପିଲ ବଡ଼ ହେଲେ ତାହା ଆସ୍ତେ ଆସ୍ତେ ଦେହ ତୁଳନାରେ ଛୋଟ ହୁଏ, ହାତ ଓ ଗୋଡ଼ ଲମ୍ବା ହୁଏ।

ସ୍ନେହ, ସହିଷ୍ଣୁତା ଓ ଶାନ୍ତିର ପ୍ରତୀକ ଏହି ଦେବ ଶିଶୁ ବାପ ଓ ମା'ଙ୍କ ମଧ୍ୟରେ ସେତୁଭଳି ଏବଂ ସେମାନଙ୍କର ଗୃହସ୍ଥ ଜୀବନର ସାର୍ଥକତାର ଜୀବନ୍ତ ମୂର୍ତ୍ତିମନ୍ତ ଅବତାର। ତା'ଠାରୁ ଏମାନେ କର୍ମ ପ୍ରେରଣା ପାଇବେ, ସ୍ନେହ ଦେବେ। ନିଜର ଶ୍ରାନ୍ତକ୍ଳାନ୍ତ ମନର ବୋଝ ତାର ଟିକି ମୁହଁ, ଗୋଡ଼, ହାତ ଓ ଗାଲରେ ଲଦିହୋଇ, ବିରାମରେ ଆରାମ ସହ "ରାମଙ୍କୁ" ପାଇବେ।

ଶିଶୁ ଜନ୍ମ ହେବାର ୩ ମାସଠାରୁ ୯ ମାସ ଭିତରେ ତା'ର ଜନ୍ମଗତ ପ୍ରକୃତିଗତ ବିକାଶ ଗାଙ୍କକୁ କେତେକ ପ୍ରାକୃତଗତ ରୋଗ ତାକୁ ଆକ୍ରମଣ କରିଥାନ୍ତି ଏବଂ ବହୁତ ଶିଶୁ ଏହିସବୁ ରୋଗରେ ପଡ଼ି ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ୩ ମାସରୁ ୯ ମାସ ଭିତରେ ଯକ୍ଷ୍ମା, ପୋଲିଓ, ଡିପ୍‌ଥେରିଆ (କଣ୍ଠଆଳତୀ) ହୁପିଙ୍ଗ୍ କାଶ (ଲଟା ବା ଭହରା କାଶ), ଧନୁଷ୍ଟଙ୍କାର ଏବଂ ୯ ମାସରୁ ୧୨ ମାସ ଭିତରେ ମଳିମିଳା (Measles) ରୋଗ ପାଇଁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା ଅଛି। ବାପ ଓ ମା' ହିସାବରେ ଏହି ଭୟାନକ ରୋଗଗୁଡ଼ିକ ଦାଉରୁ ରକ୍ଷା କରିବା ପାଇଁ ଶିଶୁଟିକୁ ୩ ମାସରୁ ୯ ମାସ ଭିତରେ ଯକ୍ଷ୍ମା ପାଇଁ ବି. ସି. ଜି. (B. C. G.) ପୋଲିଓ ଓ ଡି. ପି. ଟି. (D. P. T.) ଟୀକା ତଥା ୯ ମାସରୁ ୧ ବର୍ଷ ଭିତରେ ମିଳିମିଳା ଟୀକା ଦେବା ଉଚିତ। ଏଥିପାଇଁ ବାପା କିମ୍ବା ମା'ଙ୍କର ଠିକ ସମୟରେ ପିଲଟିକୁ ଟୀକା ଦାନ କେନ୍ଦ୍ର ବା ସ୍ଥାନରେ ପହଞ୍ଚାଇବା ଦରକାର। ଏହା ଆମ ଦେଶରେ ବର୍ତ୍ତମାନ ବିଶ୍ୱ ଶିଶୁ କଲ୍ୟାଣ ପାଣ୍ଠି ତରଫରୁ ସାର୍ବଜନୀନ ରୋଗ ପ୍ରତିଷେଧକ ଟୀକା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳ ପିଲମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜରିଆରେ ଏବଂ ସହରାଞ୍ଚଳରେ ପ୍ରସବୋତ୍ତର ସେବା କେନ୍ଦ୍ର (Post Partum Centre) ଜରିଆରେ ଯୋଗାଇ ଦିଆଯାଉଛି। (B. C. G.) ବା ଯକ୍ଷ୍ମା ନିରୋଧକ ଟୀକା ଜନ୍ମ ପରେ ପରେ ଦେଇହେବ କିମ୍ବା ୩ ମାସରୁ ବର୍ଷକ ମଧ୍ୟରେ ଦେଇ ହେବ। ଏହା କେବଳ ଗୋଟିଏ ମାତ୍ର। ପୋଲିଓ ଟୀକା ପାଟିବାଟେ ଠୋପା ଆକାରରେ ଶିଶୁକୁ ଖାଇବାକୁ ଦିଆଯାଏ ଓ (D. P. T.) ଇଂଜେକସନ ଆକାରରେ ଏକ ଏକ ମାସ ବ୍ୟବଧାନରେ ଦିଆଯାଏ। ସେହିପରି ମିଳିମିଳା ରୋଗପାଇଁ ନଅ ମାସରୁ ୧ ବର୍ଷ ଭିତରେ ଗୋଟିଏ ଟିକା ଯଥେଷ୍ଟ।

ଏବେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଅଙ୍ଗନବାଡ଼ିମାନଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଗୋଷ୍ଠୀ ଉନ୍ନୟନ ବିଭାଗର ସମ୍ମିଳିତ ଦାୟିତ୍ୱରେ ଅଙ୍ଗନବାଡ଼ି ମହିଳା କର୍ମୀ ଓ ସ୍ୱାସ୍ଥ୍ୟ ସହାୟିକାମାନଙ୍କ ଦ୍ୱାରା ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଚାଲିଛି। ଏହା କେତେକ (I. C. D. C.) ବ୍ଲକ ପାଇଁ ପ୍ରଯୁଜ୍ୟ। ଏଠାରେ ପିଲର ସନ୍ତୁଳନ ପାଳନ ଖାଦ୍ୟ ତଥା ଅନ୍ୟାନ୍ୟ ଯତ୍ନ ନିଆଯାଇ ଖେଳ ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। କ୍ରେଚ୍ ଗୁଡ଼ିକ ଛୋଟ ପିଲମାନଙ୍କପାଇଁ ଓ ବାଲ୍ ବାଡ଼ି ତଥା ଅଙ୍ଗନବାଡ଼ି ଅପେକ୍ଷାକୃତ ବଡ଼ ପିଲମାନଙ୍କ ପାଇଁ ଉଦ୍ଦିଷ୍ଟ। ବାପ ଓ ମା' ଶ୍ରମିକ ଶ୍ରେଣୀର ହୋଇଥିଲେ ସେ ଏଇଠି ନିଜ ପିଲଙ୍କୁ ଛାଡ଼ିଦେଇ ପାରନ୍ତି ଓ କାମରୁ ଫେରି ତାଙ୍କ ପିଲକୁ ଘରକୁ ନେଇ ପାରନ୍ତି। ନିଜ ଘରେ ଉପଯୁକ୍ତ ଶିଶୁ ବିକାଶ ପାଇଁ ବାତାବରଣ ଅଭାବ ହେଲେ ସେ ଏଠିକୁ ନିଜ ପିଲ ଆଣିବେ ତାହା ନୁହେଁ, ବରଂ ତାର ଶାରୀରିକ ମାନସିକ ଓ ସର୍ବାପେକ୍ଷା ସାମାଜିକ ସ୍ୱାସ୍ଥ୍ୟ ପାଇଁ ଗୋଷ୍ଠୀ ଜୀବନର ଆବଶ୍ୟକତାକୁ ଆମେ ଉପଲବ୍ଧି କରି ତାକୁ ଏଥିରେ ସ୍ୱୟଂ ଭାଗୀଦାର କରାଇବାର ବ୍ୟବସ୍ଥା ଶିକ୍ଷା ଦେବା ଦରକାର।

ତିନିମାସରୁ ମା'ର କ୍ଷୀର ବ୍ୟତୀତ ଆସ୍ତେ ଆସ୍ତେ ଚୁଡ଼ା ମଣ୍ଡ, ଭାତମଣ୍ଡ ଓ ସିଝା ପରିବାର ଝୋଳ ଓ ପନିପରିବା ଇତ୍ୟାଦି ନରମ ପିଠା ଓ ପତଳା କ୍ଷୀରି ଖୁଆଇ ଶିଖାଇବା ଦରକାର। ଟିକିଏ ବଡ଼ ହେଲେ ସେ ଆମ ସାଙ୍ଗରେ ବସି ଥାଳିରେ ଜିଦ୍‌ବାରେ ତା'ର ଦୁଇ ହାତ ପୂରାଇ ଖାଉ। ଦୁଃଖ ପଛକେ, ମାତ୍ର ଖାଉ ଶିଶୁ। ତାର ହାତ ଖାଇବା ପୂର୍ବରୁ ଧୋଇବା

ଦରକାର । ପରେ ମଧ୍ୟ ନଖ ଠିକ ସମୟରେ କାଟିବା ଦରକାର । କନାଖଣ୍ଡିକ କି ଶାର୍ଟ କିମ୍ବା ପ୍ୟାଣ୍ଟ ସଫା ସୁତୁରା ରଖିବେ । କେତେକ ଚର୍ମଗତ ସଂକ୍ରାମକ ରୋଗରୁ ପିଲାମାନଙ୍କୁ ରକ୍ଷା କରିବା ପାଇଁ ମା ଓ ବାପମାନେ ତଥା ଭାଇ ଭଉଣୀମାନେ ମଧ୍ୟ ସଫା ସୁତୁରା ରହିବା ଓ ତାକୁ କୋଳେଇ କାଖେଇ ଥିବା ଲୋକମାନେ ମଧ୍ୟ ଏଭଳି ଚର୍ମଗତ ରୋଗରୁ ମୁକ୍ତ ହେବା ବାଞ୍ଛନୀୟ । ନଅ ମାସ ପରେ ଆସ୍ତେ ଆସ୍ତେ କ୍ଷୀର ଛଡ଼ାଇ ତାକୁ ଅପେକ୍ଷାକୃତ ଟାଣ ଜିନିଷ ଯଥା ଭାତ, ଡ଼ାଲି, ବାଇଗଣ ଚଟଣୀ ଚକଟି ଚକଟି ଖୁଆଇବେ, ଅଳ୍ପ ଖୁଆଇବା ଓ ବେଶି ଖୁଆଇବା ଉଭୟ ହାନୀ କାରକ । କୃତ୍ରିମ ଗୁଣ୍ଡ ଦୁଧ ପିଇଦିନେ ମା କ୍ଷୀରର ସ୍ୱଳ୍ପତାରେ ଦିଆଯାଇ ପାରେ । ଆବଶ୍ୟକ ପାଣିର ପରିମାଣ ତାପାଇଁ ଦେବାକୁ ହେବ । ତା' ଛଡ଼ା ଆଦର ଓ ଯତ୍ନ ତ ଅଛି ।

ତା'ର ମାନସିକ ସ୍ୱାସ୍ଥ୍ୟର ବିକାଶ ପାଇଁ ଓ ଶାରୀରିକ ଅଭିବୃଦ୍ଧି ପାଇଁ ଖେଳଣା ଓ ତା' ପରି କୁନି ଛୁଆ ଯଦି ବା ମିଳନ୍ତି ଅତି ସୁନ୍ଦର ପରିବେଶ ସୃଷ୍ଟି କରିଥାନ୍ତି । ଗୋଷ୍ଠୀ ଭିତରେ ପ୍ରତିଦ୍ୱନ୍ଦିତା ଶିଖି ସେ ବଡ଼ଦିନର ଜୀବନ ପାଇଁ ଆବଶ୍ୟକୀୟ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ସଂଗ୍ରହ କରେ ।

ମଣିଷପିଲାର ଲାଳନ ପାଳନ ଜୀବନଗତରେ ଅନ୍ୟାନ୍ୟ ଶିଶୁମାନଙ୍କ ଅପେକ୍ଷା ବହୁତ କଷ୍ଟକର । ଅନ୍ୟ କୌଣସି ସ୍ତନ୍ୟ-ପାୟୀ ପ୍ରାଣୀମାନଙ୍କର ଶିଶୁମାନେ ଜନ୍ମହେଲେ ସ୍ୱୟଂ ଚାଲିବା ଓ ଖାଦ୍ୟ ଖାଇବା ପ୍ରାକୃତିକ ସୃଷ୍ଟିରେ ବୈଚିତ୍ର୍ୟ । ମାତ୍ର ଏଡ଼େ ବୁଦ୍ଧିଆ, ଏଇ ମଣିଷ ତା'ର ଛୁଆକୁ କେତେ ଯତ୍ନ ଦରକାର । ଜନ୍ମହେଲେ ସେ କିଛିଦିନ ପରେ ପେଟେଇବା ଠାରୁ ଗୁରୁଣ୍ଡି ଗୁରୁଣ୍ଡି ଠିଆ ଠିଆ ହୋଇ ଚାଲି ଶିଖିବ ଓ ଖାଇ ଶିଖିବ । କଥା କହି ଶିଖିବ । ଏଗୁଡ଼ିକ ତା' ଜୀବନର ମାଇଲ ଖୁଣ୍ଟି (Mile Stone) । ଏହାର ପୂର୍ଣ୍ଣ ବିକାଶରେ ଶିଶୁ ଜୀବନର ପୂର୍ଣ୍ଣାଙ୍ଗତା । ସେ ହେଉଛି ଗୋଟିଏ ଛୋଟ ମଣିଷର କୁନି ସଂସ୍କରଣ । ଛୋଟିଆ ଜୀବଟିଏ ମାତ୍ର ସବୁ ଅଛି ସେଥିରେ । "୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ତା'ର ବିକାଶ ପାଇଁ ପାରିବାରିକ ପରିବେଶ, ସମାଜ ଓ ବାପମାଙ୍କର ଆର୍ଥିକ ଅବସ୍ଥା ବିଶ୍ୱରକୁ ନେଇ ସବୁ କାର୍ଯ୍ୟକ୍ରମ କରିବା ସମ୍ଭବ ନହେଲେ ମଧ୍ୟ, ଏ ଦିଗରେ ଯତ୍ନଶୀଳ ହେବା ବାପମାଙ୍କର ପ୍ରଧାନ ଦାୟିତ୍ୱ । ଶିଶୁ ଜନ୍ମରେ ଯଥେଷ୍ଟ ବ୍ୟବଧାନ ଓ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସୀମିତ ରଖିବା ମଧ୍ୟ ବାପମାଙ୍କର ଦାୟିତ୍ୱ । ଏହା ମାର ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ଶିଶୁ ଅବସ୍ଥାରେ ତରଳ ଝାଡ଼ା ରୋଗ ଏକ ମାରାତ୍ମକ ବ୍ୟାଧି । ଏହି ସମୟରେ ଉପଯୁକ୍ତ ଚିକିତ୍ସା ପୂର୍ବରୁ ପାଟିବାଟେ ତାକୁ ଚିନି, ଲୁଣ ଓ ଲେମ୍ବୁ ପାଣି ପିଇବାକୁ ଦେବା ଦରକାର । ଏହାକୁ ଘରେ ତିଆରି କରିବା ସହଜ । ଏକ ଗ୍ଲାସ ଫୁଟାଥଣ୍ଡା ପାଣିରେ ଚିମୁଟାଏ ଲୁଣ ଓ ଚୋଷାଏ ହେବ ଚିନି ଓ ଟିକିଏ ଲେମ୍ବୁରସ ଦେଲେ ଏହି ଦ୍ରବଣ ପ୍ରସ୍ତୁତ ହୁଏ । ଏହାକୁ ଓରାଲ ରିହାଇଡ୍ରେସନ ଥେରପି କହନ୍ତି ।

ଶିଶୁର ସାମୂହିକ ବିକାଶ ଦେଶର ବିକାଶରେ ଏକ ପ୍ରଥମ ସଫଳତା । ଆମ ଦେଶରେ ବିଂଶସୂତ୍ରୀ କାର୍ଯ୍ୟକ୍ରମାନୁଯାୟୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମରୁ ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିରେ ଦାୟିତ୍ୱସଂପନ୍ନ ପିତାମାତାଙ୍କର ସହଯୋଗ ନିଜ ପିଲାଙ୍କ ମଙ୍ଗଳ ସାଧନ ପାଇଁ ବାଟ ଫିଟାଇବ । ମା ଓ ବାପାଙ୍କର ଭୂମିକା ପରି ସରକାରଙ୍କର ମଧ୍ୟ ଏହି ଅମୂଲ୍ୟ ଶିଶୁ ସଂପଦର ବିକାଶ ପାଇଁ ଗୁରୁତ୍ୱଦାୟିତ୍ୱ ଅଛି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ମୀମାନଙ୍କ ସହ, ଡ଼ାକ୍ତରଙ୍କ ସହ ପରାମର୍ଶ କରି ବିଭିନ୍ନ କାର୍ଯ୍ୟକ୍ରମରେ ଆମେ ଭାଗୀଦାର/ଅଂଶୀଦାର ହୋଇ ଏ ଶିଶୁ ସଂପଦର ବିକାଶ ପାଇଁ ଆସନ୍ତୁ ଏକ ପ୍ରକୃଷ୍ଟ ପରିବେଷ୍ଟନୀ ଗଢ଼ି ତୋଳିବା ।

ଡ଼ମପଡ଼ା, ବାଙ୍କୀ



# କନିକା ବନ୍ଧୁ ଗୋପବନ୍ଧୁ

ଶ୍ରୀ ପ୍ରଫୁଲ୍ଲ ଦା

"ପୂଜ୍ୟପାଦ୍ ଗୋପବନ୍ଧୁ ଦାସ-ଦେଶନାୟକ
ଲକ୍ଷ ଲକ୍ଷ ଦୀନ ହୀନ-ଲୋକ ଶାନ୍ତି ଦାୟକ,
ଦେବଦୂତ! ଜାତିସୂତ! କର୍ମପୂତ! ବୀରହେ,
ଶକ୍ତିଯୁକ୍ତ, ଭୀତିମୁକ୍ତ; ଦେଶଭକ୍ତ! ଧୀର ହେ,
ଉତ୍କଳେଶ୍ୱ, ଲୋକକଣ୍ଠେ ନିଗତାହି ଭାରତୀ
ଗୋପବନ୍ଧୁ ତୁମେ ଜାତି ନନ୍ଦିଘୋଷ ସାରଥୀ" ॥

'ସମାଜର' ବିଶେଷାଙ୍କରେ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମାଙ୍କ ଦ୍ୱାରା ରଚିତ ଉପରୋକ୍ତ ମାର୍ଚ୍ଚିଙ୍ଗ୍ ସଙ୍ଗୀତରେ ଝଂକୃତ ହେଉଥିଲା କନିକାର ମେଘପୁର ଗ୍ରାମ, ଅର୍ଦ୍ଧସାମରିକ ପୋଷାକରେ ସୁସଜ୍ଜିତ ସାର୍ଦ୍ଧ ଏକ ସହସ୍ର କିଶୋର କିଶୋରୀଙ୍କ କଣ୍ଠ ନିସୃତ ସେହି ମାର୍ଚ୍ଚିଙ୍ଗ୍ ସଂଗୀତର ତାଳେ ତାଳେ ବାଜୁଥାଏ ଡ୍ରମ୍ ଓ ବିଗୁଲ୍ ଏବଂ ଶୁଭୁଥାଏ ଲେଫ୍ଟ୍ ରାଇଟ୍-ଲେଫ୍ଟ-ରାଇଟ୍। ଉପଲକ୍ଷଟି ଥିଲା ଉତ୍କଳମଣୀଙ୍କର ଏକ ଅବକ୍ଷ ପ୍ରତିମୂର୍ତ୍ତିର ଉନ୍ମୋଚନ ଉତ୍ସବ।

* * * *

ଅସହଯୋଗ ଆନ୍ଦୋଳନ ଯୁଗରେ ସଂଘଟିତ କନିକା ପ୍ରଜା ବିଦ୍ରୋହ ସହ ଉତ୍କଳମଣିଙ୍କର ସମ୍ବନ୍ଧ ଥିଲା ଅତିଶୟ ନିବିଡ଼ ଏବଂ ତାହାର ରାଜନୈତିକ ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଗାନ୍ଧିଜୀଙ୍କର ଅହିଂସ ସତ୍ୟାଗ୍ରହ ଆନ୍ଦୋଳନର ଓଡ଼ିଶାରେ ପ୍ରଥମ ପ୍ରୟୋଗ କ୍ଷେତ୍ର ହେଲା କନିକା। ପ୍ରଥମ ବଳିଦାନ କ୍ଷେତ୍ର ହେଲା କନିକା ଏବଂ ଓଡ଼ିଶାରେ ଗାନ୍ଧୀ ଆନ୍ଦୋଳନର ପ୍ରଥମ ଶହୀଦ ହେବାର ଗୌରବ ଅର୍ଜନ କରିଥିଲେ କନିକାର ଦୁଇଟି ବରପୁତ୍ର—ବାସୁ ସେଠି ଓ ବିସୁନି ମହାନ୍ତ। ସଂକ୍ଷେପରେ ବାସୁ-ବିସୁନି। ଗୋପବନ୍ଧୁଙ୍କ ପ୍ରେରଣାରେ ୧୯୨୨ ମସିହାରେ ସଂଘଟିତ କନିକା ସେହି ଐତିହାସିକ ପ୍ରଜା ବିଦ୍ରୋହ 'କନିକା'କୁ ସ୍ୱାଧୀନତ ସଂଗ୍ରାମ ଇତିହାସରେ ପ୍ରଥମ ସ୍ଥାନ ଦେଇଥିବା କନିକାବାସୀ ଉତ୍କଳମଣିଙ୍କୁ ଶ୍ରଦ୍ଧାରେ 'କନିକାବନ୍ଧୁ ଗୋପବନ୍ଧୁ' ନାମରେ ସମ୍ବୋଧନ କରିବା ଅଯୌକ୍ତିକ ମ ହୁଏନା। ଜାତିର ଜନକ ଗାନ୍ଧିଜୀଙ୍କୁ ଯେମିତି ଗୁଜୁରାଟବାସ ଗୁଜୁରାଟର ଗର୍ବ ବୋଲି କହିଥାନ୍ତି।

କନିକା ସହ ଉତ୍କଳମଣିଙ୍କର ମାର୍ମିକ ସଂପର୍କ ଅନ୍ୟ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛି ଅମର କାବ 'ବନ୍ଦୀର ଆତ୍ମକଥା'। କନିକା ପ୍ରଜା ବିଦ୍ରୋହର ମୁଖ ପ୍ରେରଣା ଦାତା 'ଅଭିଯୋଗରେ ୧୯୨୨ ମସିହାରେ ଉତ୍କ ମଣିଙ୍କର ରାଜନୈତିକ ଜୀବନର ପ୍ରଥମ କାରାଦଣ୍ଡ ହୁଏ—

'ଏଠା ବାହାଦୁର ବଡ଼ ପରଚଣ୍ଡ
ତାଙ୍କ ଦୟାରେ ମୋ ଆଦ୍ୟ କାରାଦଣ୍ଡ'

ହଜାରୀବାଗ ବନ୍ଦୀଶାଳାରେ କାରାରୁଦ୍ଧ ଗୋପବନ୍ଧୁ ବୈପ୍ଳବିକ ଲେଖନୀରୁ ଝରିପଡ଼େ କାଳଜୟୀ କାବ୍ୟ 'ବନ୍ଦୀ ଆତ୍ମକଥା'। କନିକା ଜମିଦାରଙ୍କ ଲୋମହର୍ଷଣକାର ଅତ୍ୟାଚାର, ଶୋଷଣ, ବେଠି, ବେକାରୀ ବିଶେଷତଃ ପ୍ରଜ ବିଦ୍ରୋହରେ ବାସୁ-ବିସୁନି'ଙ୍କ ଆତ୍ମତ୍ୟାଗ ତାଙ୍କର କୋମ ହୃଦୟକୁ ଏଭଳି ଭାବରେ ଆଲୋଡ଼ିତ କରି ଦେଇଥି ଏବଂ ଦୁଃଖିନୀ କନିକା ମା'ର ଆର୍ତ୍ତ ଚିତ୍କାର ତାଙ୍କ ଏଭଳି ଭାବରେ ବିଚଳିତ କରି ଦେଇଥିଲା ଯେ 'ବନ୍ଦୀ ର ଆତ୍ମକଥା' ର ସର୍ବାଧିକ ସ୍ଥାନ 'ଦୁଃଖିନୀ କନିକା' ଅଧିକାର କରିଅଛି। ଏହା ଅତିଶୟ ସ୍ୱାଭାବିକ ଥିଲା। 'ବନ୍ଦୀର ଆତ୍ମକଥା' ଲୋକଲୋଚନକୁ ଆସିବାର ବହୁପୂର୍ବ

ଏହା ତାଙ୍କର ସହକର୍ମୀମାନେ ବୋଧହୁଏ ବୁଝି ପାରିଥିଲେ କାରାବାସର ଏକ ବର୍ଷ ପୂର୍ଣ୍ଣ ହେଉଥିବା ଅବକାଶରେ ୧୯୨୩ ଜୁନ୍ ମାସ ୨୭ ତାରିଖ 'ସମାଜ'ର 'ଗୋପବନ୍ଧୁ ବିଶେଷାଙ୍କ' ରେ ତତ୍କାଳୀନ 'ସମାଜ' ସଂପାଦକ ଆଚାର୍ଯ୍ୟ ହରିହର ଯଥାର୍ଥରେ ଲେଖିଥିଲେ—'ଜେଲଖାନାରେ ପଣ୍ଡିତ ଗୋପବନ୍ଧୁ ଶରୀରରେ ସୁସ୍ଥ ଅଛନ୍ତି ସତ୍ୟ କିନ୍ତୁ କନିକା ଦୁର୍ଘଟଣା (ଗୁଳିକାଣ୍ଡ) ତାଙ୍କ ମନରେ ଗଭୀର ପୀଡ଼ା ଦେଉଅଛି ।

ହଜାରୀବାଗ ଜେଲକୁ ଯିବା ବାଟରେ ଭଦ୍ରକ୍ ରେଲ୍-ଷ୍ଟେସନରେ ତାଙ୍କର ମନେ ପଡ଼େ ଦୁଃଖିନୀ କନିକା । ଦରଦୀ କବି ଭାବନ୍ତି—ମୁଁ ଯଦି ପକ୍ଷୀଟିଏ ହୋଇଥାନ୍ତି ଉଡ଼ିଯାନ୍ତି କନିକା । ପ୍ରଜାଙ୍କୁ ତା'ର ରିକ୍ତ ଭଙ୍ଗା ଘରେ ଦେଖି ଆସନ୍ତି । ତା'ର ପିଠିକୁ ଆଉଁସି ଦେଇ ପ୍ରାଣରେ ପାଆନ୍ତି ଆଶ୍ୱାସନା , କନିକା ଅତ୍ୟାଚାରରେ ବିଚଳିତ ଗୋପବନ୍ଧୁ କଳ୍ପନା 'ରାଜ୍ୟ' ରେ ଦେଖି ଯାଆନ୍ତି ସେ 'ଦାରୁଣ ଦୃଶ୍ୟ' । ଯମଦୂତ ଭଳି କ୍ରୁର ରାଜଥାଟ ପ୍ରଜାର ଘରବାଡ଼ି ଲୁଟି କରିବା, ଗୁପ୍ତୀ ବା ବେତ୍ରାଘାତରେ କ୍ଷତ ବିକ୍ଷତ କରିବା ଏବଂ ଘୋର ଆକ୍ରମଣରେ କୁଳାଙ୍ଗନା ବିକଳରେ ରୋଦନ କରିବା ଦରଦୀ କବି ନୟନରୁକୁ କରିଦିଏ ଲୋତକାର୍ଦ୍ର । ଶହୀଦ ବା ବାସୁ-ବିସୁନିଙ୍କ ଆତ୍ମହତ୍ୟାରେ କନିକାରେ ବିଦ୍ରୋହର ଲେଲିହାନ ଅଗ୍ନି ପ୍ରଜ୍ୱଳିତ ହେବାର ବର୍ଣ୍ଣନା କରି ଗୋପବନ୍ଧୁ ଲେଖନ୍ତି—

'କନିକାର ରାଜଧାନୀ ଚଉପାଶେ,
ପ୍ରେତଆତ୍ମା ଦେନି ଉଡ଼ଇ ଆକାଶେ ।
ବିନ୍ଦୁ ବିନ୍ଦୁ ରକ୍ତ ପଡ଼େ ତହିଁ ତଳେ,
ସେ ରକ୍ତୁ ଭୀଷଣ ଅଗ୍ନି ଶିଖା ଜଳେ ।
ସିଞ୍ଚି ସିଞ୍ଚି ଶୁଖେ ଗଙ୍ଗା ନଦୀ ଜଳ,
ନ ଲିଭି ପ୍ରବଳ ଜଳେ ସେ ଅନଳ ।

ଏଭଳି 'ବନ୍ଦୀର ଆତ୍ମକଥା'ର ଛତ୍ରେ ଛତ୍ରେ ଫୁଟି-ଉଠିଛି କନିକା ପ୍ରତି ଗୋପବନ୍ଧୁଙ୍କ ମାର୍ମିକ ସମବେଦନା, ଆଶ୍ୱାସନା ଏବଂ ଆଗ୍ନେୟ ଆହ୍ୱାନ!

ସେହି ଐତିହାସିକ ପ୍ରଜା ବିଦ୍ରୋହରେ ପ୍ରାଣ କେନ୍ଦ୍ରଥିଲା ଏକ ଅନାମଧେୟ ଗ୍ରାମ-ମେଘପୁର । ରାଜକନିକାଠାରୁ ମାତ୍ର ସାତ କିଲୋମିଟର ପୂର୍ବରେ ଅବସ୍ଥିତ ଗ୍ରାମଟି । ଗ୍ରାମର ଦକ୍ଷିଣ ଦିଗରେ ଅଧିଷ୍ଠାତା ଗ୍ରାମ ଦେବତୀ ବନ୍ଦୁ-ମହାକାଳୀ—ମେଳିଆ ପ୍ରଜାଙ୍କ ଆରାଧ୍ୟ ଦେବୀ ।

ବନ୍ଦୁ ମହାକାଳୀଙ୍କ ମଣ୍ଡପରେ ବସେ ପ୍ରଜାସଭା ପ୍ରତି ଶନିବାର ରାଜକର୍ମଚାରୀଙ୍କ ସୈନ୍ୟ ଦୃଷ୍ଟିର ଅନ୍ତରାଳରେ । ଠାକୁରାଣୀ ମନ୍ଦିରର ସମୀପରେ ଅବସ୍ଥିତ ମେଘପୁର ଗ୍ରାମ ପାଠଶାଳା । ସେ ଯୁଗର କେନ୍ଦ୍ରାପଡ଼ା ଲୋକାଲ ବୋର୍ଡ ଦ୍ୱାରା ପରିଚାଳିତ ସେହି କ୍ଷୁଦ୍ର ପାଠଶାଳାଟି କିନ୍ତୁ ଗୌରବା-ନ୍ୱିତ ହୁଏ କନିକାର ବିପ୍ଳବୀକବି 'ଦୁଃଖିନୀ କନିକା'ର ପ୍ରଣେତା ସ୍ୱର୍ଗତଃ ଆନନ୍ଦ ଚନ୍ଦ୍ର ଜେନାଙ୍କର ସାନ୍ନିଧ୍ୟ ଲାଭକରି । ଆନନ୍ଦ ଚନ୍ଦ୍ର ଏହିଠାରେ ଶିକ୍ଷକତା କରୁଥିବା ସମୟରେହିଁ ରଚନା କରନ୍ତି ଆଗ୍ନେୟକାବ୍ୟ 'ଦୁଃଖିନୀ କନିକା' ଯାହାକି ପରେ ବ୍ରିଟିଶ ସରକାର ଦ୍ୱାରା ବାଜ୍ୟାପ୍ତ ହୁଏ । ସୁତରାଂ କନିକାର ଇତିହାସରେ ପ୍ରସିଦ୍ଧି ଲାଭ କରିଥିବା ସେହି ପାଠ-ଶାଳା ପ୍ରାଙ୍ଗଣରେ 'ଦୁଃଖିନୀ କନିକା'ର ପ୍ରାଣବନ୍ଧୁ ଗୋପ-ବନ୍ଧୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଯେ ଅତିଶୟ ସ୍ୱାଭାବିକ ଏବଂ ଯଥାର୍ଥ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସେହି ନାତିଦୀର୍ଘ କାବ୍ୟରୁ ବୈପ୍ଳବିକ ପ୍ରେରଣା ଲାଭ କରେ ପ୍ରତିବେଶୀ ତେନ୍ତୁଳିକୋଳି ଗ୍ରାମର ରଜକ ସନ୍ତାନ ବାସୁ ସେଠି । "ତରିବ ଏ ଯଦି ଭାଇମାନେ—କନିକା ବୁଡ଼ିବ ଅଜ୍ଞାନେ"—ଦୁଃଖିନୀ କନିକାର ଏହି ପଂକ୍ତି ଦୁଇଟି ହୋଇଯାଏ ବାସୁର ଇଷ୍ଟମନ୍ତ୍ର । ସେହି ମନ୍ତ୍ର ଗାଇ ଗାଇ ବାସୁ ଲଂଫ ପ୍ରଦାନକରେ ବ୍ରିଟିଶର ସଶସ୍ତ୍ର ପୋଲିସର ବନ୍ଧୁକ ଆଗକୁ ଏବଂ ମେଘପୁର ଗ୍ରାମର ବୀରସାହୁ, କୃଷ୍ଣ ବେହେରା, ନାଥ ରାଉତ, ଜଗବନ୍ଧୁ ନାୟକ ପ୍ରଭୃତି ସଂଗ୍ରାମୀ-ଗଣ କାରାବରଣ କରନ୍ତି ।

ମେଘପୁର ଗ୍ରାମର ଉତ୍ତର ଦିଗରେ ଅବସ୍ଥିତ କନିକାର ମୁକ୍ତି ତୀର୍ଥ ବେବର୍ତ୍ତା ଶହୀଦ ସରୋବର, ବାସୁ—ବିସୁନିଙ୍କ ରକ୍ତ ତର୍ପଣରେ ଅଭିମନ୍ତ୍ରିତ ତଥା ନିଃସ୍ୱାର୍ଥପରତା ଓ ଚରମ ଆତ୍ମତ୍ୟାଗରେ ଭାସ୍ୱର ବେବର୍ତ୍ତା ପୋଖରୀ । କିମ୍ବଦନ୍ତୀ କହେ ନଅଙ୍କ ଦୁର୍ଭିକ୍ଷର ବହୁ ପୂର୍ବରୁ ଅନାହାରରେ ମରୁଥିବା କନିକା ପ୍ରଜାଙ୍କୁ ଖାଦ୍ୟ ଯୋଗାଇ ବେବର୍ତ୍ତା ସଂଜ୍ଞାଧାରୀ କେହିଜଣେ ବଦାନ୍ୟ ବ୍ୟକ୍ତି ଏହି ପୁଷ୍କରିଣୀ ଖୋଦନ କରି-ଥିଲେ । କିନ୍ତୁ ଏହା ଯେପରି ତାଙ୍କର ବ୍ୟକ୍ତିଗତ ସଂପତ୍ତି ନହୁଏ ସେଥିପାଇଁ ପ୍ରାର୍ଥନା କରିଥିଲେ "ହେ ଠାକୁରେ, ମୋତେ ନିର୍ବଂଶ କରିଦିଅ । ବେବର୍ତ୍ତାଙ୍କ ପ୍ରାର୍ଥନା ତାଙ୍କ ଠାକୁର ଶୁଣିଥିଲେ କି ନା ଜଣାନାହିଁ କିନ୍ତୁ ବେବର୍ତ୍ତାଙ୍କ ସ୍ୱର୍ଗ-ଲାଭର ପ୍ରାୟ ଦେଡ଼ଶହ ବର୍ଷ ପରେ 'ବେବର୍ତ୍ତା ପୋଖରୀ' ରୂପାନ୍ତରିତ ହେଲା "ବେବର୍ତ୍ତା ଶହୀଦ ସରୋବର" ରେ—ସ୍ୱାଧୀନ ଭାରତର ଅନ୍ୟ ଏକ ମୁକ୍ତି ତୀର୍ଥ । ଏହି ସରୋବର କୂଳରେ ନିରୋଳାରେ ବସି ଆନନ୍ଦ ଚନ୍ଦ୍ର ଲେଖିଥିଲେ—ହାକିମ ଚିଡ଼ିଲେ ଚିଡ଼ନ୍ତୁ, ନତୁବା ମସ୍ତକ ମୋଡ଼ନ୍ତୁ, ଆଦି ପଂକ୍ତି— ତାଙ୍କର ଶୋଣିତ କାବ୍ୟ 'ଦୁଖିନୀ କନିକା' ପାଇଁ, ଗୋପ-ବନ୍ଧୁ ସେ ପବିତ୍ର ସରୋବରକୁ ଲକ୍ଷ୍ୟ କରି 'ବନ୍ଦୀର ଆତ୍ମକଥା' ରେ ଲେଖିଥିଲେ——

"ନିରୀହ ନିର୍ଦ୍ଦୋଷ ପବିତ୍ର ଶୋଣିତ,
କରିଛି କନିକା ଭୂମି ଯହିଁ ସିକ୍ତ ।
ସେ ଶୁଦ୍ଧ ମୃତ୍ତିକା ଲଗାଇ ମୁଁ ଶିରେ
ଢେଳି ନେତ୍ର ନୀର ସରୋବର ତୀରେ
ଲଭି ପାଇଥାନ୍ତି ପରାଣେ ସାନ୍ତ୍ୱନା,
ଅପୂର୍ଣ୍ଣ ରହିଲା ଆହା ଏ ବାସନା ।"

ଶହୀଦ ଦିବ୍ୟସିଂହ ମଳ୍ଲଆଳଙ୍କ ପ୍ରାଣଦାନ ସଂବାଦରେ ଉନ୍ମାଦିନୀ ପତି–ବିଚ୍ଛେଦ–ବିଧୁରା ପତ୍ନୀ ସେ ଦିନୁ ଦୌଡ଼ି ଆସିଥିଲେ ସେହି ସରୋବର ତଟକୁ । ସ୍ୱାମୀ ହତ୍ୟାର ପ୍ରତିଶୋଧ ନେବା ପାଇଁ ତାଙ୍କର ସେ ବଜ୍ର ଶପଥ । ଦୁଇଟି ନିଷ୍ପାପ ପୁତ୍ରଙ୍କୁ କୋଳରେ ଧାରଣ କରି ତାଙ୍କର ସେ ହୃଦୟ ବିଦାରକ କ୍ରନ୍ଦନଧ୍ୱନୀ ପ୍ରତିଧ୍ୱନିତ ହୋଇଥିଲା ସରୋରେ ଧ୍ୱନିତ ହୋଇଥିଲା ସରୋବର ବକ୍ଷରେ ।

ଦାସ୍–ଦିବ୍ୟସିଂହଙ୍କର ଆତ୍ମଦାନର ସ୍ମାରକୀ ସ୍ୱରୂପ ସରୋବର ପଶ୍ଚିମ ତଟରେ ଆଜି ଦଣ୍ଡାୟମାନ ବାଇଶ ଫୁଟ ଉଚ୍ଚତା ବିଶିଷ୍ଟ ଏକ କଂକ୍ରିଟ ସ୍ମୃତି ସ୍ତମ୍ଭ । ଡ଼କ୍ଟର ହରେକୃଷ୍ଣ ମହତାବ, ଡ଼କ୍ଟର ରାଧାନାଥ ରଥ, ରାଜକନିକା ପଞ୍ଚାୟତ ସମିତି ତଥା କନିକାର ଅଗଣିତ ସ୍ୱାଧୀନତା ପ୍ରେମୀଙ୍କର ଅକୁଣ୍ଠ ସାହାଯ୍ୟରେ ନିର୍ମିତ ସ୍ମାରକୀ ।

ମେଘପୁର ଗ୍ରାମର ଦୁଇ ଦିଗରେ ସ୍ଥାପିତ ଦଇଟି ଐତିହାସିକ ସ୍ମାରକୀକୁ ଗୋପବନ୍ଧୁଙ୍କ ଅମର ସ୍ମୃତି, ଉଦ୍ଦେଶ୍ୟରେ ଦେଶବାସୀ ଅର୍ପଣ କରିବା ବେଳେ ବନ୍ଦୀର ଆତ୍ମକଥାର ସେହି ଶେଷ ପଂକ୍ତି କେତୋଟି ସ୍ୱତଃ ମନକୁ ଆସେ––

"ଦୁଃଖିନୀ କନିକା ନହୁଅ ଆତୁର
ହେଉ ନିର୍ଯ୍ୟାତନା ଧନ ଦ୍ରବ୍ୟ ଚୂର
ଧର୍ମ ପକ୍ଷେ ଜୟ ସଦା ସୁନିଶ୍ଚୟ,
ରଖ ହୃଦୟରେ ଏ ଦୃଢ଼ ପ୍ରତ୍ୟୟ
ପାହି ଆସିଅଛି ତୋର ଦୁଃଖ ରାତି
ରଖ ନିଜ ଦାବୀ ଦମ୍ଭ କରି ଛାତି
ନିଜ ଅଧିକାର ବୁଝି ଛାଡ଼ି ଭୟ,
ଧୈର୍ଯ୍ୟଧର ହେବ ନ୍ୟାୟ ଯୁଦ୍ଧେ ଜୟ
ପାଇବେ ତୋ' ପୁଏ ନ୍ୟାୟ ଅଧିକାର,
ଘୁଞ୍ଚିବ ଉତ୍କଳୁ ଚିର ଅତ୍ୟାଚାର,
ତୋ ଆଦର୍ଶ ହେଉ ଉତ୍କଳେ ଅକ୍ଷୟ
ଜାଗୁ ପ୍ରଜାକୂଳ ତୁଟୁ ରାଜଭୟ,
ମୋ ଶୁଭକାମନା ସ୍ନେହ ନେତ୍ର ଜଳ
ଘେନ ଏଥିମୋର ଏତିକି ସମ୍ବଳ"

ସେବାସାହି, ରାଜକନିକା, କଟକ



## ସଂକ୍ରାମକ ରୋଗ

# ହାଡ଼ଫୁଟି

ଡାକ୍ତର ଚତୁର୍ଭୁଜ ନାୟକ

ଓଡ଼ିଶା ସରକାରଙ୍କ ସଚେଷ୍ଟାରେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ହୋମିଓପ୍ୟାଥି ଚିକିତ୍ସା ବିଜ୍ଞାନର ଦ୍ରୁତ ବିକାଶ ହେଉଅଛି । ବୈଜ୍ଞାନିକ ଦୃଷ୍ଟି କୋଣରୁ ଏହାକୁ ଅନ୍ୟାନ୍ୟ ଚିକିତ୍ସା ଶାସ୍ତ୍ର ସହ ସମକକ୍ଷ କରିବା ପାଇଁ ଗବେଷଣାକୁ ପ୍ରୋତ୍ସାହନ ଦିଆଯାଉଛି । ମ୍ୟାଲେରିଆ, ଫାଇଲେରିଆ, ମିଳିମିଳା ଓ ଯକ୍ଷ୍ମା ପରି ହାଡ଼ଫୁଟି ରୋଗର ନିଷେଧ ଓ ଚିକିତ୍ସା ପାଇଁ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି । ବର୍ତ୍ତମାନ ଭୁବନେଶ୍ୱର ୩ ନମ୍ବର ୟୁନିଟ୍‌ରେ ଥିବା ଡାକ୍ତର ଅଭିନ୍ନଚନ୍ଦ୍ର ହୋମିଓପ୍ୟାଥି ଚିକିତ୍ସା ମହାବିଦ୍ୟାଳୟରେ ହାଡ଼ଫୁଟି ରୋଗର ନିରାକରଣ ପାଇଁ ଗବେଷଣା କରାଯାଉଛି । ଦୁଇ ଓ ତିନି ନମ୍ବର ୟୁନିଟ୍‌କୁ ଏହାର ଗବେଷଣା ପରିସରଭୁକ୍ତ କରାଯାଇଥିଲେ ହେଁ ଯେ କୌଣସି ସ୍ଥାନରୁ ଆସୁଥିବା ହାଡ଼ଫୁଟି ରୋଗୀଙ୍କୁ ଆଉଟଡ଼ୋରରେ ଚିକିତ୍ସା କରାଯିବା ସଙ୍ଗେସଙ୍ଗେ ଏହାର ପ୍ରତିଷେଧ ପାଇଁ ମଧ୍ୟ ଔଷଧ ବିତରଣ କରାଯାଉଛି, ଯେପରିକି ସର୍ବସାଧାରଣ ଏହାର ସଦୁପଯୋଗ କରି ପାରିବେ ।

ହାଡ଼ଫୁଟି ଏକ ବାୟୁବାହିତ ଜୀବାଣୁ (ଭାଇରସ୍) ଜନିତ ସଂକ୍ରାମକ ରୋଗ । ଦଶ ବର୍ଷରୁ କମ୍ ପିଲାମାନେ ସାଧାରଣତଃ ଏହାଦ୍ୱାରା ଆକ୍ରାନ୍ତ ହେଉଥିଲେ ହେଁ ତଦୂର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ମଧ୍ୟ ଏହା ସଂକ୍ରମଣ କରିଥାଏ । ସୁସ୍ଥଲୋକ ରୋଗୀର ପ୍ରତ୍ୟକ୍ଷ ବା ପରୋକ୍ଷ, ଯଥା—ବିଛଣା, ପୋଷାକ ଓ ଖେଳଣା ଇତ୍ୟାଦି ସଂସ୍ପର୍ଶରେ ଆସିଲେ ଏହି ଜୀବାଣୁ ସୁସ୍ଥଲୋକ ଦେହରେ ପ୍ରବେଶ କରନ୍ତି ଓ ୧୫ ଦିନ ଭିତରେ ସେହି ଲୋକ ଦେହରେ ହାଡ଼ଫୁଟି ରୋଗର ଲକ୍ଷଣ ପ୍ରକାଶ ପାଏ ।

**ଲକ୍ଷଣ :**

ଦିନେ ବା ଦୁଇଦିନ ଜ୍ୱର ହୋଇ ପେଟ, ପିଠି ଓ କାଖରେ ବହୁ ପରିମାଣରେ ଫୋଟକା ବାହାରେ ଏବଂ ଶରୀରରେ ପ୍ରବଳ ଯନ୍ତ୍ରଣା ହୁଏ । ଫୋଟକାଗୁଡ଼ିକ କୁଣ୍ଡେଇ ହୁଏ ଓ ଲୁଗାପଟା ଲାଗିଲେ ସହଜରେ ଫାଟିଯାଏ । ଏଗୁଡ଼ିକ ବିଭିନ୍ନ ଅବସ୍ଥାରେ ରୂପାନ୍ତରିତ ହୋଇ ଶେଷରେ ଶୁଖିଯାଇ ଖୋଳପା ଆକାରରେ ଦେହରୁ ଅଲଗା ହୋଇଯା'ନ୍ତି ।

**ହୋମିଓପ୍ୟାଥି ଚିକିତ୍ସା :**

ହୋମିଓପ୍ୟାଥି ଶାସ୍ତ୍ରର ନିୟମାନୁଯାୟୀ ହାଡ଼ଫୁଟି ରୋଗର ନାମ ଅନୁସାରେ ଚିକିତ୍ସା କରା ନ ଯାଇ ନିର୍ଦ୍ଦିଷ୍ଟ ରୋଗୀର ସମସ୍ତ ଲକ୍ଷଣକୁ ଗ୍ରହଣକରି ଔଷଧ ନିର୍ଣ୍ଣୟ କରାଯାଏ । ଉକ୍ତ ପ୍ରବନ୍ଧରେ ହାଡ଼ଫୁଟି ରୋଗରେ ସାଧାରଣଭାବେ ବ୍ୟବହୃତ କେତେକ ଔଷଧ ସହ ଲକ୍ଷଣାବଳୀ ବର୍ଣ୍ଣନା କରାଯାଇଛି । ହାଡ଼ଫୁଟି ରୋଗରେ ଆକ୍ରାନ୍ତ ହୋଇଥିବା କୌଣସି ରୋଗୀର ଲକ୍ଷଣ ସହ ଯେଉଁ ଔଷଧର ସର୍ବାଧିକ ସାମଞ୍ଜସ୍ୟ ଥିବ, ତାହାହିଁ ଉକ୍ତ ରୋଗୀ ପାଇଁ ଉପଯୁକ୍ତ ଔଷଧ ।

**(୧) ଆକୋନାଇଟ୍ :**

ପ୍ରଥମାବସ୍ଥାରେ ଏହା ବ୍ୟବହାର୍ଯ୍ୟ । ବହୁତ ଜ୍ୱର ହୋଇ ଦେହସାରା ନାଲି ପଡ଼ି ଶୁଖିଯିବା ପରି ମନେ ହେଉଥିଲେ, ଅତ୍ୟଧିକ ଶୋଷ ଓ ଶୁଖିଲା କାଶ ହୋଇ ରୋଗୀ ଅତ୍ୟନ୍ତ ଅସ୍ଥିର ଓ ଆତଙ୍କିତ ହୋଇ ପଡ଼ିଲେ ଏହାକୁ ପ୍ରୟୋଗ କରାଯାଏ ।

**(୨) ବେଲାଡୋନା :**

ରୋଗର ପ୍ରଥମାବସ୍ଥାରେ ପ୍ରବଳ ଜ୍ୱର ହୋଇ ସମସ୍ତ ଶରୀରରେ ଫୋଟକା ବାହାରି ମୁହଁ ଓ ଆଖି ନାଲି ପଡ଼ି ପ୍ରବଳ ମୁଣ୍ଡ ବିନ୍ଧା ସହ ଶୁଖିଲା କାଶ ଓ ତଣ୍ଟି ଦରଜ ଥିଲେ ଏହାକୁ ବ୍ୟବହାର କରିବା ଉଚିତ ।

**(୩) ରସ୍-ଟକ୍ସ :**

ଏହାକୁ ହାଡ଼ଫୁଟି ପାଇଁ ବହୁଳ ଭାବରେ ବ୍ୟବହାର କରାଯାଏ । ରୋଗୀକୁ ଶୀତ ସହ ଜ୍ୱର ହୋଇ ଧଳା ବା ନାଲି ରଙ୍ଗର ଫୋଟକା ବାହାରିଥିଲେ, କାଶ ସହ ଦେହରେ ପ୍ରବଳ ଯନ୍ତ୍ରଣା ଯୋଗୁଁ ରୋଗୀ ଅତ୍ୟନ୍ତ ଅସ୍ଥିର ହେଉଥିଲେ ଓ ଜିଭର ଅଗ୍ରଭାଗ ଲାଲ୍ ଦିଶୁଥିଲେ ଏହା ଉତ୍ତମ ଫଳ ଦିଏ ।

**(୪) ଆଣ୍ଟିମ୍ ଟାର୍ଟ :**

କମ୍ପ ସହ ଜ୍ୱର ହୋଇ ବହୁତ ଝାଳ ବୋହୁଥିଲେ, ନାଳି ବା ନୀଳ ରଙ୍ଗର ଫୋଟକା ବାହାରି ରୋଗୀ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲେ ଓ ସର୍ବଦା ଶୋଇ ରହିବା ପାଇଁ ଇଚ୍ଛା କରୁଥିଲେ ଏବଂ ଏହି ସମୟରେ କାଶ

ସହ ତଣ୍ଟିରେ ଘଡ଼ଘଡ଼ ଶବ୍ଦ ହେଉଥିଲେ ଓ କଫ ବାହାରୁ ନ ଥିଲେ ଏହା ଆଶୁ ଫଳ ଦିଏ ।

**(୫) ଆର୍ସେନିକ୍ ଆଲ୍‌ବମ୍ :**

ଶୀତ ହୋଇ ଜ୍ବର ସହ ସମସ୍ତ ଦେହ ଜଳିବା ପରି ହେଲେ, ରୋଗୀ ଘୋଡ଼ି ହେବା ପାଇଁ ଖୁଣ୍ଟୁଥିଲେ ଓ ସମସ୍ତ ଲକ୍ଷଣ ଦିନ ଓ ରାତି ୧୨ଟା ରୁ ୨ଟା ଭିତରେ ବୃଦ୍ଧି ପାଉଥିଲେ, ରୋଗୀ ବହୁତ ଅସ୍ଥିର, ଆତଙ୍କିତ ଓ ଅବଶ ହୋଇ ପଡ଼ିଥିଲେ ଏବଂ ଅଳ୍ପ ବ୍ୟବଧାନରେ କମ୍ ପରିମାଣର ପାଣି ପିଇବାକୁ ଇଚ୍ଛା କରୁଥିଲେ ଏହା ଆଶୁ ଫଳ ଦିଏ ।

**(୬) ପଲ୍‌ସେଟିଲା :**

ସଂଧ୍ୟା ଓ ରାତ୍ରି କାଳରେ ଜ୍ବର ବୃଦ୍ଧି ସହ ପାଟି ଓ ଜିଭ ଶୁଖି ଯାଉଥିଲେ, ଶୋଷ ନ ଥିଲେ, ଖାଦ୍ୟ ପଦାର୍ଥ ପିତାଳିଆ ଲାଗୁଥିଲେ ଏବଂ ରୋଗୀ ଘୋଡ଼ି ହେବାକୁ ନ ଚାହିଁ ଖୋଲା ପବନ ପସନ୍ଦ କରୁଥିଲେ ଏହା ବ୍ୟବହାର୍ଯ୍ୟ ।

**(୭) ମର୍କ ସଲ୍ :**

ଫୋଟକାରେ ପୂଜ ସହ ପାଟି ଓ ଗଳାରେ ଘା' ହୋଇ ଜିଭ ମୋଟାଳିଆ ରହି, ବହୁତ ଲାଳ ବହି ପାଟିରୁ ଦୁର୍ଗନ୍ଧଯୁକ୍ତ ନିଶ୍ୱାସ ବାହାରୁଥିଲେ, ରାତ୍ରିରେ ଲକ୍ଷଣସମୂହ ବୃଦ୍ଧି ପାଉଥିଲେ ଓ ହାଡ଼ଫୁଟି ସମୟରେ ଲାଳ ରକ୍ତ ଝାଡ଼ା ହେଉଥିଲେ ଏହାକୁ ପ୍ରୟୋଗ କରିବା ବାଞ୍ଛନୀୟ ।

**(୮) ଇଚିନେସିଆ :**

ହାଡ଼ଫୁଟିର ଶେଷାବସ୍ଥାରେ ଫୋଟକାରେ ପୂଜ ହୋଇ କମ୍ପ ସହ ଜ୍ବର ତଥା ବାନ୍ତିଭାବ ସହ ଅତ୍ୟଧିକ ଦୁର୍ବଳତା ଥିଲେ ଏହାକୁ ପ୍ରୟୋଗ କରିବା ଉଚିତ ।

**ପ୍ରତିଷେଧକ ଔଷଧ**

ରସ୍‌ଟକ୍ସ ଓ ମାଲାଣ୍ଡ୍ରିନମ୍‌ଇତ୍ୟାଦି ଔଷଧକୁ ହାଡ଼ଫୁଟିର ପ୍ରତିଷେଧକ ରୂପେ ବ୍ୟବହାର କରାଯାଏ । ଏହି ଔଷଧର ଉଚ୍ଚଶକ୍ତି (ବିଶେଷତଃ ୧ଏମ୍) ସପ୍ତାହରେ ଥରେ ବା ଦୁଇଥର ସୁସ୍ଥ ଲୋକକୁ ଦିଆଯାଇପାରେ ।

**ଔଷଧର ଶକ୍ତି, ନିର୍ଣ୍ଣୟ ଓ ପ୍ରୟୋଗ ପ୍ରଣାଳୀ**

ଲକ୍ଷଣ ଭିତ୍ତିରେ ରୋଗୀ ପାଇଁ ଔଷଧ ନିର୍ଣ୍ଣୟ କଲାପରେ ଔଷଧର ୬.୩୦ ବା ୨୦୦ ଶକ୍ତିରୁ ବୟସାନୁପାତରେ ୨, ୪ ୬ଟା ଗୁଳି ରୋଗର ପ୍ରକୋପ ଅନୁଯାୟୀ ପ୍ରତି ୪, ୬, ବା ୮ ବ୍ୟବଧାନରେ ସେବନ କରିବାକୁ ଦିଆଯିବା ଉଚିତ ।

**ଆନୁଷଙ୍ଗିକ ଚିକିତ୍ସା**

(୧) ହାଡ଼ଫୁଟି ଏକ ସଂକ୍ରାମକ ରୋଗ ହୋଇଥିବାରୁ ଲୋକମାନେ ରୋଗୀର ପ୍ରତ୍ୟକ୍ଷ ବା ପରୋକ୍ଷ ସଂସ୍ପର୍ଶରେ ନ ଆସିବା ଉଚିତ ।

(୨) ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ, ପରିଷ୍କାର ବିଛଣାରେ ରୋଗୀକୁ ଶୁଆଇବା ଉଚିତ ।

(୩) ରୋଗୀମାନଙ୍କର ଆସବାବପତ୍ର ସୁସ୍ଥ ଲୋକମାନେ ବ୍ୟବହାର କରିବା ଅନୁଚିତ ।

(୪) ରୋଗୀ ରହୁଥିବା ଗୃହ, ବିଛଣା, ପୋଷାକପତ୍ର ଇତ୍ୟାଦି ନିୟମିତ ବିଶୋଧନ କରିବା ବାଞ୍ଛନୀୟ ।

(୫) ରୋଗୀ ଶୋଇଥିବା ବିଛଣାରେ ବରୋକାଲେଣ୍ଡୁଲା ପାଉଡର ସ୍ପ୍ରେ କଲେ ରୋଗୀ ଆରାମ ଅନୁଭବ କରେ ଓ ଫାଟି ଯାଇଥିବା ଫୋଟକାଗୁଡ଼ିକ ଶୀଘ୍ର ଶୁଖିଯାଏ ।

(୬) କେତେକ କ୍ଷେତ୍ରରେ ରୋଗ ସାଙ୍ଘାତିକ ଆକାର ଧାରଣ କରେ ପାଟି ଓ ତଣ୍ଟିରେ ଫୋଟକା ବାହାରିଥାଏ । ଏହି ରୋଗୀମାନଙ୍କୁ କଠିନ ଖାଦ୍ୟ ନ ଦେଇ କ୍ଷୀର ଓ କ୍ଷୀରମିଶା ଲୁଡ଼ା ବା ପୁଳିକିଶୀ ଆଦି ତରଳଖାଦ୍ୟ ଖାଇବାକୁ ଦେବା ଉଚିତ ।

ଆସୋସିଏଟ୍ ପ୍ରଫେସର୍,
ଡାକ୍ତର୍ ଅଭିନ ଚନ୍ଦ୍ର ହୋମିଓପ୍ୟାଥି
ଚିକିତ୍ସା ମହାବିଦ୍ୟାଳୟ, ଭୁବନେଶ୍ୱର ।



କୋଣାର୍କ ନୃତ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ [illegible]

# କୃଷି ଉତ୍ପାଦନରେ "ସୂର୍ଯ୍ୟମୁଖୀ" ଓ "ସୋୟାବିନ୍"

ଶ୍ରୀ ଲାବଣ୍ୟ ଚନ୍ଦ୍ର ସାହୁ

**ଭା**ରତ ଭଳି କୃଷି ପ୍ରଧାନ ଦେଶରେ ଲୋକମାନେ ସାଧାରଣତଃ ଅଭ୍ୟାସଗତ କିମ୍ବା ଅର୍ଥକରୀ ଫସଲକୁ ଅଗ୍ରାଧିକାର ଦେଇଥାନ୍ତି । ତମାଖୁ ଧୂଆଁପତ୍ର ଭଳି ମାଦକ ଦ୍ରବ୍ୟର ଚାଷ ଯେତିକି ବଢ଼ିବ, ଅତ୍ୟାବଶ୍ୟକ କୃଷିଜାତ ଦ୍ରବ୍ୟର ଉତ୍ପାଦନ ସେତିକି ହ୍ରାସ ପାଇବ । କିନ୍ତୁ ଡାଲି ପରି ପ୍ରୋଟିନ ବହୁଳ ପୁଷ୍ଟିକର ଖାଦ୍ୟ ଶାକାହାରୀଙ୍କ ପାଇଁ ଅପରିହାର୍ଯ୍ୟ । ଏଣୁ ଚାଷରେ ଲାଭ ଓ କ୍ଷତିର ହିସାବ କଲାବେଳେ ତା' ପଛରେ ଲୁଚିଥିବା ସାମାଜିକ ବ୍ୟାଧି ଓ ଅର୍ଥନୈତିକତା କଥାଟିକୁ ମଧ୍ୟ ବିଚାରକୁ ନେବା ଉଚିତ ।

ବର୍ତ୍ତମାନ କେବଳ ତୈଳବୀଜ ଉତ୍ପାଦନ ବିଷୟଟିକୁ ଆଲୋଚନା କରାଯାଉ । ଭାରତର ଜମି ବର୍ତ୍ତମାନ ଜନସଂଖ୍ୟାର ତୁଳନାରେ ପଶୁ ସମ୍ପଦ ଦ୍ରୁତ ହାରରେ ହ୍ରାସ ହେଉଛି । ଏଣୁ ରାଶି, ସୋୟାବିନ୍, କିମ୍ବା ଚିନାବାଦାମର ଉତ୍ପାଦନ ଦେଶର ସ୍ୱାର୍ଥ ଓ ହିତ ଦୃଷ୍ଟିରୁ ଶ୍ରେୟସ୍କର । ଏହା ଉଭୟ ପୁଷ୍ଟିହୀନତା ଦୂର କରିବା ସଙ୍ଗେ ସଙ୍ଗେ ପ୍ରାଣୀଜାତ ସ୍ନେହସାର ଅପେକ୍ଷା ଅଧିକ ଉର୍ଜ୍ଜା ଯୋଗାଇ ପାରିବ ।

**ସୂର୍ଯ୍ୟମୁଖୀ ତେଲ**

ଜାଳେଣି ଦୃଷ୍ଟିରୁ, କଳକାରଖାନା, ପରିବହନ ଓ ଯାନ୍ତ୍ରିକ ବ୍ୟବହାର ପାଇଁ ପେଟ୍ରୋଲ ଓ ଡିଜେଲର ଚାହିଦା ବଢ଼ି ଚାଲିଛି । ମୋଟ ତୈଳର ଶତକଡା ୭୫ ଭାଗ, ଖାଦ୍ୟ ରୋଷେଇ, ଆଲୋକ, ପରିବହନ ଏବଂ ୧୫ ଭାଗ କୃଷିକ୍ଷେତ୍ରରେ ପମ୍ପ ଓ ଟ୍ରାକ୍ଟର ପାଇଁ ବ୍ୟବହୃତ ହୁଏ । ସୂର୍ଯ୍ୟମୁଖୀ ତେଲକୁ ଉଭୟ ଜାଳେଣି ଓ ଖାଦ୍ୟ ରୂପେ ଗ୍ରହଣ କରାଗଲାଣି । ବିଦେଶରେ ଖଣିଜ ତୈଳର ବିକଳ୍ପ ରୂପରେ ସୂର୍ଯ୍ୟମୁଖୀ ତେଲହିଁ କେତେକ କ୍ଷେତ୍ରରେ ବ୍ୟବହୃତ ହେଲାଣି । ନୂତନ ତୈଳଖଣି ଅନୁସନ୍ଧାନ କରିବା ଅପେକ୍ଷା ଜମିରେ ଏହି ତୈଳବୀଜ ଚାଷକରି କେତେକାଂଶରେ ଇନ୍ଧନର ଆବଶ୍ୟକତା ପୂରଣ କରାଯାଉଛି ।

ଆମେରିକା, ଆର୍ଜେଣ୍ଟିନା, ସୋଭିଏଟ୍ ରୁଷ, ତୁର୍କୀ ଓ ଦକ୍ଷିଣ ଅଷ୍ଟ୍ରେଲିଆରେ ସୂର୍ଯ୍ୟମୁଖୀର ବ୍ୟାପକ ଚାଷ କରାଗଲାଣି । ସୂର୍ଯ୍ୟମୁଖୀ ତେଲର ବ୍ୟବହାର ବିଷୟରେ ଅଧିକରୁ ଅଧିକ ଗବେଷଣା ଚାଲିଛି । ଡାକୋଟା ବିଦ୍ୟାଳୟର ବୈଜ୍ଞାନିକମାନେ ସୂର୍ଯ୍ୟମୁଖୀ ତେଲରେ ଟ୍ରାକ୍ଟର ଚଳାଇବାରେ ସମର୍ଥ ହୋଇଛନ୍ତି ।

ସୂର୍ଯ୍ୟମୁଖୀ ଏକ ଉତ୍କୃଷ୍ଟ ତୈଳବୀଜ । ଅନ୍ୟାନ୍ୟ ତୈଳବୀଜ ଅପେକ୍ଷା ଏଥିରୁ ସର୍ବାଧିକ ପରିମାଣରେ ତୈଳ ପ୍ରାପ୍ତ ହୋଇଥାଏ । ନିମ୍ନୋକ୍ତ ଉଦାହରଣ ତାହାର ସତ୍ୟତା ପ୍ରତିପାଦନ କରିବ । ପ୍ରତି ୧୦୦ କେ.ଜି. ତୈଳବୀଜରୁ ପ୍ରାପ୍ତ ତୈଳର ମାତ୍ରା ହେଲା,

| | | |
|---|---|---|
| ସୋୟାବିନ ରୁ | ୨୦ରୁ | ୩୦ କିଲୋ । |
| ସୋରିଷ | ୨୦ରୁ | ୩୫ କିଲୋ । |
| ଚିନାବାଦାମ | ୨୫ରୁ | ୪୫ କିଲୋ । |
| କୁସୁମ | ୩୨ରୁ | ୪୨ କିଲୋ । |
| ସୂର୍ଯ୍ୟମୁଖୀ | ୪୫ରୁ | ୫୫ କିଲୋ । |

ଦେଶରେ ଦିନକୁ ଦିନ ତୈଳର ଚାହିଦା ବଢ଼ିବାରେ ଲାଗିଛି । ପ୍ରତିବର୍ଷ କୋଟି କୋଟି ଟଙ୍କାର ତୈଳ ବିଦେଶରୁ ଉପାନି କରାଯାଉଛି । ଏ କ୍ଷେତ୍ରରେ ସୂର୍ଯ୍ୟମୁଖୀ ତେଲ କଣ୍ ଚାହିଦା ହ୍ରାସ କରିବାକୁ ସମର୍ଥ ହେବ ନାହିଁ ?

**ଚାଷ :**

ବର୍ଷରେ ୩/୪ଥର ଚାଷ କରାଯାଇପାରେ । ଏହାର ମଞ୍ଜିକୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରାଯାଇପାରେ । ସୂର୍ଯ୍ୟମୁଖୀ ତେଲରେ ବିଶିଷ୍ଟ ଉପାଦାନଗୁଡ଼ିକ ହେଲା—

(୧୦୦ ଗ୍ରାମ ତୈଳ ବୀଜରୁ)

| | |
|---|---|
| ପ୍ରୋଟିନ୍ | ୧୯.୮ ଗ୍ରାମ୍ |
| ଶ୍ୱେତସାର | ୧୭.୮ ଗ୍ରାମ୍ |
| ଖଣିଜ ଲବଣ | ୩.୭ ଗ୍ରାମ୍ |
| ସ୍ନେହସାର | ୫୩.୨ ଗ୍ରାମ୍ |
| ଫସ୍‌ଫରସ୍ | ୦.୬୭ ମି.ଗ୍ରା. |
| ଭିଟାମିନ (ଖ) (ଥାଇମିନ୍) | ୦.୧ ମି.ଗ୍ରା. |
| ନିୟାସିନ୍ | ୫.୪ ମି.ଗ୍ରା. |
| ଲୌହ | ୫.୦ ମି.ଗ୍ରା. |
| ଭିଟାମିନ୍(ଖ) | ୧.୬ ମି.ଗ୍ରା. |
| ଭିଟାମିନ୍(ଗ) | ୧.୦ ମି.ଗ୍ରା. |

**ସୁଲଭ, ସୁପାଚ୍ୟ ପୁଷ୍ଟିକର ଖାଦ୍ୟ—**

ତୈଳ ନିଷ୍କାସିତ ହେବାପରେ ମଧ୍ୟ ଅବଶିଷ୍ଟାଂଶରୁ ଖାଦ୍ୟ ତିଆରି ହୋଇଥାଏ । ପାଚନ ଦୃଷ୍ଟିରୁ ଏହା ସୋୟାବିନ୍ ଠାରୁ ଉତ୍କୃଷ୍ଟ, କାରଣ ଏଥିରେ ସୋୟାବିନ୍ ଅପେକ୍ଷା ୩ ଗୁଣ ଅଧିକ ମିଥିଓନିନ୍ ଥାଏ । ଏହି ତେଲରେ ପ୍ରଚୁର ପରିମାଣରେ ଏମିନୋଏସିଡ୍ ମଧ୍ୟ ଥାଏ । ଚିନାବାଦାମ ଅପେକ୍ଷା ଏଥିରେ ଭିଟାମିନ୍ ଅଧିକ ଥାଏ । ଏହାଦ୍ୱାରା ମାଂସପେଶୀ ଶକ୍ତ ହୁଏ ।

**ରୋଗ ନିରାକରଣ—**

ବୈଜ୍ଞାନିକ ଦୃଷ୍ଟିକୋଣରୁ ସୂର୍ଯ୍ୟମୁଖୀ ତେଲ ହୃଦରୋଗ, ରକ୍ତ ବିକାର, କୁଷ୍ଠ, ପ୍ରମେହ, ପଥୁରୀ, ଉଦରାମୟ ମୂତ୍ର ଅବରୋଧ ରୋଗନାଶକ । ଏହି ତେଲରେ ଭିଟାମିନ୍ 'ସି' ଅଧିକ ଥିବାରୁ ରକ୍ତ ନଳୀକାକୁ ସର୍ବଦା ପରିଷ୍କାର ରଖି ହୃଦରୋଗ କରାଇ ଦିଏ ନାଁ । ଏହାଛଡା ଭିଟାମିନ୍ 'ସି'ର ଉପସ୍ଥିତି ଯୋଗୁଁ ସର୍ଦ୍ଦି, ସ୍କର୍ଭି, ଦନ୍ତ ସ୍ଫୁଳନ, ଅସ୍ଥି ଦୌର୍ବଲ୍ୟରୁ ରକ୍ଷା କରିଥାଏ ।

**ଅନ୍ୟାନ୍ୟ ପ୍ରୟୋଗ—**

ଏହି ତେଲ ବାର୍ନିଶ, ରଙ୍ଗ ସହ ମିଶି ବ୍ୟବହାର କରାଯାଏ । ସାବୁନ ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତରେ ସହାୟକ ହୁଏ ।

"ସୂର୍ଯ୍ୟମୁଖୀ"ର ଉଭୟ ଆର୍ଥିକ ଗୁଣ ଓ ସୌନ୍ଦର୍ଯ୍ୟର ଅନବଦ୍ୟ ଅନୁଦାନ ରହିଛି । କୃଷକ ଏହା ଚାଷ କରି ଅଳ୍ପ ଖର୍ଚ୍ଚରେ ଲାଭବାନ ହୋଇଥାଏ । ଆନନ୍ଦର କଥା ଏହି ତୈଳବୀଜ ଚାଷ ପାଇଁ କୃଷକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇ ପାରିଛି ।

**ସୋୟାବିନ୍—**

ଶରୀରର ପୋଷଣ ପାଇଁ ପୁଷ୍ଟିସାର, ଚର୍ବି ଶ୍ୱେତସାର, କ୍ଷାର ତଥା ଜୀବନିକା ତତ୍ତ୍ୱରେ ପରିପୂର୍ଣ୍ଣ ଅଦ୍ୱିତୀୟ ତୈଳବୀଜ ହେଲା ସୋୟାବିନ । ଶାକାହାରୀଙ୍କ ନିମିତ୍ତ ଏହା ଏକ ସର୍ବୋତ୍କୃଷ୍ଟ ଖାଦ୍ୟ । ସୋୟାବିନରୁ ପ୍ରସ୍ତୁତ ଖାଦ୍ୟ ଗାଈ ମହିଷ କ୍ଷୀରରୁ ପ୍ରସ୍ତୁତ ଛେନା, ଲହୁଣୀ, ଦହି ଅପେକ୍ଷା ମଧ୍ୟ ଅଧିକ ଉତ୍ତମ । ଏଥିରେ ଶତକଡା ୪୩ ଭାଗ ପ୍ରୋଟିନ ରହିଛି । ମାଂସାହାରୀମାନେ ବୁଝିବା ଉଚିତ ଯେ, ସୋୟାବିନ୍‌ରେ ଥିବା ପ୍ରୋଟିନ୍ ମାଂସଠାରୁ ଦୁଇଗୁଣ ଓ ଅଣ୍ଡାଠାରୁ ତିନିଗୁଣ ଓ ଦୁଧ ଠାରୁ ୧୧ଗୁଣ ଅଧିକ ।

**ରୋଗ ନିବାରକ—**

ଏଥିରେ ୨୧ ଭାଗ ଶର୍କରା ଥିଲେ ମଧ୍ୟ ଶ୍ୱେତସାର ହୋଇ ନଥିବାରୁ ପରିସ୍ରାରେ ଚିନି ଆସେ ନାହିଁ । ମଧୁମେହ ରୋଗୀ ପାଇଁ ଉତ୍କୃଷ୍ଟ ଖାଦ୍ୟ । ଲୌହ ଥିବାରୁ ରକ୍ତହୀନତା ଦୂର କରେ । ଏହା ଭିଟାମିନ୍ 'ଏ' ରେ ପରିପୂର୍ଣ୍ଣ । ସ୍ମରଣ ଶକ୍ତି ବୃଦ୍ଧି କରେ । ମସ୍ତିଷ୍କକୁ ଶାନ୍ତ ଶୀତଳ ରଖେ । ଫସ୍‌ଫରସ୍ ଓ କାଲସିୟମ ମସ୍ତିଷ୍କ ମରାମତିରେ ଲାଗିଥାଏ ।

**ପୁଷ୍ଟିକର ସୁପାଚ୍ୟ—**

ଏହା ସୁପାଚ୍ୟ । ଶିଶୁଙ୍କ ପତଳା ଝାଡା ବହୁତ ଲାଭ ଦାୟ... ସୋୟାବିନ୍ ଅଟାକୁ ପାଣିରେ ମିଳାଇ ଆମାଶୟ ରୋଗରେ ଦି... ଦିଆଯାଏ । ବାନ୍ତି, ବଦହଜମିରେ ଫଳପ୍ରଦ ।

**ପ୍ରସ୍ତୁତି—**

ସୋୟାବିନ୍ ସବୁଜ, ବାଦାମୀ, କଳା ହଳଦିଆ ରଙ୍ଗର ଦେଖାଯା... ସବୁଜ ତଥା ହଳଦିଆ ଖିଆଯାଏ । । ଦୁଧ ପ୍ରସ୍ତୁତି ପାଇଁ ସୋୟା... ପାଣିରେ ଭିଜାଯାଏ । ଉତ୍ତମ ରୂପେ ଭିଜିଗଲା ପରେ ଏହାକୁ ଛାଣି... ପାଣି ମିଶାଯାଏ ଏବଂ ଶିଳରେ ବଟାଯାଏ । ଏହାପରେ ଏଥିରେ ... ପାଣି ମିଶାଇ ଛଣାଯାଏ । ଏହିପରି ୨୫୦ ଗ୍ରାମ ସୋୟାବିନ୍‌ରୁ ୨... କିଲୋ ଦୁଧ ପ୍ରସ୍ତୁତ କରାଯାଏ । ଏହାକୁ ୨୦ ମି. ନିଆଁରେ ସିଝା ଯା... ଏଥିରେ ଚିନି ଅଳାଇଚ ମିଳାଯାଇ ପାନୀୟ କରାଯାଏ । ସୋୟା... କ୍ଷୀରରୁ ପ୍ରସ୍ତୁତ ଦହିରେ ପ୍ରଚୁର LACTRIC ACID ଥିବାରୁ ରୋ... ଜୀବାଣୁ ନଷ୍ଟ କରିଦିଏ ।

ସୋୟାବିନକୁ ଭାଜି, ଚୋପା ବାହାର କରାଯାଏ । ଏହା ଗହମ ... ଲାଭ ଦାୟକ ।

**ଦେଶବିଦେଶରେ ପ୍ରୟୋଗ—**

ହଜାର ହଜାର ବର୍ଷ ପୂର୍ବେ ଜାପାନ, ମାଞ୍ଚୁରିଆ ମଙ୍ଗୋଲିୟାରେ ଏ... ବହୁଳ ବ୍ୟବହାର ହେଉଥିଲା । ଟୋକ୍‌ବାସୀଙ୍କ ଦୃଢଧାରଣା ... ସୋୟାବିନ୍ ଦ୍ୱାରା ଓଜନ, ଶକ୍ତି ଓ ତେଜ ବଢ଼େ । ଉତ୍ତର ଚୀ... ମାଞ୍ଚୁରିଆରେ କ୍ଷୀର ଅଭାବରେ ଶିଶୁଙ୍କ ସୋୟାବିନ୍ କ୍ଷୀର ଦିଆଯାଏ ।

ଋଷିଆ ଓ ଆମେରିକାରେ ଖାଦ୍ୟ ପୁଷ୍ଟିକର କରିବା ପାଇଁ ଗହମ ... ସଙ୍ଗେ ସୋୟାବିନ୍ ଅଟା ମିଶାଯାଏ । ସୋୟାବିନ୍‌ର ଗଜା ଅତ୍ୟ... ଲାଭଦାୟକ ଖାଦ୍ୟ । ଏହାକୁ ୨/୩ ଦିନ ପାଣିରେ ଭିଜାଇ ଏଥିରୁ ... ବାହାର କରାଯାଇ ଥାଏ ।

**ଅନ୍ୟାନ୍ୟ ପ୍ରୟୋଗ—**

ସୋୟାବିନରୁ ମଧ୍ୟ ରଙ୍ଗ ବାର୍ଣ୍ଣିଶ, କୃତ୍ରିମ ରବର, ମହମବ... ସାବୁନ, ବନସ୍ପତି ଘିଅ, ଗ୍ଲିସରିନ୍ ପ୍ରସ୍ତୁତ କରାଯାଏ ।

ପୁଷ୍ଟିହୀନତାର ନିରାକରଣ ତଥା ମାଂସାହାରରେ ଏକ ପ୍ରକୃଷ୍ଟ ବି... ରୂପେ ସୋୟାବିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆଭ୍ୟନ୍ତରୀଣ ସମୀକ୍ଷା ଅଧିକାରୀ
ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ କଲୋନୀ
କ୍ୱା.ନଂ. ୩ ଆର୍ ୪
ବାଦାମବାଡ଼ି, କଟକ-୭୫୩୦୧୨



# ଉତ୍କଳର ଇତିବୃତ୍ତି

ଶ୍ରୀ ରଘୁନାଥ ପାତ୍ର

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ଶ୍ରୁତଃ
ତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ ।"
(କପିଳ ସଂହିତା)

ଉପରୋକ୍ତ ଶ୍ଳୋକଟି ଉତ୍କଳର ପ୍ରାଚୀନ ଗୌରବ ଓ ବ ପର୍ଯ୍ୟାପ୍ତ । ତେବେ ଜ୍ଞାନବିଜ୍ଞାନ ମଣ୍ଡିତ, ସ୍ଥାପତ୍ୟକଳା- ଭିତ, ସୁରବର ଦର୍ପିତ, କବିକୁଳ ମୌଳି ଭୁବନବିନିନ୍ଦିତ ତ୍କଳର କୀର୍ତ୍ତିରାଜି ଗଲା କୁଆଡେ ? ଉତ୍କଳ ଦିନେ , ସାହିତ୍ୟ, ସ୍ଥାପତ୍ୟ, ଦେଶବିଦେଶରେ ବାଣିଜ୍ୟ, ଙ୍ଗନରେ ବୀରତ୍ୱ ଓ ଧର୍ମଜଗତରେ ବିଜୟର ବୈଜୟନ୍ତୀ ଡାଉଥିଲା । 'କାଳସ୍ୟ କୁଟିଳ ଗତିଃ' । ଉତ୍ଥାନ ପତନ ସାରର ଧର୍ମ । କୌଣସି ଜାତି ବା ଦେଶ ଯାବତ୍ ର୍କ ଉନ୍ନତିର ଶିଖର ଦେଶରେ ରହିନପାରେ । ସର୍ଗିକ ଧର୍ମାନୁସାରେ ଉତ୍ଥାନ ପରେ ପତନ ହେଉ । ଥିରେ ବିସ୍ମୟାଭିଭୂତ ହେବାର କିଛି ନାହିଁ । ତେବେ ଚୀନ ଗୌରବ ଓ ବୈଭବ ଜାତି ତଥା ବ୍ୟକ୍ତିବିଶେଷକୁ ଣାନ୍ୱିତ କରିଥାଏ । ପ୍ରାଚୀନତାର ଭିତ୍ତିପ୍ରସ୍ତର ଉପରେ ତନ ସୃଷ୍ଟିର ସ୍ଥିତି ।

"ଅର୍ଥମନର୍ଥଂ ଭାବୟ ନିତ୍ୟଂ । ନାସ୍ତିତତଃ ସୁଖଲେଶ ତ୍ୟଂ ।" ଅର୍ଥହିଁ ଅନର୍ଥର ମୂଳକାରଣ । ଅର୍ଥ ବା ଭବ ବ୍ୟକ୍ତି ବା ଜାତିର ଜୀବନକୁ ବିପଦସଂକୁଳ କରିଥାଏ । ଲୋଭ ସମ୍ବରଣ କରିନପାରି ବୈଦେଶିକ ଶତ୍ରୁଗଣ ବାରମ୍ବାର କ୍ରମଣ ଓ ଲୁଣ୍ଠନ କଲେ । ସୋମନାଥ ମନ୍ଦିର ଓ ଶ୍ରୀମନ୍ଦିର ଲୁଣ୍ଠନ ଏହାର ପ୍ରକୃଷ୍ଟ ଉଦାହରଣ । ମହାରାଜ ମୁକୁନ୍ଦ- ଦେବ (ଖ୍ରୀ: ୧୫୬୮) ଙ୍କ ମୃତ୍ୟୁପରେ ସ୍ୱାଧୀନ ଉତ୍କଳର ଭାଗ୍ୟରବି ଅସ୍ତମିତ ହେଲା । ଆଫଗାନ, ମୋଗଲ, ମରହଟ୍ଟା ଓ ବ୍ରିଟିଶ ଶାସନରେ ଏ ଜାତି ପୂର୍ବ ଗୌରବ ହରାଇ ସର୍ବସ୍ୱାନ୍ତ ହେଲା । ପରସ୍ୱାପହରଣ କରି ସ୍ୱୀୟ ବିଳାସବାସନା ଚରିତାର୍ଥ କରିବା ଥିଲା ସେମାନଙ୍କର ଏକମାତ୍ର ଲକ୍ଷ୍ୟ । ମହାତ୍ମା ମହମ୍ମଦଙ୍କ ଏକେଶ୍ୱରୋପାସନା ଧର୍ମପ୍ରଚାର ପ୍ରବୃତ୍ତି କ୍ରମେ ମୋଗଲ ଓ ଆଫଗାନଙ୍କ ଧନାପହରଣ ପ୍ରବୃତ୍ତି ଓ ରାଜ୍ୟସ୍ଥାପନ ପ୍ରବୃତ୍ତିରେ ପର୍ଯ୍ୟବସିତ ହେଲା । ଇଂରେଜ- ମାନଙ୍କ ଇଷ୍ଟଇଣ୍ଡିଆ କଂପାନୀର ଛଳନାତ୍ମକ ବାଣିଜ୍ୟ ମନୋବୃତ୍ତି କ୍ରମେ ସାମ୍ରାଜ୍ୟ ବିସ୍ତାରରେ ରୂପାନ୍ତରିତ ହେଲା । ଅର୍ଥ ଓ ସାମ୍ରାଜ୍ୟ ଲୋଭରେ ବୈଦେଶିକ ରାଷ୍ଟ୍ରଗଣ ଯେ କୌଣସି ଲୋମହର୍ଷଣକାରୀ ବର୍ବରୋଚିତ କର୍ମ ପ୍ରତି ଶଙ୍କା ରହିତ ଥିଲେ । ବାରମ୍ବାର ଆତତାୟୀଙ୍କ ଦୁର୍ଦ୍ଧର୍ଷ ଅବିମୃଷ୍ୟ- କାରୀ ଆକ୍ରମଣରେ ଉତ୍କଳର ସୌଭାଗ୍ୟରବି ଅସ୍ତମିତ ହେଲା । ଇଂରେଜ ସରକାର ଉତ୍କଳୀୟମାନଙ୍କ ଜାତୀୟ ସଂହତି, ବୀରତ୍ୱ ଓ ସାଂସ୍କୃତିକ ଉତ୍କର୍ଷତା ସହ୍ୟ କରିନପାରି ଉତ୍କଳକୁ ଖଣ୍ଡ ବିଖଣ୍ଡ କରି ପଡୋଶୀ ପ୍ରଦେଶ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସହ ସାମିଲ କରିଦେଲେ । ଓଡ଼ିଆ ଭାଷା ଓ ସଂସ୍କୃତିର ବିଲୋପପାଇଁ ଚାଲିଲା ଗଭୀର ଷଡଯନ୍ତ୍ର । ଉତ୍କଳୀୟମାନଙ୍କ ତ୍ୟାଗ, ତପସ୍ୟା, ପୌରୁଷ ଓ ପ୍ରତିପତ୍ତିର ବିଲୟ ଘଟିଲା । ଗୁଣାଶ୍ରିତ ବ୍ୟକ୍ତି- ତ୍ୱର ଅବସାନ ହୋଇ ପ୍ରକାଶ ପାଇଲା ପରଶ୍ରୀକାତରତା, ସ୍ୱାଭିମାନରହିତ ଦୁର୍ବଳ ବ୍ୟକ୍ତିତ୍ୱ ଓ ହୀନମନ୍ୟତା ।

## ପୌରାଣିକ ପୃଷ୍ଠଭୂମି

ପ୍ରାଚୀନ ସାହିତ୍ୟରେ ଓଡ଼ିଶା ବା ଉତ୍କଳର ବହୁ ପ୍ରତିଶବ୍ଦ ଦୃଷ୍ଟିଗୋଚର ହୁଏ, ଯଥା କଳିଙ୍ଗ ଓ ଓଡ୍ର ଇତ୍ୟାଦି ।

ରାମାୟଣରେ କଳିଙ୍ଗ ଓ କୁଳିଙ୍ଗ ନାମୋଲ୍ଲେଖ ବହୁବାର ପରିଦୃଷ୍ଟ । କିଷ୍କିନ୍ଧା କାଣ୍ଡରେ କଳିଙ୍ଗ ଭାରତର ଦାକ୍ଷିଣାତ୍ୟରେ ଅବସ୍ଥିତ ଥିବା ବର୍ଣ୍ଣିତ । ରାମାନୁଜ, ଭରତ, ଅଯୋଧ୍ୟାରୁ ମାତୁଳାୟକୁ ଯିବା ସମୟରେ କୁଳିଙ୍ଗ ଜନପଦର ପରିଚୟ ମିଳେ ଏବଂ ଗୋମତୀ ନଦୀ ଓ ଅଯୋଧ୍ୟା ମଧ୍ୟରେ କଳିଙ୍ଗର ଅବସ୍ଥିତ ପ୍ରକାଶ ପାଏ । ପଦ୍ମପୁରାଣରେ ଅଯୋଧ୍ୟାଧିପତି ଶ୍ରୀରାମଚନ୍ଦ୍ରଙ୍କ ଅଶ୍ୱ କଳିଙ୍ଗରେ ସମ୍ମାନିତ ହୋଇଥିବା ବର୍ଣ୍ଣିତ ।

"ତତୋଗୋଦାବରୀଂନଦୀଂକୃଷ୍ଣାବେଣ୍ୟାଂ ମହାନଦୀଂ
ମେକଳାନୁତ୍କଳା ଶୈବ୍ ଦଶାର୍ଣନଗରାଣ୍ୟପ ।
ତଥା ମଦ୍ୟା କଳିଙ୍ଗାସ କୌଶିକାସ୍ତ ସମନ୍ତତଃ
ଖସ୍ତ୍ରାସ୍ୟ ଦଣ୍ଡକାରଣ୍ୟଂ ସପର୍ବତ ନଦୀଗୁହାଂ ॥"
(କିଷ୍କିନ୍ଧା ଖଣ୍ଡ)

ମହାଭାରତ ବନପର୍ବରେ ପାଣ୍ଡବାଗ୍ରଜ ଯୁଧିଷ୍ଠିରଙ୍କ ବନଭ୍ରମଣ ସମୟରେ କଳିଙ୍ଗର ନାମୋଲ୍ଲେଖ ଦ୍ରଷ୍ଟବ୍ୟ । ଭ୍ରାତୃବର୍ଗଙ୍କ ଗହଣରେ ଯୁଧିଷ୍ଠିର ସମୁଦ୍ରତୀରବର୍ତ୍ତୀ କଳିଙ୍ଗ ଦେଶ ଅଭିମୁଖେ ଯାତ୍ରା କରିଥିଲେ । ଏହି ପବିତ୍ର ଭୂମିକୁ ଲକ୍ଷ୍ୟ କରି ଲୋମଶ ଋଷି କହିଥିଲେ—

"ଏତେ କଳିଙ୍ଗା କୌନ୍ତେୟ ଯତ୍ର ବୈତରଣୀ ନଦୀ
ଯାତ୍ରା ଯଜତ ଧର୍ମୋଽପି ଦେବାଞ୍ଛରଣ ମେତ୍ୟବୈ ।"

ଉପରୋକ୍ତ ଶ୍ଳୋକରୁ ପୁଣ୍ୟତୋୟା ବୈତରଣୀ ତଟସ୍ଥ ଯାଜପୁରର ପୌରାଣିକ ପ୍ରଶସ୍ତି ସୁସ୍ପଷ୍ଟ । ମହାଭାରତର ଆଦିପର୍ବରେ କଳିଙ୍ଗର ତିନିଜଣ ରାଜାଙ୍କ ନାମୋଲ୍ଲେଖ ପରିପୁଷ୍ଟ ଯଥା:—ଅଗ୍ରତୀର୍ଥ, କୁହର ଓ ସିମ (ଆଦିପର୍ବ) । କଳିଙ୍ଗ ଦେଶର ରାଜକୁମାରୀଗଣ ଚନ୍ଦ୍ରବଂଶୀୟ ରାଜନ୍ୟବର୍ଗଙ୍କ ପାଣିଗ୍ରହଣ କରିଥିଲେ । କଳିଙ୍ଗ ରାଜକନ୍ୟାଙ୍କୁ ସ୍ୱୟମ୍ବର ଉତ୍ସବରୁ କୌରବାଧିପତି ଦୁର୍ଯ୍ୟୋଧନ ବଳପୂର୍ବକ ଅପହରଣ କରି ବିବାହ କରିଥିଲେ । (ଶାନ୍ତିପର୍ବ) । ଭୀଷ୍ମପର୍ବରୁ ଜଣାଯାଏ, କଳିଙ୍ଗାଧିପତି ଶ୍ରୁତାୟୁ ଦୁର୍ଯ୍ୟୋଧନଙ୍କ ପକ୍ଷେ ଯୁଦ୍ଧ କରିଥିଲେ ଓ ଭୀମଙ୍କ ଦ୍ୱାରା ଦୁଇପୁତ୍ର ସହ ନିହତ ହୋଇଥିଲେ ।

ସାବର୍ଣ୍ଣ ମନ୍ୱନ୍ତରରେ ସୁରଥ ରାଜାଙ୍କ ସଙ୍ଗେ ସମାଧି ନାମକ ବୈଶ୍ୟ ସୁମେଧା ଋଷିଙ୍କ ଉପଦେଶକ୍ରମେ ଶକ୍ତି ଉପାସନା କରିଥିଲେ । (ମାର୍କଣ୍ଡେୟ ପୁରାଣ) । ବ୍ରହ୍ମବୈବର୍ତ୍ତ ପୁରାଣରୁ ଜଣାଯାଏ ଯେ ସମାଧିଙ୍କ ପିତାମହ ବିରାଧ କଳିଙ୍ଗ ଦେଶର ରାଜା ।

ଏତଦ୍‌ବ୍ୟତୀତ ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବ୍ରହ୍ମ ପୁରାଣ, ତନ୍ତ୍ର ଯାମଳ, ଶକ୍ତି ସଙ୍ଗମ ତନ୍ତ୍ର, ଦଶକୁମାର ଚରିତ ଓ ରଘୁବଂଶରେ ଉତ୍କଳ, ଓଡ୍ରଦେଶ ଓ କଳିଙ୍ଗର ପ୍ରଶସ୍ତି ସହ ନୀଳାଦ୍ରିନାଥ ଶ୍ରୀଜଗନ୍ନାଥଙ୍କ ମହିମାପ୍ରଖ୍ୟାପକ ବର୍ଣ୍ଣନା ଦ୍ରଷ୍ଟବ୍ୟ ।

(୧) "ଓଡ୍ରଦେଶ ଇତିଖ୍ୟାତୋ ବର୍ଷେ ଭାରତ ସଂଜ୍ଞ
ଦକ୍ଷିଣସ୍ୟୋଦଧେସ୍ତୀରେ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍
(ସ୍କନ୍ଦ ପୁରାଣ)

(୨) "ତତ୍ରାସ୍ତେ ଭାରତବର୍ଷେ ଦକ୍ଷିଣୋଦଧି ସଂସ୍ଥି
ଓଡ୍ରଦେଶ ଇତିଖ୍ୟାତଃ ସ୍ୱର୍ଗମୋକ୍ଷ ପ୍ରଦାୟ
ସମୁଦ୍ରାତୁତ୍ତରେ ତୀରେ ଯାବତ୍ ବିରଜାମଣ୍ଡଳମ୍
(ବ୍ରହ୍ମାଣ୍ଡ ପୁରାଣ)

(୩) "ସନ୍ତି ତୀର୍ଥାନି ପୁଣ୍ୟାନି ପୁଣ୍ୟସ୍ୟାୟତନାନି
ଉତ୍କଳେ ତୁ ମୁନିଶ୍ରେଷ୍ଠା ବେଦିତବ୍ୟାନି ତାନି
ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋ
(ବ୍ରହ୍ମପୁରାଣ)

(୪) "କଳିଙ୍ଗଦେଶମାରଭ୍ୟ ପଞ୍ଚାଶ ଯୋଜନଂ ଶି
ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତା
(ଶକ୍ତି ସଙ୍ଗମ ତନ୍ତ୍ର)

(୫) "ତତଶ୍ଚୈତୟା କଥିତୟା ନିରଗିନ୍ନାକତ ଚିସ
କଳିଙ୍ଗନାଥନ୍ୟ ଯଦଭୟା ସଂଗତ୍ୟାନ୍ତୁ କଳିଙ୍ଗରାଟ୍ୟଂ କଳି
ନାଥେନ୍ୟାସଂ" । (ଦଶକୁମାର ଚରିତ)

(୬) "ଉତ୍କଳାଦର୍ଶିତ ପଥଃ କଳିଙ୍ଗାଭିମୁଖେ
ଶ୍ରିୟଂ ମହେନ୍ଦ୍ରନାଥସ୍ୟ କହାର ନତୁ ମେଦିନୀମ୍
(ରଘୁବଂଶ)

ଉତ୍କଳ ଓ କଳିଙ୍ଗସମାର୍ଥବୋଧକ ପରି ବ୍ୟବ
ହେଉଥିଲେ ମଧ୍ୟ ଉତ୍କଳ କେତେବେଳେ କଳିଙ୍ଗ ମଧ୍ୟ
ଓ କେତେବେଳେ ବହିର୍ଭୂତ ଥିବାର ଦେଖାଯାଏ
ତେବେ ଉତ୍କଳର ସୀମା ଗଙ୍ଗାଠାରୁ ଗୋଦାବ
ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଉତ୍କଳୀୟମାନଙ୍କୁ ଓଡ୍ର କୁ
ଯାଉଥିଲା । ଓଡ୍ର ଶବ୍ଦରୁ ଓଡ୍ର ବା ଓଡ଼ିଶା ଶବ୍ଦର ସୃଷ୍ଟି

## ପ୍ରାକ୍‌ତାତ୍ତ୍ୱିକ ପୃଷ୍ଠଭୂମି

କେତେକଙ୍କ ମତରେ ଉତ୍କଳୀୟ ସଂସ୍କୃତି ଖ୍ରୀ:ପୂ
ଦୁଇହଜାର ବର୍ଷ ପୂର୍ବର ହରପ୍ପା ସଂସ୍କୃତିର ସମସାମୟିକ
ଢେଙ୍କାନାଳ ଜିଲ୍ଲାର କଂସାର Kansar ଗ୍ରାମ
ମଗର ନାକି Magarnaki ଉଷ୍ମ ପ୍ରସ୍ରବଣ ନିକଟସ୍ଥ ଏ
ବିସ୍ତୀର୍ଣ୍ଣ ଜଙ୍ଗଲରୁ ବହୁ ପ୍ରାଚୀନ ଭଗ୍ନ ଇଟା, ବିଭିନ୍ନ ଆକାର
ରଙ୍ଗିନ୍ ପ୍ରସ୍ତର, ଅସ୍ତ୍ରଶସ୍ତ୍ର ଓ ଏକପ୍ରକାର ଲୌହ ମିଳିଛି ଯାହା
ହରପ୍ପା ସଭ୍ୟତାର ସମକାଳୀନ ପରି ମନେହୁଏ । ତେବେ
ଏହା ଅଧିକ ଗବେଷଣା ସାପେକ୍ଷ ।

କୋଣାର୍କର ସୂର୍ଯ୍ୟମନ୍ଦିର, ପୁରୀର ଶ୍ରୀମନ୍ଦିର ଓ ଶ୍ୱରର ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟ, କଳା ଓ କୁଶଳତା ବିଦେଶୀ ପର୍ଯ୍ୟଟକମାନଙ୍କୁ ବିସ୍ମିତ କରିଥାଏ । Egyptian Statesman ଙ୍କ ମତରେ ାର୍କର ଶିଳ୍ପଚାତୁରୀ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ମ୍, ପିରାମିଡ୍‌ର ଶିଳ୍ପଚାତୁରୀଠାରୁ କୌଣସି ଗୁଣରେ ନୁହେଁ ।

"This unique man-made monument Orissa is in no way inferior to that he pyramids which are One among seven wonders of the world".

ପୁନଶ୍ଚ Sir John Henry ବିଶ୍ୱବିଖ୍ୟାତ କୋଣାର୍କ କଳା ଉପରେ ମନ୍ତବ୍ୟ ପ୍ରଦାନ କରିବାକୁଯାଇ ଉଲ୍ଲେଖ ଛି "XX that this world have found place in the seven wonders of the ld, had it been visited by the isher; earlier".

## ଐତିହାସିକ ପୃଷ୍ଠଭୂମି

ସମ୍ରାଟ କପିଳେନ୍ଦ୍ରଦେବଙ୍କ ରାଜତ୍ୱରେ କର୍ଣ୍ଣାଟ, ର୍ଗ, ମାଳବ ଓ ଗୌଡ଼ ଦେଶ ଉତ୍କଳ ଶାସନାଧୀନ । ଗଙ୍ଗବଂଶାବତଂସ ମହାରାଜ ଅନଙ୍ଗଭୀମଦେବଙ୍କ ରେ ଉତ୍କଳର ସୀମା ବଙ୍ଗ ପ୍ରଦେଶର ହୁଗୁଳିଠାରୁ ପ୍ରଦେଶର ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଆଣ୍ଡ୍ରୁ ଷ୍ଟର୍ଲିଂ (Mr. Andrew Sterling) ଙ୍କ atic Society Journal (1837 A. D.) ପ୍ରକାଶିତ ପ୍ରବନ୍ଧରୁ ଜଣାଯାଏ ଯେ ମହାରାଜା ପ୍ରତାପରୁଦ୍ରଙ୍କ ସମୟରେ ଉତ୍କଳର କଳେବର ବୃଦ୍ଧି ପାଇ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଥିଲା ଓ ଆୟତନରେ ଭାରତବର୍ଷର ଏକ ତୃତୀୟାଂଶ ହୋଇଥିଲା । ରାଜମହେନ୍ଦ୍ରୀର ଶାସନକର୍ତ୍ତା ତଥା ଚୈତନ୍ୟ ମହାପ୍ରଭୁଙ୍କ ଅନ୍ତରଙ୍ଗ ରାୟ ରାମାନନ୍ଦଙ୍କ ବିରଚିତ 'ଜଗନ୍ନାଥ ବଲ୍ଲଭ ନାଟକ'ର ପ୍ରାରମ୍ଭ ପଦାବଳୀରୁ ପ୍ରତାପରୁଦ୍ରଙ୍କ ରୁଦ୍ରବିକ୍ରମ ପରିଚୟ ମିଳେ । ପ୍ରତାପରୁଦ୍ରଙ୍କ ନାମ ଶ୍ରବଣମାତ୍ରେ ସିକନ୍ଦରଙ୍କ ପରି ଦିଗ୍ବିଜୟୀ ବୀର ମଧ୍ୟ ଗିରି କନ୍ଦରରେ ଆତ୍ମଗୋପନ କରୁଥିଲେ । ଦାକ୍ଷିଣାତ୍ୟର କଳେବର୍ଗେଶ୍ୱର ସ୍ୱୀୟ ପରିବାରବର୍ଗଙ୍କ ଚକ୍ଷୁରେ ଲୋତକ ଦେଖୁଥିଲେ ଓ ଗୌଡ଼ ଦେଶର ରାଜା ଆପଣାକୁ ବାତ୍ୟାଘୂର୍ଣ୍ଣିତ ପୋତରୂପେ ମନେ କରୁଥିଲେ ।

> ଯନ୍ନାମପି ନିଶମ୍ୟ ସଂବିଶତେ ସେକନ୍ଦରଃ କନ୍ଦରମ୍
> ଦ୍ରବର୍ଗଂ କଳବର୍ଗ ଭୂମ ତିଳକଃ ସାଶ୍ରୁ ଧନୂଦ୍ୱୀକ୍ଷତେ ।
> ମେଂନେ ଗୁର୍ଜର ଭୂପତିର୍ଜର ଦିବାନ୍ଧ୍ୟ ନିଜ ଘନଂମ୍
> ବାତଙ୍କ ପଯୋଧିମଧ୍ୟ ଗଣନିବ ସ୍ୱ ଗୌଡ଼ ନେଶ୍ୱରଃ"
>
> (ଜଗନ୍ନାଥ ବଲ୍ଲଭ ନାଟକ)

ମହାରାଜା ପ୍ରତାପରୁଦ୍ର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶିଷ୍ୟତ୍ୱ ଗ୍ରହଣ କରି ବୈଷ୍ଣବଧର୍ମରେ ଦୀକ୍ଷିତ ହେବାପରେ ସଂସାର ପ୍ରତି ବୀତସ୍ପୃହ ହେଲେ ଓ ଉତ୍କଳୀୟ ଶୌର୍ଯ୍ୟବୀର୍ଯ୍ୟ କାଳାନ୍ତରରେ ହ୍ରାସ ପାଇବାକୁ ଲାଗିଲା । ପରିଶେଷରେ ଖ୍ରୀ: ୧୫୬୮ରେ ଆତତାୟୀଙ୍କ ହସ୍ତରେ ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଉତ୍କଳ ମାତାର ଭାଗ୍ୟରବି ଅସ୍ତମିତ ହେଲା ।

ଭାରତର ଅନ୍ୟାନ୍ୟ ପ୍ରଦେଶ ବିଦେଶୀ ଶାସନାଧୀନ ଥିବା ସମୟରେ ଓଡ଼ିଶାରେ ପୁରୀ ଓ କୋଣାର୍କ ମନ୍ଦିର ଗଙ୍ଗବଂଶୀୟ ରାଜାଙ୍କ ରାଜତ୍ୱରେ ନିର୍ମିତ ହୋଇଥିଲା । ଏଥିରୁ ଉତ୍କଳୀୟମାନଙ୍କ ଶୌର୍ଯ୍ୟବୀର୍ଯ୍ୟ ସହଜରେ ଅନୁମେୟ । ଆଲେକ୍‌ଜାଣ୍ଡାରଙ୍କ ସମୟରେ ମଧ୍ୟ ଉକ୍ତ ରାଜବଂଶର ପରିଚୟ ମେଗାସ୍ଥିନିସ୍‌ଙ୍କ ଭାରତ ବିବରଣୀ 'Indica'ର 'Gangaridai' ନାମୋଲ୍ଲେଖରୁ ମିଳିଥାଏ ।

## ବୋଇତ ବାଣିଜ୍ୟ ଓ ଉପନିବେଶ ସ୍ଥାପନ

ଏକଦା ଉତ୍କଳୀୟ ସୌଦାଗରଗଣ ବୋଇତ ବାଣିଜ୍ୟରେ ସୁଖ୍ୟାତି ଅର୍ଜନ କରି ବର୍ମା, ଶ୍ୟାମ, ମାଳୟ ଓ ଇଣ୍ଡୋନେସିଆରେ ଉପନିବେଶମାନ ସ୍ଥାପନ କରିଥିଲେ ।

ଗ୍ରୀକ୍ ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟିୟ ପ୍ରଥମ ଓ ଦ୍ୱିତୀୟ ଶତକରେ ଭାରତର ପୂର୍ବାଞ୍ଚଳରେ ୯ଟି ପୋତାଶ୍ରୟ ବନ୍ଦର ଥିଲା ଓ ତନ୍ମଧ୍ୟରୁ ପାଞ୍ଚଟି କଳିଙ୍ଗର–ସପଟମା (Sapatama) କଣ୍ଟକସିଲ୍ଲର (Kantakasilai) ବା ଘଣ୍ଟଶିଳା (Ghantasila), ପିତୁଣ୍ଡ (Pitunda) ବା ପିଥୁଣ୍ଡ (Pithuda), ପାଲୁର (Palur-Dantapur), ଗଞ୍ଜେ (Gange) ବା ଗଞ୍ଜାମ (Ganjam) ଏବଂ ତାମଲିଟି (Tamaliti) ବା ତାମ୍ରଲିପ୍ତ (Tamralipti) ଇତ୍ୟାଦି । ପାଲୁର ଓ ତାମ୍ରଲିପ୍ତ ବନ୍ଦରରୁ ଜଳପଥରେ ଉପରୋକ୍ତ ଦେଶମାନଙ୍କ ସହିତ ବୋଇତ ବାଣିଜ୍ୟ ପ୍ରଚଳିତ ଥିଲା ଏବଂ ଉତ୍କଳୀୟମାନେ ସେଠାରେ ଉପନିବେଶମାନ ସ୍ଥାପନ କରିଥିଲେ । ଚୀନ ଐତିହାସିକଗଣ ସେଠାକାର ଅଧିବାସୀଙ୍କୁ କୁନ୍‌ଲୁନସ (Kun-luns) ଓ ହୋଲିଙ୍ଗ (Holing) ରୂପେ ବର୍ଣ୍ଣନା କରିଛନ୍ତି । କୁନ୍‌ଲୁନସ ଓ ହୋଲିଙ୍ଗ ଉଭୟ କଳିଙ୍ଗ ଶବ୍ଦର ଅପଭ୍ରଂଶ ମାତ୍ର । ବିଶ୍ୱବିଖ୍ୟାତ ଫରାସୀ ଐତିହାସିକ କୋଏଡ଼ସ୍ (Coedes) ଙ୍କ ମତରେ ବର୍ମାର ପ୍ରାଚୀନ ପେଗୁ (Pegu) ର ନାମ ଉଷା (Ussa ବା Orissa) ଓ ପ୍ରୋମ୍ (Prome) ର ନାମ ଶ୍ରୀକ୍ଷେତ୍ର (ପୁରୀ) ଥିଲା । ଥାଇଲାଣ୍ଡର କ୍ଷେମସରୀ ପଲ୍ଲୀ ବା (Khemsari Pali) ଖେମେଶ୍ୱରୀ ପଲ୍ଲୀରେ ଅଦ୍ୟାବଧି ମାଏ ଖୋଙ୍ଗ୍‌ଖା (Mae Khongkha) ବା ମା ଖେମେଶ୍ୱରୀ ପୂଜାପାଆନ୍ତି । ଜାଭାର ମନ୍ଦିରମାଳିନୀ ବରବଦର (Borobadar) ଓ ପ୍ରମ୍ବାନୁନ୍ (Prambanun) ଅଦ୍ୟାବଧି ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ପରିଚୟ ପ୍ରଦାନ କରେ । ଏବେ

ମଧ୍ୟ ବାଲିଦ୍ୱୀପର ହିନ୍ଦୁ ପରିବାରରେ ଉତ୍କଳୀୟମାନଙ୍କ ପରି ପାନଗୁଆ ଦେଇ ଅତିଥି ସତ୍କାର କରିଥାଆନ୍ତି ଏବଂ ବିବାହୋତ୍ସବରେ ବନ୍ଧୁବାନ୍ଧବମାନଙ୍କୁ ଗୁଆ ଚଢାଇବା ସଙ୍ଗେ ବେଦୀରେ ବରକନ୍ୟା ମୁକୁଟ ବ୍ୟବହାର କରନ୍ତି । ଅଧୁନା ସେମାନଙ୍କ ସମାଜରେ ଦଣ୍ଡନାଚ ଓ ଚଇତିଘୋଡ଼ା ନାଚ ପ୍ରଚଳିତ । ଦୀର୍ଘ ୪୦—୫୦ ବର୍ଷ ତଳେ ଉତ୍କଳର ପୁରପଲ୍ଲୀରେ ବ୍ୟବହୃତ ହେଉଥିବା ସ୍ତ୍ରୀଲୋକମାନଙ୍କ ବସ୍ତ୍ର ଓ ଅଳଙ୍କାର ଅଦ୍ୟାବଧି ଜାଭାର ପୁର ପଲ୍ଲୀରେ. ଦୃଷ୍ଟିଗୋଚର ହୁଏ ।

## ଐତିହାସିକ ସୀମାରେଖାର ସଂକୋଚନ

ମି: ଆଣ୍ଡ୍ରିଉ ଷ୍ଟର୍ଲିଂ (Mr. Andrew Sterling)ଙ୍କ ଓଡ଼ିଶା ଇତିହାସରେ ଓଡ଼ିଶାର ସୀମା ଉତ୍ତରରେ ତ୍ରିବେଣୀ ଠାରୁ ବିଶନପୁର ଦେଇ ପାଟକୁମ ପର୍ଯ୍ୟନ୍ତ ଦକ୍ଷିଣରେ ଗୋଦାବରୀ, ପୂର୍ବରେ ହୁଗୁଳି ଓ ସମୁଦ୍ର ଏବଂ ପଶ୍ଚିମରେ ସିଂହଭୂମଠାରୁ ସୋନପୁର, ଗାଙ୍ଗପୁର, ସମ୍ବଲପୁର, ବସ୍ତରଠାରୁ ଜୟପୁର ଓ ଗୋଦାବରୀ, ମେଦିନୀପୁରର ଏକ ଅଂଶ, ଗଞ୍ଜାମ ଓ ବିଶାଖାପାଟଣା ( Vizag ) ର କେତେକ ଅଂଶ ଅନ୍ତର୍ଭୁକ୍ତ ଥିଲା । ପରବର୍ତ୍ତୀ ସମୟରେ ଉତ୍କଳର ଅଂଗଛେଦନର ମୂଳକାରଣ ହେଲେ ମୁସଲମାନ ଶାସକଗଣ । ଖ୍ରୀ: ୧୫୯୦ରେ ଆକବରଙ୍କ ମନ୍ତ୍ରୀମାନେ ହୁଗୁଳି ଓ ଅଧୀନସ୍ଥ ଦଶଟି ମାହାଲ ଉତ୍କଳରୁ କାଟିନେଇ ବଙ୍ଗପ୍ରଦେଶ ସଙ୍ଗେ ସାମିଲ କଲେ । ଏହା ଉତ୍କଳର ପ୍ରଥମ ଅଙ୍ଗଛେଦ । ଆକବରଙ୍କ ବନ୍ଦୋବସ୍ତର ଅଳ୍ପ ଦିନପରେ ଗୋଲକୁଣ୍ଡାର ମୁସଲମାନରାଜା ରାଜମହେନ୍ଦ୍ରୀ, ଚିକାକୋଲି ଓ ରଘୁନାଥପୁର ଇତ୍ୟାଦି ଦକ୍ଷିଣାଞ୍ଚଳ ଉତ୍କଳରୁ ପୃଥକ କଲେ । ଖ୍ରୀ: ୧୭୨୬ରେ ମହମଦ ତକିଖାଁଙ୍କ ଶାସନକାଳରେ ଓଡ଼ିଶା ସୁବାରସୀମା ରାଧା ଦେଉଳ (ମେଦିନୀପୁର ଠାରୁ 22'23 K.M.) ଠାରୁ ଚିକାକୋଲି ରଘୁନାଥପୁର (ଗଞ୍ଜାମର ମହେନ୍ଦ୍ରମାଳି ନିକଟରେ) ପର୍ଯ୍ୟନ୍ତ ଥିଲା । ସେହି ବର୍ଷ ହାଇଦ୍ରାବାଦର ନିଜାମଙ୍କ କର୍ମଚାରୀମାନେ ଗଞ୍ଜାମର କ୍ଷମତାଶାଳୀ ଜମିଦାରଙ୍କସହ ଷଡ଼ଯନ୍ତ୍ରକରି ଚିଲିକାର ଦକ୍ଷିଣରୁ ସମସ୍ତ ଅଞ୍ଚଳ ଉତ୍କଳରୁ ବହିଷ୍କୃତ କଲେ । ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁ ରାଜସ୍ୱ ଆଦାୟର ସୁବିଧା ଦୃଷ୍ଟିରୁ ପଟାଶପୁର ସପଣା ଛଡ଼ା ଜଳେଶ୍ୱର ଅର୍ଥାତ୍ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ମୁର୍ଶିଦାବାଦ ସରକାରଙ୍କ ଶାସନାଧୀନ କଲେ । ଏହିପରି ବିଶାଳ ଉତ୍କଳର ପାର୍ଶ୍ୱଚ୍ଛେଦନ ପରେ ଅବଶିଷ୍ଟ କ୍ଷୀଣାବୟବ ଉତ୍ତରରେ ସୁବର୍ଣ୍ଣରେଖା ପଟାଶପୁର, ଦକ୍ଷିଣରେ ଚିଲିକା, ପୂର୍ବରେ ସମୁଦ୍ର ଓ ପଶ୍ଚିମରେ ବଡ଼ମୂଳଘାଟି ପର୍ଯ୍ୟନ୍ତ ରହିଲା । ଉକ୍ତ କ୍ଷୀଣତନ୍ୱୀ ଉତ୍କଳକୁ ଅଲିବର୍ଦ୍ଦିଖାଁ ବେରାର ମରହଟ୍ଟାମାନଙ୍କୁ ସମର୍ପଣ କଲେ । ମରହଟ୍ଟା ସୁବାଦାରମାନେ ଖ୍ରୀ: ୧୭୫୦ରୁ ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ଓଡ଼ିଆମାନଙ୍କଠାରୁ କର ବାବଦରେ ପ୍ରଚୁର ଧନରତ୍ନ ସଂଗ୍ରହ କରିବାକୁ ଲାଗିଲେ । ସେମାନେ ରାଜା ଓ ଜମିଦାରଙ୍କଠାରୁ ପ୍ରଚୁର କର ଓ ସଲାମି ... କରିବା ସଙ୍ଗେ ଜଗନ୍ନାଥ ଦର୍ଶନାଭିଳାଷୀ ଯାତ୍ରୀମାନ... ପ୍ରଚୁର ଶୁଳ୍କ ଆଦାୟ କରିବାକୁ ଲାଗିଲେ । ... ଜଙ୍ଗଲରୁ ନାଗପୁର ଭୋଁସଲଙ୍କ ପାଇଁ ବହୁ ହସ୍ତୀ ... କରାଗଲା । ମରହଟ୍ଟା ବର୍ଗୀଙ୍କ ଅତ୍ୟାଚାରରେ ସା... ପ୍ରଜା ତ୍ରାହି ତ୍ରାହି ଡାକିବାକୁ ଲାଗିଲେ । ମରହଟ୍ଟା... ହିନ୍ଦୁଧର୍ମ ବିରୋଧୀ ନଥିଲେ ମଧ୍ୟ ହିନ୍ଦୁମାନଙ୍କର ... ସ୍ୱାଚ୍ଛନ୍ଦ୍ୟ ଦେଖୁନଥିଲେ । କର ଓ ସଲାମି ଆ... ଆଦାୟ ହେଉଥିବା ପ୍ରଚୁର ଅର୍ଥର କିୟଦଂଶ ... କୃଷି, ଶିଳ୍ପ ଓ ସ୍ୱାସ୍ଥ୍ୟୋନ୍ନତି ଉଦ୍ଦେଶ୍ୟରେ ... ହେଉନଥିଲା । ବନ୍ୟା, ଦୁର୍ଭିକ୍ଷ ଓ ମହାମା... ଲକ୍ଷ ଲକ୍ଷ ପ୍ରଜା ଶୀକାର ହେବାକୁ ଲାଗିଲେ ।

ଖ୍ରୀ:୧୭୬୮ରେ ମି: କର୍ଟସଫୋର୍ଡ (Mr. C... Ford) ଗଞ୍ଜାମର ଶାସକରୂପେ ନିଯୁକ୍ତ ହେ... ଇଂରେଜ ସରକାରଙ୍କ ଅଧୀନତା ସ୍ୱୀକାର ନକରି ... ଜମିଦାରମାନେ ବିଦ୍ରୋହ କଲେ । ଇଂରେଜ ସ... ବିଦ୍ରୋହୀ ରାଜା ଓ ଜମିଦାରଙ୍କ ବିରୁଦ୍ଧରେ ତେଲୁଗୁ ... ନିଯୁକ୍ତ କଲେ । କର୍ଣ୍ଣେଲ ପୀଚ୍ (Colnel Peach ... ଅଧ୍ୟକ୍ଷତାରେ ବନ୍ଧୁକଧାରୀ ସୈନ୍ୟଙ୍କ ଦ୍ୱାରା ବିଜୟନଗ... ରାଜା ସୀତାରାମ ରାଜୁ ପାରଳାଖେମଣ୍ଡି ଗଜପତି ... ଦେବଙ୍କୁ ପରାସ୍ତ କଲେ । ପାରଳାର କେତେକାଂଶ ... ବଂଶଧାରୀ ନଦୀର ଦକ୍ଷିଣାଞ୍ଚଳ ବିଜୟନଗରସହ ... ହେଲା ।

ଓଡ଼ିଆ ଜାତି ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ... ଗଡ଼ଜାତି ଓଡ଼ିଆ ଓ ମୋଗଲ ବନ୍ଦୀ ଓଡ଼ିଆ । ଖ୍ରୀ: ୧୮୦... ରଘୁଜୀ ଭୋଁସଲଙ୍କ ସମୟରେ କେବଳ ମୋଗ... ଉତ୍କଳ ଇଂରେଜ ଶାସନାଧୀନ ରହିଲା ଓ ଗଡ଼ଜାତ ... ପୃଥକ ହୋଇ ରହିଲା ।

ପ୍ରଥମେ ଉତ୍କଳର ଏହି ଛେଦିତାଂଶ ବଙ୍ଗପ୍ର... ଶାସନାଧୀନ ଥିଲା । ଦକ୍ଷିଣ ଉତ୍କଳ ମାନ୍ଦ୍ରାଜ ସରକା... ଅଧୀନରେ ଥିଲା । ଉତ୍କଳର ଉତ୍ତରାଂଶ ମେଦିନୀ... ଅଞ୍ଚଳ ଓ ତନ୍ନିକଟବର୍ତ୍ତୀ ଓଡ଼ିଆ ଭାଷାଭାଷୀ ... ପୂର୍ବପରି ବଙ୍ଗପ୍ରଦେଶରେ ଥିଲା । ଫୁଲଝର, ପଦ୍ମ... ବସ୍ତର, ଖଡ଼ିଆଳ, ଚନ୍ଦ୍ରପୁର ଓ ସମ୍ବଲପୁର ମଧ୍ୟପ୍ର... ସରକାରଙ୍କ ଅଧୀନରେ ଥିଲା । ଖ୍ରୀ: ୧୮୪୯ରେ ସମ୍ବ... ମିଶିଲା ଓ ଖ୍ରୀ: ୧୮୫୮ ବେଳକୁ ଖୋର୍ଦ୍ଧା, ବାଙ୍କି, ଅନୁ...

ସମ୍ବଲପୁର ଓ କନ୍ଧମାଳ ଅଞ୍ଚଳ ବ୍ରିଟିଶ ସରକାରଙ୍କ ପ୍ରତ୍ୟ... ଶାସନାଧୀନ ହେଲା । ଶାସନଗତ ଓ ରାଜନୈ... ଦୃଷ୍ଟିକୋଣରୁ ସମ୍ବଲପୁର ମଧ୍ୟପ୍ରଦେଶ ଛତିଶଗଡ଼ ... ଅଧୀନରେ ରହିଲା । ପୁନଶ୍ଚ ବିହାର ପ୍ରଦେଶ ଗଠନ ... ଓଡ଼ିଶାକୁ ବଙ୍ଗପ୍ରଦେଶରୁ କାଟିଆଣି ବିହାର ... ସାମିଲ କରାଗଲା ।

## ଓଡ଼ିଆ ଭାଷାଭାଷୀଙ୍କ ଦୁର୍ଗତି

ଫଳତଃ ଓଡ଼ିଆ ଭାଷାଭାଷୀ ଲୋକେ ବଙ୍ଗ, ମାନ୍ଦ୍ରାଜ ମଧ୍ୟପ୍ରଦେଶ ଓ ବିହାର ଶାସନାଧୀନ ରହିଲେ । ପ୍ରତିବେଶୀ ରାଜ୍ୟରେ ଓଡ଼ିଆ ସଂଖ୍ୟା ଲଘୁଥିବାରୁ ସେମାନେ ସ୍ୱାତନ୍ତ୍ର୍ୟ ହରାଇ ମାତୃଭାଷା ଓଡ଼ିଆ ପରିବର୍ତ୍ତେ ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଅଧ୍ୟୟନ କରିବାକୁ ବାଧ୍ୟ ହେଲେ । ବିଦ୍ୟାଳୟ ଓ କଚେରୀ ଭାଷା ଓଡ଼ିଆ ପରିବର୍ତ୍ତେ ପ୍ରତିବେଶୀ ରାଜ୍ୟର ଭାଷା ରହିଲା । ଗଞ୍ଜାମର ଓଡ଼ିଆ ଭାଷାଭାଷୀ ଲୋକେ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ଅବହେଳିତ ହେଲେ ଓ ତେଲୁଗୁମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ଶୋଷିତ ଓ ନିର୍ଯ୍ୟାତିତ ହେଲେ । ସେହିପରି ଓଡ଼ିଶାର ଶାସନ କେନ୍ଦ୍ର ବଙ୍ଗପ୍ରଦେଶର କଲିକତାରେ ଥିବାରୁ ବଙ୍ଗୀୟ ସରକାରୀ କର୍ମଚାରୀଗଣ ଓଡ଼ିଆମାନଙ୍କୁ ଶୋଷଣ ଓ ଅବହେଳିତ କରିବାକୁ ଲାଗିଲେ । ଆଇନ ବଳରେ ଓଡ଼ିଶାର ବହୁ ଜମିଦାରୀ କଲିକତାରେ ନିଲାମ ହେବାରୁ ବଙ୍ଗାଳୀମାନେ ସେଥିର ସୁଯୋଗ ନେଇ ଅଳ୍ପ ମୂଲ୍ୟରେ ପ୍ରଚୁର ଭୂସଂପତ୍ତିର ଅଧିକାରୀ ହେଲେ । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ତଥା ବଙ୍ଗଳାର ଉପଭାଷା ରୂପେ ବର୍ଣ୍ଣନା କରିବା ସଙ୍ଗେ ଓଡ଼ିଆମାନଙ୍କୁ ବଙ୍ଗଳା ଶିକ୍ଷାକରିବାକୁ ବାଧ୍ୟ କରାଗଲା । ଉତ୍କଳ ତାର ପୂର୍ବ ଗୌରବ ଓ ସ୍ୱାତନ୍ତ୍ର୍ୟ ହରାଇ ପରପଦାନତ ହେଲା ।

ଏକଦା ଗଞ୍ଜାମର କଲେକ୍ଟର ମିଃ ବ୍ରାଉନ (Mr. Brown) ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜି ମନେପକାଇ ଦୁଃଖାଭିଭୂତ ହେବା ସଙ୍ଗେ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳର ହୃତ ଗୌରବ ଫେରାଇ ଆଣିବାକୁ ଇଂରେଜ ସରକାରଙ୍କୁ ସୁପାରିଶ କରିଥିଲେ ।

"Once a most flourishing and delightful country reduced to reach the last ebb of a depopulated and frightful waste capable of recovery however from the brink of utter dilapidation and rain and likely by a wise and honourable system of Government to rise superior to its apparent destiny".

—Mr. Brown


ସଂପାଦକ 'ମହାପ୍ରଭୁ'
ବୃନ୍ଦାବନ ଧାମ
ଲୋକନାଥ ରୋଡ୍, ପୁରୀ–୭୫୨୦୦୧



# ଓଡ଼ିଶାର ଏକ ପ୍ରାଚୀନ ଓ ସୁପ୍ରସିଦ୍ଧ ଶୈବପୀଠ

# ଧବଳେଶ୍ୱର

ବୈଦ୍ୱାର - ଢେଙ୍କାନାଳ ମଧ୍ୟସ୍ଥ କୁଶ୍‌ପଙ୍ଗି ଛକଠାରୁ ମାତ୍ର ପାଞ୍ଚ କି.ମି. ଦୂର



- କଟକ - ସମ୍ବଲପୁର ୪୨ ନମ୍ବର ଜାତୀୟ ରାଜପଥରେ ଯାଉଥିବାବେଳେ ଆପଣ ଯଦିମାତ୍ର ଏକ ଘଣ୍ଟା ସମୟ ଦେଇପାରିବେ , ତେବେ ଧବଳେଶ୍ୱର ପରିଦର୍ଶନର ସୁଯୋଗ ଲାଭ କରିପାରିବେ ।
- ଧବଳେଶ୍ୱର ଗ୍ରାମରୁ ମହାନଦୀସ୍ଥିତ ଏହି ରମଣୀୟ ଦ୍ୱୀପକୁ ଦିନର ଯେକୌଣସି ସମୟରେ ଯିବା ଆସିବା କରିବା ପାଇଁ ନୌକାର ସୁବ୍ୟବସ୍ଥା ରହିଛି ।
- ପର୍ଯ୍ୟଟକମାନଙ୍କ ସୁବିଧାପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଠାରେ ଗୋଟିଏ ପାନ୍ଥଶାଳା ନିର୍ମିତ ହୋଇଛି । ସେଠାରେ ଖାଦ୍ୟପେୟର ବନ୍ଦୋବସ୍ତ ମଧ୍ୟ କରାଯାଇଛି ।

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ ସ୍ଥାପନ କରନ୍ତୁ :—

- ପର୍ଯ୍ୟଟନ କାର୍ଯ୍ୟାଳୟ,<br>ଅରୁଣୋଦୟ ମାର୍କେଟ୍ ପରିସର<br>କଟକ . ଫୋନ୍ - 23525
- ପାନ୍ଥଶାଳା , ଧବଳେଶ୍ୱର<br>ଫୋନ୍ - ଆଠଗଡ଼ - 64

ପର୍ଯ୍ୟଟନ ବିଭାଗ<br>ଓଡ଼ିଶା ସରକାର<br>ଭୁବନେଶ୍ୱର 751014



## କଳାର ସିଂର କାମଧେନୁ

ବଲାଙ୍ଗୀର ଠାରୁ ସୋନପୁର ଯାଉଥିବା ମୁଖ୍ୟ ରାସ୍ତାରେ ୬ କି.ମି. ଦୂରରେ ପୁଇନ୍ତଲା ବ୍ଲକ୍ ଅନ୍ତର୍ଗତ ମଲମୁଣ୍ଡା ଗ୍ରାମ ଅବସ୍ଥିତ । ଗ୍ରାମଟିର ଲୋକ ସଂଖ୍ୟା ୨,୦୦୦ରୁ ଅଧିକ । ଗାଁର ଅଧିକାଂଶ ଲୋକ ଗରିବ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ସେମାନଙ୍କର ଦୈନନ୍ଦିନ ଜୀବନଯାପନ ନିର୍ବାହ କରିବା ପାଇଁ ବଲାଙ୍ଗୀର ସହର ଉପରେ ନିର୍ଭର କରିଥାନ୍ତି । ଦିନ ମଜୁରିଆ ଓ ବିଭିନ୍ନ କାମ କରି ସେମାନେ ସେମାନଙ୍କର ପରିବାର ଭରଣପୋଷଣ କରନ୍ତି ।

ଏହି ଗ୍ରାମର ଶ୍ରୀ କଳାର ସିଂ ଭୋଇ ଏମାନଙ୍କ ଭିତରୁ ଜଣେ । ଜାତିରେ ହରିଜନ । ସ୍ୱାମୀସ୍ତ୍ରୀ କୁଟୁମ୍ବ ନେଇ ଦିନ ମଜୁରୀ ଉପରେ ନିର୍ଭର କରି ଦାରିଦ୍ର୍ୟର କଷାଘାତରେ ତାର ଜୀବିକା ଅତିବାହିତ କରୁଥିଲା ।

ଏଇ ଅବସରରେ ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ତାଙ୍କୁ ତା୧୦-୬-୧୯୮୮ ରିଖରେ ବଲାଙ୍ଗୀର ସରକାରୀ ଡାଇରୀ ଫାର୍ମରୁ ଷ୍ଟେଟ୍ ବ୍ୟାଙ୍କ୍ ସହାୟତାରେ ଗୋଟିଏ ମାଈ ବାଛୁରୀ ଥିବା ଶଙ୍କର ଜାତୀୟ ଜର୍ସି ଦୁଧିଆଳୀ ଗାଈ ଋଣ ସୂତ୍ରରେ ଟ ୩୫୦୦.୦୦ରେ ମିଳିଲା । ଏହି ଋଣ ତାର ଭାଗ୍ୟାକାଶକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କଲା ।

ଡାଇରୀ ଫାର୍ମରୁ ଗାଈ ପାଇବା ଆଗରୁ ତାଙ୍କୁ ଦୁଧ ଦୁହିବା, ଗାଈକୁ ଲାଳନପାଳନ କରିବା ପାଇଁ ଯେଉଁ ଶିକ୍ଷା ଦିଆ ଯାଇଥିଲା, ସେ ଅନୁସାରେ ତାରି ଲାଳନପାଳନ କରିବାରେ ଲାଗିଲା । ଫାର୍ମରୁ ଗାଈ ନେବା ସମୟରେ ବାଛୁରୀକୁ ମୋଟେ ୭ ଦିନ ହୋଇଥିଲା । ସେତେବେଳେ ଗାଈ ଦେଉଥିଲା ମାତ୍ର ଆଠ ଲିଟର ଦୁଧ । ଗାଈର ଲାଳନପାଳନ ଠିକ୍ ଭାବରେ କରିବା ପରେ ଗାଈର ଦୁଗ୍ଧ ଦେବା ପରିମାଣ ୧୫ ଦିନ ଭିତରେ ୧୨ ଲିଟରକୁ ବଢ଼ିଲା । ଦୁଇବେଳା ଦୁଗ୍ଧ ବିକ୍ରି କରିବାରେ କୌଣସି ଅସୁବିଧା ହୁଏ ନାହିଁ । ଗାଁରେ ଗଢ଼ି ଉଠିଥିବା ପ୍ରାଥମିକ ଦୁଗ୍ଧ ଉତ୍ପାଦନ ସମବାୟ ସମିତିରେ ପ୍ରତି ଦିନ କ୍ଷୀର ବିକ୍ରି କରି ମାସ ଶେଷରେ ଦେଇଥିବା ଦୁଗ୍ଧର ମୂଲ୍ୟ ନେଇଆସେ । ସମିତିରୁ ଗାଈ ପାଇଁ ଦାନା ମଧ୍ୟ ଆଣେ । ଗାଈର ଖାଇବା ବାବଦରେ ଦୈନିକ ଟ ୨୦.୦୦ ଖର୍ଚ୍ଚ କରେ । ମାସ ଶେଷରେ କ୍ଷୀରର ମୂଲ୍ୟ ବାବଦକୁ ଟ ୧୨୦୦.୦୦ ପାଏ । ସେଥିରୁ ଗାଈର ଦାନା ଟ ୬୦୦.୦୦ ଓ ଋଣ ବାବଦକୁ ଟ ୨୫୦.୦୦ ସୁଝି ସାରିଲା ପରେ ଅବଶିଷ୍ଟ ଟ ୩୫୦.୦୦ ନିଜ ଖର୍ଚ୍ଚରେ ଲଗାଏ । ବର୍ତ୍ତମାନ ସେ ଓ ତାଙ୍କ ପରିବାରର ସମସ୍ତେ ଖୁସି । ସେ କହନ୍ତି, ମୋ ଭାଗ୍ୟକୁ ଗାଈ ଖୁବ୍ ଭଲ ପଡ଼ିଛି । ମୋ ଅବସ୍ଥା କିଛି ମାସ ପରେ ନିଶ୍ଚୟ ସୁଧୁରି ଯିବ । ତାଙ୍କର ଗାଈର ମାଈ ବାଛୁରୀ ମଧ୍ୟ ସରକାରଙ୍କ ବାଛୁରୀ ପାଳନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ମାଗଣା ଗୋଖାଦ୍ୟ ପାଉଛି ।

ଗତ ତା ୧୫-୧୧-୧୯୮୮ ରିଖରେ ଏହି ଗ୍ରାମରେ ଗୋ-ସମ୍ବର୍ଦ୍ଧନ ସପ୍ତାହ ପାଳନ ଉପଲକ୍ଷେ ହୋଇଥିବା ଗୋବତ୍ସ ପ୍ରଦର୍ଶନୀରେ ଶ୍ରୀ କଳାର ସିଂ ଭୋଇଙ୍କ ଗାଈ ସର୍ବୋତ୍କୃଷ୍ଟ ଗାଈ ହିସାବରେ ପୁରସ୍କାର ପାଇବା ସଙ୍ଗେସଙ୍ଗେ ସର୍ବାଧିକ ୭.୭୫୦ ଲିଟର୍ ଦୁଗ୍ଧ ଦେଇଥିବାରୁ ସେ ପ୍ରଥମ ପୁରସ୍କାର ପାଇଥିଲେ ।

ବର୍ତ୍ତମାନ ସୁଦ୍ଧା ଶ୍ରୀ ଭୋଇ ତାଙ୍କର ଋଣ ବାବଦକୁ ଟ ୧୦୦୦.୦୦ ସୁଝି ସାରିଲେଣି ଏବଂ ଖୁବ୍ ଶୀଘ୍ର ବାକି ଟଙ୍କା ସୁଝି ଦେବେ ବୋଲି ଆନନ୍ଦର ସହ ପ୍ରକାଶ କରିଛନ୍ତି ।

**ଶ୍ରୀ ରଜନୀକାନ୍ତ ଶବର,**
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବଲାଙ୍ଗୀର

## ପୁନିଆକୁ ଦଇବ ସାହା

ଈଶ୍ୱରଙ୍କ ସୃଷ୍ଟି ବୈଚିତ୍ର୍ୟମୟ । କେହି ସୁଖରେ ଆତ୍ମହରା ହେଉଥିବେ ଆଉ କେହି ଦୁଃଖ ଯନ୍ତ୍ରଣାରେ ଅତିଷ୍ଠ ହୋଇପଡ଼େ । ତେବେ ସବୁଦିନ ସମାନ ନ ଥାଏ । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଏ ସଂସାରର ଚିରନ୍ତନ ରୀତି ।

ଲୁଣାହାଣ୍ଡି ଗ୍ରାମପଞ୍ଚାୟତର ଆଦିବାସୀ ପରିବାରର ଶ୍ରୀ ଲୋକନାଥ ମୁଣ୍ଡାର ବଡ଼ଝିଅ ପୁନିଆ । ଅତି ଖେଳବୟସରେ ବଡ଼, କୋଡ଼ିଏ ବର୍ଷ ବୟସରେ ଶ୍ରୀ ଲକ୍ଷ୍ମୀଧର ମୁଣ୍ଡାଙ୍କୁ ବିବାହ କରିଥିଲା । କିନ୍ତୁ ତା'ର ଭାଗ୍ୟର ଗତି ଥିଲା ବକ୍ର । ଦୀର୍ଘ କୋଡ଼ିଏ ବର୍ଷର ବୈବାହିକ ଜୀବନ ମଧ୍ୟରେ

...ସନ୍ତାନର ଜନନୀ ହୋଇ ପାରିଲା ନାହିଁ । ସେଥିପାଇଁ ସ୍ୱାମୀ ...ଧରର ମନରେ ଆସେ ସଂସାର ପ୍ରତି ବିତୃଷ୍ଣା । ଶେଷରେ ସେ ଘର ...ଡ଼ି ନିରୁଦ୍ଦିଷ୍ଟ ହୋଇଗଲା । ପୁନିଆର ସାହା ଭରସା କେହି ନ ଥାନ୍ତି । ...ନ୍ୟ ପନ୍ଥା ନ ପାଇ ବାଧ୍ୟ ହୋଇ ପୁନର୍ବାର ସେ ବାପଘରକୁ ଫେରିଆସି ...ଇ ପାଖରେ ରହିଲା ଏବଂ ମୂଲପାଟି ଲାଗି ଚଳିଲା । କିନ୍ତୁ ଭବିଷ୍ୟତଟା ...ଆଖିରେ ସବୁବେଳେ ଅନ୍ଧାର ଭଳି ଦିଶେ । କାରଣ ତା'ର ନିଜର ...ମ୍ପତ୍ତି ବୋଲି କିଛି ନାହିଁ । ଦିନେ ଜଣେ ସରକାରୀ କର୍ମଚାରୀ ଗ୍ରାମର ...ରିବ ଲୋକମାନଙ୍କର ତାଲିକା କରୁଥିଲେ । ପୁନିଆ ନିଜର ନାମ ମଧ୍ୟ ...ଲେଖାଇଲା ଓ ତାହା ସମୟକ୍ରମେ ଗ୍ରାମ କମିଟିର ସ୍ୱୀକୃତି ଲାଭ କରି ...ର୍ଥନୈତିକ ଅଭ୍ୟୁତ୍ଥାନ ଯୋଜନା ମାଧ୍ୟମରେ ଋଣ ପାଇବା ପାଇଁ ...ୀକୃତ ହେଲା । ପୁନିଆକୁ ୧୯୮୭ ମାଘ ମାସରେ ଏଗାରଟି ମେଣ୍ଢା ...ଣ ବାବଦକୁ ଯୋଗାଇ ଦିଆଗଲା । ପୁନିଆର ଆନନ୍ଦ କହିହେଲା ନ ...ରେ । ସେ ଏଣିକି ଭାଇର ପିଲାମାନଙ୍କ ସହିତ ନିଜର ମେଣ୍ଢାକୁ ଚରାଇ ...ଏ । ଆଉ ବାହାରକୁ ମୂଲ ଲାଗିବାକୁ ନ ଯାଇ ଘରେ କେତେକ କାର୍ଯ୍ୟ ...ରେ । ମାତ୍ର ବର୍ଷକ ମଧ୍ୟରେ ପୁନିଆର ମେଣ୍ଢା ସଂଖ୍ୟା ସତର ...ହେଲା । ପୁନିଆ କହେ ସରକାରଙ୍କ ଦୟାରୁ ତା'ର ଆଉ ଭୟ ନାହିଁ । ...ାରଣ ସରକାର ତା'ର ବାପା ମା ପରି । ସେ ମଝି ନଈରେ ବୁଡ଼ି ...ଯାଉଥିବା ସମୟରେ ତାକୁ କୂଳରେ ଲଗାଇଛନ୍ତି । ମେଣ୍ଢା ଋଣ ଦେଇ ...ବଞ୍ଚିବାର ବାଟ ଦେଖାଇଛନ୍ତି । ମେଣ୍ଢାତକ ପାଳିପୋଷି ନିଜର ଭବିଷ୍ୟତ ...ର୍ଥପାଇଁ ସେ କିଛି ଜମା ରଖି ପାରିବ । ସେ କହେ ଏମିତି ପ୍ରତ୍ୟେକ ...ବ୍ୟକ୍ତି ଋଣ ଟଙ୍କାକୁ ସଦୁପଯୋଗ କଲେ ଆମ ସମାଜରୁ ଦାରିଦ୍ର୍ୟତା ...ନିଶ୍ଚୟ ଲୋପ ହୋଇପାରିବ ।

ଶ୍ରୀ ନଗେନ୍ଦ୍ର ନାଥ ନାୟକ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଆଠମଲ୍ଲିକ ।

## ଶିକୁଳି ଗଲା ଛିଡ଼ି

ଅନୁଗୋଳ ବ୍ଲକ୍‌ର ୨୧ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ କୋଠଭୁଇଁ ଅନ୍ୟତମ । ବଣ ପାହାଡ଼ ଘେରା ମଧ୍ୟରେ ଏଠାକାର ଅଧିବାସୀମାନେ ବସବାସ କରନ୍ତି । ଯାତାୟତର ସେତେ ସୁବିଧା ନାହିଁ । ଏହା ଅନୁଗୋଳ ସଦର ମହକୁମାଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ଅବସ୍ଥିତ । ଗତ ନଭେମ୍ବର ୧୯୮୮ ପହିଲାଠାରୁ ସେ ଅଞ୍ଚଳକୁ ଏକ ସରକାରୀ ବସ୍ ଯାତାୟାତ କରୁଛି । ସେଠାକାର ଅଧିବାସୀମାନେ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରିଥା'ନ୍ତି । ଲୋକଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ସେହି ସ୍ୱଳ୍ପ ଆୟ ମଧ୍ୟରେ ନିଜର ଗୁଜରାଣ ମେଣ୍ଟାଇଥାଆନ୍ତି ।

୧୯୮୬ ମସିହାରେ ଯୁବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଏକ ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଘୋଷଣା କଲେ । ଯାହା ଫଳରେ କି ସାହୁକାରଙ୍କ ପାଖରେ ଗୋତି ହିସାବରେ ବର୍ଷବର୍ଷ ଧରି ଅସହାୟ ଅବସ୍ଥାରେ କାମ କରି ଆସୁଥିବା ବାଳକ ଓ ଯୁବକମାନେ ମୁକ୍ତି ପାଇଲେ । ସେମାନଙ୍କ ମନରେ ନୂତନ ଆଶା ସଞ୍ଚାର ହେଲା ।

କୋଠଭୁଇଁ ଗ୍ରାମ ପଞ୍ଚାୟତର କୋଠଭୁଇଁ, ନୂଆପଡ଼ା, ଲକ୍ଷ୍ମୁଣ୍ଡା, ଲାଲବେରା, ବାଘମୁଣ୍ଡା, ଜୁମୁରି, ଭୋସିଂହା, ଦଲକି ଗ୍ରାମର ୭୬ ଜଣ ଗୋତି ଶ୍ରମିକ ଏହି କାର୍ଯ୍ୟକ୍ରମରେ ୧୯୮୭ ମସିହାରେ ଅନ୍ତର୍ଭୁକ୍ତ ହେଲେ । ଅନୁଗୋଳ ବ୍ଲକ୍‌ର ବି.ଡି.ଓ., ସମ୍ପ୍ରସାରଣ କର୍ମଚାରୀ ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀ ପ୍ରହଲ୍ଲାଦ ନାୟକଙ୍କ ତତ୍ତ୍ୱାବଧାନରେ ଏମାନଙ୍କୁ ଚିହ୍ନଟ କରାଯାଇ ପ୍ରତ୍ୟେକଙ୍କୁ ଦୋକାନ, ହଳ, ଶଗଡ଼ ଏବଂ ଛେଳି ପୋଷିବା ବାବଦରେ ୪ ହଜାର ଟଙ୍କା ଲେଖାଏଁ ଦିଆଗଲା । କମିଟି ଜରିଆରେ ସେମାନଙ୍କୁ ହଳ, ଶଗଡ଼, ଛେଳି ଆଦି ମଧ୍ୟ ଯୋଗାଇ ଦିଆଗଲା । ସେମାନେ ଏ ସବୁ ପାଇ ନିଜ ପରିବାରର ଗୁଜରାଣ ମେଣ୍ଟାଇବା ସଙ୍ଗେସଙ୍ଗେ ଖୁସିରେ ଦିନ କାଟୁଛନ୍ତି ।

ନୂଆପଡ଼ା ନୂଆସାହିର ଶ୍ରୀ ନିରଞ୍ଜନ ସାହୁ ଦୋକାନ ବାବଦରେ ୪ ହଜାର ଟଙ୍କା ପାଇଛି । ୧୨ ବର୍ଷର ପିଲାଟିଏ ଗୋତି ହିସାବରେ ସାହୁକାର ପାଖରେ ମୂଲ ଲାଗୁଥିଲା । ପରିସ୍ଥିତିର ଚାପରେ ପଡ଼ି ନିଜର ମନ ନ ଥିଲେ ବି ବାପ ମା'ଙ୍କୁ ପୋଷିବାରେ ଅନ୍ୟ ଉପାୟ ନ ଥିଲା । ଯାହା ହେଉ ସେ ବର୍ତ୍ତମାନ ମୁକ୍ତ । ଯୁବ ସେବା କେନ୍ଦ୍ର, ଅନୁଗୋଳ ତରଫରୁ ସେଠାରେ ଖୋଲା ଯାଇଥିବା ଅଣଆନୁଷ୍ଠାନିକ କେନ୍ଦ୍ରରେ ସେ ହେଉଛି ଜଣେ ଛାତ୍ର । ଦିନରେ ଦୋକାନରେ ବସି ଯାହା ବିକାକିଣା କରେ ସେଥିରେ ପରିବାରର ଖର୍ଚ୍ଚ ତୁଲାଇବା ସାଙ୍ଗକୁ ସନ୍ଧ୍ୟାରେ ଶିକ୍ଷା କେନ୍ଦ୍ରରେ ଶିକ୍ଷା ଗ୍ରହଣ କରି ତା ଜୀବନକୁ ସାର୍ଥକ କରିବା ପାଇଁ ବର୍ତ୍ତମାନ ସେ ସଙ୍କଳ୍ପବଦ୍ଧ । ନିରଞ୍ଜନ ଭଳି ଅନେକ ପିଲା ବି ଅଛନ୍ତି । ଗୋତିଶ୍ରମିକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିରଞ୍ଜନର ଭାଗ୍ୟ ଯେପରି ଆସ୍ତେ ଆସ୍ତେ ବଦଳିବାରେ ଲାଗିଛି, ସେହି ଭଳି ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ରହିଲେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଦିନେ ନା ଦିନେ ଭାଗ୍ୟ ବଦଳିଯିବ ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ଜୟକୃଷ୍ଣ ସାହୁ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ଅନୁଗୋଳ ।

## 'ଷ୍ଟାଇଲୋ' ଆଗରେ ଲୋକ ଭିଡ଼

ପାଲ୍‌ଲହଡ଼ା ସବ୍‌ଡିଭିଜନ୍ ଅନ୍ତର୍ଗତ ଲାଠିକଟା ଏକ ବ୍ଲକ୍ । ଏହି ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ଅଧୀନରେ ଟିମ୍‌ଜୋରା ଏକ ଛୋଟିଆ ଗ୍ରାମ । ଲୋକ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ମନ୍ଦ ନୁହେଁ । ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଦୂରତ୍ୱ ମାତ୍ର ୫/୬ କିଲୋମିଟର ।

ଅନ୍ୟାନ୍ୟ ଉତ୍ସାହୀ, ଉଦୀୟମାନ ଯୁବକମାନଙ୍କ ପରି ବାପ ଛେଉଣ୍ଡ ଯୋଗେନ୍ଦ୍ର ସିଂ ପାଠ ବିଶେଷ ପଢ଼ି ନ ଥିଲେ ମଧ୍ୟ ହାଇସ୍କୁଲ ପର୍ଯ୍ୟନ୍ତ ଯିବାରେ ହେଳା କରି ନାହିଁ । ବୟସ ପାଖାପାଖି ୨୫ ବର୍ଷ ହେବ । ୧୯୮୬ ମସିହାରେ ବାପା ସାହେବ ସିଂ ଇହଲୀଳା ସମ୍ବରଣ କରିବା ପରେ ବଡ଼ଭାଇ ଏକାନ୍ନବର୍ତ୍ତୀ ପରିବାରରୁ ଦୂରେଇ ରହିଲା ଏବଂ ଭିନେ ସଂସାର କଲା । ମାତ୍ର ଦୁଇ ଭାଇଙ୍କ ମଧ୍ୟରୁ ଜଣେ ବିପଥଗାମୀ ହେଲେ ମଧ୍ୟ ପିତା ମାତାଙ୍କର ଯୋଗ୍ୟ ପୁତ୍ର ରୂପେ ବିଧବା ମା'ଙ୍କର ଭରଣ ପୋଷଣର ଦାୟିତ୍ୱ ନେଲା ଯୋଗେନ୍ଦ୍ର ସିଂ । ଏହି ପରି କିଛି ଦିନ ସେ ନିଜେ ପରିଶ୍ରମ କରି ଦୈନିକ ଯାହା ରୋଜଗାର କରେ ସେଥିରେ ଦୁଇଜଣ ପରିବାର ବିଶିଷ୍ଟ ତାଙ୍କର କ୍ଷୁଦ୍ର ପରିବାରଟି ଚଳିଯାଏ ।

ସମୟ ସବୁବେଳେ ସମାନ ନ ଥାଏ । କାରଣ କଥାରେ ଅଛି :

ସଂସାର ପରିବର୍ତ୍ତନେ ଦୁଃଖାନି ଚ ସୁଖାନି ଚ ।

ସରକାରଙ୍କର ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ଦରିଦ୍ର ପରିବାରକୁ ଅର୍ଥନୈତିକ ଅଭ୍ୟୁତ୍ଥାନ (ଇ.ଆର୍.ଆର୍.ପି.) ଯୋଜନାରେ ଯୋଗେନ୍ଦ୍ର ସିଂ ନାମକୁ ଲାଠିକଟା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀ ସାଧୁଚରଣ ରୋହିଦାସଙ୍କ ସାହାଯ୍ୟରେ ବି.ଡି.ଓ., ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଲାଠିକଟା ଶାଖାରୁ ୨,୭୦୦ ଟଙ୍କା ଋଣ ପାଇବା ପାଇଁ ୧୯୮୭ ମସିହାରେ ମଞ୍ଜୁର କଲେ । ଫଳରେ ୨,୭୦୦ ଟଙ୍କା ତାଙ୍କୁ ମିଳିଲା ଏବଂ ଲାଠିକଟା ବ୍ଲକ୍ ଅଫିସ ଛକରେ ଲୋକ ସମାଗମ ଜାଗାରେ ଏକ ଭଡ଼ାଘର ନେଇ ପ୍ରଥମେ ଏକ ସିଲେଇ ମେସିନ୍ ପକାଇ ନିଜେ ଛୋଟ ଛୋଟ ସିଲେଇ କାମ କରିବାକୁ ଲାଗିଲା । ବର୍ତ୍ତମାନ ଏକ ବର୍ଷ ମଧ୍ୟରେ ତାହାର ରୋଜଗାର ସୀମା ଆଶାତୀତ ଭାବେ ବୃଦ୍ଧି ପାଇଛି । ସେ ମଧ୍ୟ ଆଜି ଦୁଇଜଣ କାରିଗରଙ୍କ ସାହାଯ୍ୟରେ ସମସ୍ତ ପ୍ରକାର ପ୍ୟାଣ୍ଟ୍, ସାର୍ଟ ତଥା ମହିଳାମାନଙ୍କ ପରିଧାନ ସାମଗ୍ରୀ ତିଆରି କରି ନିଜର ଜୀବନ ପ୍ରତିପୋଷଣ କରି ପାରୁଛି । ଖାଲିସେତିକି ନୁହେଁ ଆରମ୍ଭ କରିଥିବା ସିଲେଇ ମେସିନ୍‌କୁ ବାଦ୍ ଦେଇ ସେ ପୁଣି ସେହି ପଇସାରୁ ଆହୁରି ଚାରିଗୋଟି ସିଲେଇ ମେସିନ୍ କିଣି କିଛି ସଞ୍ଚୟ କରିବା ମନୋବୃତ୍ତି ଗ୍ରହଣ କରିଛି ।

ତାହାଛଡ଼ା ସିଲେଇ ଶିକ୍ଷା କରୁଥିବା ସମୟରେ ଅନ୍ୟାନ୍ୟ ବଡ଼ବଡ଼ ସିଲେଇ ଦୋକାନରେ ବ୍ୟବହୃତ ହେଉଥିବା ଜିଗ୍‌ଜାଗ୍ ମେସିନ୍‌ର ସୁରୁଚ ଦୃଷ୍ଟିରୁ ସେ ମଧ୍ୟ ସେହି କ୍ଷୁଦ୍ର ଦୋକାନଟିରେ ଏକ ଜିଗ୍‌ଜାଗ୍ ସିଲେଇ ମେସିନ୍ ରଖି ଗ୍ରାହକ ତଥା ପାଖାପାଖି ଅତି ପରିଚିତ ଲୋକମାନଙ୍କୁ ସହଜରେ ଆକୃଷ୍ଟ କରି ପାରୁଛି । ବର୍ତ୍ତମାନ ପରିସ୍ଥିତିରେ 'ସ୍ମାର୍ଟଲୋ'ନାମକରଣ ହୋଇଥିବା ଏହି ସିଲେଇ ଦୋକାନଟି ସେଠାକାର ମୁଖ୍ୟ ସିଲେଇ ଦୋକାନ ଭାବରେ ମୁଣ୍ଡ ଟେକି ଉଠିଛି ।


ଘରଭଡ଼ା, କାରୀଗର ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଯାଇ ସେ ମଧ୍ୟ ବର୍ତ୍ତମାନ ମାସିକ ୧,୦୦୦ ଟଙ୍କା ରୋଜଗାର କରିପାରୁଛି ।ବିଗତ ଦିନର ଇତିହାସକୁ ରୋମନ୍ଥନ କରି ତାଙ୍କର ବୃଦ୍ଧା ମାତା ପୁତ୍ର ଯୋଗେନ୍ଦ୍ର ସିଂର ପାରିବାରିକ ସୁନେଲି ସ୍ୱପ୍ନରେ ବିଭୋର ହୋଇ ଉଠୁଛନ୍ତି । କର୍ତ୍ତବ୍ୟନିଷ୍ଠା, ସଙ୍କୋଚପଣିଆ ଏବଂ ଏକାଗ୍ରତା ଦେଖିଅନେକ ବୈବାହିକ ସମ୍ବନ୍ଧ ଆସୁଥିଲେ ମଧ୍ୟ ଜୀବନରେ ଏକ ବାସ୍ତବ କ୍ଷେତ୍ରରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ସେଥିପାଇଁ ଏକମତ ନୁହେଁ । ଋଣ ପରିଶୋଧ କରିବା ନିମିତ୍ତ ଆଉ ମାତ୍ର ୨୦୦ ଟଙ୍କା ବାକି ଥିବାରୁ ସେ ପୁଣି ଅନ୍ୟ ଏକ ଋଣ ପାଇଁ ଆବେଦନ କରିବାକୁ ଆଶାୟୀ ।

ତାହାଛଡ଼ା ଭଡ଼ାଘରେ ଚାଲୁଥିବା ଛୋଟ ସିଲେଇ ଦୋକାନର ମଧ ଅଭିବୃଦ୍ଧି ପାଇଁ ସେ ଚେଷ୍ଟିତ । ଆଣିଥିବା ଋଣ ଠିକ୍ ସମୟରେ ପରିଶୋଧ କରୁଥିବାରୁ ତାହାର ମାନସିକ ସ୍ଥିତି ମଧ୍ୟ ସୁଦୃଢ଼ ହୋ ପାରିଛି । ସରକାରଙ୍କର ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଥିବା ଅନ୍ୟାନ ଦାରିଦ୍ର ଦୂରୀକରଣ କାର୍ଯ୍ୟକ୍ରମ ଯଥା—ଆଇ.ଆର୍.ଡ଼ି.ପି. ଆର୍.ଏଲ୍.ଇ.ଜି.ପି. ପରି ଇ.ଆର୍.ଆର୍.ପି. ଯୋଜନାରେ ଆଦିବାସ ଉତ୍ସାହମୂଳକ ଯୋଗେନ୍ଦ୍ର ବାସ୍ତବରେ ଉପକୃତ ହୋଇ ପାରିଛି । ତେ ଆଉ ଅନ୍ନ, ବସ୍ତ୍ରଏବଂ ବାସଗୃହରେ କୌଣସି ସମସ୍ୟା ଆଗରେ ମୁଣ୍ଡଟେକି ଠିଆ ହୋଇ ପାରିନାହିଁ । ଗ୍ରାମାଞ୍ଚଳରେ ସରକାରଙ୍କ ତରଫରୁ ବେକାର ଯୁବକମାନଙ୍କ ନିମନ୍ତେ ସଙ୍ଘବଦ୍ଧ ଭାବେ କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ତଥା ଅର୍ଥନୈତିକ ଥଇଥାନ ଯୋଜନାଗୁଡ଼ିକ ଏକାନ୍ତ ଉପାଦେୟ ତଥା ଯୁଗୋପଯୋଗୀ ବୋ ଯୋଗେନ୍ଦ୍ର ଏହାର ଭୂୟସୀ ପ୍ରଶଂସା କରେ ।

ଶ୍ରୀ ଦାମୋଦର ବେହେରା,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ରାଉରକେଲା ।



ଶାରୀରିକ ଅକ୍ଷମଙ୍କୁ ଭତ୍ତା ପ୍ରଦାନ ଆଦେଶ ପତ୍ର ବଣ୍ଟନ



ରାଉରକେଲାଠାରେ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭେନା ..

# ସମ୍ବାଦ ପରିକ୍ରମା

## ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ଉନ୍ନତି

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ଉନ୍ନତି ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଆ ଜାତିର ପ୍ରାଣବିନ୍ଦୁ ଏବଂ ପ୍ରଖ୍ୟାତ ପର୍ଯ୍ୟଟନ କେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଭିନ୍ନ ବିଭାଗ ପକ୍ଷରୁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଦିଗରେ ନିଆଯାଉଥିବା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ନିକଟରେ ପୁରୀ ଏବଂ ଭୁବନେଶ୍ୱରଠାରେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲ୍ଲାସ୍ତରୀୟ ପଦାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

ପବିତ୍ର ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ ଏବଂ ମାର୍କଣ୍ଡ ପୁଷ୍କରିଣୀରେ ନୂତନ ଜଳ ପ୍ରବେଶ କରାଇ ଏହାକୁ ପରିଷ୍କାର କରି ରଖିବା ପାଇଁ ଏହି ସବୁ ପୁଷ୍କରିଣୀ ନିକଟରେ ଗଭୀର ନଳକୂପ ଖନନ କରାଯାଇ ସାରିଛି ଏବଂ ଫେବୃଆରୀ ମାସ ଶେଷ ସୁଦ୍ଧା ଏହି ଉଦ୍ଦେଶ୍ୟରେ ବସା ଯାଉଥିବା ପମ୍ପଗୁଡ଼ିକୁ ବିଦ୍ୟୁତକରଣ କରି ଏହି ଜଳ ବିଶୁଦ୍ଧିକରଣ କାର୍ଯ୍ୟ ଆରମ୍ଭ ହେବ । ବଡ଼ଦାଣ୍ଡ ଅଞ୍ଚଳରୁ ଯାଉଥିବା ନର୍ଦ୍ଦମା ଜଳର ନିଷ୍କାସନ ପାଇଁ ଅଠରନଳା ପର୍ଯ୍ୟନ୍ତ ଥିବା ନାଳକୁ ବୁଆନଈ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ପ୍ରଥମ ୩ କିଲୋମିଟର ଅଞ୍ଚଳର ଖନନ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ବାକି ୪ କିଲୋମିଟର ନାଳ ଖନନ କରି ଆସାମୀ ବର୍ଷା ଋତୁ ପୂର୍ବରୁ ଏହି କାର୍ଯ୍ୟ ଶେଷ କରାଯିବ । ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳଗୁଡ଼ିକୁ ଛଅଗୋଟି ଜୋନ୍‌ରେ ବିଭକ୍ତ କରାଯାଇଛି ଏବଂ ଏଥିରୁ ଦୁଇଟି ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଅର୍ଥର ବ୍ୟବସ୍ଥା କରାଯାଇଛି ଓ ଏହି କାର୍ଯ୍ୟ ଅତି ଶୀଘ୍ର ଆରମ୍ଭ କରାଯାଉଛି ।

ଶ୍ରୀମନ୍ଦିର ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠିତ ହୋଇଛି ଏବଂ ପୂର୍ବରୁ ଏହି ଅଞ୍ଚଳ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ବ୍ୟତୀତ ଏଥିପାଇଁ ସ୍ୱତନ୍ତ୍ର ଭାବରେ ଜଣେ ସବ୍‌ଇନିସ୍‌ପେକ୍ଟର ଓ ପାଞ୍ଚଜଣ ମହିଳା କନେଷ୍ଟବଳଙ୍କ ସହିତ ଦଶଜଣ କନେଷ୍ଟବଳଙ୍କୁ ନିଯୁକ୍ତି ଦିଆଯାଇଛି । ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ, ସମୁଦ୍ର କୂଳ ଏବଂ ବଡ଼ ଦାଣ୍ଡରେ ଯେପରି ପର୍ଯ୍ୟଟକ ତଥା ତୀର୍ଥ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେହି ଉଦ୍ଦେଶ୍ୟରେ ଏହି ସବୁ ଅଞ୍ଚଳରେ ପୋଲିସ୍ ବ୍ୟବସ୍ଥାକୁ ସୁଦୃଢ଼ିକରଣ କରାଯାଇଛି । ଶିକ୍ଷିତ ପଣ୍ଡା ଓ ଧୂନିଆ ପଣ୍ଡା ପରିବାରର ଯୁବକମାନଙ୍କୁ ଇତିହାସ, ପ୍ରତ୍ନତତ୍ତ୍ୱ ପ୍ରଭୃତି ବିଷୟରେ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଶ୍ରୀମନ୍ଦିର ପ୍ରଶାସନର ସମ୍ମିଳିତ ଉଦ୍ୟମରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇ ସାରିଛି ଏବଂ ସଫଳତା ସହ ପ୍ରଶିକ୍ଷଣ ଶେଷ ପରେ ଏହି ଶିକ୍ଷିତ ଯୁବକମାନଙ୍କୁ ଶ୍ରୀମନ୍ଦିରର ସ୍ୱୀକୃତିପ୍ରାପ୍ତ ଗାଇଡ୍‌ରୂପେ ବ୍ୟବହାର କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ମନ୍ଦିର ପାଇଁ ସ୍ୱତନ୍ତ୍ରରୂପେ ଜଣେ ସହକାରୀ ପର୍ଯ୍ୟଟନ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି ।

ଆନନ୍ଦ ବଜାରର ପୁନର୍ନିର୍ମାଣ ଏବଂ ପରିଛନ୍ନତା ଦିଗରେ ବିଶେଷ ଦୃଷ୍ଟି ଦିଆଯାଇଛି ଏବଂ ଏ ମଧ୍ୟରେ ଦୁଇଟି ପ୍ରସାଦ ସେବା ମଣ୍ଡପର ମରାମତି କାମ ଶେଷ ହୋଇ ସାରିଲାଣି । ଏହି ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ଏକ ନଳକୂପ ଖନନ କରାଯାଉଛି ଏବଂ ଏହାକୁ ପାଇପ୍ ଲାଇନ୍ ସହ ସଂଯୁକ୍ତ କରାଯିବ । ଏହା ଫଳରେ ଆନନ୍ଦ ବଜାର ଅଞ୍ଚଳରେ ସବୁ ସମୟରେ ଜଳ ଯୋଗାଣ ବ୍ୟବସ୍ଥା ସମ୍ଭବପର ହେବ ।

ଏହା ବ୍ୟତୀତ ସ୍ୱର୍ଗଦ୍ୱାରଠାରୁ ପ୍ରାଚୀ ହୋଟେଲ୍ ପର୍ଯ୍ୟନ୍ତ ଏକ ବେଳାଭୂମି ରାସ୍ତା ୩୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ଓ ଏଥିପାଇଁ ଚଳିତ ବଜେଟ୍‌ରେ ୩୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ।

ବେଳାଭୂମିର ପରିଛନ୍ନତା ଓ ସ୍ୱାସ୍ଥ୍ୟକର ପରିବେଶ ରକ୍ଷା, ଉତ୍ତର ପାର୍ଶ୍ୱ ମଠ ଅଞ୍ଚଳରେ ଏକ ସଙ୍ଗଠିତ ବଜାର ନିର୍ମାଣ କରି ଲକ୍ଷ୍ମୀ ବଜାର ଓ ଉତ୍ତର ଦ୍ୱାର ବଜାର ସ୍ଥାନାନ୍ତର, ବାଉଁଶ ପାହାଚର ଉଭୟ ପାର୍ଶ୍ୱରେ ଥିବା ଭଗ୍ନ ଗୃହର ପୁନର୍ନିର୍ମାଣ ଓ ଏଠାରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି ବିଷୟରେ ଏକ ପାଠାଗାର ପ୍ରତିଷ୍ଠା, ମନ୍ଦିରର ଉପଯୁକ୍ତ ଆଲୋକ ସଜ୍ଜା, ମହାପ୍ରସାଦ ବିକ୍ରୟ ଓ ସେବନ ପାଇଁ ମଣ୍ଡପ ନିର୍ମାଣ, ମହାପ୍ରସାଦର ମାନ ବୃଦ୍ଧି ପ୍ରଭୃତି ଦିଗରେ ମଧ୍ୟ ସକ୍ରିୟ

ପଦକ୍ଷେପ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଏକ ବିପ୍ଣୀ ଗୃହ ତଥା ପାଠଶାଳା ନିର୍ମାଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ।

ଶ୍ରୀମନ୍ଦିରର ଆୟ ବୃଦ୍ଧି ପାଇଁ ଅର୍ଥ ବିଭାଗ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଶ୍ରୀ ଜଗନ୍ନାଥଙ୍କର ଭୂ-ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମୀକ୍ଷା କରିବା ଦାୟିତ୍ୱ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଛି ।

ଏହି ସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜନସାଧାରଣ ଅକୁଣ୍ଠ ସହଯୋଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିବେଦନ କରିଛନ୍ତି ।

## ଋଣ ଆଦାୟରେ କୋହଳ ନୀତି

ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନୁଯାୟୀ ଋଣ ନେଇଥିବା କୌଣସି ବ୍ୟକ୍ତିଙ୍କୁ ଜେଲ୍‌କୁ ପଠାଇବା ପ୍ରଶ୍ନ ଉଠୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ପଷ୍ଟ କରି ଦେଇଛନ୍ତି ।

ସ୍ଥାନୀୟ ସଚିବାଳୟଠାରେ କୋରାପୁଟ ଜିଲ୍ଲାର ମନ୍ତ୍ରୀ, ବିଧାୟକ ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କ ସଙ୍ଗେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇ.ଆର୍.ଡ଼ି. ଯୋଜନା ଅନୁଯାୟୀ ଋଣ ପରିଶୋଧ କରିପାରି ନ ଥିବା ବ୍ୟକ୍ତିମାନଙ୍କ ପ୍ରତି କୋହଳ ମନୋଭାବ ଅବଲମ୍ବନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଦେବେ । ଏହି ଯୋଜନା ଅନୁଯାୟୀ କେତେକ ବ୍ୟକ୍ତି ଆଂଶିକ ସୁବିଧା ପାଇଛନ୍ତି ବୋଲି ଅଭିଯୋଗ ହେବାରୁ ତାହା ଉପରେ ପୂର୍ଣ୍ଣାଙ୍ଗ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜସ୍ୱ ମୋକଦ୍ଦମାଗୁଡ଼ିକ ତୁରନ୍ତ ଫଇସଲା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କୁ ଅସୁବିଧାରୁ ରକ୍ଷା କରିବା । ମାତ୍ର କେତେକ ସ୍ଥଳରେ ଏହାକୁ ଯଥାଯଥ ଭାବେ ପ୍ରୟୋଗ କରାଯାଉ ନ ଥିବାର ଅଭିଯୋଗ ହେଉଛି । ବିଶେଷତଃ ବେଆଇନ୍ ଜବରଦଖଲ ମକଦ୍ଦମାଗୁଡ଼ିକର ଫଇସଲା ନିମନ୍ତେ ନିଆଯାଉଥିବା ପଦକ୍ଷେପ ବିଷୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୂମିହୀନ ତଥା ଗୃହହୀନ ଲୋକମାନଙ୍କ ନାମରେ କରାଯାଇଥିବା ବେଆଇନ ଦଖଲ ମକଦ୍ଦମାଗୁଡ଼ିକୁ ପ୍ରଚଳିତ ନିର୍ଦ୍ଦେଶନାମା ଅନୁଯାୟୀ ତାଙ୍କୁ ଲିଜ୍ ଦିଆଯାଇ ପାରିବ । ୧-୪-୧୯୮୯ ସୁଦ୍ଧା ଯେଉଁ ବେଆଇନ ଦଖଲ ମକଦ୍ଦମାଗୁଡ଼ିକ ଲିଜ୍ ପରିସରଭୁକ୍ତ କରାଯାଇ ପାରିବ, ତାକୁ ପ୍ରଥମେ ଫଇସଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କେବଳ ଗୋଚର, ସହରାଞ୍ଚଳରେ ଥିବା ଆପତ୍ତିଜନକ ଜବରଦଖଲ, ସର୍ବସାଧାରଣ ତଥା ଶ୍ମଶାନ ଇତ୍ୟାଦି ରକ୍ଷିତ ଶ୍ରେଣୀଭୁକ୍ତ ଜମିଗୁଡ଼ିକୁ ଲିଜ୍ ଦିଆଯିବ ନାହିଁ । ଆପତ୍ତିଜନକ ବେଆଇନ ଦଖଲ କେସ୍‌ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ସରକାରଙ୍କୁ ମାର୍ଚ୍ଚ ମାସ ସୁଦ୍ଧା ଦିଆଯିବ ଏବଂ ଏ ସମ୍ବନ୍ଧରେ ସରକାର ଏକ ସୁଚିନ୍ତିତ ନିଷ୍ପତ୍ତି ନେବେ । ଗ୍ରାମାଞ୍ଚଳରେ ବାସଗୃହ ରୂପେ ବ୍ୟବହାର କରାଯାଉଥିବା ଘରଗୁଡ଼ିକୁ ଭଙ୍ଗାଯିବ ନାହିଁ ।

ରାଜସ୍ୱ ବିଭାଗ ତରଫରୁ ମନି ଲେଣ୍ଡିଂ ଆକ୍ଟ ତଥା ରେଗୁଲେସନ୍‌ର କାର୍ଯ୍ୟକାରିତା ବିଷଦ୍‌ଭାବେ ଆଲୋଚନା କରାଯାଇ ଏଥି ନିମନ୍ତେ ଆବଶ୍ୟକ ବୈଧାନିକ କାର୍ଯ୍ୟକ୍ରମ ତୁରନ୍ତ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

କୋରାପୁଟରେ ଏକ ସ୍ଥାୟୀ ସେଟେଲ୍‌ମେଣ୍ଟ୍ ଅଫିସ୍ ଖୋଲିବା, ନିର୍ମାଣାଧୀନ ଯାନବାହାନ ରାସ୍ତା, ପିଟାଗୋଡ଼ା, କୁଣ୍ଡୁପୁର, ଚଟାହାଣ୍ଡି, ମାଟିଲି ପଛୁଆ, ଅପର୍‌କୋଲାବ୍ ପାୱାର୍ ଚ୍ୟାନେଲ୍‌ର ଗାଣ୍ଡାହିକ ପୋଲ ଇତ୍ୟାଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ଗୁପ୍ତେଶ୍ୱର ରାସ୍ତା, ଜୟପୁର ବସ୍‌ଷ୍ଟାଣ୍ଡ, ନବୋଦୟ ବିଦ୍ୟାଳୟ, ଡ଼ି.ଏ.ଭି. କଲେଜ୍ ଗୃହ ଓ କୋରା[illegible] ଜିଲ୍ଲାପାଳଙ୍କର ଅଫିସ୍ ଗୃହ ନିର୍ମାଣ ଅଗ୍ରାଧିକାର ଭିତ୍ତିରେ କରାଯିବ ବୋ[illegible] ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଅପର୍ ଇନ୍ଦ୍ରାବତୀ ଯୋଜନାରେ ଭୂ-ଅର୍ଜନ ନିମନ୍ତେ ଦିଆଯାଉଥି[illegible] କ୍ଷତିପୂରଣ ବ୍ୟତୀତ ଯେଉଁମାନେ ଚାଷୋପଯୋଗୀ ଜମି ନେବା[illegible] ଚାହିଁବେ, ସେମାନଙ୍କୁ ଅପର୍ କୋଲାବ୍ ଯୋଜନା ନିମନ୍ତେ ପ୍ରସ୍ତୁ[illegible] କରାଯାଇଥିବା ଜମି ଦିଆଯାଇ ପାରିବ । ଯଦି ସେମାନେ ଏହା ନେବା[illegible] ସମ୍ମତ ନ ହୁଅନ୍ତି, ତେବେ ସେମାନଙ୍କୁ ଥଇଥାନ ସାହାଯ୍ୟ ବାବଦରେ[illegible] ୧୪,୦୦୦ ଟଙ୍କା ପରିବର୍ତ୍ତେ ୧୭,୮୭୫ ଟଙ୍କା ଦେବା ପା[illegible] ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ[illegible] ଏହାଛଡ଼ା ପରଂବୋକ ଜମିରେ ଥିବା ଗୃହ ଓ ବୃକ୍ଷାଦି ନିମନ୍ତେ ବିଧିବ[illegible] ଭାବେ ଭୂ-ଆହରଣର ପ୍ରଚଳିତ କ୍ଷତିପୂରଣ ଦେବା ପାଇଁ ସରକା[illegible] ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟ ଫେବୃଆରୀ ମା[illegible] ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଇନ୍ଦ୍ରାବ[illegible] ଯୋଜନାର ପ୍ରଥମ ପର୍ଯ୍ୟାୟରେ କପୁର ଡ୍ୟାମ୍ ନିର୍ମାଣ ହେବା ଦ୍ୱାର[illegible] ୧୪ଟି ଗ୍ରାମ ଜଳାର୍ଣ୍ଣବ ହେବ । ଏମାନଙ୍କୁ ତାଙ୍କର ଗନ୍ତବ୍ୟ ସ୍ଥାନ[illegible] ସ୍ଥାନାନ୍ତରୀତ ହେବା ପୂର୍ବରୁ ତାଙ୍କ ନିମନ୍ତେ କେତେକ ଆନୁସଙ୍ଗିକ କା[illegible] ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ

ଧାର୍ଯ୍ୟ ସମୟ ସୀମା ଅନୁଯାୟୀ ଆସନ୍ତା ୧୯୯୧ ମସିହା ସୁଦ୍ଧ[illegible] ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଅନ୍ୟୂନ ୧[illegible] ହଜାର ହେକ୍ଟର୍ ଜମିରେ ଜଳସେଚନର ସୁଯୋଗ ସୃଷ୍ଟି ଲକ୍ଷ୍ୟ ନେଇ[illegible] ସୁବର୍ଣ୍ଣରେଖା ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି । କାରଣ ଉକ୍ତ[illegible] ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବିହାର ରାଜ୍ୟ ପକ୍ଷରୁ ଏହି ପ୍ରକଳ୍ପ[illegible] ଜରିଆରେ ଓଡ଼ିଶାକୁ ଜଳ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ଏବଂ ସେ ଅନୁଯାୟୀ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ପାଇଁ ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ[illegible] ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପୃକ୍ତ ଅଞ୍ଚଳରୁ ବାସଚ୍ୟୁତ[illegible] ଲୋକମାନଙ୍କର ଉପଯୁକ୍ତ ଥଇଥାନ କରିବା ଦିଗରେ ତତ୍ପର ହେବା ପାଇଁ ଏବଂ ବୁଡ଼ି ଅଞ୍ଚଳର ଲୋକମାନଙ୍କୁ ସରକାରଙ୍କ ନିଯୁକ୍ତି ନୀତିକୁ ଦୃଷ୍ଟିରେ[illegible] ରଖି କର୍ମସଂସ୍ଥାନ ଯୋଗାଇ ଦେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ସୁବର୍ଣ୍ଣରେଖା ଜଳସେଚନ ଯୋଜନା ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗ[illegible] ତିନୋଟି ରାଜ୍ୟର ଏକ ଆନ୍ତଃରାଜ୍ୟ ପ୍ରକଳ୍ପ । ଏହି ରାଜ୍ୟମାନଙ୍କ ଦେଇ[illegible] ପ୍ରବାହିତ ସୁବର୍ଣ୍ଣରେଖା ଓ ଖଡ଼ଖାଇ ନଦୀର ବିପୁଳ ଜଳସମ୍ପଦର ସୁବିନିଯୋଗ ପାଇଁ ଏବଂ ବନ୍ୟା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପକୁ ଗତ ୧୯୮୨-୮୩ ଆର୍ଥିକ ବର୍ଷଠାରୁ ବିଶ୍ୱ ବ୍ୟାଙ୍କ୍ ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ପ୍ରକଳ୍ପ ନିର୍ମାଣ ପାଇଁ ମୋଟ୍ ୪୮୮ କୋଟି ୮୮ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥି ମଧ୍ୟରୁ ବିହାର ରାଜ୍ୟରେ ଉଭୟ ବିହାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବରେ ୧୪୪ କୋଟି ୬୬ ଲକ୍ଷ ଟଙ୍କା ଏବଂ ଓଡ଼ିଶା ଅଞ୍ଚଳରେ ଜଳସେଚନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ୩୪୪ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ଏହା ବ୍ୟତୀତ 'ୱାଲ୍‌ମୀ' ସଂସ୍ଥା ଜରିଆରେ ଓଡ଼ିଶାରେ ଜଳ ଓ ଜମି ପରିଚାଳନା ସମ୍ପର୍କରେ ଯନ୍ତ୍ରୀ ଏବଂ କୃଷକମାନଙ୍କୁ ତାଲିମ୍ ଦେବା ପାଇଁ ୭ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠାର ପରିକଳ୍ପନା ରହିଛି । ଚଳିତ ଆର୍ଥିକ ବର୍ଷରେ ୧୫ କୋଟି ୨୧ ଲକ୍ଷ ଟଙ୍କା ପ୍ରକଳ୍ପ ନିର୍ମାଣରେ ଖର୍ଚ୍ଚ ହୋଇଛି ।

ପର୍ଯ୍ୟାୟକ୍ରମେ ୩ଟି ପର୍ଯ୍ୟାୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହା ସମ୍ପୂର୍ଣ୍ଣ ହେଲେ ଓଡ଼ିଶାର ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର କୃଷକମାନଙ୍କୁ ଖରିଫ୍ ଋତୁରେ ମୋଟ ୯୩ ହଜାର ହେକ୍ଟର୍ ଏବଂ ରବି ଋତୁରେ ୬୩ ହଜାର ହେକ୍ଟର୍ ଜମିରେ ଜଳ ଯୋଗାଇ ଦିଆଯିବ । ୧୯୯୧ ମସିହା ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୧୫ ହଜାର ହେକ୍ଟର୍ ଜମିରେ ଜଳସେଚନର ସୁଯୋଗ ସୃଷ୍ଟି କରାଯିବ ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀ ପ୍ରସନ୍ନ କୁମାର ଦାସ, ସେଚମନ୍ତ୍ରୀ ସେକ୍ ମତ୍‌ଲୁବ୍ ଅଲ୍ଲୀ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍, ବିଧାୟକ ସର୍ବଶ୍ରୀ କାନ୍ହୋଇ ସିଂ, ପୃଥ୍ୱୀନାଥ କିସ୍କୁ ଓ ବିରାଗ ମାଝୀ, ସେଚ, ରାଜସ୍ୱ ଓ ଜଙ୍ଗଲ ବିଭାଗର ସଚିବ ବୃନ୍ଦ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର୍, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ସୁବର୍ଣ୍ଣରେଖା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟସ୍ତରୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ସମନ୍ୱୟ କମିଟି ବୈଠକ

ରାଜ୍ୟରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ଅଭିବୃଦ୍ଧି ପାଇଁ ଏକ ମାଷ୍ଟର୍ ପ୍ଲାନ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସୂଚନା ଦେଇଛନ୍ତି । ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ସମନ୍ୱୟ କମିଟିର ୪ର୍ଥ ବୈଠକରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଗତ ସାଢ଼େ ଆଠ ବର୍ଷ ଧରି ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ସମ୍ପୃକ୍ତ ଜିଲ୍ଲାର କ୍ଷୁଦ୍ର ଶିଳ୍ପ, କାରିଗରୀ ଶିଳ୍ପ ଓ ଖାଦୀ ଶିଳ୍ପକୁ ପ୍ରସାର କରିବା ଦିଗରେ ଉଲ୍ଲେଖଯୋଗ୍ୟ ସାଫଲ୍ୟ ହାସଲ କରି ପାରିଛନ୍ତି । ମାତ୍ର ଏହି କାର୍ଯ୍ୟ ସମ୍ପାଦନ ସମୟରେ ଯେଉଁସବୁ ଦୋଷତ୍ରୁଟି ଦେଖା ଦେଇଛି, ସେ ସମ୍ପର୍କରେ ସମୀକ୍ଷା କରି ତାହାର ସଂଶୋଧନ କରିବାକୁ ପଡ଼ିବ । ଶିଳ୍ପ ପ୍ରତିଷ୍ଠା ପାଇଁ ସିଦ୍ଧାନ୍ତ ଗ୍ରହଣ ଠିକ୍ ସମୟରେ କରାଯାଉଛି କି ନାହିଁ ତାହା ଦେଖିବାକୁ ପଡ଼ିବ । ଶିଳ୍ପୋଦ୍ୟୋଗୀମାନଙ୍କୁ ଷ୍ଟାର୍ଟିଂ କ୍ୟାପିଟାଲ୍ ଏବଂ ଅନ୍ୟାନ୍ୟ ଋଣ ଠିକ୍ ସମୟରେ ଦିଆଯାଉଛି କି ନାହିଁ ଦେଖିବାକୁ ପଡ଼ିବ ଏବଂ ଯେଉଁସବୁ ଶିଳ୍ପଜାତ ପଦାର୍ଥ ଉତ୍ପାଦିତ ହେଉଛି ସେସବୁର ବିକ୍ରିବଟା ବ୍ୟବସ୍ଥା କରିବାକୁ ପଡ଼ିବ । କାରଣ ଏହା ଉପରେ ଶିଳ୍ପର ସ୍ଥିତି ନିର୍ଭର କରୁଛି । ଏହା ବ୍ୟତୀତ ଶିଳ୍ପଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଉଦ୍ୟୋଗୀ ପାଉଛନ୍ତି କି ନାହିଁ ଏବଂ ସରକାରଙ୍କ ପକ୍ଷରୁ ଯେଉଁ ସୁବିଧା ସେମାନଙ୍କୁ ଦିଆଯିବା କଥା ତାହା ମିଳୁଛି କି ନାହିଁ ତାହା ଦେଖିବା କଥା ।

ଏଥି ପୂର୍ବରୁ ଶିଳ୍ପମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ଯେ ଗତ ଆଠ ବର୍ଷ ଭିତରେ ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି ତାହାକୁ ଅସ୍ୱୀକାର କରି ହେବ ନାହିଁ । ସେ କହିଲେ ଯେ ରାଜ୍ୟରେ ବହୁ ଶିଳ୍ପ ପ୍ରତିଷ୍ଠିତ ହୋଇ ସାରିଛି । ସେହିସବୁ ଶିଳ୍ପ ତିଷ୍ଠି ରହିବା ପାଇଁ ପଦକ୍ଷେପ ନେବାର ସମୟ ଆସିଛି । ଏଥିପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଅଳ୍ପ ମୂଳଧନ ବିନିଯୋଗ କରି ବହୁତ ଲୋକଙ୍କୁ ନିଯୁକ୍ତି ଦେବାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ବିଶେଷ ଭୂମିକା ଗ୍ରହଣ କରି ପାରୁଛି । ତେଣୁ ବୟନ ଶିଳ୍ପଠାରୁ ଆରମ୍ଭ କରି ସେରିକଲ୍‌ଚର୍ ହର୍ଟିକଲ୍‌ଚର୍ ପ୍ରଭୃତି ବିଭିନ୍ନ ଶିଳ୍ପର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଶ୍ରୀ ପଟ୍ଟନାୟକ କହିଲେ ଯେ ସର୍ବଭାରତୀୟ ସ୍ତରରେ ଆମ କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇ ପାରିଛି ।

ଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ପ୍ରାରମ୍ଭିକ ଭାଷଣ ଦେଇ ୧୯୮୦ ମସିହା ପୂର୍ବର ଓ ବର୍ତ୍ତମାନର ଶିଳ୍ପ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ୧୯୮୦ ପୂର୍ବରୁ ରାଜ୍ୟରେ ୯ ହଜାର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଥିବା ବେଳେ ତାହା ୩୨ ହଜାର ୭ ଶହକୁ ବୃଦ୍ଧି ପାଇଛି । ବର୍ତ୍ତମାନ ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ଉପରେ ବହୁ ଚାପ ପଡୁଛି । ଏତେ ସଂଖ୍ୟକ ଶିଳ୍ପର କାର୍ଯ୍ୟକାରିତା, ମୂଲ୍ୟାୟନ ଏବଂ ଏଥିରୁ ଉତ୍ପାଦିତ ଜିନିଷର ବିକ୍ରି ଏକ ସମସ୍ୟା ରୂପେ ଦେଖା ଦେଇଛି । ଆଉ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ପରିବର୍ତ୍ତେ ପ୍ରତିଷ୍ଠିତ ହୋଇଥିବା ଶିଳ୍ପ ମଧ୍ୟରୁ ଯେଉଁଗୁଡ଼ିକ ରୁଗ୍ଣ ହୋଇ ପଡୁଛି ସେଗୁଡ଼ିକୁ ସକ୍ରିୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ ।

ଆଲୋଚନାରୁ ଜଣାଯାଏ ଯେ ୧୯୮୦ ମସିହା ପର୍ଯ୍ୟନ୍ତ ରାଜ୍ୟରେ ୯,୧୧୯ ଗୋଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଥିଲା । ଏଥିପାଇଁ ୨,୩୮୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା ଏବଂ ଏଥି ମାଧ୍ୟମରେ ୬୫,୭୯୮ ଜଣ ବ୍ୟକ୍ତିଙ୍କୁ କାମ ମିଳି ପାରୁଥିଲା । ମାତ୍ର ବିଗତ ୮ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇ ଚଳିତ ବର୍ଷ ନଭେମ୍ବର ସୁଦ୍ଧା (୧୯୮୮ ନଭେମ୍ବର) କ୍ଷୁଦ୍ରଶିଳ୍ପ ସଂଖ୍ୟା ୩୨,୭୧୫ରେ ପହଞ୍ଚି ପାରିଛି । ଏଥି ନିମନ୍ତେ ୩୬୨ କୋଟି ୭୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ଓ ଏଥି ମଧ୍ୟରେ ୨ ଲକ୍ଷ ୪୩ ହଜାର ୭୩୦ ଜଣଙ୍କୁ କାମ ମିଳି ପାରିଛି । ସେହିପରି ପାରମ୍ପରିକ କୁଟୀର ଶିଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି । ୧୯୮୦ ବେଳକୁ ୫ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ୩୧,୫୨୮ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ୫୯,୩୩୪ ଜଣଙ୍କୁ କାମ ମିଳି ପାରିଥିଲା । ମାତ୍ର ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୧୬୭ କୋଟି ୪ ହଜାର ଟଙ୍କା ବିନିଯୋଗରେ ୮ ଲକ୍ଷ ୪୮ ହଜାର ୧୦୨ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥି ମାଧ୍ୟମରେ ୧୪ ଲକ୍ଷ ୨ ହଜାର ୭୬୪ ଜଣଙ୍କ ପାଇଁ କର୍ମନିଯୁକ୍ତି ସ୍ଥାନ ସୃଷ୍ଟି କରାଯାଇ ପାରିଛି ।

## ଗ୍ରାମାଞ୍ଚଳରେ ସାଇତା ଶସ୍ୟର ଉପଯୁକ୍ତ ସୁରକ୍ଷା

ସ୍ୱାଧୀନତା ପରବର୍ତ୍ତୀ କାଳରେ କୃଷିର ଉନ୍ନତି ପାଇଁ ବିଶେଷ ଧ୍ୟାନ ଦିଆଯିବାରୁ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଯାହା ଫଳରେ ଖାଦ୍ୟ ଶସ୍ୟରେ ଉତ୍ପାଦନ ପ୍ରାୟ ତିନିଗୁଣରୁ ଅଧିକ ହୋଇ ପାରିଛି । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କେତେକ ବଳିଷ୍ଠ ପଦକ୍ଷେପ ଦ୍ୱାରା ମଧ୍ୟ ଜନସଂଖ୍ୟାର ପରିମାଣ ପ୍ରାୟ ତିନିଗୁଣରୁ ଅଧିକ ହୋଇ ଯାଉଛି । ତେଣୁ ଉତ୍ପାଦନ ବୃଦ୍ଧିର ସୁଫଳ ପ୍ରକୃତ ପକ୍ଷେ ଅନୁଭୂତ ହୋଇପାରୁ ନାହିଁ । ଯାହା ଫଳରେ ବିଭିନ୍ନ ପ୍ରାକୃତିକ ଦୈବିପାକର ମୁକାବିଲା ପାଇଁ ଭାରତ ସରକାର ବେଳେବେଳେ ହଜାର ହଜାର କୋଟି ଟଙ୍କାର ଖାଦ୍ୟଶସ୍ୟ ବିଦେଶରୁ ଆମଦାନୀ କରୁଛନ୍ତି । ଯାହା ଫଳରେ ଦେଶର ଅଭିବୃଦ୍ଧିରେ ବାଧା ପରିଲକ୍ଷିତ ହେଉଛି ।

ହିସାବ କରି ଦେଖାଯାଉଛି ଆମ ଦେଶରେ ଯେତେ ଶସ୍ୟ ଉତ୍ପାଦିତ ହେଉଛି, ତାହାର ଶତକଡ଼ା ୧୦ ଭାଗ ନଷ୍ଟ ହୋଇ ଯାଉଛି । ଗ୍ରାମାଞ୍ଚଳରେ କୃଷକମାନେ ଯେତେ ଶସ୍ୟ ସାଇତି ରଖୁଛନ୍ତି ତାର ଶତକଡ଼ା ୬.୫ ଭାଗ କେବଳ ସାଇତିବା ଅବସ୍ଥାରେ ନଷ୍ଟ ହୋଇ ଯାଉଛି । ଏହାର ମୂଳ କାରଣ ହେଉଛି ସାଇତିବା ପ୍ରଣାଳୀର କେତେକ ଦୋଷତ୍ରୁଟି ଏବଂ କୃଷକମାନଙ୍କର ଉପଯୁକ୍ତ ଜ୍ଞାନର ଅଭାବ । ଯାହା ଫଳରେ ମୂଷା, ପୋକ, ପକ୍ଷୀ, ଫିମ୍ପି ଇତ୍ୟାଦି ଦ୍ୱାରା ଉପରୋକ୍ତ ପରିମାଣର ଶସ୍ୟ ନଷ୍ଟ ହେବା ସଙ୍ଗେ ସଙ୍ଗେ ବହୁ ପରିମାଣର ଶସ୍ୟ ମଧ୍ୟ ଦୂଷିତ ହୋଇ ଯାଉଛି ।

ଏଣୁ ଉପରୋକ୍ତ ଖାଦ୍ୟ ଶସ୍ୟର ନଷ୍ଟକୁ ରକ୍ଷା କରିବା ପାଇଁ ଭାରତ ସରକାର ଅନେକ ଉଦ୍ୟମ କରି ଆସୁଛନ୍ତି । ବିଶେଷତଃ ଗ୍ରାମାଞ୍ଚଳର କୃଷକମାନଙ୍କୁ ଉନ୍ନତ ବୈଜ୍ଞାନିକ କୌଶଳ ପ୍ରୟୋଗ କରି ସାଇତା ଶସ୍ୟର ସୁରକ୍ଷା ପାଇଁ ଭାରତ ସରକାର ଖାଦ୍ୟ ବିଭାଗ ଅଧୀନରେ ଦେଶ ବ୍ୟାପି ଶସ୍ୟ ସଂରକ୍ଷଣ ଅଭିଯାନ ଆରମ୍ଭ କରିଛନ୍ତି । ଉକ୍ତ ସଂସ୍ଥାର ଆଞ୍ଚଳିକ

କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ୧୯୭୬ ମସିହାରୁ ସ୍ଥାପିତ ହୋଇ ଓଡ଼ିଶାର ଚାଷୀମାନଙ୍କୁ ତାଲିମ, କ୍ଷେତ୍ର ପ୍ରଦର୍ଶନ ଓ ପ୍ରଚାର ମାଧ୍ୟମରେ ଉପଯୁକ୍ତ ସାଇତା ପ୍ରଣାଳୀ ବିଷୟରେ ଅବଗତ କରାଇ ଆସୁଅଛି । ଏଥି ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ କୃଷି ସମ୍ପ୍ରସାରଣ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇ ଶସ୍ୟ ସାଇତିବାର ଉନ୍ନତ ଜ୍ଞାନ କୌଶଳକୁ ଗ୍ରାମାଞ୍ଚଳର ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା କରାଯାଉଛି ।

ଭୁବନେଶ୍ୱରସ୍ଥିତ ଶସ୍ୟ ସଂରକ୍ଷଣ ଅଭିଯାନ ୧୯୭୬ ମସିହାରୁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ କାର୍ଯ୍ୟ କରି ବର୍ତ୍ତମାନ ଫୁଲବାଣୀ, ଢେଙ୍କାନାଳ, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ସଘନଭାବେ କାର୍ଯ୍ୟ କରୁଅଛି ।

ଜାତିସଙ୍ଘର ଶିଶୁ କଲ୍ୟାଣ ପାଣ୍ଠି ତରଫରୁ ସାହାଯ୍ୟ ମିଳି ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ୍‌ରେ ତାଲିମ ସହ ରିହାତି ଦରରେ ଧାତବ ଡୋଲି ଯୋଗାଣ, ପ୍ରଚଳିତ କୋଠି ତଥା ଡୋଲିଗୁଡ଼ିକର ଉନ୍ନତିକରଣ ଇତ୍ୟାଦି କାର୍ଯ୍ୟକ୍ରମ ୧୯୭୭ ମସିହାରୁ ଆରମ୍ଭ ହୋଇ ୧୯୮୧ରେ ସମୁଦାୟ ପୁରୀ ଓ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିଲା ।

ୟୁରୋପୀୟ ଆର୍ଥିକଗୋଷ୍ଠୀ ତରଫରୁ ୧୯୮୧ ମସିହାରୁ ପକ୍କା କୋଠିର ପ୍ରଦର୍ଶନ, ଚାଷୀ ଘରେ ପକ୍କା କୋଠି ପାଇଁ ପଲିଥିନ୍ ଚଦର, ପ୍ରବେଶ ଦ୍ୱାର, ପ୍ରଚଳିତ ଶସ୍ୟାଧାରର ଉନ୍ନତିକରଣ ପାଇଁ ପଲିଥିନ୍ ଚଦର, କାଠ ଭାଡ଼ି ପ୍ରଭୃତି କ୍ଷୁଦ୍ର ଚାଷୀମାନଙ୍କୁ ସାହାଯ୍ୟ ଯୋଗାଇ ଦେଉଥିଲେ । ବିଶେଷ ଭାବରେ ଶସ୍ୟ ସଂରକ୍ଷଣ ଅଭିଯାନର ଆଦର୍ଶ ଗ୍ରାମଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

ଓଡ଼ିଶାର କଲେଜମାନଙ୍କରେ ଜାତୀୟ ସେବା ସଂସ୍ଥା, ଯୁବ କ୍ଲବ୍, ମହିଳା ମଣ୍ଡଳ, ରାଜ୍ୟ କୃଷି ବିଭାଗ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ବିଭାଗ ଏହି କାର୍ଯ୍ୟକ୍ରମରେ ସହାୟତା କରି ଆସୁଛନ୍ତି ।

ଏହି ଅଭିଯାନ ପକ୍ଷରୁ ୧୯୮୮ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ ରାଜ୍ୟର ୫,୦୦୦ ଜଣ କୃଷକଙ୍କୁ ୧୦୦ ଗୋଟି ଭରାସ୍ତ ତାଲିମ ମାଧ୍ୟମରେ ତାଲିମ ଦିଆଯାଇଛି । ଏତଦ୍‌ବ୍ୟତୀତ ବିନା ଦରରେ ମଧ୍ୟ ୧୫,୫୬୨ ଜଣ ସ୍ୱେଚ୍ଛାସେବୀ କୃଷକଙ୍କୁ ସାଇତା ଶସ୍ୟର ସଂରକ୍ଷଣ ସଂକ୍ରାନ୍ତରେ ତାଲିମ ଦିଆଯାଇଛି । ଏଥି ସହିତ ୮୫୭ ଗୋଟି ପକ୍କା କୋଠି ଚାଷୀଙ୍କ ଘରେ ନିର୍ମାଣ କରାଯାଇଛି । ୨,୪୯୧ ଗୋଟି ପ୍ରଚଳିତ ଶସ୍ୟାଧାର ଯଥା—ଡୋଲି, ନଢ କୋଠି, ଗୁମ୍, ଅମାର ଇତ୍ୟାଦିର ଉନ୍ନତିକରଣ କରାଯାଇଅଛି । ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ସହାୟତାରେ ୧୦,୭୫୯ଟି ଧାତବ ଡୋଲି ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ଉପରୋକ୍ତ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ବ୍ଲକ୍‌ରେ ୯୮୦ଟି ଗ୍ରାମରେ କାର୍ଯ୍ୟକାରୀ କରାଯାଇ ଚାଷୀମାନଙ୍କୁ ଅମଳ ପରବର୍ତ୍ତୀ ଶସ୍ୟର ସୁରକ୍ଷା ବିଷୟରେ ଅବଗତ କରାଇ ଦିଆଯାଇଛି ।

ଉକ୍ତ କାର୍ଯ୍ୟାଳୟ ଦ୍ୱାରା କରାଯାଉଥିବା ମୂଷା ଦମନ ଓ ଶସ୍ୟରୁ ପୋକ ଦମନ କାର୍ଯ୍ୟକ୍ରମ ମାଧ୍ୟମରେ ଏ ପର୍ଯ୍ୟନ୍ତ ରକ୍ଷା କରାଯାଉଥିବା ଶସ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ସାଢ଼େ ପାଞ୍ଚ କୋଟି ଟଙ୍କାରୁ ଅଧିକ ହେବ ବୋଲି ହିସାବ କରି ଦେଖା ଯାଇଛି ।

## ସଫଳତାର ନୂତନ ଅଧ୍ୟାୟ

ବରଗଡ଼ ଚିନି କାରଖାନା ମାତ୍ର ମାସକ ମଧ୍ୟରେ ତାର ସମସ୍ତ ପୁରାତନ ରେକର୍ଡ ଭାଙ୍ଗକରି ଅଧିକ ପରିମାଣର ଚିନି ଉତ୍ପାଦିତ କରି ପାରିଛି । କାରଖାନାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ଭାର୍ଗବ, ଆଇ.ଏ. ଏସ୍.ଙ୍କ ପ୍ରଶାସନିକ ଦକ୍ଷତା ଯୋଗୁଁ ଗତ ଡିସେମ୍ବର ମାସ ୨୮ ତାରିଖରୁ ଜାନୁଆରୀ ମାସ ୨୮ ତାରିଖ ମଧ୍ୟରେ ୩୦,୦୯୯ ମେଟ୍ରିକ୍ ଟନ୍ ଆଖୁ ପେଡ଼ି ୨୫,୩୬୪ କୁଇଣ୍ଟାଲ ଚିନି ଉତ୍ପାଦିତ ହୋଇଛି । ୧୯୮୭-୮୮ ଆଖୁ ପେଡ଼ା ଋତୁରେ ଏହି ସମୟ ମଧ୍ୟରେ ମାତ୍ର ୨୭,୫୦୦ ମେଟ୍ରିକ୍ ଟନ୍ ଆଖୁ ପେଡ଼ା ଯାଇ ୧୯,୮୯୨ କୁଇଣ୍ଟାଲ ଚିନି ଉତ୍ପାଦିତ ହୋଇଥିଲା । ଚଳିତ ବର୍ଷ ଏହି ସମୟ ମଧ୍ୟରେ ଅଧିକ ୨,୫୯୯ ମେଟ୍ରିକ୍ ଟନ୍ ଆଖୁ ପେଡ଼ି ୫,୪୭୨ କୁଇଣ୍ଟାଲ ଅଧିକ ଚିନି ଉତ୍ପାଦିତ ହୋଇ ଚିନି କାରଖାନା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

## ଜନ ଶିକ୍ଷଣ ନିଳୟ

"ଜନ ଶିକ୍ଷଣ ନିଳୟ" ଜାତୀୟ ସାକ୍ଷରତା ମିଶନ୍‌ର ପ୍ରଧାନ ଅଙ୍ଗ । ରାଜ୍ୟରେ ଗତବର୍ଷ କଟକ ଓ କଳାହାଣ୍ଡି ଜିଲ୍ଲାରେ ଜନ ଶିକ୍ଷଣ ନିଳୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କଳାହାଣ୍ଡି ଜିଲ୍ଲାରେ ୨୪୯ଟି ଓ କଟକ ଜିଲ୍ଲାରେ ୨୫୧ଟି ଜନ ଶିକ୍ଷଣ ନିଳୟ ଖୋଲାଯାଇଛି । ଚଳିତ ବର୍ଷ ଆଉ କେତୋଟି ଜିଲ୍ଲାକୁ ଏହା ସମ୍ପ୍ରସାରିତ ହେବ ଏବଂ ପର୍ଯ୍ୟାୟକ୍ରମେ ସବୁ ଜିଲ୍ଲାକୁ ଏହାର ପରିସରଭୁକ୍ତ କରାଯିବ ।

ପାଖାପାଖି ୪/୫ଟି ଗାଁର ୫ ହଜାର ଲୋକଙ୍କୁ ନେଇ ଗୋଟିଏ ଲେଖାଏଁ ଜନ ଶିକ୍ଷଣ ନିଳୟ ଖୋଲାଯାଇଥାଏ । ଘନ ଜନ ବସତି ଓ ଆଦିବାସୀ ବହୁଳ ଅଞ୍ଚଳକୁ ଦୃଷ୍ଟିରେ ରଖି ଏହି ନିୟମରେ କେତେକ କୋହଳ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ ।

ସ୍କୁଲଘର, ଭାଗବତ ଟୁଙ୍ଗି, ପଞ୍ଚାୟତ ଘର, ଗାଁ କୋଠ ଘର, କ୍ଲବ୍ ଓ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯେ କୌଣସି ଘରେ ଜନ ଶିକ୍ଷଣ ନିଳୟ ଖୋଲାଯାଇ ପାରେ । ଅତି କମ୍‌ରେ ୫୦ ଜଣ ଲୋକ ଏକତ୍ର ବସି ପାରିବା ଭଳି ଘରେ ମଧ୍ୟ ଏହି ନିଳୟ ଖୋଲାଯାଇ ପାରେ ଏବଂ ଏଥି ପାଇଁ ଗ୍ରାମ୍ୟ ଉନ୍ନୟନ ପାଣ୍ଠିର ଅର୍ଥ ମଧ୍ୟ ବିନିଯୋଗ କରାଯାଇ ପାରେ ।

ସ୍ଥାନୀୟ ସମୟ ସୁବିଧାକୁ ଆଖିରେ ରଖି ପ୍ରତ୍ୟେକ ଜନ ଶିକ୍ଷଣ ନିଳୟରେ ପ୍ରତ୍ୟହ ସଂଧ୍ୟାରେ ଏକ ଘଣ୍ଟା ପାଠ ପଢ଼ିବାର ବ୍ୟବସ୍ଥା ହୋଇଥାଏ । ଲୋକମାନଙ୍କର ଆବଶ୍ୟକତା ଓ ରୁଚି ବିଚାରକୁ ନେଇ ଏଠାରେ ବିଭିନ୍ନ ପୁସ୍ତକ, ପତ୍ର ପତ୍ରିକା ଇତ୍ୟାଦି ଯୋଗାଇ ଦିଆଯାଏ । ଏଠାରେ ଏକ ପାଠାଗାର ମଧ୍ୟ ରହିବ । ଲୋକମାନେ ଏଠାରେ ବସି ପଢ଼ାପଢ଼ି କରି ପାରିବେ । ଗାଁ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମୂହ ଉଦ୍ୟମରେ ସମାଧାନ ପାଇଁ ଏଠାରେ ଏକ ଚର୍ଚ୍ଚା ମଣ୍ଡଳ ରହିବ ।

ପ୍ରତ୍ୟେକ ଜନ ଶିକ୍ଷଣ ନିଳୟର ପରିଚାଳନା ଦାୟିତ୍ୱରେ ଜଣେ ପ୍ରେରକ ରହିବେ । ସେ ମଧ୍ୟ ଚର୍ଚ୍ଚା ମଣ୍ଡଳ ଚଳାଇବେ । ଲୋକମାନଙ୍କୁ ଉତ୍ସାହିତ କରାଇବା ଓ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କୁ ବାଟ କଢ଼ାଇବା ତାଙ୍କର କର୍ତ୍ତବ୍ୟ । ଏହା ଫଳରେ ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗ ବୃଦ୍ଧି ପାଇବ ।

ଏହି କେନ୍ଦ୍ରରେ ସ୍ୱାସ୍ଥ୍ୟ, ପରିବାର ନିୟୋଜନ, କୃଷି, ଶକ୍ତି ସଂରକ୍ଷଣ ଓ ଅନ୍ୟାନ୍ୟ ଉନ୍ନୟନ ଯୋଜନା ଉପରେ ସ୍ୱଳ୍ପକାଳୀନ ତାଲିମ ବ୍ୟବସ୍ଥା ରହିବ । ଗ୍ରାମାଞ୍ଚଳ କ୍ରୀଡ଼ା, ଲୋକନୃତ୍ୟ ଓ ସଙ୍ଗୀତ, ପରିଭ୍ରମଣ, ଦଳଗତ ସାଇକେଲ ଚାଳନା, ଉନ୍ନୟନ କାର୍ଯ୍ୟ କ୍ଷେତ୍ରର ପରିଦର୍ଶନ ଇତ୍ୟାଦି ଲାଗି ଜନ ଶିକ୍ଷଣ ନିଳୟ ଦ୍ୱାରା ଆୟୋଜନ କରାଯିବ ।

ପ୍ରତ୍ୟେକ ଜନ ଶିକ୍ଷଣ ନିଳୟକୁ ରେଡ଼ିଓ, ଟେଲିଭିଜନ୍ ସେଟ୍ ଆଦି ଯୋଗାଇ ଦିଆଯିବ । ଏପରି ଗଣ ମାଧ୍ୟମ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ନୂଆ ନୂଆ ବିଷୟରେ ଧାରଣା ଦିଆଯିବ ।

ଜନ ଶିକ୍ଷଣ ନିଳୟ ଗାଁ ଲୋକମାନଙ୍କର ଶିକ୍ଷା, ସଂସ୍କୃତି, ଚିତ୍ତ ବିନୋଦନ, ସୂଚନା ତଥା ସମ୍ପ୍ରସାରଣ କେନ୍ଦ୍ର ରୂପେ କାର୍ଯ୍ୟ କରିବ । ନବ ସାକ୍ଷର, ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ର ଛାତ୍ରୀ ଓ ଗ୍ରାମବାସୀମାନେ ଏହା ମାଧ୍ୟମରେ ବିଶେଷ ଉପକୃତ ହୋଇପାରିବେ ।

# ଗରିବ ଲୋକଙ୍କ ପାଇଁ ବାସଗୃହ

ଓଡ଼ିଶାରେ ଘରଡ଼ିହ ନ ଥିବା ଅଣ-ହରିଜନ ଓ ଅଣ-ଆଦିବାସୀ ଶ୍ରମଜୀବୀମାନଙ୍କୁ ସୁବିଧାରେ ବାସଗୃହ ନିର୍ମାଣ କରି ଯୋଗାଇ ଦେବା ପାଇଁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଗତ ୨୭-୯-୧୯୮୬ ତାରିଖରୁ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ଏହା ଫଳରେ ପ୍ରତି ଗୃହର ବ୍ୟୟ ଅଟକଳକୁ ୨ ହଜାର ଟଙ୍କାରୁ ୪ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେଥି ମଧ୍ୟରୁ ୩ ହଜାର ଟଙ୍କା ପ୍ରତି ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଅନୁଦାନ ଆକାରରେ ଯୋଗାଇ ଦିଆଯାଉଛି । ଅବଶିଷ୍ଟ ୧ ହଜାର ୫୦୦ ଟଙ୍କା ପ୍ରତ୍ୟେକ ହିତାଧିକାରୀ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଉପକରଣ ଆକାରରେ କିମ୍ବା ଶ୍ରମ ଆକାରରେ ବହନ କରୁଛନ୍ତି । ଗୃହ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ଘରଡ଼ିହ ମାଗଣାରେ ଯୋଗାଇ ଦେଉଛନ୍ତି ।

ରାଜ୍ୟରେ ପ୍ରଥମେ ୧୯୭୫-୭୬ ମସିହାରେ ଘରଡ଼ିହ ନ ଥିବା ଶ୍ରମଜୀବୀମାନଙ୍କ ପାଇଁ ରାଜସ୍ୱ ବିଭାଗ ଦେଇଥିବା ଘରଡ଼ିହ ଉପରେ ଗୃହ ନିର୍ମାଣ କରିବା ପାଇଁ ଏକ ଯୋଜନା ଆରମ୍ଭ କରା ଯାଇଥିଲା । ଏହା ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିଲା । ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ ଯୋଜନାଟି ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ ମାଧ୍ୟମରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ଗୃହର ପରିମିତ ୧୬୩ ବର୍ଗଫୁଟ୍ ଏବଂ ଛାତଗୁଡ଼ିକ ପକ୍କା ହେଉଛି । ଗୃହ ନିର୍ମାଣ କରାଯାଉଥିବା ବସତି ମଧ୍ୟରେ ପାନୀୟ ଜଳ, ରାସ୍ତା ଓ ନାଳ ଇତ୍ୟାଦିର ବ୍ୟବସ୍ଥା ଜିଲ୍ଲାପାଳମାନେ ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି ଓ ଗ୍ରାମ୍ୟ ଭୂମିହୀନ କର୍ମ ନିଯୁକ୍ତି ନିଶ୍ଚିତତା କାର୍ଯ୍ୟକ୍ରମ ମାଧ୍ୟମରେ କରୁଛନ୍ତି ।

ଯେଉଁ ଅଣ-ହରିଜନ ଓ ଅଣ-ଆଦିବାସୀ ହିତାଧିକାରୀମାନଙ୍କୁ ୧୯୮୪-୮୫ ଓ ୧୯୮୫-୮୬ ବର୍ଷରେ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଘରଡ଼ିହ ଯୋଗାଇ ଦିଆଯାଇଥିଲା, ସେମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଯେଉଁ ଗ୍ରାମରେ ଏକାସାଙ୍ଗରେ ଅନ୍ୟୂନ ୨୫ଟି କିମ୍ବା ତଦୁର୍ଦ୍ଧ୍ୱ ହିତାଧିକାରୀ ଅଛନ୍ତି, ସେହିସବୁ ଗ୍ରାମରେ ଅଗ୍ରାଧିକାର ଭିତ୍ତିରେ ଗୃହ ନିର୍ମାଣ କରାଯାଉଛି । କାରଣ ଏକ ଗ୍ରାମରେ ଓ ଏକ ଗୁଚ୍ଛରେ ଅନ୍ୟୂନ ୨୫ଟି ବାସଗୃହ ନିର୍ମାଣ କରାଯିବାର ପରିକଳ୍ପନା ରହିଛି ।

ଗତ ୧୯୮୭ ମସିହା ନଭେମ୍ବର ମାସ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ପରିବର୍ତ୍ତିତ ସମନ୍ୱିତ ଗୃହ ନିର୍ମାଣ ଯୋଜନାରେ ପରିଲକ୍ଷିତ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶଦ୍ ଭାବରେ ଆଲୋଚନା କରାଯାଇ ବାରମ୍ବାର ଅଗ୍ନି ପୀଡ଼ିତ ଗ୍ରାମଗୁଡ଼ିକରେ ବାସ କରୁଥିବା ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ପାଇଁ ବ୍ୟାପକଭାବରେ ଏହି ପ୍ରକାର ଗୃହ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର ହୋଇଥିଲା । ତଦନୁସାରେ ଅଳ୍ପ କେତେକ ହିତାଧିକାରୀଙ୍କ ଗୃହ ନିର୍ମାଣ କରାଯିବା ପରିବର୍ତ୍ତେ ବାରମ୍ବାର ଅଗ୍ନି ପୀଡ଼ିତ ଗ୍ରାମର ଗ୍ରାମବାସୀଙ୍କ ପାଇଁ ଗୃହ ନିର୍ମାଣ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବିଧିବଦ୍ଧ ଭାବରେ ଜିଲ୍ଲାପାଳମାନଙ୍କ ସହାୟତାରେ ଯୋଜନା ପ୍ରସ୍ତୁତ କରି ପ୍ରତିବର୍ଷ ଚିହ୍ନଟ କରାଯାଇଥିବା ନିର୍ଦ୍ଦିଷ୍ଟ କେତେକ ଗ୍ରାମରେ ଏହି ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଗ୍ରାମାଞ୍ଚଳରେ ଯେଉଁମାନଙ୍କର ଚାଷ ଜମି ନ ଥିବ, କିନ୍ତୁ ନିଜର ଖଣ୍ଡିଏ ଘରଡ଼ିହ ଥିବ, ସେ ପ୍ରକାର ଲୋକ ଏବଂ ଘରପୋଡ଼ି ଗ୍ରାମର କ୍ଷୁଦ୍ରଚାଷୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଭୁବନେଶ୍ୱର ଓ କଟକ ଇତ୍ୟାଦି ସହରରୁ ଉଚ୍ଛେଦ କରାଯାଇଥିବା ବସ୍ତି ବାସିନ୍ଦାମାନଙ୍କୁ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଥଇଥାନ କରିବା ଦିଗରେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଏହି ଯୋଜନାକୁ ଏକ ସମ୍ପୂର୍ଣ୍ଣ ଅନୁଦାନ କାର୍ଯ୍ୟକ୍ରମରେ ପରିଣତ କରାଯାଇଛି ଏବଂ ଏଥିରେ କୌଣସି ପ୍ରକାର ଋଣ ବ୍ୟବସ୍ଥା ନାହିଁ । ଗୃହ ନିର୍ମାଣ ପାଇଁ ହିତାଧିକାରୀ ସ୍ୱେଚ୍ଛାରେ ଅର୍ଥ କିମ୍ବା ଉପକରଣ ଆକାରରେ ପରିପୂରଣ କରିପାରନ୍ତି । ହିତାଧିକାରୀ ନିଜର କିମ୍ବା ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଘରଡ଼ିହ ଉପରେ ନିଜ ଖର୍ଚ୍ଚରେ ଛାତ ପର୍ଯ୍ୟନ୍ତ ନିର୍ମାଣ କରିପାରିଲେ, ସରକାରଙ୍କ ପକ୍ଷରୁ ନିଆଁ ନ ଲାଗିଲା ପରି ଛାତ ଉପକରଣ ଯଥା–ଆଜ୍‌ବେଷ୍ଟସ୍, ଟାଇଲ୍ କିମ୍ବା ଫେରୋ ସିମେଣ୍ଟ୍ ଯୋଗ ସ୍ଥାନୀୟ ବଜାରରେ ମିଳୁଥିବା ଛାତ ପକାଇବା ପାଇଁ ଯୋଗାଇ ଦିଆଯିବା ଏହି କାର୍ଯ୍ୟକ୍ରମରେ ବ୍ୟବସ୍ଥା ରହିଛି । ଗୃହ ନିର୍ମାଣ ପାଇଁ କଣ୍ଟ୍ରାକ୍ଟର ନିଯୁକ୍ତି ହେବେ ନାହିଁ ଓ ହିତାଧିକାରୀମାନଙ୍କ ଜରିଆରେ ନିର୍ମାଣ କରାଯିବ । ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ବୈଷୟିକ ପରାମର୍ଶ ଇତ୍ୟାଦି ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଉଛି । ପ୍ରାୟ ୧ ହଜାର ୫୦୦ ଟଙ୍କା ବ୍ୟୟରେ ପ୍ରତ୍ୟେକ ବାସଗୃହ ପାଇଁ ଏକ ସାନିଟାରୀ ପାଇଖାନା ମଧ୍ୟ ନିର୍ମାଣର ବ୍ୟବସ୍ଥା ରହିଛି । ଏହାର ଶତକଡ଼ା ୫୦ ଭାଗ ଟଙ୍କା ସରକାରଙ୍କ ପକ୍ଷରୁ ଅନୁଦାନ ଆକାରରେ ଯୋଗାଇ ଦିଆଯାଉଛି ।

# ଓଡ଼ିଶାରେ ବ୍ୟାଙ୍କ୍ ଶାଖା ସମ୍ପ୍ରସାରଣ

ଜନସାଧାରଣଙ୍କୁ ଅଧିକ ବ୍ୟାଙ୍କ୍ ସେବା ଯୋଗାଇ ଦେବା ନିମନ୍ତେ ରାଜ୍ୟରେ ବ୍ୟବସାୟିକ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ସମ୍ପ୍ରସାରଣ କରାଯାଇଛି । ଏହା ଫଳରେ ଗ୍ରାମାଞ୍ଚଳରେ ଅଧିକ ବ୍ୟାଙ୍କ୍ ଶାଖାମାନ ପ୍ରତିଷ୍ଠା କରାଯାଇଛି । ସମୀକ୍ଷାରୁ ପ୍ରକାଶ ଯେ ଷଷ୍ଠ ଯୋଜନା ଶେଷ ବେଳକୁ ଏଗୁଡ଼ିକର ମୋଟ ସଂଖ୍ୟା ୧,୫୦୫ଟି ଥିବା ବେଳେ ସପ୍ତମ ଯୋଜନା ଆରମ୍ଭ ବେଳକୁ ଏହା ୧,୬୭୨କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଏହାର ସଂଖ୍ୟା ଗତ ଜୁନ୍ ମାସ ଶେଷ ସୁଦ୍ଧା ୧,୮୧୪ରେ ପହଞ୍ଚିଛି । ତନ୍ମଧ୍ୟରେ ୧,୦୨୩ଟି ବ୍ୟବସାୟିକ ବ୍ୟାଙ୍କ୍ ଶାଖା ଓ ୭୯୧ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଶାଖା ଅନ୍ତର୍ଭୁକ୍ତ ।

୧୯୮୪-୮୫ରେ ହାରାହାରି ୧୫ ହଜାର ୫୬୦ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଗୋଟିଏ ଲେଖା ବ୍ୟାଙ୍କ୍ ଶାଖା ଥିଲା ବେଳେ ବର୍ତ୍ତମାନ ୧୩ ହଜାର ଲୋକସଂଖ୍ୟାରେ ଗୋଟିଏ କରି ବ୍ୟାଙ୍କ୍ ଶାଖା ଖୋଲା ଯାଇଛି ।

୧୯୮୫–୯୦ ମଧ୍ୟରେ ବ୍ୟାଙ୍କ୍ ଶାଖା ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟରେ ମୋଟ ୨୪୩ଟି ଅଭିବୃଦ୍ଧି କେନ୍ଦ୍ରରେ ବ୍ୟାଙ୍କ୍ ଶାଖା ଖୋଲିବା ପାଇଁ ଚିହ୍ନଟ କରାଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୧୨୦ଟି ବ୍ୟବସାୟିକ ବ୍ୟାଙ୍କ୍ ଓ ୫୪ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କକୁ ମିଶାଇ ମୋଟ ୧୭୪ଟି ବ୍ୟାଙ୍କ୍ ଶାଖା ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିଛନ୍ତି । ଗତ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟରେ ମୋଟ ୭୭ଟି ବ୍ୟାଙ୍କ୍ ଶାଖା ଖୋଲା ସରିଲାଣି । ଏହା ମଧ୍ୟରେ ୫୬ଟି ବ୍ୟବସାୟିକ ବ୍ୟାଙ୍କ୍ ଓ ୨୧ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଅନ୍ତର୍ଭୁକ୍ତ ।

# କଟକ-ଭୁବନେଶ୍ୱର ପାଇଁ ମେଟ୍ରୋପଲିଟାନ୍ ଉନ୍ନୟନ ସଂସ୍ଥା

କଟକ ଭୁବନେଶ୍ୱର ସହରଦ୍ୱୟ ଏବଂ ଏହାର ଚତୁଃପାର୍ଶ୍ୱରେ ଗଢ଼ି ଉଠୁଥିବା ଅନ୍ୟାନ୍ୟ ଶିଳ୍ପ ଓ ସହରାଞ୍ଚଳଗୁଡ଼ିକର ଯୋଜନାବଦ୍ଧ ବିକାଶ ପାଇଁ ସେଗୁଡ଼ିକୁ ଗୋଟିଏ ମେଟ୍ରୋପଲିଟାନ୍ ଉନ୍ନୟନ ସଂସ୍ଥା ଅଧୀନରେ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତକାଲି ଏଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରକାଶ କରିଛନ୍ତି । କଟକ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଚୌଦ୍ୱାର, ଫୁଲନଖରା, ଜଟଣୀ ଓ ଖୋରଧା ରୋଡ୍ ଅଞ୍ଚଳଗୁଡ଼ିକୁ ଗୋଟିଏ ମିଳିତ ଉନ୍ନୟନ ସଂସ୍ଥା କର୍ତ୍ତୃତ୍ୱାଧୀନରେ ରଖି ଏହାକୁ ବ୍ୟାପକ ଆର୍ଥିକ ଓ ପ୍ରଶାସନିକ କ୍ଷମତା

ଦିଆଯିବ । ରାଜଧାନୀ ଭୁବନେଶ୍ୱର ସହରର ଦ୍ରୁତ ଅଭିବୃଦ୍ଧି ହେଉଥିବା ସଙ୍ଗେସଙ୍ଗେ କଟକ ପରି ଏକ ପ୍ରାଚୀନ ଓ ଐତିହାସିକ ସହର ଓ ରାଜ୍ୟର ପ୍ରଧାନ ବ୍ୟବସାୟ କେନ୍ଦ୍ରରେ ଯୋଜନାବଦ୍ଧ ବିକାଶ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ମହାନଦୀ ସେତୁ ଯୋଗୁଁ ଚୌଦ୍ୱାର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ କଟକ ସହର ସହିତ ସଂଯୁକ୍ତ ହୋଇଛି ଏବଂ ମହାନଦୀ ଆନିକଟରେ ଏକ ନୂତନ ରାସ୍ତା ନିର୍ମାଣ ହେବା ଫଳରେ କଟକ-ଚୌଦ୍ୱାର ମଧ୍ୟରେ ଦ୍ୱିତୀୟ ଯୋଗାଯୋଗ ବ୍ୟବସ୍ଥା ହୋଇ ପାରିବ ବୋଲି ସେ ସୂଚନା ଦେଇଥିଲେ । ପୂର୍ବରୁ କାଠଯୋଡ଼ି ନଦୀରେ ସେତୁ ନିର୍ମାଣ ଫଳରେ କଟକ ଓ ବୟାଳିଶମୌଜା ମଧ୍ୟରେ ସବୁଦିନିଆ ଯୋଗାଯୋଗ ସ୍ଥାପିତ ହୋଇ ଯାନବାହନ ଚଳାଚଳ ହେଲାଣି । କୁଆଖାଇ ନଦୀରେ ନିର୍ମାଣାଧୀନ ସେତୁ ସମ୍ପୂର୍ଣ୍ଣ ହେଲେ କଟକ ଓ ବାରଙ୍ଗ ମଧ୍ୟରେ ଦୂରତ୍ୱ ହ୍ରାସ ପାଇବ । ମୁଣ୍ଡଳି ବ୍ୟାରେଜ୍‌ଠାରେ ରାସ୍ତା ହେବା ଫଳରେ ଭୁବନେଶ୍ୱର ଏବଂ ୪୨ ନମ୍ବର୍ ଜାତୀୟ ରାଜପଥ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇ ଢେଙ୍କାନାଳ ଓ ସମ୍ବଲପୁରକୁ ମଧ୍ୟ ସଂଯୁକ୍ତ କରିହେବ । ଅଷ୍ଟମ ଯୋଜନା କାଳରେ ନରାଜଠାରେ ଅନ୍ୟ ଏକ ନୂତନ ଆନିକଟ ନିର୍ମାଣ ପାଇଁ ପରିକଳ୍ପନା କାର୍ଯ୍ୟକାରୀ ହେଲେ କଟକ-ଭୁବନେଶ୍ୱର ସହ ରାସ୍ତା ଯୋଗାଯୋଗ ଅଧିକ ସୁଗମ ହୋଇ ପାରିବ । ଏହା ବ୍ୟତୀତ କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପ୍ରଶସ୍ତ କରାଯାଇ ଯାନବାହନ ଚଳାଚଳ ପାଇଁ ଅଧିକ ସୁବିଧା କରାଯାଇ ପାରିବ ।

ମହାନଦୀ ମଧ୍ୟରେ ଥିବା ୪୦୦ ଏକର ନଦୀ ପଠା ଜମିର ଉନ୍ନତି ବିଧାନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସେଠାରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ସେଠାରେ ଖେଳ ପଡ଼ିଆ, ଖୋଲା ଯାଗା ଓ ଚିତ୍ତ ବିନୋଦନ ପାଇଁ ସୁବିଧା ସୁଯୋଗ ସୃଷ୍ଟି ନିମନ୍ତେ ଯୋଜନା କରାଯିବ । ମହାନଦୀ ବ୍ୟାରେଜ୍ ରିଙ୍ଗ୍ ରୋଡ଼ଠାରୁ ନରାଜ ମଧ୍ୟସ୍ଥ ପ୍ରାୟ ୧,୦୦୦ ଏକର ଖାଲି ଥିବା ଯାଗାରେ ମିଶ୍ରିତ ଜଙ୍ଗଲ ସୃଷ୍ଟି କରାଯିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ଫଳରେ ମହାନଦୀର ବନ୍ୟା ପ୍ରକୋପରୁ କଟକ ସହର ରକ୍ଷା ପାଇବ ଏବଂ ସହରବାସୀମାନେ ମୁକ୍ତ ବାୟୁ ପାଇ ପାରିବେ । ହରିହରଘାଟ ଓ ସତୀଚଉରାଠାରେ ଥିବା ଗଛଗୁଡ଼ିକର ରକ୍ଷଣା ବେକ୍ଷଣ କରିବା ସଙ୍ଗେ ସଙ୍ଗେ ସତୀଚଉରା ନିକଟସ୍ଥ ରିଙ୍ଗ୍ ରୋଡ଼ ପାର୍ଶ୍ୱବର୍ତ୍ତୀ ୧୫୦ ଏକର ପରିବ୍ୟାପ୍ତ ଖୋଲା ଯାଗାରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । କଟକ ସହର ଚତୁଃପାର୍ଶ୍ୱରେ ନିର୍ମିତ ନୂତନ ରିଙ୍ଗ୍ ରୋଡ଼ ପାର୍ଶ୍ୱରେ ବହୁଳ ଭାବେ ବୃକ୍ଷ ରୋପଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି କରାଗଲା । କଟକ ସହର ମଧ୍ୟସ୍ଥ ଖାଲୁଆ ଅଞ୍ଚଳ ଓ ପୁଷ୍କରିଣୀଗୁଡ଼ିକୁ ପୋତାଯାଇ ଏ ସବୁ ଯାଗାରେ ପାର୍କ ଓ ବୃକ୍ଷ ରୋପଣ କରାଯିବ ।

ଭୁବନେଶ୍ୱର ଚତୁଃପାର୍ଶ୍ୱସ୍ଥ ଚନ୍ଦକା, ନନ୍ଦନକାନନ, ଭରତପୁର ଓ ଏକାମ୍ରକାନନ ଜଙ୍ଗଲ ସମ୍ପଦର ଉପଯୁକ୍ତ ରକ୍ଷଣା ବେକ୍ଷଣ କରାଯିବ । ଭୁବନେଶ୍ୱରରେ ଗଢ଼ି ଉଠୁଥିବା ଜନବସତିକୁ ଦୃଷ୍ଟିରେ ରଖି ସମାନୁପାତିକ ଭାବେ ଜଙ୍ଗଲ ଓ ଖୋଲା ଯାଗା ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଭୁବନେଶ୍ୱର ଓ କଟକ ମଧ୍ୟରେ ଗଢ଼ି ଉଠୁଥିବା ଶିଳ୍ପାଞ୍ଚଳଗୁଡ଼ିକୁ ପ୍ରଦୂଷଣମୁକ୍ତ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଭୁବନେଶ୍ୱରରେ ବସ୍ତି ଉଚ୍ଛେଦ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଛେଦ ପରିବାରଗୁଡ଼ିକୁ ନିର୍ଦ୍ଧାରିତ ଅଞ୍ଚଳରେ ଘରଡ଼ିହ ଏବଂ ନଗଦ ୫୦୦ ଟଙ୍କା କରି ଦିଆଯାଉଛି । ଆଉ ମଧ୍ୟ ନୂତନ ଯାଗାକୁ ଜିନିଷପତ୍ର ନେବା ପାଇଁ ମାଗଣା ପରିବହନ ସୁବିଧା ଯୋଗାଇ ଦିଆଯାଉଛି । ନୂତନ ଯାଗାରେ ଗୃହ ନିର୍ମାଣ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ ପକ୍ଷରୁ ପର୍ଯ୍ୟାପ୍ତ ଆର୍ଥିକ ସୁବିଧା ଦିଆଯାଉଛି । ସରକାର ଏ ସବୁ ନୂତନ ବସତି ଅଞ୍ଚଳରେ ରାସ୍ତା ଓ ନଳକୂପ ପ୍ରଭୃତି ଭିତ୍ତିଭୂମିକ ସୁବିଧା ସୁଯୋଗର ବ୍ୟବସ୍ଥା କରୁଛନ୍ତି ।

କଟକର ବିଡ଼ାନାସି ଓ ଭୁବନେଶ୍ୱରର ଯୋଜନା ଅନ୍ତର୍ଭୁକ୍ତ ଅଞ୍ଚଳରେ ବାସଗୃହ ନିର୍ମାଣର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । କଟକ ଓ ଭୁବନେଶ୍ୱର ମଧ୍ୟରେ ରାସ୍ତା ନିରାପତ୍ତା ପାଇଁ ଟ୍ରାଫିକ୍ ପୋଲିସ୍, ଭ୍ରାମ୍ୟମାଣ ପୋଲିସ୍ ଓ ପୋଲିସ୍ ଫାଣ୍ଡି ସଂଖ୍ୟା ବୃଦ୍ଧି କରିବା ପାଇଁ ସ୍ଥିର କରାଗଲା । ଭୁବନେଶ୍ୱର ଓ କଟକ ସହରରେ ଯଥେଷ୍ଟ ଟାଉନ୍‌ବସ୍ ବ୍ୟବସ୍ଥା କରାଯାଉଛି । ଆବଶ୍ୟକତା ଅନୁସାରେ ଆଉ ଅଧିକ ଟାଉନ୍‌ବସ୍ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା, ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଯୁବ ସମ୍ପ୍ରଦାୟକୁ ତାଲିମ

ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ପାଇଁ ଯୁବ ସମ୍ପ୍ରଦାୟକୁ ତାଲିମ ଦେବା କାର୍ଯ୍ୟକ୍ରମ (ଟ୍ରାଇସେମ୍) ୧୯୭୯-୮୦ରେ ଆରମ୍ଭ କରାଯାଇଥିଲା । ଷଷ୍ଠ ଯୋଜନା କାଳରେ ଏହାକୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ଏକ ଅଂଶ ରୂପେ ଗ୍ରହଣ କରାଯାଇଛି । ୧୮ ରୁ ୩୫ ବର୍ଷ ବୟସ୍କ ଯୁବ ଗୋଷ୍ଠୀକୁ ଚିହ୍ନଟ କରିବା ଏବଂ ବିଭିନ୍ନ ଧନ୍ଦାରେ ତାଲିମ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭରଶୀଳ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ନାମମାତ୍ର ଓ କ୍ଷୁଦ୍ରଚାଷୀ ପରିବାର, କୃଷି ଶ୍ରମିକ, ଗ୍ରାମୀଣ କାରିଗର ଓ ଅନ୍ୟାନ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଉଛି ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷିଜାତ, ଶିଳ୍ପଜାତ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ଦ୍ରବ୍ୟର ଉତ୍ପାଦନ ଏବଂ ବିଭିନ୍ନ କ୍ଷେତ୍ରରେ ବୃତ୍ତିଗତ ତାଲିମ ପ୍ରଦାନ କରାଯାଇଥାଏ । ପାରମ୍ପରିକ ବୃତ୍ତି ଯଥା—କମାର କାମ, ରାଜମିସ୍ତ୍ରୀ, ବଢ଼େଇ ବା କାଠକାମ, କୁମ୍ଭାର କାମ, ଗୃହ ଉପଯୋଗୀ ବିଦ୍ୟୁତ ଉପକରଣ ପ୍ରସ୍ତୁତି, ମଟର ସାଇକେଲ, କୃଷି ଉପଯୋଗୀ ଯନ୍ତ୍ରପାତି ମରାମତି କାମ ତଥା ଗ୍ରାମ୍ୟ ଦରିଦ୍ରତମ ବ୍ୟକ୍ତିଙ୍କୁ କର୍ମ ଯୋଗାଇ ଦେବା ଭଳି ଦିଆସିଲି, ଧୂପକାଠି, ଚଟି ଓ ମସିଣା ତିଆରି, ଲୁଗାବୁଣା, ଲୁଗାସଫା, ହସ୍ତତନ୍ତ ପ୍ରଭୃତି କୁଟିର ଶିଳ୍ପରେ ତାଲିମ କରିବା ଉକ୍ତ ତାଲିମ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଛି ।

ପ୍ରତି ବ୍ଲକ୍‌ରେ ୪୦ ଜଣ ଯୁବକ ଯୁବତୀଙ୍କୁ ପ୍ରତି ବର୍ଷ ତାଲିମ ପ୍ରଦାନ କରାଯାଉଛି । ସେମାନଙ୍କ ମଧ୍ୟରୁ ୧୨ ଜଣ ମହିଳା ଶିକ୍ଷା ଲାଭ କରୁଛନ୍ତି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ରାଜ୍ୟରେ ୩୨,୧୯୭ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ସପ୍ତମ ଯୋଜନାରେ ୧୯୮୫-୮୬ରୁ ଗତ ବର୍ଷ ନଭେମ୍ବର ମାସ ଶେଷ ସୁଦ୍ଧା ୩୮,୯୫୯ ଜଣ ଯୁବକ ଯୁବତୀ ତାଲିମ ପାଇଛନ୍ତି । ତାଲିମପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ମୋଟ ୪୧,୦୩୮ ଜଣ ଯୁବକ ଯୁବତୀଙ୍କର ଆତ୍ମନିଯୁକ୍ତି ହୋଇପାରିଛି । ଏହା ବ୍ୟତୀତ ଅଧିକାଂଶ ତାଲିମପ୍ରାପ୍ତ ଯୁବକ ଯୁବତୀ ମଜୁରୀ ଭିତ୍ତିକ କର୍ମସଂସ୍ଥାନ ପାଇ ପାରିଛନ୍ତି । ଆତ୍ମନିଯୁକ୍ତି ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବା ପାଇଁ ଜିଲ୍ଲାସ୍ତରରେ ୧୯୮୭-୮୮ ବର୍ଷକୁ ମାଷ୍ଟରପ୍ଲାନ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।

## ବନ୍ୟପ୍ରାଣୀଙ୍କ ପାଇଁ ଅଭୟାରଣ୍ୟ

ରାଜ୍ୟରେ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମିତ୍ତ ବର୍ତ୍ତମାନ ୧୬ଟି ଅଭୟାରଣ୍ୟ ଗଠନ କରାଯାଇଛି । ଗଠନ କରାଯାଇଥିବା ଅଭୟାରଣ୍ୟଗୁଡ଼ିକର ମୋଟ୍ ଅଞ୍ଚଳ ହେଉଛି ୬,୩୩୮ ବର୍ଗ କିଲୋମିଟର । ଏହା ରାଜ୍ୟର ମୋଟ୍ ଜଙ୍ଗଲ ଅଞ୍ଚଳର ପ୍ରାୟ ଶତକଡ଼ା ୧୦.୫୭ ଭାଗ । ଏହା ବ୍ୟତୀତ ରାଜ୍ୟ ସରକାର ଆଉ ୫ଟି

ନୂତନ ଅଞ୍ଚଳ ଯଥା—କୋଣ୍ଡ କମାଲୁ, ବାଲିମେଳା, କର୍ଣ୍ଣାପାଟ, ନାରାୟଣପାଟଣା ଓ ଗହୀରମଥାକୁ ଅଭୟାରଣ୍ୟ ରୂପେ ଘୋଷଣା କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଗଞ୍ଜାମ ଜିଲ୍ଲାର ରେଣ୍ଟେନାଇ ଅଞ୍ଚଳରେ ରହିଥିବା କୃଷ୍ଣସାର ମୃଗଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଜଙ୍ଗଲ ବିଭାଗ ତରଫରୁ ଗୋଟିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଉ ମଧ୍ୟ ସିମିଳିପାଳ ଓ ଭିତର କନିକାକୁ ଜାତୀୟ ଉଦ୍ୟାନ ରୂପେ ଘୋଷଣା କରାଯାଇଛି ।

## ଜନସାଧାରଣଙ୍କ ପାଇଁ ଗୃହ ନିର୍ମାଣ

ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ୨୦-ଦଫା କାର୍ଯ୍ୟକ୍ରମରେ 'ଜନସାଧାରଣଙ୍କ ପାଇଁ ଗୃହ ନିର୍ମାଣ' କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୧୩,୩୮୨ ଜଣ ବାସହୀନ ଲୋକଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି । ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୮୯.୨୧ ଭାଗ ସଫଳତା ହାସଲ କରାଯାଇଛି । ସେହି ସମୟ ମଧ୍ୟରେ ୧,୦୯୮ ଜଣଙ୍କୁ ନିଜ ନିଜର ଘର ତିଆରି ପାଇଁ ସାହାଯ୍ୟ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକରେ କେବଳ ଗତ ନଭେମ୍ବର ମାସରେ ଉପକୃତ ହୋଇଥିବା ଲୋକଙ୍କ ସଂଖ୍ୟା ଯଥାକ୍ରମେ ୨,୧୪୮ ଓ ୪୯୬ ।

ସେହିପରି 'ଇନ୍ଦିରା ଆବାସ' ଯୋଜନା ଅଧୀନରେ ଗତ ଅପ୍ରେଲରୁ ନଭେମ୍ବର ଶେଷ ସୁଦ୍ଧା ତଫସିଲଭୁକ୍ତ ଜାତି ଓ ଉପଜାତିର ୨,୭୭୬ ଜଣ ଲୋକ ବାସଗୃହ ପାଇଛନ୍ତି । ଆଲୋଚ୍ୟ ସମୟ ମଧ୍ୟରେ ରାଜ୍ୟରେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ୧,୬୫୧ଟି ଓ ନିମ୍ନ ଆୟକାରୀ ଲୋକଙ୍କୁ ୧,୬୬୧ଟି ଗୃହ ଯୋଗାଇ ଦିଆଯାଇଛି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମର ଗତ ନଭେମ୍ବର ମାସ ଶେଷ ସୁଦ୍ଧା ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।



ପ୍ରଧାନମନ୍ତ୍ରୀଙ୍କୁ ହୋଲି ଅଭିନନ୍ଦନ

# ଗ୍ରାମାଞ୍ଚଳ ନାରୀମାନଙ୍କର ସାମାଜିକ ଦାୟିତ୍ୱ

ଶ୍ରୀମତୀ ପୂର୍ଣ୍ଣେନ୍ଦୁପ୍ରଭା ମହାପାତ୍ର

ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଅର୍ଥାତ୍ ମନୁଷ୍ୟ ସମାଜକୁ ଛାଡ଼ି ତିଳେ ହେଲେ ତିଷ୍ଠି ପାରିବ ନାହିଁ । ସ୍ନେହ, ସୌହାର୍ଦ୍ଦ୍ୟ ସଂପର୍କ ନେଇ ମନୁଷ୍ୟ ସମାଜରେ ଜୀବନ ଯାପନ କରେ । ସମାଜ ଓ ସଂପର୍କ ଅଭିନ୍ନ । ଉତ୍ତମ ସଂପର୍କରେ ହିଁ ସୁନ୍ଦର ଓ ଆଦର୍ଶ ସମାଜ ପ୍ରତିଷ୍ଠିତ ହୁଏ । ଅନେକ ପରିବାରର ସମଷ୍ଟିରେ ସମାଜର ସୃଷ୍ଟି । ସାମାଜିକ ଜୀବନଯାପନ ପ୍ରଣାଳୀ, ସଭ୍ୟତା, ସଂସ୍କୃତି ଓ ଅନ୍ୟାନ୍ୟ ସାମାଜିକ ମୂଲ୍ୟବୋଧ ଉପରେ ପ୍ରତ୍ୟେକ ପରିବାରର କିଛିନାକିଛି ପ୍ରଭାବ ରହିଛି । ସାମାଜିକ ସୁଖ ଶାନ୍ତି ଓ ନିରାପତ୍ତା ପାରିବାରିକ ସୁଖ, ଶାନ୍ତି ଓ ନିରାପତ୍ତା ଉପରେ ସର୍ବାଧିକ ନିର୍ଭରଶୀଳ । ପୁରୁଷ ଓ ନାରୀକୁ ନେଇ ମାନବ ସମାଜ ଗଠିତ । ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ନାରୀ ଓ ପୁରୁଷ ଉଭୟଙ୍କର ଅବଦାନ ରହିଛି । ନାରୀ ହେଉଛି ପୁରୁଷର ସହକର୍ମିଣୀ ଓ ସହଧର୍ମିଣୀ । ବ୍ୟକ୍ତି ଭାବରେ ସାଂପ୍ରତିକ ସମାଜ ନାରୀକୁ ପରିବାର ଓ ସନ୍ତାନର ଦାୟିତ୍ୱ ଗ୍ରହଣ କରିବା ସଙ୍ଗେସଙ୍ଗେ ସାମାଜିକ ଦାୟିତ୍ୱ ଗ୍ରହଣର ଅଧିକାର ଓ ସୁଯୋଗ ଦେଇପାରିଛି । ନାରୀ ସମାଜର ଏକ ବଳିଷ୍ଠ ଓ ଅତ୍ୟାବଶ୍ୟକ ଅଙ୍ଗ । ନାରୀଶକ୍ତି ଗଣଶକ୍ତିର ଉତ୍ସ । ମାତୃ ସମ୍ବନ୍ଧ ସାମାଜିକ ସ୍ଥିତିର ପ୍ରଥମ ବିନ୍ଦୁ । ନାରୀ ପୁରୁଷର ସର୍ବବିଧ କଲ୍ୟାଣ ପାଇଁ ତନୁମନ ଦେଇ ନିଜର ମହନୀୟ ସେବା, ତ୍ୟାଗ ଓ ସହିଷ୍ଣୁତା ବଳରେ ଏହି ସମାଜକୁ ଧାରଣ କରି ରଖିଅଛି । କନ୍ୟା, ଭଗ୍ନୀ, ବାନ୍ଧବୀ, ଧାତ୍ରୀ, ପ୍ରେମିକା, ଜାୟା ପ୍ରଭୃତି ନାରୀର ବିଭିନ୍ନ ପ୍ରକାଶରୂପ ଥାଏ । ଏଣୁ ସମାଜ ପ୍ରତିଷ୍ଠା କରିବାରେ ନାରୀର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଜନଶକ୍ତିର ଅଧାରୁ ଅଧିକ ସ୍ତ୍ରୀଶକ୍ତି । ତେଣୁ ଦେଶର ଉନ୍ନତି ପାଇଁ ଦାୟିତ୍ୱ ନେବା ବିଶେଷ ପ୍ରୟୋଜନ । ନାରୀ ଜାତି ମନୁଷ୍ୟ ଭାବରେ ପ୍ରତିକୂଳ ପରିବେଶ ସହିତ ଲଢ଼ି ଓ ସ୍ଥଳବିଶେଷରେ ବହୁ କଷ୍ଟ ସ୍ୱୀକାର କରି କର୍ମପନ୍ଥାକୁ ବିନା ଦ୍ୱିଧାରେ ଓ ଆନନ୍ଦରେ ସମାଜର ମଙ୍ଗଳ ପାଇଁ ଗ୍ରହଣ କରିଥାଏ । ଯୁଗର ପରିବର୍ତ୍ତନ, ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ, ବିଜ୍ଞାନ ଓ ଶିକ୍ଷାର ପ୍ରସାର ଓ ବହୁ ସାମାଜିକ ସଂଶୋଧନ ହେବା ଫଳରେ ଆଜି ସେ ଯେଉଁ ସ୍ତରରେ ଥାଉନା କାହିଁକି ତା'ର କର୍ମପରିସର ବଢ଼ିଯାଉଛି । ସମାଜର ସବୁସ୍ତରରେ ଏବଂ ଗ୍ରାମାଞ୍ଚଳରେ ନାରୀର ଏହି ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ନ ରହିଲେ ପ୍ରଗତିର ଗତି ବ୍ୟାହତ ହେବ । ତେଣୁ ଗ୍ରାମାଞ୍ଚଳରେ ନାରୀମାନଙ୍କର ସାମାଜିକ ଦାୟିତ୍ୱବୋଧ ଆଣିବା ପାଇଁ ଅନୁକୂଳ ପରିବର୍ତ୍ତନ ଆବଶ୍ୟକ ।

ଆମ ଭାରତବର୍ଷରେ ୩୧୮ ନିୟୁତ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଗ୍ରାମରେ ବାସ କରନ୍ତି । ଓଡ଼ିଶାର ଗ୍ରାମାଞ୍ଚଳରେ କୋଟିଏରୁ ଅଧିକ ମହିଳା ରହନ୍ତି । ତେଣୁ ନାରୀମାନଙ୍କର ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବାକୁ ହେଲେ ଗ୍ରାମ୍ୟସ୍ତରରୁ ହିଁ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ।

ନାରୀ ପାଇଁ ପରିବାରର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ । ପରିବାର ହେଉଛି ପ୍ରଥମ କେନ୍ଦ୍ର ଯେଉଁଠାରେ ଶିଶୁ ପ୍ରଥମେ ବ୍ୟବହାର ଶିକ୍ଷା କରେ ଓ ପରିବାର ହେଉଛି ପ୍ରଥମ ଅନୁଷ୍ଠାନ ଯାହା ଶିଶୁକୁ ସାମାଜିକ ଯୋଗସୂତ୍ର ପ୍ରଦାନ କରେ । ନାରୀହିଁ ପରିବାରର କେନ୍ଦ୍ର । ଦେଶର ପ୍ରତ୍ୟେକ ନାଗରୀକକୁ ସୁନାଗରିକ କରି ଗଢ଼ିବାର ଗୁରୁଦାୟିତ୍ୱ ଭଗବାନ ନାରୀ ହାତରେ ଅର୍ପଣ କରିଛନ୍ତି । ପ୍ରତ୍ୟେକ ମାନବଶିଶୁ ମା କୋଳରେ ବଢେ

ଓ ସେହି ଶିଶୁ ଅବସ୍ଥାରେ ସଂସାରକୁ ପାଥେୟ କରି ତାର ଜୀବନଯାତ୍ରା ଆରମ୍ଭ କରେ । ନାରୀ ପରିବାରର ସମସ୍ତ ବ୍ୟକ୍ତିଙ୍କୁ ସ୍ନେହ, ପ୍ରେମ ଓ ଏକତା ସୂତ୍ରରେ ବାନ୍ଧି ରଖିଥାଏ । ଶ୍ରଦ୍ଧା, ଆଦର, ଅନ୍ତରଙ୍ଗତା ଦେଇ ଶୃଙ୍ଖଳା ଭିତରେ ନିଜ ସନ୍ତାନକୁ ଗଢିଥାଏ । ପରିବାରର ସମସ୍ତଙ୍କର ସୁଖ, ଶାନ୍ତି ସୁବିଧା ପାଇଁ ସେ ନିଜକୁ ଉତ୍ସର୍ଗ କରିଦିଏ । ପ୍ରତ୍ୟେକ ଶିଶୁର ଜୀବନରେ ମା'ର ପ୍ରଭାବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ମା ମନେରଖିବା ଉଚିତ ଯେ ଯେତେ ସୁସ୍ଥ ଶିଶୁ, ସେତେ ସୁସ୍ଥ ପରିବାର ଓ ସେତେ ସୁସ୍ଥ ଦେଶ ଓ ଜାତି । ତେଣୁ ନାରୀର ସାମାଜିକ ଦାୟିତ୍ୱ ପାରିବାରିକ ଦାୟିତ୍ୱରୁ ହିଁ ଆରମ୍ଭ ହୋଇଥାଏ ।

ପାରିବାରିକ ଦାୟିତ୍ୱ ପରେ ଆସେ ନାରୀମାନଙ୍କର ପଡୋଶୀମାନଙ୍କ ପ୍ରତି ଦାୟିତ୍ୱ । ଏହିପରି ପଡୋଶୀମାନଙ୍କର ସହ ଉତ୍ତମ ସଂପର୍କ ସ୍ଥାପନରେ ଗଢିଉଠେ ଏକ ଆଦର୍ଶ ଗ୍ରାମ । ପ୍ରତ୍ୟେକ ଗ୍ରାମବାସୀ ମନରେ ପରସ୍ପର ପ୍ରତି ସ୍ନେହ, ମମତା ଓ ସହଯୋଗ ଜାଗ୍ରତ ହେଲେ ସେମାନେ ନିଜର ସମସ୍ୟାକୁ ନିଜେ ସମାଧାନ କରିପାରିବେ । ନାରୀମାନେହିଁ ଏହି ସ୍ନେହ ମମତାର ପ୍ରତୀକ । ନାରୀହିଁ ପରିବାର ଓ ପରିବାର ମଧ୍ୟରେ ଉତ୍ତମ ସଂପର୍କ ସ୍ଥାପନ କରିପାରେ । ଏହିପରି ପରିବାରରୁ ସାହି, ସାହିରୁ ଗ୍ରାମ ଓ ଗ୍ରାମରୁ ସହର ଓ ଶେଷରେ ସମଗ୍ର ସମାଜରେ ଭେଦଭାବ ନ ରହି ସୁଖ ଶାନ୍ତି ପ୍ରତିଷ୍ଠା ହୋଇଥାଏ । ତେଣୁ ପ୍ରତ୍ୟେକ ଗ୍ରାମ୍ୟନାରୀ ତା'ର ସାମାଜିକ ଦାୟିତ୍ୱକୁ ଉପଲବ୍ଧି କରିବା ଉଚିତ ।

ଭାରତୀୟ ସମାଜର ସ୍ତରୀକରଣ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସମାଜର ବାହ୍ୟ ଢାଞ୍ଚା ଏକ ଜଣା ପଡୁଥିଲେ ମଧ୍ୟ ଏଥିରେ ବାସ କରୁଥିବା ଲୋକମାନେ ଯେ ଶହ ଶହ ସ୍ତରରେ ବିଭକ୍ତ, ଏକଥା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ଭାରତୀୟ ସମାଜ କେବଳ ଧର୍ମ, ଜାତି, ସଂପ୍ରଦାୟରେ ବିଭକ୍ତ ହୋଇନାହିଁ । ଅର୍ଥନୈତିକ ଶ୍ରେଣୀ ବିଭାଗ ଦ୍ୱାରା ଏହା ମଧ୍ୟ ବହୁଧା ବିଭକ୍ତ । ଏଭଳି ବିଭକ୍ତ ଓ ବିଭିନ୍ନ ସ୍ତରୀକରଣ ମଧ୍ୟରେ ଅବଦ୍ଧ ଏକ ସମାଜ କିପରି ବିଂଶ ଶତାବ୍ଦୀର ହତାଶା ଓ ଅପୂର୍ଣ୍ଣତା ଦୂର କରି ଏକବିଂଶ ଶତାବ୍ଦୀର ଆହ୍ୱାନର ମୁକାବିଲା କରିପାରିବ ସେ ସଂପର୍କରେ ନାରୀମାନଙ୍କର ଯଥେଷ୍ଟ ଭୂମିକା ରହିଛି ।

ଆନ୍ତଃ-ଜାତି ବିବାହ ସମାଜରେ ଶାନ୍ତି, ସହଯୋଗ, ସ୍ନେହ, ମୈତ୍ରୀ ଓ ଭ୍ରାତୃଭାବ ସ୍ଥାପନ କରେ । ଆନ୍ତଃ-ଜାତି ବିବାହ କହିଲେ ସାଧାରଣତଃ ଗୋଟିଏ ଜାତିର ପୁରୁଷ ସହ ଅନ୍ୟ ଜାତିର ସ୍ତ୍ରୀ ବିବାହ ପ୍ରଥାକୁ ଆମେ ବୁଝି ଥାଉ । ସମାଜ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ଯୌତୁକ ପ୍ରଥାର ମୂଳ କାରଣ ହେଉଛି ସ୍ୱଜାତି ବିବାହର ବହୁଳ ପ୍ରଚଳନ ଓ ଆନ୍ତଃ-ଜାତି ବିବାହ ପ୍ରତି ଲୋକମାନଙ୍କର ଅନାଗ୍ରହ । ତେଣୁ ନାରୀମାନେ ନିଜ ମନରୁ ସଂକୀର୍ଣ୍ଣତା ଦୂର କରିବା ସଙ୍ଗେସଙ୍ଗେ ଆନ୍ତଃ-ଜାତି ବିବାହର ପ୍ରଚଳନ କରିବା ଉଚିତ ।

ସମାଜରେ ନାରୀମାନଙ୍କ ପାଇଁ ସମସ୍ୟା ଅଧିକ କାରଣ ସଂଖ୍ୟାରେ ମହିଳାମାନେ ଅର୍ଦ୍ଧାଧିକ କିନ୍ତୁ ଶିକ୍ଷାରେ ଆଜି ମଧ୍ୟ ଅଠାଅଶୀ ଭାଗ ସ୍ତ୍ରୀଲୋକ ନିରକ୍ଷରା । ସେହିପରି ସାମ୍ବିଧାନିକ ଅଧିକାର ପାଇଥିଲେ ମଧ୍ୟ ବସ୍ତୁତଃ ନିଜର ଅର୍ଜନ କ୍ଷମତା ନଥିବାରୁ ଓ ତତ୍‌ସହିତ ଶିକ୍ଷା ଓ ପାରଙ୍ଗମତା ନଥିବାରୁ ପରିବାରରେ, ସମାଜରେ ଏବଂ ଗୋଷ୍ଠୀରେ ଅବହେଳିତ ହୋଇ ବହୁ ମହିଳା ଆଜି ଅସହାୟ ଭାବେ ପରିତ୍ୟକ୍ତା ଜୀବନଯାପନ କରନ୍ତି । ତେଣୁ ଗାଁ ଗହଳରେ ମହିଳା ମଣ୍ଡଳ କେନ୍ଦ୍ରମାନ ସ୍ଥାପନ ହୋଇ ଶିକ୍ଷା ଶିଳ୍ପ, ଘରକରଣା, ସନ୍ତାନପାଳନ, ଶିଶୁଶିକ୍ଷା, ଶିଶୁବିକାଶ ଇତ୍ୟାଦି କାର୍ଯ୍ୟକ୍ରମ ଚାଲିଅଛି । ଗ୍ରାମାଞ୍ଚଳରେ ମହିଳାମାନେ ସଂଗଠିତ ଭାବରେ ଏହି କାର୍ଯ୍ୟକ୍ରମକୁ ହାତକୁ ନେବାର କ୍ଷମତା ଓ ଆତ୍ମବିଶ୍ୱାସ ଜାଗ୍ରତ କରିବା ଉଚିତ । ଏହା ଫଳରେ ଗ୍ରାମର ସର୍ବବିଧ ଉନ୍ନତି ସଙ୍ଗେସଙ୍ଗେ ନିଜ ପରିବାରର ତଥା ଆଗାମୀ-ଯୁଗର ଶିଶୁର ଉନ୍ନତି ସମ୍ଭବ ହେବ ।

ଗ୍ରାମରେ ଶିକ୍ଷାର ଅଭାବ ହେତୁ ଲୋକମାନଙ୍କ ମନରେ ଅନ୍ଧବିଶ୍ୱାସ ପୂର୍ଣ୍ଣହୋଇ ରହିଅଛି । ହାଡ଼ଫୁଟି, ବସନ୍ତ ପ୍ରଭୃତି ହେଲେ ଲୋକମାନେ ରୋଗୀର ଡାକ୍ତରୀ ଚିକିତ୍ସା କରିବା ପରିବର୍ତ୍ତେ ଦେବଦେବୀଙ୍କୁ ପୂଜା କରନ୍ତି । ଏହାଛଡ଼ା ଭୂତପ୍ରେତରେ ବିଶ୍ୱାସ, ଡାଆଣୀ ଲାଗିବା ଓ ଦୃଷ୍ଟିପଡ଼ିବା ପ୍ରଭୃତି ଅନ୍ଧବିଶ୍ୱାସ ଲୋକମାନଙ୍କ ମନରେ ବଦ୍ଧମୂଳ ହୋଇ ରହିଛି । ପ୍ରାୟତଃ ନାରୀ-ମାନେ ହିଁ ଏହିସବୁ ଅନ୍ଧବିଶ୍ୱାସର ମୂଳରେ ଥାଆନ୍ତି । ସେମାନଙ୍କୁ ଉଚିତ ଶିକ୍ଷା ଦେଲେ ଏହା ଦୂର ହୋଇପାରିବ ।

ଗ୍ରାମମାନଙ୍କରେ ୧୮ ବର୍ଷରୁ କମ୍ ବୟସ ଝିଅ ଓ ୨୨ ବର୍ଷରୁ କମ୍ ବୟସ ପୁଅ ବହୁ ସଂଖ୍ୟାରେ ବିବାହ କରୁଛନ୍ତି । ଏହା କିନ୍ତୁ ଆଇନ୍ ଅନୁଯାୟୀ ଦଣ୍ଡନୀୟ । ସାଧାରଣତଃ ଗାଁ ଗହଳରେ ସ୍ତ୍ରୀ ଲୋକମାନେ ପୁଅ ଝିଅଙ୍କୁ ଶୀଘ୍ର ବିବାହ କରି ଦାୟିତ୍ୱ ଶେଷ କରିବା ପାଇଁ ଆଗ୍ରହୀ ହୋଇଥାନ୍ତି । କିନ୍ତୁ ଅଳ୍ପ ବୟସରେ ସନ୍ତାନମାନେ ସେମାନେ ତାଙ୍କର ନିଜର ଦାୟିତ୍ୱ କଣ ଜାଣି ନଥାନ୍ତି ଓ ପାରିବାରିକ ଜୀବନରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ଗ୍ରାମରେ ନାରୀମାନେ ଏହି ଧାରଣାକୁ ପରିବର୍ତ୍ତନ କରି ଅପ୍ରାପ୍ତବୟସ୍କ ଝିଅ ଓ ପୁଅଙ୍କୁ ପ୍ରଥମେ ସେମାନଙ୍କ ନିଜଗୋଡ଼ରେ ଠିଆ ହେବାକୁ ଶିଖାଇବା ଉଚିତ୍ । ପୁଣି ଝିଅ ଓ ପୁଅମାନଙ୍କର ମତାମତ ମଧ୍ୟ ନେବା ନିତାନ୍ତ ଆବଶ୍ୟକ । ତେଣୁ ନାରୀମାନେ କେବଳ ନିଜର ପରିବାରରେ କାହିଁକି ପଡୋଶୀମାନଙ୍କୁ ମଧ୍ୟ ଏହି ଭାବଧାରାରେ ଉଦ୍‌ବୁଦ୍ଧ କରିବା ଆବଶ୍ୟକ ।

ନାରୀମାନେ ହୀନମନ୍ୟତା ମଧ୍ୟ ଦୂର କରିବା ଉଚିତ୍ । ସାଧାରଣତଃ ଲୋକମାନଙ୍କର ଧାରଣା ଯେ

ଘରେ ପୁଅଟିଏ ଜନ୍ମ ହେଲେ ଏହା ଭାଗ୍ୟର କଥା କିନ୍ତୁ ଝିଅଟିଏ ଜନ୍ମହେଲେ ଏହା ଦୁର୍ଭାଗ୍ୟର ପ୍ରତୀକ । ତେଣୁ ଆଜିର ସମାଜରେ ଶିଶୁକନ୍ୟା ହତ୍ୟାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ଝିଅମାନଙ୍କୁ ପୁଅମାନଙ୍କଠାରୁ ନ୍ୟୁନ ଚକ୍ଷୁରେ ଦେଖିବା ଫଳରେ ବାଲ୍ୟାବସ୍ଥାରୁ ଝିଅମାନଙ୍କର ନିଜପ୍ରତି ଏକ ହୀନ ମନୋଭାବ ଆସେ । ଫଳରେ 'ଅବଳା ଦୁର୍ବଳା' ଏହି ମନୋଭାବ ସମାଜ ମଧ୍ୟରେ ବଳବତର ରହେ ଏବଂ ବିଭିନ୍ନ କର୍ମକ୍ଷେତ୍ରରେ ସ୍ତ୍ରୀମାନେ କମ୍ ପାରିଶ୍ରମିକ ପାଉଥାଆନ୍ତି । ଏହି ହୀନମନ୍ୟତା ଯୋଗୁଁ ନାରୀ ଆଜି ସମାଜରେ ନିର୍ଯ୍ୟାତିତା ହେଉଛି । ବିବାହିତା ନାରୀର ସ୍ଥିତି କେବଳ ତାରି ସ୍ୱାମୀର ସ୍ଥିତି ଉପରେ ନିର୍ଭର କରୁଅଛି । ସ୍ୱାମୀର ମୃତ୍ୟୁପରେ ସେ ନିଜ ଗୋଡ଼ରେ ଠିଆ ନହୋଇ ସ୍ୱାମୀର ଚିତାରେ ଝାସ ଦେଉଛି, ସତୀ ହେବାର ଆଶା ନେଇ । ପୁରାଣରେ ସାବିତ୍ରୀଙ୍କୁ ସତୀ କୁହାଯାଇଛି କାରଣ ସେ ତାଙ୍କ ସତୀତ୍ୱ ବଳରେ ତାଙ୍କ ସ୍ୱାମୀଙ୍କ ଜୀବନ ରକ୍ଷା କରିଥିଲେ । କିନ୍ତୁ ସେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଚିତାରେ ଝାସ ଦେଇ ନ ଥିଲେ । ତେଣୁ ସ୍ୱାମୀ ଚିତାରେ ଝାସ ଦେଲେ କେହି କେବେ ସତୀ ହୁଏ ନାହିଁ—ଏହି ଧାରଣା ସମସ୍ତେ ମନରୁ ଦୂର କରିବା ଉଚିତ୍ ଓ ବିଧବା ବିବାହ ପ୍ରଚଳନ କରି ସେମାନଙ୍କୁ ସ୍ୱାବଲମ୍ବନଶୀଳ କରିବା ପାଇଁ ବିଭିନ୍ନ ଧନ୍ଦା ଯୋଗାଇବା ଆବଶ୍ୟକ । ତେଣୁ ନାରୀମାନେ ସଙ୍ଗଠିତ ହୋଇ ଏହି ଲୋକମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ସହୃଦୟ ମନୋଭାବ ପୋଷଣ କରିବା ଉଚିତ୍ ।

ଦେଶରେ ସ୍ୱରିଆଢ଼େ ଏବେ ଯୌତୁକ ପାଇଁ ବଧୂ ହତ୍ୟା ଏକ ସାଧାରଣ ଘଟଣା ହୋଇଗଲାଣି । ଯଦି ଗରିବ ପିତା ତା'ର ଝିଅକୁ ଭଲ ଯୌତୁକ ସହ ବିବାହ କରାଇ ପାରିଲାନାହିଁ, ତାହେଲେ ସେ ତା'ର ଝିଅକୁ ମୃତ୍ୟୁ ମୁଖକୁ ଠେଲିଦେଲା କହିଲେ ଅତ୍ୟୁକ୍ତି ହେବନାହିଁ । କେଉଁଠି କେଉଁଠି ବର ମଧ୍ୟ ବିବାହ ବେଦୀରୁ ଉଠି ଯାଉଛନ୍ତି ଓ ଦିଆ ଯାଇଥିବା ଯୌତୁକ ମନପସନ୍ଦ ନ ହେଲେ, କନ୍ୟା ପସନ୍ଦ କଥା ଭୁଲିଯାଉଛନ୍ତି । ଝିଅଟି ବିଭା ହୋଇ ଅନେକ ସମୟରେ ଆତ୍ମହତ୍ୟା କରୁଛି ତ କେଉଁଠି ତାକୁ ନିଆଁକୁ ଠେଲିଦେଇ ପୋଡ଼ି ମାରି ଦିଆଯାଉଛି । ବିଶେଷ କରି ଶାଶୁମାନଙ୍କ ଦ୍ୱାରା ଏହି ଘଟଣା ସବୁ ସଂଘଟିତ ହେଉଛି । କାରଣ ଶାଶୁ ଚାହୁଁଛନ୍ତି ଯେ ଯଦି ବୋହୂ ପୁଅ ଯୌତୁକ ଆଣେ ତା'ହେଲେ ସେ ସର୍ବସାଧାରଣରେ ନିଜର ଆତ୍ମବଡ଼ିମା ଦେଖାଇ କହିବେ ଯେ ତାଙ୍କ ପୁଅକୁ ଏତେ ପରିମାଣରେ ଯୌତୁକ ମିଳିଛି । ବାସ୍ତବିକ କି ଲଜ୍ୟାର କଥା । ପ୍ରତ୍ୟେକ ନାରୀ ଉପଲବ୍ଧି କରିବା ଉଚିତ୍ ଯେ ଯୌତୁକ ଦାବୀକରି ବିବାହ କରାଇବା ଅର୍ଥ ନିଜର ପୁତ୍ରକୁ ଓ ନିଜପୁତ୍ରର ଯୋଗ୍ୟତାକୁ ଅନ୍ୟ ପାଖରେ ବିକ୍ରୟ କରି ଦେବା । ଏହି ଯୌତୁକ ପ୍ରଥାର ଫଳ ସ୍ୱରୂପ କେତେ ନିରୀହା ଅବଳା ଅବିବାହିତ ରହୁଛନ୍ତି । ଏହି ନିର୍ଯ୍ୟାତନା ଫଳରେ କେତେ ସରଳା, ସୁଶୀଳା କୁଳବଧୂଙ୍କ ଜୀବନ ଦୀପକୁ ଜୋର ଜବରଦସ୍ତ ଭାବେ ଲିଭାଇ ଦିଆଯାଉଛି । ତେଣୁ ନାରୀ ନିର୍ଯ୍ୟାତନା ପାଇଁ ନାରୀମାନେ ଦାୟୀ ହେଉଛନ୍ତି । ଅବିବାହିତା ଝିଅମାନେ ସେମାନଙ୍କ ମନରେ ଯଦି ଏ ଚେତନା ଜାଗ୍ରତ ହେଲା ଯିଏ ଯୌତୁକ ନେବ କିମ୍ବା ଯୌତୁକ ଦାବୀ କରିବ ତାହାକୁ ସେମାନେ ବିବାହ କରିନବେନି, ଏଭଳି ମନୋଭାବ ସମାଜ ପାଇଁ ତଥା ନିଜ ପାଇଁ କଲ୍ୟାଣକର ହେବ । ତେଣୁ ଏଥିପାଇଁ ଯଦିବା ସମ୍ବିଧାନରେ ବ୍ୟବସ୍ଥା ହୋଇଛି ତଥାପି ନାରୀ ଜାଗରଣ ଯେ ଏ କ୍ଷେତ୍ରରେ ପ୍ରଧାନ ସହାୟକ ହେବ ତାହା ଅନସ୍ୱୀକାର୍ଯ୍ୟ ।

ବର୍ତ୍ତମାନ ନାରୀ ନିର୍ଯ୍ୟାତନା ଏକ ସାମାଜିକ ସମସ୍ୟା ରୂପେ ଦେଖାଦେଇଛି । ଏହି ସମସ୍ୟାର ସମାଧାନ ପାଇଁ ଦେଶର ବୁଦ୍ଧିଜୀବୀ, ସମାଜସେବୀ, ସମାଜ ସଂସ୍କାରକ, ରାଜନୈତିକ ନେତା, ନାରୀପୁରୁଷ ନିର୍ବିଶେଷରେ ଏ ବିଷୟରେ ଚିନ୍ତା ଏବଂ ଅନୁଧ୍ୟାନ କରିବା ଆବଶ୍ୟକ । ତେଣୁ ଗ୍ରାମରେ ମହିଳା ସଂଗଠନମାନ ଗଢ଼ି ନାରୀ ନିର୍ଯ୍ୟାତନା ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ଆବଶ୍ୟକ ।

ଅତ୍ୟାଧୁନିକ ଯୁଗରେ ବିଜ୍ଞାନ, ସ୍ଥାପତ୍ୟ, କଳା, ଶିଳ୍ପ, ରାଜନୀତି ଓ ଶାସନ ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାତି ପୁରୁଷର ସମକକ୍ଷ । ନିଜସ୍ୱ ଉନ୍ନତ ଚିନ୍ତାଧାରା ଏବଂ ଅନମନୀୟ ବ୍ୟକ୍ତିତ୍ୱ ବଳରେ ଅତ୍ୟାଧୁନିକ ନାରୀ କେବଳ ପୁରୁଷର ସହଧର୍ମିଣୀ ନୁହେଁ, ପୁରୁଷର ଅଗ୍ରଭାଗରେ ଏକ ଦୀପ୍ତିମତୀ ଆଲୋକ ଶିଖା ଭଳି ପ୍ରଜ୍ୱଳିତ ହୋଇ ଉଠୁଛି । ସାମାଜିକ, ବ୍ୟକ୍ତିଗତ ଜୀବନରେ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ନାରୀର ଭୂମିକା ସମ୍ବନ୍ଧରେ ଦେଶର ମହିଳା ସମାଜକୁ ସଚେତନ କରାଇବା ପାଇଁ ଗ୍ରାମାଞ୍ଚଳରେ ପଦକ୍ଷେପ ନିଆଯାଉଛି ।

ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରଯାଉଛି । ଗ୍ରାମାଞ୍ଚଳରେ ନାରୀମାନେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ଉଚିତ୍ । ଆମ ନାରୀ ସମାଜ ତାହାର ଅଧିକାର ଓ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖି ଆଗାମୀ ଦିନର ଗୁରୁଦାୟିତ୍ୱ ତୁଲାଇବାକୁ ଆଶା ଓ ବିଶ୍ୱାସ ପୋଷଣ କରୁ, ଏହାହିଁ ଆଜିର ଅନୁଚିନ୍ତା ।

ମାର୍ଫତ ଶ୍ରୀ ହିମାଂଶୁ ଶେଖର ପାଢ଼ୀ,
ଜନକ ମହଲ, ଶରିପୁର, ଭୁବନେଶ୍ୱର

# ଦେଶର ସମୃଦ୍ଧି ପଥେ

# ବୈଷୟିକ ଶିକ୍ଷା

ଶ୍ରୀ ମାଗୁଣି ପ୍ରଧାନ

ସାଂପ୍ରତିକ ଯୁଗର ସାମାଜିକ ଜୀବନର ଅଭିବୃଦ୍ଧି ସଂପୂର୍ଣ୍ଣଭାବେ ନିର୍ଭରକରେ, ସାଧାରଣତଃ ଶିକ୍ଷା, ବୈଷୟିକ ଶିକ୍ଷା, କୃଷି, ଶିଳ୍ପ ତଥା ବାଣିଜ୍ୟ ଉପରେ । ଯେଉଁ ଦେଶ ଏଦିଗରେ ଯେତେ ଆଗୁଆ ସେ ଦେଶ ସେତେ ଉନ୍ନତ ।

ମୁଖ୍ୟତଃ ଦେଶର ଆର୍ଥିକ ସମୃଦ୍ଧିର ମାନଦଣ୍ଡ ଶିଳ୍ପ । ଶିଳ୍ପ ମାଧ୍ୟମରେ ଆଧୁନିକ ଯନ୍ତ୍ରପାତି, କୃଷି ଯନ୍ତ୍ରପାତି, ପ୍ରତିରକ୍ଷା ବାହିନୀର ଯୁଦ୍ଧସାମଗ୍ରୀ ତଥା କଳକାରଖାନାର ଯନ୍ତ୍ରପାତି ଇତ୍ୟାଦି ଉତ୍ପାଦନ ହୋଇଥାଏ । ଏହାଦ୍ୱାରା ଦେଶରେ ଅନେକ ବୃହତ୍ ଶିଳ୍ପ, କ୍ଷୁଦ୍ର ଶିଳ୍ପ, ମଧ୍ୟମ ଶିଳ୍ପ ତଥା କୁଟୀର ଶିଳ୍ପ ଇତ୍ୟାଦି ଗଢି ଉଠିଛି । ତେଣୁ ଶିଳ୍ପର ଦ୍ରୁତ ବିକାଶ ନିମିତ୍ତ ସରକାର ପ୍ରଥମ ପଞ୍ଚବାର୍ଷିକ ଯୋଜନାଠାରୁ ଆଜି ପର୍ଯ୍ୟନ୍ତ ଏଥିରେ ଗୁରୁତ୍ୱ ଦେଇ ଆସୁଛନ୍ତି ।

ଶିଳ୍ପ ସମୃଦ୍ଧିର ମୂଳଭିତ୍ତି ଦକ୍ଷ ଯନ୍ତ୍ରୀ, କାରିଗର ତଥା ଶ୍ରମିକ । ସରକାର ଏମାନଙ୍କୁ ଉତ୍ତମ ଯାନ୍ତ୍ରିକ ଶିକ୍ଷା, କାରିଗର ତଥା ଶିଳ୍ପ ତାଲିମ ଯୋଗାଇ ଦେବାର ପରିକଳ୍ପନା ପ୍ରଶିକ୍ଷଣ ମହା ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରତ୍ୟେକ ପ୍ରଦେଶରେ ଶିଳ୍ପଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଅନୁକୂଳ୍ୟରେ ବୈଷୟିକ ଶିଳ୍ପତାଲିମ ଅନୁଷ୍ଠାନ, ବହୁବୃତ୍ତି ବିଦ୍ୟାଳୟ ତଥା ଯାନ୍ତ୍ରିକ ମହାବିଦ୍ୟାଳୟ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦେବାର ବ୍ୟବସ୍ଥା କରଯାଉ ଆସୁଛି । ଉପରୋକ୍ତ ଅନୁଷ୍ଠାନଗୁଡ଼ିକରୁ ଶିକ୍ଷା ସମାପ୍ତି କରି ଅନେକ ଦକ୍ଷ ଯନ୍ତ୍ରୀ, ଦକ୍ଷ କାରିଗର ବାହାରୁଛନ୍ତି । ସ୍ୱର୍ଗତଃ ଇନ୍ଦିରାଗାନ୍ଧୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମର ପ୍ରଚଳନ ଦ୍ୱାରା ବୈଷୟିକ ତାଲିମ ଶିକ୍ଷାର ବହୁଳ ପ୍ରଚାର ନିମିତ୍ତ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରଯାଇଅଛି । ସେଥିରେ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ବୃତ୍ତି ବା ବ୍ୟବସାୟରେ ତାଲିମ ଦିଆଯାଉଅଛି । ସ୍ୱତନ୍ତ୍ର ହିସାବରେ ମହିଳାମାନଙ୍କୁ ଶିଳ୍ପ ତାଲିମ ଶିକ୍ଷାଦେବା ନିମିତ୍ତ ଭୁବନେଶ୍ୱରଠାରେ ଏ... ମହିଳା ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରଯାଇଅଛି । ସେଠାରେ ସେମାନଙ୍କୁ କମ୍ ଶାରୀରିକ ପରିଶ୍ରମଯୁକ୍ତ ଜେନେର... ଇଲେକଟ୍ରୋନିକ୍ସ, ରେଡ଼ିଓ ଏବଂ ଟି. ଭି., ସିଲେଇଶିକ୍ଷା ତଥା ଷ୍ଟେନୋଗ୍ରାଫି (କ୍ଷିପ୍ରଲିପି ଶିକ୍ଷା) ବୃତ୍ତିରେ ତାଲିମ ଦେବାର ବ୍ୟବସ୍ଥା ଅଛି ।

ସାଧାରଣତଃ ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରେ ୩୨ଟି ଯାନ୍ତ୍ରିକ ବୃତ୍ତି ଓ ୨୬ଟି ଅଣଯାନ୍ତ୍ରିକ ବୃତ୍ତିରେ ତାଲିମ ଦେବାର ବ୍ୟବସ୍ଥା କରଯାଉଅଛି । ଚାହିଦା ଅନୁଯାୟୀ ସରକାର ବିଭିନ୍ନ ଅନୁଷ୍ଠାନରେ ଭିନ୍ନଭିନ୍ନ ବୃତ୍ତିର ତାଲିମ ବ୍ୟବସ୍ଥା କରିଛନ୍ତି ।

କାରିଗରୀ ତାଲିମ ବ୍ୟବସ୍ଥା କରିବା ଦ୍ୱାରା ସେଥିରୁ ଦ... ତାଲିମ ପ୍ରାପ୍ତ ଯୁବକଯୁବତୀ ବାହାରୁଛନ୍ତି ଓ ଏହାଦ୍ୱାରା ଅର୍ଦ୍ଧଦ... କାରିଗରର ଚାହିଦା ପୂରଣ ହୋଇପାରୁଅଛି ।

ପ୍ରତ୍ୟେକ ପ୍ରଦେଶରେ ବହୁବୃତ୍ତି ଅନୁଷ୍ଠାନ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ମାଧ୍ୟମରେ ଅନେକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିପାରୁଛନ୍ତି । ସେଠାରୁ ବାହାରୁଥିବା ବହୁଦକ୍ଷ ଯନ୍ତ୍ରୀ ବଡ଼ବଡ଼ କଳ କାରଖାନା, ଶିଳ୍ପ ଅନୁଷ୍ଠାନମାନଙ୍କରେ ଦକ୍ଷ ଯନ୍ତ୍ରୀର ସ୍ଥାନ ପୂରଣ କରିପାରୁଛନ୍ତି । ମହିଳାମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦେବାପାଇଁ ଅନେକ ବହୁବୃତ୍ତି ଅନୁଷ୍ଠାନ ମଧ୍ୟ ପ୍ରତିଷ୍ଠା କରଯାଇଅଛି ।

ଦେଶର ବେକାର ସମସ୍ୟା ସମାଧାନ କରିବାରେ ଶିଳ୍ପ ତାଲିମ ଅନୁଷ୍ଠାନ ଓ ବହୁବୃତ୍ତି ଅନୁଷ୍ଠାନର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ ବହୁ ଯୁବକ ଯୁବତୀ ବେକାର ହୋଇ ବସିଛନ୍ତି, କିନ୍ତୁ ଶିଳ୍ପ ତାଲିମପ୍ରାପ୍ତ ଯୁବକଯୁବତୀ ଶିଳ୍ପ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇବା ସଙ୍ଗେସଙ୍ଗେ ଅନେକ ନିଜେନିଜେ କ୍ଷୁଦ୍ରଶିଳ୍ପ, ମଧ୍ୟମ ଶିଳ୍ପ ତଥା କୁଟୀର ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିଯୁକ୍ତିଦ୍ୱାରା ବେକାର ସମସ୍ୟାର ସମାଧାନ କରିପାରୁଛନ୍ତି । ତେଣୁ ଏହା ଦେଶର ଦାରିଦ୍ର୍ୟ ଦୂରକରିବା ସଙ୍ଗେସଙ୍ଗେ ଦେଶର ଅର୍ଥନୈତିକ ପ୍ରଗତିରେ ମଧ୍ୟ ସାହାଯ୍ୟ କରିପାରୁଛି।

ଶିଳ୍ପ ତାଲିମ ଅନୁଷ୍ଠାନ, ବହୁବୃତ୍ତି ଅନୁଷ୍ଠାନ ତଥା ଯାନ୍ତ୍ରିକ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଯୁବକ ଯୁବତୀମାନଙ୍କୁ ଶିକ୍ଷାନବିଶ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ସମୟରେ ସେମାନେ ଶିଳ୍ପ କାରଖାନା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଶିକ୍ଷା ପାଇଥାଆନ୍ତି । ଉକ୍ତ ସମୟ ମଧ୍ୟରେ ସେମାନଙ୍କୁ ମାସିକ ଭତ୍ତା ଦିଆଯିବାର ବ୍ୟବସ୍ଥା ମଧ୍ୟ ଅଛି । ବର୍ତ୍ତମାନ ସୁଦ୍ଧା ୧୩୮ଟି ବ୍ୟବସାୟରେ ଶିକ୍ଷାନବିଶ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି ।

ପ୍ରଶିକ୍ଷାର୍ଥୀ ଓ ଶିକ୍ଷାନବିଶମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଦକ୍ଷତା ପ୍ରତିଯୋଗିତା କରିବା ସଙ୍ଗେସଙ୍ଗେ ସେମାନଙ୍କୁ ପୁରସ୍କୃତ କରାଯାଏ । ଏଥିନିମିତ୍ତ ରାଜ୍ୟ ଓ ସର୍ବ ଭାରତୀୟ ସ୍ତରରେ ପ୍ରତିଯୋଗୀତା ହୁଏ । ଅନୁଷ୍ଠାନ-ମାନଙ୍କର କୃତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମେ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥାଏ । ସର୍ବ ଭାରତୀୟ ଶିଳ୍ପ ବିଦ୍ୟା ପରୀକ୍ଷାରେ ପ୍ରଥମ ହୋଇ ଥିବା ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାପାଇଁ ପଠାଇଥାଆନ୍ତି । ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ପ୍ରତ୍ୟେକ ବିଷୟରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସର୍ବଭାରତୀୟ ସ୍ତରରେ ପ୍ରତି-ଯୋଗୀତାରେ ଭାଗ ନେବା ନିମିତ୍ତ ମନୋନୀତ କରାଯାଏ ।

ସାଧାରଣତଃ ୯ଟି ଧନ୍ଦାରେ ଦକ୍ଷତା ପ୍ରତିଯୋଗୀତା ହୋଇଥାଏ, ଯଥା– ଫିଟର, ଇଲେକ୍ଟ୍ରିସିଆନ, ଟର୍ଣ୍ଣର, ମେସିନିଷ୍ଟ, ମୋଲଡ଼ର, ଓଲଡ଼ର, ଇନ୍‌ଷ୍ଟ୍ରୁମେଣ୍ଟ ମେକାନିକ୍, ମୋଟରଗାଡ଼ି ମେକାନିକ୍, ଓ କଟିଙ୍ଗ ଟେଲେରିଙ୍ଗ । ସେହିପରି ଶିକ୍ଷାନବିଶଙ୍କ ମଧ୍ୟରେ ୬ଟି ଧନ୍ଦାରେ ଦକ୍ଷତା ପ୍ରତିଯୋଗୀତା ହୁଏ । ଯଥା – ଫିଟର, ଇଲେକ୍ଟ୍ରିସିଆନ, ଟର୍ଣ୍ଣର, ମେସିନିଷ୍ଟ, ମୋଲଡ଼ର ତଥା ଓଲଡ଼ର ।

ସର୍ବଭାରତୀୟ ସ୍ତରରେ ପ୍ରଶିକ୍ଷଣର ମାନବୃଦ୍ଧି, ସୁଦକ୍ଷ କାରିଗର ତଥା ଅନୁଷ୍ଠାନମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ଏହି ପ୍ରତିଯୋଗୀତାର ପ୍ରଧାନ ଲକ୍ଷ୍ୟ । ଏଥିରେ ସର୍ବଭାରତୀୟ ସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପାଞ୍ଚହଜାର ଟଙ୍କା ଓ ରୌପ୍ୟ ପଦକ ପ୍ରଦାନ କରାଯାଏ । ତତ୍ ସଙ୍ଗେସଙ୍ଗେ ଭାରତର ବିଭିନ୍ନ ଶିଳ୍ପାଞ୍ଚଳ ଭ୍ରମଣ କରିବା ନିମିତ୍ତ ସୁଯୋଗ ଦିଆଯାଏ ।

ଦେଶର ଉନ୍ନତିରେ ମହିଳାମାନଙ୍କର ସହଯୋଗ ଏକାନ୍ତ କାମ୍ୟ । ତେଣୁ ସେମାନଙ୍କୁ ବୈଷୟିକ ତାଲିମ ଦେବା ନିମନ୍ତେ ଦେଶର ଅନେକ ମହିଳା ଶିଳ୍ପ ତାଲିମ ଅନୁଷ୍ଠାନ ତଥା ମହିଳା ବହୁବୃତ୍ତି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଅଛି । ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ମହିଳା ବହୁବୃତ୍ତି ଅନୁଷ୍ଠାନ ଓ ଭୁବନେଶ୍ୱର ମହିଳା ଶିଳ୍ପ ତାଲିମ ଅନୁଷ୍ଠାନ ଅନ୍ୟତମ । ଏହି ଅନୁଷ୍ଠାନମାନଙ୍କରେ ଅଳ୍ପ ଶାରୀରିକ ଶକ୍ତି ଆବଶ୍ୟକ କରୁଥିବା ବୃତ୍ତି ରଖାଯାଇଅଛି ; ଯଥା – ପୋଷାକ ତିଆରି ଓ ସିଲେଇକାମ, ସୂଚୀକାମ, ପ୍ରସାଧନ ଓ ସୌନ୍ଦର୍ଯ୍ୟ ଯତ୍ନ, ଇଲେକ୍ଟ୍ରୋନିକ୍ସ, ଉପଯନ୍ତ୍ରମିସ୍ତ୍ରୀ, ରେଡ଼ିଓ ଓ ଟି. ଭି., କ୍ଷୀପ୍ରଲିପି, ଅଫିସ ପରିଚାଳନା ପଦ୍ଧତି, ନକ୍ସା ନବିଶ ତଥା ଆର୍କିଟେକ୍‌ଚରାଲ ଆସିଷ୍ଟାଣ୍ଟ ଆଦିର ଅନ୍ତର୍ଭୁକ୍ତ ।

ତାଲିମ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ନିମିତ୍ତ ଦକ୍ଷ କର୍ମଚାରୀ ସୃଷ୍ଟିପାଇଁ କର୍ମଚାରୀ ତାଲିମ କେନ୍ଦ୍ର ନିଯୁକ୍ତି ଓ ପ୍ରଶିକ୍ଷଣ ମହା ନିର୍ଦ୍ଦେଶାଳୟ (D. G. E, T.) ଆନୁକୂଲ୍ୟରେ କଲିକତା, ବମ୍ବେ, କାନପୁର, ମାନ୍ଦ୍ରାଜ, ହାଇଦ୍ରାବାଦ ଓ ଲୁଧିଆନାଠାରେ ତାଲିମ ଅନୁଷ୍ଠାନ ସ୍ଥାପନ କରାଯାଇ ସେଥିରେ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଅଛି । ଏତଦ୍‌ବ୍ୟତୀତ ରାସାୟନିକ ବିଷୟରେ ବମ୍ବେଠାରେ ଫାର୍ମ ମେକାନିକ ବିଷୟରେ ଲୁଧିଆନାଠାରେ ଓ ହୋଟେଲ ପରିଚାଳନା ବିଷୟରେ ହାଇଦ୍ରାବାଦଠାରେ ତାଲିମକେନ୍ଦ୍ର ସ୍ଥାପନ କରାଯାଇଅଛି ।

ମହିଳା ଶିକ୍ଷୟିତ୍ରୀମାନଙ୍କୁ ମୌଳିକ ଦକ୍ଷତା ଓ ଅନୁଦେଷ୍ଟା ତାଲିମପାଇଁ ମଧ୍ୟ ସେଠାରେ ବ୍ୟବସ୍ଥା ଅଛି । ଦେଶରେ ଅଧୁନା ବିଜ୍ଞାନ ଓ ଟେକ୍‌ନଲୋଜିର ଅଗ୍ରଗତି ନିମିତ୍ତ ତଥା ଶିଳ୍ପ ଉଦ୍ୟୋଗମାନଙ୍କରେ ସୁଦକ୍ଷ କାରିଗରମାନଙ୍କର ବିଶେଷ ଆବଶ୍ୟକତା ଅନୁଭୂତ ହେଉଅଛି । ଏଣୁ ବୈଷୟିକ ତାଲିମ-ଅନୁଷ୍ଠାନ ତଥା ବହୁବୃତ୍ତି ଅନୁଷ୍ଠାନମାନଙ୍କରୁ ସୁଦକ୍ଷ କାରିଗର ବାହାର କରାଇବା ଏହାର ମୂଳଲକ୍ଷ୍ୟ । କିନ୍ତୁ ସେଠାରୁ ତାଲିମ ପ୍ରାପ୍ତ ଯୁବକ ଯୁବତୀ ମୌଳିକ ତାଲିମରେ ସେତେ ସୁଦକ୍ଷ ହୋଇ ପାରୁ ନ ଥିବାରୁ ସେମାନଙ୍କୁ ଉନ୍ନତ ବୈଷୟିକ ତାଲିମ ଦେବାକୁ ବ୍ୟବସ୍ଥା କରାଯାଉଅଛି ଏଥିପାଇଁ ସର୍ବଭାରତୀୟ ସ୍ତରରେ ୧୬ଟି ଆଦର୍ଶ ପ୍ରଶିକ୍ଷଣ ଅନୁଷ୍ଠାନ ମିରଟ, ରାଇବରେଲି, ପାତିଆଲା, ଫରିଦାବାଦ, ଜାମ୍ମୁ-ବରୋଦା, ଧାନବାଦ, ଯୋଧପୁର, ପୁନା, ବାଙ୍ଗାଲୋର, ଗୌହାଟି, ବିଶାଖାପାଟଣା, ଦୁର୍ଗାପୁର, କଲମେଶ୍ୱରୀ ଓ ଅମ୍ବତ୍ତୁରଠାରେ ପ୍ରତିଷ୍ଠା କରାଯାଇଅଛି ।

କଳ କାରଖାନା ଓ ଶିଳ୍ପତାଲିମ ଅନୁଷ୍ଠାନ, ବହୁବୃତ୍ତି ଅନୁଷ୍ଠାନମାନଙ୍କରେ ଅଗ୍ରବାହୀ (Foreman) ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ତଥା ଅଗ୍ରବାହୀ (Foreman) ହେବାକୁ ଅଳ୍ପଦିନ ଥିବା ବ୍ୟକ୍ତିମାନଙ୍କର (Foreman Training Institution) ଅଗ୍ରବାହୀ ତାଲିମ କେନ୍ଦ୍ର ବମ୍ବେ ଓ ଜାମସେଦପୁରଠାରେ ପ୍ରତିଷ୍ଠା କରାଯାଇଅଛି । ସେଠାରେ

ସେମାନଙ୍କୁ ଉନ୍ନତ ବୈଷୟିକ ଜ୍ଞାନ ତଥା ଅଫିସ୍ ପରିଚାଳନା କରିବା ଦକ୍ଷତା ବିଷୟରେ ତାଲିମ ଦିଆଯାଏ । ଏଣୁ ବୈଷୟିକ ତାଲିମ ଅନୁଷ୍ଠାନ ତଥା ବହୁବୃତ୍ତି ଅନୁଷ୍ଠାନର ପରିଚାଳନା ଉତ୍ତମ ଭାବରେ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ମାସିକ ୫୫ ଟଙ୍କା ଗରିବ ମେଧାବୃତ୍ତି ଦିଆଯାଏ । ସମସ୍ତ ଗିରିଜନ, ହରିଜନ ଛାତ୍ରଛାତ୍ରୀଙ୍କୁ ମାସିକ ୬୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯାଏ । ପ୍ରତ୍ୟେକ ଟ୍ରେଡ୍‌ରୁ ଜଣେ କୃତିଛାତ୍ର କିମ୍ବା ଛାତ୍ରୀଙ୍କୁ ମେଧାବୃତ୍ତି ମାସିକ ୫୦ ଟଙ୍କା ଦେବାର ବ୍ୟବସ୍ଥା କରାଯାଇଅଛି । ଏତଦ୍‌ବ୍ୟତୀତ ସବୁ ଛାତ୍ର ଛାତ୍ରୀମାନଙ୍କୁ ମାଗଣାରେ ତାଲିମ ଦିଆଯାଇଥାଏ ।

ଅଧୁନା ସରକାର ବୈଷୟିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଉଅଛନ୍ତି । ଏହାର ଦ୍ରୁତ ବିକାଶ ହେବା ନିମିତ୍ତ ବିଭିନ୍ନ ଶିଳ୍ପ ତାଲିମ ଅନୁଷ୍ଠାନ ତଥା ବହୁବୃତ୍ତି ଅନୁଷ୍ଠାନମାନଙ୍କରେ ସ୍ୱତନ୍ତ୍ର ସୁବିଧା ଦିଆଯାଉଅଛି । ଅନୁଷ୍ଠାନମାନଙ୍କରେ ଇଲେକ୍‌ଟ୍ରୋନିକ୍‌ସ, ରେଡ଼ିଓ ଓ ଟି. ଭି. କମ୍ପ୍ୟୁଟର ଇତ୍ୟାଦି ନୂତନ ବୃତ୍ତିର ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

ବର୍ତ୍ତମାନ ସରକାର ଟ୍ରାଇସେମ ପରିକଳ୍ପନା ମାଧ୍ୟମରେ ହାଉସ ଓ୍ୱାରିଙ୍ଗ, ଟି. ଭି. ରିପ୍ୟାରିଙ୍ଗ, ଟାଇପ ରାଇଟିଙ୍ଗ ଇତ୍ୟାଦି ବୃତ୍ତିରେ ଛାତ୍ର ଛାତ୍ରୀ ଗ୍ରହଣ କରି ପ୍ରତ୍ୟେକ ଶିଳ୍ପ ତାଲିମ ଅନୁଷ୍ଠାନ ତଥା ବହୁବୃତ୍ତି ଅନୁଷ୍ଠାନ ଦ୍ୱାରା ତାଲିମ ଦେବାର ବ୍ୟବସ୍ଥା କରାଇଛନ୍ତି । ସେଥିରେ ତାଲିମ ଦେବା ସମୟରେ ପିଲାମାନଙ୍କୁ ୨୦୦ ଟଙ୍କା ଲେଖାଏଁ ମାସିକ ବୃତ୍ତି ତଥା ତାଲିମ ଶେଷରେ ୫୦୦ ଟଙ୍କାର ଯାନ୍ତ୍ରୀକ ସାମଗ୍ରୀ ଉପହାର ସ୍ୱରୂପ ଦିଆଯିବାର ବ୍ୟବସ୍ଥା କରାଯାଇଅଛି । ଭବିଷ୍ୟତରେ ଆତ୍ମନିଯୁକ୍ତିରେ ସାହାଯ୍ୟ ଯୋଗାଇ ଦିଆଯିବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ବୈଷୟିକ ତାଲିମ ପ୍ରାପ୍ତ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କର ଆତ୍ମନିଯୁକ୍ତି ନିମିତ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ କ୍ଷୁଦ୍ରଶିଳ୍ପ କୁଟୀର ଶିଳ୍ପ ତଥା ମଧ୍ୟମ ଶିଳ୍ପ ସ୍ଥାପନ ପାଇଁ ଅଗ୍ରାଧୀକାର ଦିଆଯିବାର ବ୍ୟବସ୍ଥା ସରକାର କରାଇଛନ୍ତି । ସେମାନଙ୍କୁ ବିନା ସିକ୍ୟୁରିଟି ଡ଼ିପୋଜିଟରେ ଋଣ ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଅଛି । ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କରେ ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ନିଯୁକ୍ତିରେ ଅଗ୍ରାଧିକାର ଦିଆଯିବାର ବ୍ୟବସ୍ଥା ଅଛି । ଏମାନେ କୁଶଳୀ ଏବଂ ଅର୍ଦ୍ଧ କୁଶଳୀ କାରୀଗର ହିସାବରେ କଳ କାରଖାନା ମାନଙ୍କରେ କାର୍ଯ୍ୟ କରିଥାଆନ୍ତି । ଏମାନେ ହିଁ ଦେଶର ଭବିଷ୍ୟତ । ଏମାନଙ୍କର ସାହାଯ୍ୟ ସହଯୋଗ ଓ କାର୍ଯ୍ୟ-ଦକ୍ଷତା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ । ଏଣୁ ଏମାନଙ୍କର ଯାବତୀୟ ସୁବିଧା ସୁଯୋଗ ପାଇଁ ସରକାର ଶିଳ୍ପ ନୀତିରେ ବ୍ୟବସ୍ଥା ରଖିଛନ୍ତି ।

ଦେଶର ଅଗ୍ରଗତିରେ ବୈଷୟିକ ଶିକ୍ଷାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହାର ପୂର୍ଣ୍ଣାଙ୍ଗ ବିକାଶ ସର୍ବାଦୌ ଆବଶ୍ୟକ ।

---

ଷ୍ଟାପ୍ରଲିପି ଉପଦେଷ୍ଟା,
ମହିଳା ଶିଳ୍ପ ତାଲିମ ଅନୁଷ୍ଠାନ
ଭୁବନେଶ୍ୱର –୧୨



କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ 'ବିଟିଂ ଦି ରିଟ୍ରିଟ୍' ଉତ୍ସବ

# ସୌରଶକ୍ତି ଚାଳିତ ପାଣି ପମ୍ପର କାହାଣୀ

ଶ୍ରୀ ସୁଚରଣ ପରିଡ଼ା

ଓଡ଼ିଶାରେ ପ୍ରଥମଥର ପାଇଁ (ସମଗ୍ର ଭାରତରେ ଏହା ଦ୍ୱିତୀୟ ଉଦ୍ୟମ) ଏକ ଫ୍ରାନ୍ସ ନିର୍ମିତ ସୌରଶକ୍ତି ଚାଳିତ ପାଣି ପମ୍ପ ପ୍ରତିଷ୍ଠା ହେବାପରେ ଗ୍ରାମଟିର ଜୀବନଧାରା ଅଳ୍ପକାଳ ମଧ୍ୟରେ ସଂପୂର୍ଣ୍ଣ ବଦଳି ଯାଇଛି । ଭାଡୁ କିସ୍କୁ (୪୩), ସାଭନା ହାଁସଦା (୨୮), ଭୁଖଁ ର ହେମ୍ବ୍ରମ୍ (୨୮) ଭଗାନ୍ ଦେଓ୍ୱା (୨୮), ପରମାନନ୍ଦ ମଲ୍ଲିକ (୩୩), ନରହରି ମଲ୍ଲିକ (୩୦) ସମସ୍ତେ ଆଜି ଖୁସି । ସୌରଶକ୍ତି ଚାଳିତ ପାଣିପମ୍ପଟି ଗ୍ରାମର ପାନୀୟଜଳ ଅଭାବକୁ କେବଳ ଦୂର କରିନାହିଁ, ଜଳସେଚନ ବ୍ୟବସ୍ଥାକୁ ମଧ୍ୟ ତ୍ୱରାନ୍ୱିତ କରିପାରିଛି—ପାହାଡ଼ ଘେରା ଆଦିବାସୀ ଗ୍ରାମଟି ପାଇଁ ଏହା ଆଜି ସବୁଠାରୁ ବଡ଼କଥା ।

କେନ୍ଦୁଝର ଜିଲ୍ଲା ଘାସିପୁରା ବ୍ଳକର ଖାଳିଆମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଏହି ଆଦିବାସୀ ଗ୍ରାମଟିର ନାମ ଗୋପାଳପୁର । ଖାଳିଆମେଣ୍ଟା ଠାରୁ ଅଢ଼େଇ କିଲୋମିଟର ଦକ୍ଷିଣରେ ଏହାର ଅବସ୍ଥିତି । ଗ୍ରାମଟିରେ ସମୁଦାୟ ଆଠଟି ସାହି ଓ ୧୦୬ଟି ପରିବାର । ପାଞ୍ଚଘର ହରିଜନ, ପାଞ୍ଚଘର ଗୋପାଳ ଓ ବାକି ସମସ୍ତେ ଆଦିବାସୀ ।

ଫ୍ରାନ୍ସର ସି. ଏଫ୍. ସି. ଏଫ୍. ନାମକ ଏକ ସମାଜସେବୀ ସଂସ୍ଥାଠାରୁ ପ୍ରଫେସର ପି. ଆମାଡ୍ରୋଙ୍କ ଜରିଆରେ ଏହି ସୌରଶକ୍ତି ଚାଳିତ ପାଣିପମ୍ପର ଯନ୍ତ୍ରପାତିଗୁଡ଼ିକୁ ଦାନ ଆକାରରେ ଗ୍ରହଣ କରାଯାଇଛି । ଉଭୟ ଭାରତ ଓ ଫ୍ରାନ୍ସ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ସହଯୋଗିତାର ଏହା ଏକ ନିଦର୍ଶନ ! କାର୍ଯ୍ୟକ୍ରମଟି ASVIN Programme ଭାରତର ଗ୍ରାମାଞ୍ଚଳରେ ସୌରଶକ୍ତି ଯୋଗାଣର ବ୍ୟବସ୍ଥା ନାମରେ ନାମିତ । ସୌରଶକ୍ତି ଚାଳିତ ପାଣିପମ୍ପଟିକୁ ଗତ ନଭେମ୍ବର ମାସ ୨୫ ତାରିଖରେ ଉଦ୍‌ଘାଟନ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ, ଶିଳ୍ପ, ବିଜ୍ଞାନ ଓ କାରୀଗରି କୌଶଳ ବିଭାଗ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ । ଫ୍ରାନ୍ସର ସି. ଏଫ୍. ସି. ଏଫ୍. ସଂସ୍ଥା ତରଫରୁ ପ୍ରଫେସର ଆମାଡ୍ରୋ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ସେଦିନ ପ୍ରଥମଥର ପାଇଁ ଅଖ୍ୟାତ ଆଦିବାସୀ-ଗ୍ରାମ ଗୋପାଳପୁର ରେ ଫ୍ରାନ୍ସରୁ ଆସିଥିବା ସୌରଶକ୍ତି ଚାଳିତ ପାଣିପମ୍ପ କାର୍ଯ୍ୟକ୍ଷମ ହୋଇଥିଲା । କୂଅରୁ ପାଣି ଉଠିଥିଲା, ଜମିରେ ମାଡ଼ିଥିଲା ଓ ସ୍ଥାନୀୟ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପାଣି ଟାଙ୍କିରୁ ପାନୀୟଜଳ ବ୍ୟବହାର କରିଥିଲେ । ସେହି ଦିନଟି ଥିଲା ଗୋପାଳପୁର ଗ୍ରାମପାଇଁ ଏକ ଅବିସ୍ମରଣୀୟ ଦିବସ ।

କାର୍ଯ୍ୟକ୍ରମଟି ଆରମ୍ଭ ହେବା ଦିନଠାରୁ ଗ୍ରାମରେ ସମସ୍ତଙ୍କ ମଧ୍ୟରେ ଏକ ସହଯୋଗୀ ମନୋଭାବ ଉଦ୍ରେକ ହୋଇଛି । ଖାଲି ସେତିକି ନୁହେଁ, ଏକତାର ଡୋରରେ ପରସ୍ପର ପରସ୍ପରଙ୍କ ସହ ବାନ୍ଧି ହୋଇଯାଇଛନ୍ତି । କାର୍ଯ୍ୟକ୍ରମର ଶୈଳୀ ଓ ପ୍ରବର୍ତ୍ତନ ଏହାର ଏକମାତ୍ର କାରଣ । ସେଠି ଦୁଇ ଏକର ଜମିରେ ଏବେ ସୌରଶକ୍ତି ଚାଳିତ ପାଣି ପମ୍ପ ସହାୟତାରେ ସଫଳତାର ସହିତ ଜଳସେଚନର ବ୍ୟବସ୍ଥା ହୋଇଛି, ସେ ଜମି ସରକାରଙ୍କର ନୁହେଁ, ଗ୍ରାମବାସୀଙ୍କର । (ସମୁଦାୟ ୧୦ ଏକର ଜମିରେ ଏହି କାର୍ଯ୍ୟକ୍ରମ ରୂପାୟନର ଯୋଜନା ରହିଛି, ତେବେ ଏ ପର୍ଯ୍ୟନ୍ତ ଗ୍ରାମବାସୀମାନେ କେବଳ ୨ ଏକର ଜମି ପରୀକ୍ଷାମୂଳକ ଭାବେ ଯୋଗାଇ ଦେଇଛନ୍ତି । ଆଗାମୀ ରବି ଋତୁରେ ଆହୁରି ଅଧିକ ଜମି ଗ୍ରାମବାସୀମାନେ ଯୋଗାଇ ଦେବେ ବୋଲି ଆଶାରହିଛି) । ଖରିଫ ଅମଳ ପରେ ସେହି ଜମିରେ ଗ୍ରାମବାସୀଙ୍କ ତରଫରୁ କେଉଁମାନେ ରବିଫସଲ କରିବେ ତାହା ଗ୍ରାମବାସୀମାନେହିଁ ଏକ କମିଟି ଜରିଆରେ ନିଷ୍ପତ୍ତି କରୁଛନ୍ତି । ଏହି କମିଟିକୁ ୱାଟର କମିଟି ବା ଜଳବଣ୍ଟନ କମିଟି କୁହାଯାଉଛି । ଶ୍ରୀ କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ । ଯେଉଁମାନେ ଏହି ଜମିରେ ରବିଫସଲ କରୁଛନ୍ତି ଜମିର ମାଲିକ ସେମାନଙ୍କଠାରୁ କୌଣସି ଫସଲ ଦାବୀ କରୁନାହାନ୍ତି କି ସେମାନଙ୍କୁ କୌଣସି ଜଳକର ଦେବାକୁ ପଡୁନାହିଁ । ବିହନ ମଧ୍ୟ ମାଗଣାରେ ଯୋଗାଇ ଦିଆଯାଉଛି । ଗ୍ରାମବାସୀମାନଙ୍କ ମିଳିତ ନିଷ୍ପତ୍ତିରେ ଜମିସ୍ଥିର କରିବାର ସ୍ୱାଧୀନତା ସେମାନେ ପାଉଥିବାରୁ ଏ ସଂକ୍ରାନ୍ତରେ କୌଣସି ଝମେଲା ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହୁନାହିଁ । ମୋଟ ଉପରେ ଏକ ପ୍ରୀତିପୂର୍ଣ୍ଣ ପରିବେଶ ମଧ୍ୟରେ ଏହା ଏକ ନୂତନ ଧରଣର ସମବାୟ ବ୍ୟବସ୍ଥା—ନଦେଖିଲେ ବିଶ୍ୱାସ କରି ହେବନାହିଁ । ଗ୍ରାମର ଜଳବଣ୍ଟନ କମିଟି ଆଉ ଏକ ନିଷ୍ପତ୍ତି ଗ୍ରହଣ କରିଛି ଯେ ଖରିଫ ଫସଲ ଆରମ୍ଭ ବେଳେ ସେହି ଜମିର ପ୍ରକୃତ ମାଲିକମାନେ ସେଠାରେ ଖରିଫ ଫସଲ କରିପାରିବେ ଏବଂ ସେତେବେଳେ ମଧ୍ୟ ସେମାନଙ୍କୁ ଜଳସେଚନର ସୁବିଧା ସୁଯୋଗ ରବିଫସଲ ପରି ବିନା ଜଳକରରେ ଯୋଗାଇ ଦିଆଯିବ । ପୁନର୍ବାର ରବି-ଫସଲ ଆରମ୍ଭରେ ଜଳବଣ୍ଟନ କମିଟିର ନିଷ୍ପତ୍ତିକ୍ରମେ ନୂତନ ଚାଷୀମାନଙ୍କୁ ଏହି ସମବାୟ ଭିତ୍ତିକ ଜମି ଯୋଗାଇ ଦିଆଯିବ । ଜମିର ମାଲିକମାନେ ମଧ୍ୟ ଏହି ସର୍ତ୍ତରେ ରାଜି ଯେ ନିଜ ଜମିରେ ସେମାନେ ରବି ଫସଲ କରିବେ ବୋଲି ସେପରି କୌଣସି ଦାବୀ ସେମାନେ କରିବେ ନାହିଁ ।

ଚଳିତ ରବି ଋତୁରେ ସେଠାରୁ ସୌରଶକ୍ତି ଚାଳିତ ଜଳସେଚନ ବ୍ୟବସ୍ଥା ମଧ୍ୟରେ ଉତ୍ପନ୍ନ ହୋଇଛି ଉତ୍କୃଷ୍ଟ ଧରଣର ଭେଣ୍ଡି, ବାଇଗଣ, ପୋଇ, ଅଳୁ, ଗୁଆଁର, ଅମୃତଭଣ୍ଡା, ଟମାଟୋ, ଲଙ୍କା ଓ ବୋଇତି-କଖାରୁ ଗୋଷ୍ଠ ଖାଦ୍ୟ ପାଇଁ ଉତ୍କୃଷ୍ଟ ଧରଣର ଘାସ ଚାଷ ମଧ୍ୟ ସେହି ସମବାୟ ଭିତ୍ତିକ ଚାଷ ଜମିରେ ସମ୍ଭବ ହୋଇପାରିଛି । ଆଗାମୀ ରବି ଋତୁରେ ଗ୍ରାମବାସୀଙ୍କ ସହାୟତାରେ ଆହୁରି ଅଧିକ ପରିମାଣର ଜମିରେ ଏହି ଚାଷ କରଯାଇ ଅଧିକ ପରିମାଣର ଫସଲ ମଧ୍ୟ ଉତ୍ପନ୍ନ କରଯାଇପାରିବ ବୋଲି ଆଶା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ

ସବୁଠାରୁ ଅଧିକ ଉପକୃତ ହେଉଛନ୍ତି ଭୂମିହୀନ ଲୋକମାନେ । ତା' ପରେ ସବୁବର୍ଷ ଖରିଫ୍ ଅମଳ ପରେ ଜମିଗୁଡ଼ିକ ମଧ୍ୟ ପଡ଼ିଆ ପଡୁଥିଲା । ସମୁଦାୟ ଗ୍ରାମର ୧୧ଟି ପରିବାର ଏହି ସମବାୟ ଭିତ୍ତିକ ଚାଷ ପାଇଁ ନିଜର ଜମି ଛାଡ଼ି ଦେଇଛନ୍ତି । ଆସନ୍ତା ବର୍ଷକୁ ସଂଖ୍ୟା ନିଶ୍ଚିତ ଭାବେ ବୃଦ୍ଧି ପାଇବ ।

## ସୌରଶକ୍ତି ପମ୍ପର ବୈଶିଷ୍ଟ୍ୟ ଓ କର୍ମାଣ କୌଶଳ

ଚାଷୀଙ୍କ ପାଇଁ ବଜାରରେ ମିଳୁଥିବା ଡିଜେଲ ଓ ବିଦ୍ୟୁତ୍ ପମ୍ପ ଗୁଡ଼ିକ ସାଧାରଣତଃ ୨୫ ଫୁଟ ତଳୁ ପାଣି ଉଠାଇଥାନ୍ତି । କିନ୍ତୁ ଫ୍ରାନ୍ସରୁ ଆସିଥିବା ଏହି ସୌରଶକ୍ତି ଚାଳିତ ପାଣି ପମ୍ପଟି ୫୦ ଫୁଟ ତଳୁ ପାଣି ଉଠାଇପାରୁଛି ।


ସମୁଦାୟ ୯ଟି ପ୍ୟାନେଲ୍‌ର ଏକ ବିରାଟ କାଚ ବୋର୍ଡ଼ । ପ୍ରତ୍ୟେକ ପ୍ୟାନେଲରେ ଚାରିଟି ଲେଖାଏଁ ମୋଡ୍ୟୁଲ । ପ୍ରତ୍ୟେକ ମୋଡ୍ୟୁଲରେ ୩୬ଟି ଲେଖାଏଁ ସୋଲାର ସେଲ୍ । ଏହିପରି ସମୁଦାୟ ବୋର୍ଡ଼ଟିରେ ୧,୨୯୬ଟି ସୋଲାର ସେଲ ଏବଂ ଏହାରି ଦ୍ୱାରା ୧·୩ କିଲୋୱାଟର ପମ୍ପଟି ଚାଳିତ ହେଉଛି । ଏଥିରୁ ୬୨ ଭୋଲ୍ଟ ଡି. ସି. କରେଣ୍ଟ ବା ୧,୩୦୦ ୱାଟର ବିଦ୍ୟୁତ ଉତ୍ପନ୍ନ ହେଉଛି । ସୋଲାର ସେଲଗୁଡ଼ିକ ଗୋଲ ଆକୃତିର ଏବଂ କଳା ରଙ୍ଗର । କଳାରଙ୍ଗର ଏଇଥିପାଇଁ ଯେ କଳାରଙ୍ଗର ପଦାର୍ଥ ଉପରେ ସୂର୍ଯ୍ୟାଲୋକ ପଡ଼ିଲେ ତାହା ଶୀଘ୍ର ବାହାରକୁ ପ୍ରତିଫଳିତ ହୋଇଯାଏ ନାହିଁ । ଏହି କଳାରଙ୍ଗର ସେଲ୍ ଭିତରେ ଧାତବ ମାସ୍ ରହିଛି । ମାସ୍ ଗୁଡ଼ିକ ସିଲିକନ୍ ଜାତୀୟ ଧାତବ ପଦାର୍ଥ ଦ୍ୱାରା ନିର୍ମିତ ଏବଂ ସୂର୍ଯ୍ୟାଲୋକର ତାପରୁ ଏଗୁଡ଼ିକ ବିଦ୍ୟୁତ୍ ସଂଗ୍ରହ କରନ୍ତି । ଧଳାରଙ୍ଗର ଏହି ମାସ୍ ଗୁଡ଼ିକ ମଧ୍ୟ ପରସ୍ପର ପରସ୍ପର ସହ ଯୋଗାଯୋଗ ସ୍ଥାପନ କରିଥାନ୍ତି । ପ୍ରତ୍ୟେକ ମୋଡ୍ୟୁଲ ତଳେ ଗୋଟିଏ ପ୍ଲାଷ୍ଟିକ୍ ଛୋଟ ବାକ୍ସ, ପ୍ରତ୍ୟେକ ପ୍ରତ୍ୟେକସହ ସଂଯୁକ୍ତ । ଚାରୋଟି ମୋଡ୍ୟୁଲରେ ଗୋଟିଏ ବଡ଼ ବାକ୍ସ । ଏହିପରି ସମୁଦାୟ ୯ଟି ବଡ଼ ବାକ୍ସ । ପ୍ଲାଷ୍ଟିକ୍ ଛୋଟ ବାକ୍ସର ରଙ୍ଗ ଧଳା ଓ ବଡ଼ ବାକ୍ସ (ଧାତବ)ର ରଙ୍ଗ ନୀଳ । ଆଉ ଦୁଇଟି ବାକ୍ସ ମଧ୍ୟ ରହିଛି । ଗୋଟିଏ ଜଙ୍କସନ୍ ବାକ୍ସ ଓ ଅନ୍ୟଟି କଣ୍ଟ୍ରୋଲ ବାକ୍ସ । ଉତ୍ପନ୍ନ ହୋଇଥିବା ବିଦ୍ୟୁତ ଧଳା ବାକ୍ସରୁ ନୀଳ ବାକ୍ସକୁ, ନୀଳ ବାକ୍ସରୁ ଜଙ୍କସନ୍ ବାକ୍ସକୁ ଓ ଜଙ୍କସନ୍ ବାକ୍ସରୁ କଣ୍ଟ୍ରୋଲ ବାକ୍ସକୁ ଆସୁଛି । କଣ୍ଟ୍ରୋଲ ବାକ୍ସ‌ରୁ ଆସୁଛି ସୋଲାର ପମ୍ପକୁ । ପମ୍ପରେ ଏକ ପଙ୍ଖା ଲାଗିଥାଏ । କଣ୍ଟ୍ରୋଲ ବାକ୍ସରେ ଲାଗିଥିବା ସୁଇଚ୍ 'ଅନ୍' କଲେ ପଙ୍ଖାଟି ଘୁରେ ଓ ପମ୍ପ ସାହାଯ୍ୟରେ କୂପ ଭିତରୁ ପାଣି ଉଠେ । ଡେଲିଭରି ପାଇପ୍ ମଧ୍ୟ ଦେଇ ପାଣି ଟାଙ୍କି ଭିତରେ ପୂର୍ଣ୍ଣ ହୁଏ । ... ସୋଲାର ପ୍ୟାନେଲରେ ସୂର୍ଯ୍ୟ କିରଣ ପଡୁଥିବା ପର୍ଯ୍ୟନ୍ତ ପମ୍ପ ଚାଳିତ ହୋଇପାରେ । ମୋଟର ମଧ୍ୟ ସଙ୍ଗେସଙ୍ଗେ ଗରମ ହୋଇଯାଏ ନାହିଁ ।

କୂପର ଗଭୀରତା ୪୫ ଫୁଟ । ବ୍ୟାସ ୨୧ ଫୁଟ । ପାଣି ଝରିବା ପାଇଁ କୂପର ପଥରଗୁଡ଼ିକୁ ବିନା ସିମେଣ୍ଟରେ ସୁନ୍ଦର ଭାବରେ ପ୍ୟାକିଂ କରାଯାଇଛି । ପ୍ରତି ୧୫ ଘଣ୍ଟା ମଧ୍ୟରେ କୂପରେ ୬ ଇଞ୍ଚରୁ ୧୦ ଇଞ୍ଚ ମଧ୍ୟରେ ପାଣି ଝରୁଛି ।

ଚାରି ସେଣ୍ଟିମିଟରରୁ ଅଧିକ କୁଆପଥର ପଡ଼ିଲେ ସୋଲାର ମେସିନ୍ ଭାଙ୍ଗିଯିବାର ସମ୍ଭାବନା ରହିଛି, କିନ୍ତୁ ବିଶେଷଜ୍ଞଙ୍କ ମତରେ ସେଠାରେ ସେହି ପରିମାଣର କୁଆପଥର ପଡ଼ିବାର ସମ୍ଭାବନା ନାହିଁ । ବିଭାଗୀୟ କ୍ଷୁଦ୍ର ଜଳସେଚନ ବିଭାଗ ତତ୍ତ୍ୱାବଧାନରେ ସମୁଦାୟ କାର୍ଯ୍ୟକ୍ରମଟି ଏବେ ସୁସ୍ଥରୂପେ ଚାଲିଛି ।

ପରୀକ୍ଷାମୂଳକଭାବେ ଓଡ଼ିଶାରେ ପ୍ରଥମ ଥର ପାଇଁ କରାଯାଇଥିବା ଏହି କାର୍ଯ୍ୟକ୍ରମଟି କେବଳ ଯେ ସଫଳ ହୋଇପାରିଛି ତାହା ନୁହେଁ, ବରଂ ଆଦିବାସୀ ଅଧ୍ୟୁଷିତ ଗୋପାଳପୁରର ଗ୍ରାମବାସୀଙ୍କ ସମବାୟ ଭିତ୍ତିକ ଚିନ୍ତାଧାରା ଓ ଉଦ୍ୟମକୁ ଆହୁରି ଅଧିକ ସକ୍ରିୟ କରିପାରିଛି । ଏ କ୍ଷେତ୍ରରେ ଗୋପାଳପୁର ଅବଶ୍ୟ ଏକ ଉଦାହରଣ । ଏବେ ରାଜ୍ୟ ସରକାରଙ୍କ ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା (OREDA) ଏହିପରି ସୋଲାର ସେଲ୍ ନିର୍ମାଣ କରୁଛନ୍ତି ଏବଂ ସଂସ୍ଥା ଦ୍ୱାରା ନିର୍ମିତ ସୌର'ଚୁଲା' ପ୍ରତ୍ୟେକ ବ୍ଲକ୍ ମାଧ୍ୟମରେ ୩୭୫ ଟଙ୍କା ବିନିମୟରେ ଜନସାଧାରଣଙ୍କୁ ଯୋଗାଇ ଦେଉଛନ୍ତି ।

ସହ ସଂପାଦକ, 'ପ୍ରଜାତନ୍ତ୍ର ସାପ୍ତାହିକୀ'
କଟକ–୭୫୩୦୦୨



ସୌରଶକ୍ତି ସାହାଯ୍ୟରେ ଜଳସେଚନ..

# ଆମ ରୋଷେଇ ଘର

ଶ୍ରୀମତୀ ଶାଶ୍ୱତୀ ପରିଛା

ରୋଷେଇ ଘର ଏକ ମୁଖ୍ୟ କାର୍ଯ୍ୟଶାଳା, କାରଣ ଏଠି ଆମର ଘରର ଅନେକ କିଛି କାମ ହୋଇଥାଏ, ଯଥା—ଖାଦ୍ୟ ପ୍ରସ୍ତୁତି ଠାରୁ ପରଷିବା ପର୍ଯ୍ୟନ୍ତ । ତେଣୁ ଆମମାନଙ୍କ ଦୈନନ୍ଦିନ ଜୀବନରେ ରୋଷେଇ ଘରର ବେଶ୍ ଗୁରୁତ୍ୱ ରହିଛି । ରୋଷେଇ ଘର ତିଆରି କରିବା ସମୟରେ ସାଧାରଣତଃ ଆମେମାନେ ସେଥିପ୍ରତି ଦୃଷ୍ଟି ଦେଉ ନ ଥାଉ । ରୋଷେଇ ଘର ତିଆରି କରିବା ସମୟରେ ଯଦି କେତୋଟି ଦିଗ ପ୍ରତି ଦୃଷ୍ଟି ଦେବା ତେବେ ରୋଷେଇ ସହଜସାଧ୍ୟ ଓ ଆନନ୍ଦଦାୟକ ହେବ ।

(୧) ଖାଇବା ଘର ବ୍ୟତୀତ ରୋଷେଇ ଘର ଅନ୍ୟାନ୍ୟ ଘର ଠାରୁ ଦୂରରେ ରହିବା ଦରକାର । ତା'ହେଲେ ରୋଷେଇ ଘରର ଧୂଆଁ ଓ ବାସ୍ନା ଇତ୍ୟାଦି ଅନ୍ୟାନ୍ୟ ଘରେ ପଶି ପାରେ ନାହିଁ । ଖାଇବା ଘର ରୋଷେଇ ଘର ପାଖରେ ରହିଲେ ସୁବିଧାରେ ବଢ଼ାବଢ଼ି କରି ହୁଏ ।

(୨) ସାଧାରଣତଃ ରୋଷେଇ ଘରେ ଜଣେ ବା ଦୁଇଜଣ ଲୋକ ଚଳ ପ୍ରଚଳ ହୋଇ ଥାଆନ୍ତି । ତେଣୁ ସୁବିଧାରେ ଚଳ ପ୍ରଚଳ କରିବା ପାଇଁ ରୋଷେଇ ଘରଟି ଅତି କମ୍‌ରେ ଆଠ ଫୁଟ ଚଉଡ଼ା ଓ ଦଶ ଫୁଟ ଲମ୍ବା ନଚେତ୍ ଦଶ ଫୁଟ ଚଉଡ଼ା ଓ ବାର ଫୁଟ ଲମ୍ବା ହେବା ଦରକାର ।

(୩) ରୋଷେଇ ଘରର କବାଟ ଓ ଝରକା ପୂର୍ବ ଦିଗକୁ ରହିଲେ ସୂର୍ଯ୍ୟାଲୋକ ପ୍ରବେଶ କରି ଥାଏ ଓ ଏହା ରୋଷେଇ ଘରକୁ ଶୁଖିଲା ଓ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ ।

(୪) ରୋଷେଇ ଘର ଭିତରର ଧୂଆଁ ବା ଉତ୍ତାପକୁ କମ୍ କରିବା ପାଇଁ ଘର କଣରେ ଚିମ୍‌ନୀ ଲଗାଯାଇ ପାରେ । ଘରୁ ଗରମ ପବନକୁ ଏହା ବାହାରକୁ ବାହାର କରିଦେଇ ଥାଏ ଓ ଘରର ଉତ୍ତାପକୁ କମାଇ ଦେଇଥାଏ ।

(୫) ସବୁବେଳେ ବ୍ୟବହାର ହେଉଥିବା ଜିନିଷକୁ ହାତ ପାଖରେ ଓ କମ ବ୍ୟବହାର ହେଉଥିବା ଜିନିଷକୁ ଦୂରରେ ଯଥା—ସବା ଉପର ଓ ସବା ତଳ ଥାକରେ ଠିକ ରୂପେ ସଜାଇ ରଖିଲେ କମ ପରିଶ୍ରମ ରେ କାର୍ଯ୍ୟ କରି ହୁଏ ।

(୬) ରୋଷେଇଘର ବୈଠକଖାନା ଓ ପାଇଖାନାଠାରୁ ଦୂରରେ ରହିବା ଉଚିତ । ଏହା ଦ୍ୱାରା କୌଣସି ଦୁର୍ଗନ୍ଧ ରୋଷେଇଘରକୁ ଆସି ପାରେ ନାହିଁ ।


(୭) ଧଳା କାଗଜରେ ଅଠା ମାରି ଯଦି ଡାଲି, ଚାଉଳ, ମସଲା ମସଲି ଡବାଗୁଡ଼ିକୁ ଚିହ୍ନଟ କରି ଦିଆଯାଏ, ତେବେ ଜିନିଷ ଖୋଜିବା ସମୟରେ ଅଯଥା ଘଣ୍ଟା ଘଣ୍ଟି କରିବାକୁ ପଡ଼ି ନ ଥାଏ ।


(୮) ଠିଆ ହୋଇ ରୋଷେଇ କରିବା ତଳେ ବସି ରୋଷେଇ କରିବା ଅପେକ୍ଷା ସହଜ । ଏହା ଦ୍ୱାରା ବିଭିନ୍ନ ଜିନିଷ ନବା ଆଣିବା ପାଇଁ ବାରମ୍ବାର ଉଠିବାକୁ ପଡ଼ି ନ ଥାଏ ।


(୯) ରୋଷେଇଘରକୁ ପରିଷ୍କାର ରଖିବା ନିତାନ୍ତ ଆବଶ୍ୟକ । ସପ୍ତାହକ ଥରେ ଫିନାଇଲ୍ ପାଣିରେ ଘରକୁ ଧୋଇଲେ କିମ୍ବା ପୋଛିଲେ ମଶା ମାଛି ଓ ପୋକ ଇତ୍ୟାଦି ରହି ପାରନ୍ତି ନାହିଁ ।

ରୋଷେଇଘରର ଆକାର ସାଧାରଣତଃ ଇଂରାଜୀ ଅକ୍ଷର 'ଏଲ୍' ବା 'ୟୁ' ପରି ହୋଇଥାଏ । କିନ୍ତୁ ଜାଗା ଅନୁସାରେ ରୋଷେଇଘରର ଆକାର ମଧ୍ୟ ବଦଳା ଯାଇଥାଏ ।

'ଏଲ୍' ଆକାରର ରୋଷେଇଘର—ଯେଉଁଠାରେ ଗୋଟିଏ କାନ୍ଥ ଓ ଚଟାଣ ଖୁବ୍ ବଡ଼ ଓ ଅନ୍ୟଟି ଛୋଟ ଥାଏ ସେଠାରେ ଏ ପ୍ରକାରର ରୋଷେଇଘର କରାଯାଏ ।












ଗୋଟେ କାନ୍ଥରେ ରୋଷେଇ ଘର

'ୟୁ' ଆକାରର ରୋଷେଇ ଘର—ଯେଉଁଠାରେ ରୋଷେଇ ପାଇଁ ତିନୋଟି କାନ୍ଥ ମିଳିଥାଏ ସେଠି ଏହି 'ୟୁ' ଆକାରର ରୋଷେଇ ଘର କରାଯାଏ । ଏହି ଆକାରର ରୋଷେଇ ଘରେ ଘରଣୀଙ୍କୁ ଖୁବ୍ କମ୍ ବାଟ ଚାଲିବାକୁ ପଡ଼ିଥାଏ ଓ ଏହାଦ୍ୱାରା କମ୍ ସମୟ ଓ ଶକ୍ତି ବିନିମୟରେ କାମ କରି ହୁଏ । କିନ୍ତୁ ଯେଉଁଠାରେ ଜାଗା ଖୁବ୍ କମ୍ ଥାଏ ରୋଷେଇ ପାଇଁ ସେଠି ଆମେ ଆକାର ମଧ୍ୟ ବଦଳେଇ ପାରୁ ।




ରୋଷେଇ ଘରେ ମୁଖ୍ୟତଃ ଚାରିଟି କାମ ହୋଇଥାଏ । ଯଥା—(୧) ରୋଷେଇ ପାଇଁ ଜିନିଷ ପ୍ରସ୍ତୁତି ବା ପ୍ରିପାରେସନ୍ ଏରିଆ । (୨) ରନ୍ଧନ ସ୍ଥାନ ବା କୁକିଙ୍ଗ୍ ଏରିଆ । (୩) ବାସନ ମଜା ଓ ଶୁଖିବାଜାଗା ବା ଡ୍ରାୟିଙ୍ଗ୍ ଏରିଆ । (୪) ଖାଦ୍ୟ ପରସିବା ଓ ରଖିବା ଜାଗା ବା ସର୍ଭିଙ୍ଗ୍ ଆଣ୍ଡ ଷ୍ଟୋରେଜ୍ ଏରିଆ ।

ପ୍ରସ୍ତୁତି ଜାଗାରେ ପ୍ରାୟ ସବୁ ପ୍ରକାର କଟାକଟି, ବଟାବଟି, ଗୋଳାଗୋଳି ଓ ଚକଟାଚକଟି ଆଦି ହୋଇଥାଏ । ସାଧାରଣତଃ ପ୍ରସ୍ତୁତି ଜାଗାର ଉଚ୍ଚତା ତଳଠାରୁ ଅଢ଼େଇ ଫୁଟରୁ ତିନି ଫୁଟ ପର୍ଯ୍ୟନ୍ତ କଲେ କାମ କରିବାକୁ ସୁବିଧା ହୋଇଥାଏ ।

ପ୍ରସ୍ତୁତି ଜାଗାର ପ୍ରାୟ ଦେଢ଼ ଫୁଟ ଉପରେ କାନ୍ଥରେ ଯଦି ଥାକ ବା ୱାଲ୍ କ୍ୟାବିନେଟ୍ କରିଦିଆ ଯାଏ, ତେବେ ସେଠାରେ କପ୍ ପ୍ଲେଟ୍, ଓ ଗିଲାସ, ଗ୍ଲାସ୍ ଇତ୍ୟାଦି ହାଲୁକା ଜିନିଷମାନ ରଖି ପାରିବା । ସେହିପରି ପ୍ରସ୍ତୁତି ଜାଗାର ତଳେ ଥାକ ବା ବେସ୍ କ୍ୟାବିନେଟ୍ କରିଦେଲେ, ସେଠି ମଧ୍ୟ ଓଜନ ଜିନିଷ ଯଥା—ଡେକ୍‌ଚି, କରେଇ, ବେଲଣା ପିଢ଼ା, ପନିକି ଇତ୍ୟାଦି ରଖି ହେବ ।

**ରାନ୍ଧିବା ଜାଗା**—ରାନ୍ଧିବା ଜାଗାଟି ପ୍ରସ୍ତୁତି ଜାଗା ପାଖରେ ରହିଲେ, ରୋଷେଇ ପାଇଁ ପ୍ରସ୍ତୁତ ହେବା ଜିନିଷମାନ ସାଙ୍ଗେସାଙ୍ଗେ ରାନ୍ଧିବା ଜାଗାକୁ ନେଇ ହୁଏ । ରାନ୍ଧିବା ଜାଗାଟି ପାଣି ପାଖରେ ରହିବା ଦରକାର । ତେଣୁ ବାସନ ଧୋଇବା ଜାଗାଟି ରାନ୍ଧିବା ଜାଗା ପାଖେ ରହିଲେ ଭଲ । ଏହାର ଉଚ୍ଚତା ସାଧାରଣତଃ ତଳରୁ ଅଢ଼େଇ ଫୁଟରୁ ତିନି ଫୁଟ ପର୍ଯ୍ୟନ୍ତ ରଖାଯାଏ ଓ ଚଉଡ଼ା ପ୍ରାୟ ତିନି ଫୁଟ ରଖାଯାଏ । ଏହି ଉଚ୍ଚତା ଜଣଙ୍କର ଅଣ୍ଟା ପର୍ଯ୍ୟନ୍ତ ବୋଲି ସାଧାରଣତଃ ଧରାଯାଏ । ଯେପରିକି କାମ କଲାବେଳେ ବେଶୀ ଆଗକୁ ନଇଁବାକୁ ପଡ଼ିବନି ବା ଗୋଡ଼ ଉଠେଇବାକୁ ପଡ଼ିବନି । ଏହି ରାନ୍ଧିବା ଜାଗାରେ ସାଧାରଣତଃ ଗୋଟିଏ ଚୁଲୀ ବା ଷ୍ଟୋଭ୍ ଥାଏ । ରନ୍ଧା ହୋଇ ସାରିବା ପରେ ରହିବା ପାଇଁ କିଛି ଜାଗା ଓ ଏହି ରାନ୍ଧିବା ଜାଗାର ତଳେ ଓ ଉପରେ ଥାକ ବା କ୍ୟାବିନେଟ୍ ଥାଏ । ଏଠି ମଧ୍ୟ ହାତ ପାଖରେ କାଛ ଥାକରେ ଗୁହା, ଚିନି, ଲୁଣ ଓ ହଳଦୀ ଇତ୍ୟାଦି ରଖି ହୁଏ ଓ ତଳ କ୍ୟାବିନେଟ୍‌ରେ ଗୁଉଳ, ଡାଲି, ଅଟା ଓ ଗୁଡ଼ ଆଦି ରଖି ହୁଏ ।

**ବାସନ ସଫା ଜାଗା**—ଏଠି ଅନେକ ପ୍ରକାରର କାମ ହୋଇଥାଏ, ଯଥା—ପନ ପରିବା ଧୁଆ ଠାରୁ ବାସନ କୁସନ ଧୁଆ ହେବା ପର୍ଯ୍ୟନ୍ତ । ଏଠି ପାଣି କଳ ଥିବାରୁ ରାନ୍ଧିବା ପାଇଁ ପାଣି ଏଠାରୁ ନିଆଯାଏ । ତା' ସଙ୍ଗକୁ ଏଠାରେ ପନି ପରିବା ଚୋପା ଓ ଅନ୍ୟାନ୍ୟ ଫୋପଡ଼ା ଯିବା ଜିନିଷ ରଖାଯାଏ । ତେଣୁ ଏହା ମଇଳା ରଖା ଜାଗା ଆକାରରେ ମଧ୍ୟ ବ୍ୟବହାର ହୁଏ । ପରେ ଗୋଟିଏ ବାଲ୍ଟି ବା ଟିଣରେ ନେଇ ଏହି ମଇଳାକୁ ବାହାରେ ଫୋପଡ଼ା ଯାଏ ।

ତେଣୁ ବାସନ ସଫା ଜାଗାରେ ସାଧାରଣତଃ ଗୋଟିଏ ବଡ଼ ସିଙ୍କ୍ ବା ବେସିନ୍ ଦୁଇ ଫୁଟ ଲମ୍ବା, ଦେଢ଼ ଫୁଟ ଚଉଡ଼ା ଓ ଦେଢ଼ ଫୁଟ ଗଭୀର ହୋଇଥିବା ଆବଶ୍ୟକ । ଏଠି ଖାଲି ଆଦି ବଡ଼ ଜିନିଷ ଧୋଇ ହୁଏ । ଏହି ବେସିନ୍ ବା ସିଙ୍କ୍‌ର ଦୁଇ ପାଖେ ଦୁଇଟା ଗଡ଼ାଣିଆ ଜାଗା ସିମେଣ୍ଟର ବା କାଠର ୱାଟର୍ ସ୍ଲପ୍ ଥିଲେ ବାସନ ସଫା କରି ସାରିବା ପରେ ଏଠି ରଖିଦେଲେ ଓଦା ବାସନରୁ ଶୀଘ୍ର ପାଣି ନିଗିଡ଼ି ଯାଇ ବାସନ

ଶୁଖି ଯାଏ । ଏହି ସିଙ୍କ୍ ତଳେ ଅଇଁଠା, ପରିବା ଚୋପା ଆଦି ପକାଇବା ପାଇଁ ଗୋଟିଏ ଟିଣ ଡବା ବା ବାଲ୍ଟି ରଖିଲେ ଏହାକୁ ପରେ ବାହାରେ ନେଇ ଫୋପାଡ଼ିଲେ ରୋଷେଇ ଘରକୁ ସଫା ରଖିହୁଏ ।

**ପରସିବା ଓ ରଖିବା ଜାଗା**—ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇ ସାରିଲେ ଏଠି ପରସା ଯାଏ ଓ ବଳକାକୁ ମିଟ୍‌ସେଫ୍ ବା ଫ୍ରିଜ୍‌ରେ ରଖାଯାଏ । ଏହି ମିଟ୍‌ସେଫ୍ ବା ଫ୍ରିଜ୍ ଟିକେ ଉଚ୍ଚରେ ରହିବା ଭଲ ଯେପରିକି ଏଥିରେ ପାଣି ନ ଲାଗେ । ଏଠି ମଧ୍ୟ କାନ୍ଥରେ ଥାକ ବା କେବିନେଟ୍ କରି ଥାଲି ଗ୍ଲାସ୍ ଇତ୍ୟାଦି ରଖାଯାଏ । ବଢ଼ାବଢ଼ି ଜିନିଷ ଓ ତଳ ବେସ୍ କେବିନେଟ୍ ବା ଥାକରେ ଚିନି, ଲୁଣ, କେଚପ୍, ଆଚାର ଓ ଗୋଲମରିଚ ଗୁଣ୍ଡ ଇତ୍ୟାଦି ରଖାଯାଏ । ପନିପରିବା ଓ ଫଳମୂଳ ଇତ୍ୟାଦି ସତେଜ ରଖିବା ପାଇଁ ରୋଷେଇ ଘରେ ଫ୍ରିଜ୍ ରହିଲେ ଭଲ ।

ଆମ ଗାଁମାନଙ୍କର ରୋଷେଇ ଘର ଭିନ୍ନ ପ୍ରକାରର । ଏଠି ମଧ୍ୟ ଅଳ୍ପ କିଛି ପଇସା ଖର୍ଚ୍ଚ କରି ଅଳ୍ପ ପରିଶ୍ରମ କଲେ ରୋଷେଇ ଘରର ଅନେକ ପରିବର୍ତ୍ତନ ଅଣାଯାଇ ପାରିବ ଓ ରୋଷେଇ କରିବାକୁ ସୁବିଧା ହେବ ।

(୧) ସାଧାରଣତଃ ଏହି ରୋଷେଇ ଘରେ ପବନ ଯିବା ଆସିବା ପାଇଁ ବେଶୀ କିଛି ବ୍ୟବସ୍ଥା ନ ଥାଏ । ରୋଷେଇ କରିବା ସମୟରେ ଧୂଆଁ ଓ ଗରମ ଯୋଗୁଁ ଆମକୁ କଷ୍ଟ ହୋଇ ହୋଇଥାଏ । ଅତି କମ୍‌ରେ ଗୋଟିଏ କବାଟ ଓ ଦୁଇଟି ଝରକା ଯଦି ରୋଷେଇ ଘରେ ରଖାଯାଏ ତେବେ ପବନ ଯାଆଆସ କରିପାରିବ । ତେଣୁ ରୋଷେଇ ଘରେ ଧୂଆଁ ଓ ଗରମ ପବନ ରହିବ ନାହିଁ, ବାହାରକୁ ବାହାରି ଯାଇପାରିବ । ତାଛଡ଼ା ସୂର୍ଯ୍ୟ କିରଣରେ ରୋଷେଇ ଘର ଶୁଖିଲା ଓ ସଫା ରହିବ ।

(୨) ରୋଷେଇ ଘରର ଛାତ ଟିକେ ଉଚ୍ଚାରେ ରହିଲେ ଅଳ୍ପ ଗରମ ହୋଇଥାଏ । ଏହି ଛାତରେ ଯଦି ଧୂଆଁ ଯିବାପାଇଁ କଣରେ ଗୋଟିଏ ଚିମ୍‌ନି ରଖାଯାଏ ତେବେ ସେ ବାଟେ ଧୂଆଁ ବାହାରକୁ ଚାଲିଯାଏ ଓ ଘର ଭିତରେ ଅଳ୍ପ ଗରମ ହୋଇଥାଏ ।

(୩) ଗୃହପାଳିତ ପଶୁ ଯଥା—ଗାଈ ଗୋରୁ, କୁକୁଡ଼ା, ଛେଳି ଆଦିମାନଙ୍କୁ ରୋଷେଇ ଘରଠାରୁ ଯଥେଷ୍ଟ ଦୂରରେ ରଖିବାଉଚିତ । ନଚେତ୍ ସେମାନଙ୍କର ମଳ, ମୂତ୍ର ଓ ଦୁର୍ଗନ୍ଧରେ ଅନେକ ରୋଗର ଜୀବାଣୁ ବଢ଼ନ୍ତି ଓ ଆମ ଶରୀରରେ ରୋଗ ଜାତ କରାଇଥାଆନ୍ତି ।

(୪) ରୋଷେଇ ଘରର କାନ୍ଥରେ ବା ଚଟାଣରେ ଥିବା ଫଟା ଜାଗା ବା ଛୋଟଛୋଟ ଛିଦ୍ରମାନଙ୍କରେ ସିମେଣ୍ଟ ଦେଇ ବନ୍ଦ କରିଦେଲେ ରୋଷେଇ ଘରେ ମୂଷା ଓ ଅସରପା ଆଦି ରହି ପାରନ୍ତି ନାହିଁ ।

(୫) ରୋଷେଇ ଘରର ଚଟାଣଟି ସିମେଣ୍ଟର କଲେ ରୋଷେଇ ଘର ଶୁଖିଲା ଓ ପରିଷ୍କାର ରହେ, ପାଣି କାଦୁଅରୁ ରକ୍ଷା ମିଳେ ।

(୬) ରୋଷେଇ ଘରର କାନ୍ଥରେ କାଠର ଛୋଟଛୋଟ ଥାକ କରି ଡବା, ଡିବି, ବୋତଲ ଇତ୍ୟାଦି ସଜାଇ ରଖି ହେବ । ଡବାଗୁଡ଼ିକ ଯଦି ଧଳା କାଗଜରେ ଚିହ୍ନଟ କରି ରଖାଯାଏ ତେବେ ରୋଷେଇ କରିବାକୁ ସୁବିଧା ହୋଇଥାଏ ।

(୭) ଗାଈ, ମଇଁଷିଙ୍କୁ ପୋଖରୀ ବା କୂଅରେ ଗାଧୋଇବା ଯୋଗୁଁ ପାଣିରେ ଜୀବାଣୁ ବଢ଼ି ଥାଆନ୍ତି, ତେଣୁ କୂଅ ବା ପୋଖରୀରେ ମାସକୁ ଥରେ ବ୍ଲିଚିଂ ପାଉଡ଼ର ପକାଇବା ଉଚିତ ।

(୮) ରୋଷେଇ ପାଇଁ ବା ପିଇବା ପାଇଁ ପାଣି କଳରୁ ଆଣି ସିଝାଇ ପିଇଲେ ସେଥିରେ ଜୀବାଣୁ ନ ଥାନ୍ତି । ତେଣୁ ସିଝା ପାଣି ପିଇବା ପାଇଁ ବ୍ୟବହାର କରାଯିବା ଉଚିତ ।

(୯) ବାସନ ମଜାମଜି ପାଇଁ ଜଳ ଓ କୁଣ୍ଡ କରି ପାଣି ରଖିଲେ ରୋଷେଇ ଘରେ ପାଣି ଜମିବନି ଓ ରୋଷେଇ ଘର ଶୁଖିଲା ରହିବ । ପାଣି ଜମିଲେ ମଶା ଜନ୍ମନ୍ତି । ତେଣୁ ଘର ପାଖରେ ପାଣି ଜମିବା ସ୍ଥାନରେ ବ୍ଲିଚିଂ ପାଉଡ଼ର ବା ଡ଼ି.ଡ଼ି.ଟି. ପକାଇବା ଭଲ ।

(୧୦) ରୋଷେଇ ଘର ଚାରିକଡ଼େ ତୁଳସୀ, ନିମ ଗଛ ଓ ଫୁଲ ଗଛ ଲଗାଇଲେ ରୋଷେଇଘରର ପରିବେଶ ସ୍ୱଚ୍ଛ ରହେ । ନିମ ବା ତୁଳସୀ ଗଛ ଲଗାଇଲେ ମଶା ରହନ୍ତି ନାହିଁ ।

ଏହି ପରିବର୍ତ୍ତନଗୁଡ଼ିକ ଆମେ ଅଳ୍ପ ପରିଶ୍ରମରେ ଓ ଅଳ୍ପ ଅର୍ଥ ଖର୍ଚ୍ଚରେ କରିପାରିବା । ଏହାଦ୍ୱାରା ଆମର ରୋଷେଇ ଘର ପରିଷ୍କାର ରହିବ, ରୋଷେଇ କରିବାକୁ ଆମକୁ କଷ୍ଟ ଲାଗିବନି ଏବଂ ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟକର ହେବ ।

ଜୁନିୟର ସ୍ପେସାଲିଷ୍ଟ (ଗୃହ ବିଜ୍ଞାନ),
ଓ. ୟୁ. ଏ. ଟି.,
ଭୁବନେଶ୍ୱର ।



ମାନ୍ୟବର ରାଜ୍ୟପାଳଙ୍କ ଶପଥ ଗ୍ରହଣ

# ପ୍ରାଚୀନ କଳିଙ୍ଗର ବିଲୁପ୍ତ ବନ୍ଦର

ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ଓ ପରବର୍ତ୍ତୀ କେତେ ଶହ ବର୍ଷ ଭିତରେ ସମଗ୍ର ଦକ୍ଷିଣ-ପୂର୍ବ-ଏସିଆରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିକାଶ ପୃଥିବୀ ଇତିହାସରେ ଏକ ବିସ୍ମୟକର ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଅଞ୍ଚଳର ପ୍ରଥମ ଭାରତୀୟମାନଙ୍କୁ ଚୀନ ପରିବ୍ରାଜକ ଓ ଐତିହାସିକମାନେ ଅନେକ ସ୍ଥଳରେ 'କୁନ୍-ଲୁନ୍' ( Kun-Lun ) କହିଥିବାର ପ୍ରମାଣ ରହିଛି । ଏହା ବ୍ୟତୀତ କୁନ୍-ଲୁନ୍ ଭାଷା, କୁନ୍-ଲୁନ୍ ଲିପି, କୁନ୍-ଲୁନ୍ ବଣିକ କୁନ୍-ଲୁନ୍ ଜଳଦସ୍ୟୁମାନଙ୍କ ସଂପର୍କରେ ସେ ସମୟର କେତେକ ବିବରଣୀ ଚୀନ ଦେଶର ଇତିହାସରେ ଲିପିବଦ୍ଧ ରହିଛି । ଏହି କୁନ୍-ଲୁନ୍‌ମାନେ ପ୍ରକୃତରେ କିଏ ଓ ଭାରତର କେଉଁ ଅଞ୍ଚଳର ଅଧିବାସୀ, ସେ ସଂପର୍କରେ ଐତିହାସିକମାନଙ୍କ ମଧ୍ୟରେ ବହୁକାଳଧରି ମତଭେଦ ରହି ଆସିଅଛି । ବହୁ ବିଦେଶୀ ତଥା ଭାରତୀୟ ଐତିହାସିକ ଏହି କୁନ୍-ଲୁନମାନଙ୍କୁ ମାଳୟ ଉପକୂଳ ଅଞ୍ଚଳର ପ୍ରାଚୀନ ଅଧିବାସୀ ବା ଦ୍ୱୀପାନ୍ତର ଅଞ୍ଚଳର ଲୋକ ବୋଲି ଗ୍ରହଣ କରିଥିଲେ ସୁଦ୍ଧା ସେମାନେ ଯେ ପ୍ରକୃତରେ 'କଳିଙ୍ଗ'ର ଅଧିବାସୀ ଥିଲେ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଡକ୍ଟର ହିମାଂଶୁ ଭୂଷଣ ସରକାର, ତାଙ୍କ ରଚିତ "ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ସାଂସ୍କୃତିକ ସଂପର୍କ" (Cultural Relations Between India & South East Asian Countries, 1915 ) ପୁସ୍ତକରେ ଏହା ସଫଳତାରସହ ପ୍ରମାଣ କରିଛନ୍ତି । ତଥାପି ପ୍ରଶ୍ନ ଉଠେ—ସେତେବେଳେ କଳିଙ୍ଗର ଅଧିବାସୀ, ଏତେ ବେଶୀ ସଂଖ୍ୟାରେ ସୁଦୂର ଦକ୍ଷିଣ-ପୂର୍ବ ଏସିଆର ଅଞ୍ଚଳକୁ ଗଲେ କିପରି ? ସେ ଅଞ୍ଚଳକୁ ସାମୁଦ୍ରିକପଥ କିପରି ଆବିଷ୍କୃତ ହେଲା ? ସେତେବେଳର କଳିଙ୍ଗ ଉପକୂଳରେ କି କି ବନ୍ଦର ରହିଥିଲା ? ଅବଶ୍ୟ, ଏଇ ଶେଷ ପ୍ରଶ୍ନର ଉତ୍ତରରେ କୁହାଯାଇ ପାରିବ ଯେ—ସେତେବେଳେ କଳିଙ୍ଗ ଉପକୂଳରେ ତାମ୍ରଲିପ୍ତି, ପିଥୁଣ୍ଡ ଓ କାଞ୍ଚନପୁର ଭଳି ପ୍ରାଚୀନ ବନ୍ଦର ରହିଥିଲା । କିନ୍ତୁ କଳିଙ୍ଗ ଉପକୂଳ ପାଇଁ ଏହି ତିନୋଟି ବନ୍ଦର ଯଥେଷ୍ଟ ନୁହେଁ । ଅଗଣିତ କଳିଙ୍ଗ ଅଧିବାସୀ ହଜାର ହଜାର ମାଇଲ ଦୂରରେ ଥିବା ଅଞ୍ଚଳକୁ ସମୁଦ୍ର ପଥରେ ଯିବା, କେବଳ କଳିଙ୍ଗ ଉପକୂଳରେ ବହୁସଂଖ୍ୟକ ବନ୍ଦରର ଅବସ୍ଥିତି ଓ ଏଠାକାର ଉନ୍ନତ ପୋତ ନିର୍ମାଣ କୌଶଳ ଯୋଗୁଁ ସମ୍ଭବ ହୋଇଥିବା ବିଶ୍ୱାସ କରାଯାଇପାରେ । ତେବେ, ଦୁଇହଜାର ବର୍ଷ ପୂର୍ବେ ଏହି ବନ୍ଦରମାନ କେଉଁ କେଉଁ ସ୍ଥାନରେ ରହିଥିଲା ଓ ସେ ସଂପର୍କରେ କି କି ପ୍ରମାଣ ଅଛି, ତାହା ଜାଣିବା ପ୍ରଥମେ ଆବଶ୍ୟକ ।

## ଅଜ୍ଞାତ ଗ୍ରୀକ୍ ନାବିକଙ୍କ ଲିଖିତ ବିବରଣୀ

ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଥିବା ବାଣିଜ୍ୟିକ ସଂପର୍କ ବିଷୟରେ ଲେଖିବାକୁ ଯାଇ, ଜଣେ ଅପରିଚିତ ନଗଣ୍ୟ ଗ୍ରୀକ୍‌ନାବିକ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଯେଉଁ ଗ୍ରନ୍ଥ ରଚନା କରିଥିଲେ, ତା'ର ନାମ "ପେରିପ୍ଲସ୍ ଅଫ୍ ଦି ଏରିଥିଆନସି" (Periplus of the Erythraean sea) ଭାରତର ପୂର୍ବ ଓ ପଶ୍ଚିମ ଉପକୂଳରେ ବ୍ୟବସାୟ [illegible] ବାଣିଜ୍ୟ ଓ ବନ୍ଦରଗୁଡ଼ିକ ସଂପର୍କରେ ଏହା ଏକ ଅଭିଜ୍ଞତା [illegible] ସମ୍ବଳିତ—ସତ୍ୟମୂଳକ ଗ୍ରନ୍ଥ ରୂପେ ସମଗ୍ର ପୃଥିବୀରେ [illegible]

ଆଦୃତ ହୋଇ ପାରିଛି । କିନ୍ତୁ ଏହି ଗ୍ରନ୍ଥରେ ତତ୍‌କାଳୀନ କଳିଙ୍ଗ ଉପକୂଳର ବିଶେଷ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ । ଅବଶ୍ୟ ଏହି ଲେଖକ ପୂର୍ବ ଉପକୂଳରେ 'ମସଲିପଟ୍ଟମ୍' ପର୍ଯ୍ୟନ୍ତ ଥିବା ବନ୍ଦରଗୁଡ଼ିକର ବର୍ଣ୍ଣନ ଦେଇଛନ୍ତି ଓ ସେହିଠାରେ କହିଛନ୍ତି :—

"Beyond this region, Sailing towards the east and Crossing the adjacent bay, there is the region of Dosaree, yielding thc ivory known as Dosrenic."

ଏହି 'ଦୋସର୍ନେ'କୁ ଐତିହାସିକମାନେ ଓଡ଼ିଶା ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ଏହି ଗ୍ରନ୍ଥରେ 'କଳିଙ୍ଗ'ର ନାମୋଲ୍ଲେଖନାହିଁ ଓ ଏହି ରାଜ୍ୟର ଉପକୂଳର ବର୍ଣ୍ଣନା ମାତ୍ର ଏତିକି । ଏଥିରୁ ମନେ ହୁଏ, ପେରିପ୍ଲସର ଅଜ୍ଞାତ ଲେଖକ (ନାବିକ) ବୋଧହୁଏ କଳିଙ୍ଗ ଉପକୂଳ ସଂପର୍କରେ ପରିଚିତ ନଥିଲେ, କିମ୍ବା ଦୋସର୍ନ ବା ଦସର୍ନ ବ୍ୟତୀତ ଅନ୍ୟ କୌଣସି ବନ୍ଦରର ନାମ ଜାଣି ନଥିଲେ ।

## ଇଜିପ୍ଟର ଅଧିବାସୀ ଟଲେମିଙ୍କ ବିବରଣୀ

ପେରିପ୍ଲସ ରଚନାକାଳର ପ୍ରାୟ ୧୦୦ ବର୍ଷ ପରେ, ଅର୍ଥାତ୍ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଇଜିପ୍ଟ ଅନ୍ତର୍ଗତ 'ଆଲେକ୍‌ଜାଣ୍ଡ୍ରିଆ'ର ଅଧିବାସୀ କ୍ଲଡ଼ିଅସ୍ ଟଲେମି ( Klaudios Ptolemy ) ପୃଥିବୀର ମାନଚିତ୍ର ସହିତ ବିଭିନ୍ନ ସ୍ଥାନର ଭୌଗୋଳିକ ଅବସ୍ଥିତି ସଂପର୍କରେ ଏକ ଗ୍ରନ୍ଥ ରଚନା କରିଥିଲେ । ଟଲେମି, ପେରିପ୍ଲସର ଲେଖକଙ୍କ ଭଳି ଜଣେ ନାବିକ ନଥିଲେ, ସେ ସେକାଳର ଜଣେ ବିଖ୍ୟାତ ପଣ୍ଡିତ ଥିଲେ । ଜ୍ୟୋତିର୍ବିଦ୍ୟା, ଗଣିତ ଶାସ୍ତ୍ର ଓ ଭୂଗୋଳରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଥିଲା । ନିଜର କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନଥାଇ ମଧ୍ୟ ପୃଥିବୀର ବିଭିନ୍ନ ଦେଶର ଉପକୂଳ ସଂସ୍ପର୍ଶରେ ଆସିଥିବା ନାବିକମାନଙ୍କଠାରୁ ସେହି ଅଞ୍ଚଳର ବନ୍ଦର ଓ ନଗରମାନଙ୍କ ସଂପର୍କରେ ଶୁଣି, ସେ ମାନଚିତ୍ର ଅଙ୍କନ କରିବାକୁ ଚେଷ୍ଟା କରିଥିଲେ ଓ ତାଆରି ଭିତରେ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆର ମାନଚିତ୍ର ଆଙ୍କିଥିଲେ । ଏହି ମାନଚିତ୍ରରେ ବିଭିନ୍ନ ବନ୍ଦର ଓ ବଜାରର ବର୍ଣ୍ଣନା ଦେବା ସଙ୍ଗେ ସଙ୍ଗେ ସେ ତାହାର ଅକ୍ଷାଂଶ ଓ ଦ୍ରାଘିମା ମଧ୍ୟ ନିରୂପଣ କରିଥିଲେ । ତେଣୁ ଟଲେମିଙ୍କ ଲିଖିତ ବିବରଣୀକୁ ଏ ଦିଗରେ ପ୍ରଥମ ବିଜ୍ଞାନ ସମ୍ମତ ଗ୍ରନ୍ଥ ବୋଲି ଗ୍ରହଣ କରାଯାଏ । ଏସମସ୍ତ ସତ୍ତ୍ୱେ, ଟଲେମିଙ୍କର ପ୍ରତ୍ୟକ୍ଷ ଜ୍ଞାନ ଅଭାବରୁ ତାଙ୍କ ଲିଖିତ ଗ୍ରନ୍ଥ ଓ ମାନଚିତ୍ରରେ ଅନେକ ତ୍ରୁଟି, ବିଚ୍ୟୁତି ରହିଯାଇଥିଲା । ତାଙ୍କ ନିର୍ମିତ ଭାରତ ମାନଚିତ୍ର ସହିତ ବର୍ତ୍ତମାନର ଭାରତ ମାନଚିତ୍ରକୁ ମିଳାଇଲେ, ଏହା ସହଜରେ ଧରା ପଡ଼ିଯାଏ । ଟଲେମିଙ୍କ ମାନଚିତ୍ରରେ ଦକ୍ଷିଣ ଭାରତ ନଥିଲା କହିଲେ ଚଳେ । ଏହାଛଡ଼ା, ତାଙ୍କର ଅକ୍ଷାଂଶ ଦ୍ରାଘିମା, ଗଣନା ମଧ୍ୟ ତ୍ରୁଟି ପୂର୍ଣ୍ଣଥିଲା । କିନ୍ତୁ ଟଲେମି ଭାରତ ଉପକୂଳର ଯେଉଁ ବନ୍ଦର ଓ ବଜାରର ବର୍ଣ୍ଣନା ଦେଇଥିଲେ ଓ ସେଥିରେ ଯେଉଁ କ୍ରମ ରହିଥିଲା, ତା'ହା ସତ୍ୟ ଉପରେ ପ୍ରତିଷ୍ଠିତ ଥିଲା, ଯାହା ଫଳରେକି ଆଜି ସେଥିରୁ ଅନେକ ମୂଲ୍ୟବାନ ତଥ୍ୟ ମିଳିଥାଏ । ସର୍ବୋପରି, ଟଲେମି ଭାରତର ପୂର୍ବ ଉପକୂଳର ବନ୍ଦରମାନଙ୍କ ସଂପର୍କରେ ଦେଇଥିବା ବିବରଣୀରୁ ତତ୍‌କାଳୀନ କଳିଙ୍ଗ ଉପକୂଳର ବନ୍ଦର ଓ ନୌବାଣିଜ୍ୟ ସଂପର୍କରେ ଏକ ନିର୍ଦ୍ଦିଷ୍ଟ ଧାରଣା କରିହୁଏ ।

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର କଳିଙ୍ଗ-ଇତିହାସ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବାରୁ, ସେତେବେଳେ କଳିଙ୍ଗଦେଶ କେଉଁଠାରୁ କେତେ ପର୍ଯ୍ୟନ୍ତ ବିସ୍ତୃତ ରହିଥିଲା, ବର୍ତ୍ତମାନ କହିବା ସମ୍ଭବ ନୁହେଁ । ତେଣୁ ପୂର୍ବଉପକୂଳର ଅନ୍ୟାନ୍ୟ ଅଞ୍ଚଳକୁ ବାଦଦେଇ, ବର୍ତ୍ତମାନର ଓଡ଼ିଶା ରାଜ୍ୟର ଉପକୂଳକୁ ବିଚାରକୁ ନେଲେ, ସେତିକି ମାତ୍ର ଭୂଖଣ୍ଡ (ଉପକୂଳ ରେଖା) ଭିତରେ ଟଲେମି ୧୪ଟି ବନ୍ଦରର ଅବସ୍ଥିତି ବର୍ଣ୍ଣାଇଥିବାର ଦେଖାଯାଏ । ଏହାଛଡ଼ା, ଟଲେମିଙ୍କ ବର୍ଣ୍ଣନାରେ ପ୍ରକାଶ ପାଇଥିବା, ଭାରତର ପଶ୍ଚିମ ଓ ପୂର୍ବ ଉପକୂଳରେ କେତେକ ବନ୍ଦର, ଦିନେ କଳିଙ୍ଗ ସହ ସଂପୃକ୍ତ ଥିଲାଭଳି ବିଶ୍ୱାସ ହୁଏ । ବର୍ତ୍ତମାନ ଦେଖିବା ଉଚିତ—ଟଲେମିଙ୍କ ପ୍ରଦତ୍ତ ତଥ୍ୟଭିତ୍ତିରେ କଳିଙ୍ଗର ଉପକୂଳ ଓ ବନ୍ଦରମାନଙ୍କ ସଂପର୍କରେ କେତେଦୂର ଆଲୋଚନା ହୋଇ ପାରିଛି ।

## ଟଲେମିଙ୍କ ପ୍ରଦତ୍ତ ତଥ୍ୟ ଭିତ୍ତିରେ ହୋଇଥିବା ଆଲୋଚନା

ଟଲେମିଙ୍କ ମୂଳଗ୍ରନ୍ଥ ଉପରେ ଯେଉଁ ସବୁ ବିଦେଶୀ ଐତିହାସିକ ଆଲୋକପାତ କରିଛନ୍ତି, ସେମାନଙ୍କ ମଧ୍ୟରେ କାଲଡ଼ ଓ୍ୱେଲ୍ ( Caldwell ), ୟୁଲ (yule)) ଲସେନ୍ ( Lassen ), ମ୍ୟାକ୍‌କ୍ରିଣ୍ଡଲ୍ (Macrindle) ଓ ଜେରିନ୍ ( Gerini ) ପ୍ରଧାନ । ଖ୍ରୀ: ଅ: ୧୯୨୭ରେ, ସୁରେନ୍ଦ୍ରନାଥ ମଜୁମଦାର ଶାସ୍ତ୍ରୀ ମ୍ୟାକ୍‌କ୍ରିଣ୍ଡଲଙ୍କ ରଚିତ ଗ୍ରନ୍ଥ (Ancient India as described by Ptolemy ) କୁ ସଂପାଦନା କରି ଏଥିରେ, କେତେକ ନୂତନ ବ୍ୟାଖ୍ୟା ଯୋଗ କରିଥିଲେ । କିନ୍ତୁ ଏହା ସତ୍ତ୍ୱେ, ଟଲେମି ବର୍ଣ୍ଣିତ ଓଡ଼ିଶା ଉପକୂଳର ୧୪ଟି ବନ୍ଦର ମଧ୍ୟରୁ ୧୩ଟି ଆଜି ପର୍ଯ୍ୟନ୍ତ ସଫଳ ରୂପେ ଚିହ୍ନିତ ହୋଇନାହିଁ । ଗଲା ୫୦ ବର୍ଷ ଧରି ଭାରତୀୟ ଐତିହାସିକ ମାନେ ଏ ଦିଗରେ ଉଦ୍ୟମ କରି ନାହାନ୍ତି କହିଲେ, ଭୁଲ ହେବ ନାହିଁ । କେତେକ ପ୍ରତିଷ୍ଠିତ ଐତିହାସିକ 'ପାଲୁ'ର ବ୍ୟତୀତ କଳିଙ୍ଗ ଉପକୂଳର ଅନ୍ୟାନ୍ୟ ବନ୍ଦରଗୁଡ଼ିକୁ ଏକାନ୍ତ ଅସ୍ପଷ୍ଟ ( Vague ) ବୋଲି ଗ୍ରହଣ କରିଛନ୍ତି । କିନ୍ତୁ ଏହା ସତ୍ୟ ନୁହେଁ ; ଏ ଦିଗରେ ଉଦ୍ୟମ କଲେ, ଟଲେମି ବର୍ଣ୍ଣିତ ବନ୍ଦରଗୁଡ଼ିକୁ ଓଡ଼ିଶାର ଉପକୂଳରେ ଆଜି ମଧ୍ୟ ଚିହ୍ନିତ କରାଯାଇପାରିବ ।

## ଟଲେମି ବର୍ଣ୍ଣିତ ପଶ୍ଚିମ ଉପକୂଳର ଦୁଇଟି ବନ୍ଦର

ପ୍ରଥମେ ଟଲେମି ବର୍ଣ୍ଣିତ ଭାରତର ପଶ୍ଚିମ ଉପକୂଳର ବନ୍ଦରଗୁଡ଼ିକୁ ବିଚାରକୁ ନେଲେ, ସୋଉପଡ଼ା' (Soupara) ବାଲଟିପାଟଣା ( Balti patna) ନାମକ ଦୁଇଟି ବନ୍ଦରରନାମ ଦେଖିବାକୁ ମିଳେ । ଟଲେମି ମହାରାଷ୍ଟ୍ର ଉପକୂଳରେ ' ଆରିକେସାଡ଼ିନନ୍' (Ariake Sadinon) ନାମକ ସ୍ଥାନରେ ଅନ୍ୟ କେତୋଟି ବନ୍ଦର ସହିତ, ଏହି ବନ୍ଦର ଦୁଇଟିର ନାମ ଉଲ୍ଲେଖ କରିଛନ୍ତି । ଟଲେମିଙ୍କ ୧୦୦ବର୍ଷ ପୂର୍ବରୁ, ଅର୍ଥାତ୍ ଖ୍ରୀଷ୍ଟୀୟ ପ୍ରଥମ ଶତକରେ ପେରିପ୍ଲସ୍‌ର ଅଜ୍ଞାତ ଲେଖକ ମଧ୍ୟ 'ବାଲଟିପାଟଣା' ବନ୍ଦରକୁ 'ପାଲାଇ ପାଟମାଇ' (Palai Patmai) ରୂପେ ବର୍ଣ୍ଣନା କରିଛନ୍ତି । ଆଜି ପଶ୍ଚିମ ଉପକୂଳରେ ଏ ଦୁଇଟି ବନ୍ଦର ମଧ୍ୟରୁ 'ବାଲଟିପାଟଣା'କୁ ସଫଳରୂପେ ଚିହ୍ନିତ କରଯାଇ ପାରିନଥିଲେ ମଧ୍ୟ, 'ସୋଉପଡ଼ା ଚିହ୍ନିତ ହୋଇପାରିଛି । ଓଡ଼ିଶାରେ ଆଜି ଠିକ୍ ଏହିନାମରେ ଦୁଇଟି ପ୍ରାଚୀନ ବନ୍ଦର ରହିଛି, ଯଥା :—ସାଉପଡ଼ା (ବାଲେଶ୍ୱର) ଓ ବାଲିପାଟଣା (ପୁରୀ) । ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ନଦୀ ତୀରରେ ଅବସ୍ଥିତ 'ସାଉପଡ଼ା' ଯେ ଏକଦା ଏକ ପ୍ରାଚୀନ ନଦୀ-ବନ୍ଦରଥିଲା , ଏହା ତାହାର ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ନାମରୁ ମନେହୁଏ, ଯଥା :—ପ୍ରଦୀପ, ଦୀପପାଳ, ବାଲିପାଳ, ଅମରା (ଅମରାବତୀ) କଉଡ଼ିଆ ପାଟଣା, କଉଡ଼ିପୁର ଓ ବାଲିସୁନା ଇତ୍ୟାଦି । ବୋଧହୁଏ ବୁଢ଼ାବଳଙ୍ଗ ନଦୀ ତୀରରେ ଏହି ('ସାଉପଡ଼ା') ଓ ଅନ୍ୟ କେତୋଟି ବନ୍ଦର ଖ୍ରୀଷ୍ଟଜନ୍ମର ବହୁପୂର୍ବରୁ ରହିଥିଲା । ଟଲେମି ବର୍ମାର 'ପେଗୁ' (Pegu) ନିକଟରେ ଯେଉଁ 'ବେସିଙ୍ଗା' ( Besynga )ନଦୀ ଓ 'ବେସିଙ୍ଗା' ବଜାର ( Mart ) ର ବର୍ଣ୍ଣନା ଦେଇଛନ୍ତି, ତାହା ଆମ ମୟୂରଭଞ୍ଜ ଜିଲ୍ଲାର 'ବୈସିଙ୍ଗା'ର ଅନୁକରଣରେ ନାମିତ ହୋଇଛି ମନେହୁଏ । ଏହି ଅଞ୍ଚଳର ପ୍ରାଚୀନ ଅଧିବାସୀ, ସ୍ଥଳପଥ ବା ଜଳପଥରେ ଯାଇ ଆରକାନ୍ ଓ ବର୍ମା ଅଞ୍ଚଳରେ ବସତି ସ୍ଥାପନ କରିଥିବାର ଅନ୍ୟ କେତେକ ପ୍ରମାଣ ମଧ୍ୟ ରହିଛି । ଦକ୍ଷିଣ ପୂର୍ବ ଏସିଆର ଇତିହାସରେ କେତେକ ସ୍ଥଳରେ ଯେଉଁ 'ମୟୂର' ରାଜବଂଶର କ୍ଷୀଣ ପରିଚୟ ମିଳେ, ତାହା ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳର ଏକ ପ୍ରାଚୀନ ରାଜବଂଶର ଶାଖା ହୋଇଥିବାର ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ । ପୁରୀ ଜିଲ୍ଲାର କୁଶଭଦ୍ରା ନଦୀ ତୀରରେ ଅବସ୍ଥିତ 'ବାଲିପାଟଣା',ବୋଧହୁଏ କଳିଙ୍ଗର ରାଜଧାନୀ, କଳିଙ୍ଗନଗର ( ଶିଶୁପାଳଗଡ଼)ର ନିକଟବର୍ତ୍ତୀ ହୋଇଥିବାରୁ, ଏକଦା ଏକ ପ୍ରଧାନ ନଦୀବନ୍ଦର ହୋଇଥିଲା । ଏହାର ନିକଟବର୍ତ୍ତୀ କୁଲିନ୍ଦା ଗ୍ରାମ 'କୁଳାଙ୍ଗର' ଶବ୍ଦରୁ ସୃଷ୍ଟି ହୋଇଥିବା ମନେହୁଏ । ଭାରତର ପୂର୍ବ ଓ ପଶ୍ଚିମ ଉପକୂଳରେ କେତେକ ପ୍ରାଚୀନ ବନ୍ଦର ନିକଟରେ 'କୁଳାଙ୍ଗର' ଓ 'ବେଳାଙ୍ଗର' ଗ୍ରାମର ନାମ ଅଦ୍ୟାବଧି ରହିଛି ।

## କଳିଙ୍ଗର ନୌବାସିନ୍ଦାଙ୍କ ସଂପର୍କରେ କେତୋଟି ପ୍ରତିପାଦିତ ସତ୍ୟ

ଉପରୋକ୍ତ ପ୍ରମାଣରୁ କେତୋଟି ଐତିହାସିକ ସତ୍ୟ ପ୍ରତିପାଦିତହୁଏ; ଯଥା :—

୧ । କଳିଙ୍ଗ ସମ୍ରାଟ ଖାରବେଳ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ, ତାଙ୍କର ଭାରତ ଅଭିଯାନ କାଳରେ, କେତେକାଂଶ ପାଇଁ ପଶ୍ଚିମ ଉପକୂଳରେ, ବିଶେଷତଃ ବର୍ତ୍ତମାନର ମହାରାଷ୍ଟ୍ର ଅଞ୍ଚଳରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିଥିଲେ ।

୨ । ଖାରବେଳ ଯୁଦ୍ଧରେ ନୌବାହିନୀର ବ୍ୟବହାର କରିଥିଲେ ଓ ଏହି ନୌବାହିନୀକୁ ପୂର୍ବ ଉପକୂଳରୁ ପଶ୍ଚିମ ଉପକୂଳକୁ ନେଇପାରିଥିଲେ । ନିଜ ରାଜ୍ୟର ଦୁଇଟି ପ୍ରଧାନ ବନ୍ଦରର ନାମାନୁସାରେ, ସେ ପଶ୍ଚିମ ଉପକୂଳରେ ଦୁଇଟି ବନ୍ଦରର ନାମକରଣ କରିଥିଲେ ।

୩ । ଖାରବେଳଙ୍କ ସମୟରୁ ବନ୍ଦର ଗୁଡ଼ିକୁ 'ପତ୍ତନ'ବା 'ପାଟଣା' (Port) କୁହାଯାଉଥିଲା ।

୪ । ଖାରବେଳଙ୍କ ପୂର୍ବରୁ, କଳିଙ୍ଗର ବାଲିଦ୍ୱୀପ ସହିତ ବାଣିଜ୍ୟିକ ସଂପର୍କ ରହିଥିଲା ଓ ଏହା ଫଳରେ 'କଳିଙ୍ଗ ନଗର'ର ଅଦୂରରେ 'ବାଲିପାଟଣା' ଏକ ସମୃଦ୍ଧ ବନ୍ଦରରେ ପରିଣତ ହୋଇଥିଲା ।

ବନ୍ଦରକୁ 'ପାଟଣା' ନାମ ଦେବା ପ୍ରାଚୀନ କଳିଙ୍ଗର ଏକ ସ୍ୱତନ୍ତ୍ର ନୀତି । ଆଜି ଓଡ଼ିଶାର ପ୍ରତ୍ୟେକ ନଦୀ ତୀରରେ ଓ ଚିଲିକା ହ୍ରଦ କୂଳରେ, ଏହି 'ପାଟଣା'ନାମ ଯୁକ୍ତ ମୁକ୍ତସ୍ଥାନ ଯେତେ ସଂଖ୍ୟାରେ ଦେଖିବାକୁ ମିଳେ, ଭାରତର ଅନ୍ୟ କୌଣସି ସ୍ଥାନରେ ତାହା ଦେଖାଯାଏ ନାହିଁ । ପୂର୍ବ ଉପକୂଳରେ ଗଙ୍ଗା ନଦୀର ମୁହାଣ ପର୍ଯ୍ୟନ୍ତ ଅନେକ ସ୍ଥାନରେ ପାଟଣା ବା ପତ୍ତନ ନାମଯୁକ୍ତ ବନ୍ଦର ରହିଛି । ଏହାଛଡ଼ା ଗଙ୍ଗା ନଦୀ କୂଳରେ ଅବସ୍ଥିତ ବିହାରର ପ୍ରଧାନ ସହର ନାମ 'ପାଟନା' । ଏ ସମସ୍ତ ଅଞ୍ଚଳ, ଦିନେ ଖାରବେଳ ଅଭିଯାନର ଅନ୍ତର୍ଭୁକ୍ତ ଥିଲା । ତେଣୁ ଏବ୍ୟାପାରରେ ଅଧିକ ଆଲୋଚନା ଅନାବଶ୍ୟକ । ଏଥିରୁ ଗୋଟିଏ କଥା ଅନୁମିତ ହୁଏଯେ :—ଖାରବେଳଙ୍କ ରାଜତ୍ୱ କାଳରୁ (ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରେ) କଳିଙ୍ଗର ଅଧିବାସୀ ନୌବିଦ୍ୟା ଓ ସମୁଦ୍ରଯାତ୍ରାରେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅଧିକ ପାରଙ୍ଗମ ଥିଲେ ଓ ତା'ହା ବୋଧହୁଏ ଖାରବେଳଙ୍କ ଦିଗବିଜୟରେ ପ୍ରଧାନ ସହାୟକ ହୋଇଥିଲା ।

## ପୂର୍ବ ଉପକୂଳରେ କଳିଙ୍ଗର ବନ୍ଦର

ଭାରତର ପୂର୍ବ ଉପକୂଳ ସଂପର୍କରେ ଟଲେମିଙ୍କ ବର୍ଣ୍ଣନାକୁ ବିଚାରକୁନେଲେ, କଳିଙ୍ଗର ପାରମ୍ପରିକ ଦକ୍ଷିଣସୀମା, ଗୋଦାବରୀ ମୁହାଣଠାରୁ ବହୁ ଦୂରରେ ଥିବା କେତେକ ବନ୍ଦର-ନଗର ଏକଦା କଳିଙ୍ଗର ସଂପୃକ୍ତ ବା କଳିଙ୍ଗର

ଅଧିକାରଭୁକ୍ତ ହୋଇଥିବାଭଳି ମନେହୁଏ । ସେପରି ପ୍ରଥମ ସ୍ଥାନହେଲା, କେପ୍‌କମୋରୀନର ପୂର୍ବରେ ଥିବା 'କୋଲଖୋଇ' ( Kolkhoi ) । ତାମିଲଭାଷାରେ ଏହାକୁ 'କୋଲକେଇ' ( Kolkei ) ଓ ମାଲୟାଲମ୍ ଭାଷାରେ 'କୋଲକା' ( Kolka ) କୁହାଯାଏ । ଏହିନାମ ଗୁଡ଼ିକ 'କଳିଙ୍ଗ'ଶବ୍ଦର ଖୁବ୍ ନିକଟବର୍ତ୍ତୀ ବା ଅପଭ୍ରଂଶ ହୋଇଥିବାରୁ, ଏହିସ୍ଥାନ ଏକଦା 'କଳିଙ୍ଗ' ରାଜ୍ୟର ଏକ ବାଣିଜ୍ୟ ଉପନିବେଶ ହୋଇଥିବା ଅନୁମାନହୁଏ । ଏହା ଦିନେ ସମୁଦ୍ର ତୀରରେ ଅବସ୍ଥିତ ଥିଲା ଓ ମୁକ୍ତା ବ୍ୟବସାୟ ପାଇଁ ଏକ ପ୍ରଧାନ 'ବନ୍ଦର-ବଜାର' ହୋଇଥିଲା । ଏହି ଅଞ୍ଚଳ ପାଣ୍ଡ୍ୟ ଶାସନ ଅନ୍ତର୍ଗତ ହୋଇଥିବାର ପ୍ରମାଣ ରହିଛି । ଏହାର ଅଦୂରରେ ଥିବା ମୁଦ୍ର ଅନ୍ତରୀପ, ଧନୁଷ୍କୋଟିକୁ ଟଲେମି 'କୋପକୋରି' ବା 'କଲିଗୀକୋନ୍' (Cape Cory or Kolligi Kon) ବୋଲି ଦର୍ଶାଇଛନ୍ତି । ଟଲେମିଙ୍କ 'କଲଗୀ-କୋନ୍' ଯେ ପ୍ରକୃତରେ 'କଳିଙ୍ଗୀ-କୋଣ' ଏଥିରେ ତିଳେମାତ୍ର ସନ୍ଦେହନାହିଁ । କାରଣ ଟଲେମିଙ୍କ ବର୍ଣ୍ଣନାରେ ଏପରି 'କୋଣ' ଯୁକ୍ତ ବନ୍ଦରର ନାମ ପୂର୍ବ ଉପକୂଳରେ ଅନ୍ୟ କେତେକ ସ୍ଥାନରେ ଦେଖାଯାଇଥାଏ । କଳିଙ୍ଗର ଉପକୂଳରେ ଟଲେମି 'କାନାଗର' ବା 'କୋଣ ନଗର'ର ବର୍ଣ୍ଣନା ଦେଇଛନ୍ତି ଓ ଗଙ୍ଗାନଦୀର ଏକ ମୁହାଣକୁ କାମ୍ବେରିଖୋନ୍ ବା କାବେରୀକୋଣ' ବୋଲି କହିଛନ୍ତି । ବର୍ତ୍ତମାନ ଓଡ଼ିଶାର ମାନଚିତ୍ରକୁ ପରୀକ୍ଷାକଲେ, 'ବୁଢ଼ାବଳଙ୍ଗ' ନଦୀର ମୁହାଣ ନିକଟରେ 'ଶ୍ରୀକୋଣ' ନାମକ ଏକସ୍ଥାନର ସନ୍ଧାନ ମିଳେ ; ଏହା ବ୍ୟତୀତ ଓଡ଼ିଶାର କେତେକ-ନଦୀ ଓ ଚିଲିକାହ୍ରଦ ନିକଟରେ ଏହି 'କୋଣ'ଯୁକ୍ତ ସ୍ଥାନର ନାମ ରହିଛି; ଯଥା :—କଟିକୋଣ, ସାରସକୋଣ, କଣିହା ଓ କୋଶାସ (କୋଣଶ୍ରୀ) ଇତ୍ୟାଦି । ଏଥିରୁ ମନେହୁଏ, ଏକଦା କଳିଙ୍ଗର କେତେକ ନିର୍ଦ୍ଦିଷ୍ଟ ବନ୍ଦରର ନାମରେ 'କୋଣ' ଯୁକ୍ତ କରଯାଇଥିଲା । ବୋଧହୁଏ, ସେହିସ୍ଥାନର ଭୌଗଳିକ ଅବସ୍ଥିତି, ମୌସୁମୀ ବାୟୁର ପ୍ରବାହ ଓ ସାମୁଦ୍ରିକ ସ୍ରୋତର ଗତି ଇତ୍ୟାଦିକୁ ବିଗ୍ଭରକୁ ନେଇ, ସେହିସ୍ଥାନକୁ ଉପକୂଳର ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବା ପାଇଁ, ଉପଯୁକ୍ତ ନୌଯାତ୍ରାସ୍ଥଳୀ ରୂପେ ବିବେଚନା କରଯାଉଥିଲା । ସିଂହଳ ସହିତ କଳିଙ୍ଗର ଐତିହାସିକ ସଂପର୍କ ଦୃଷ୍ଟିରୁ, ବାଣିଜ୍ୟ ବ୍ୟବସାୟ ପାଇଁ ବୋଧହୁଏ ଦିନେ 'ଧନୁଷ୍କୋଟି' କଳିଙ୍ଗ ପାଇଁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ହୋଇଥିଲା ଓ ତେଣୁ ତା'ରନାମ 'କଳିଙ୍ଗ କୋଣ' ରଖାଯାଇଥିଲା ।

ପୂର୍ବଉପକୂଳର ଅନ୍ୟାନ୍ୟ ବନ୍ଦର ସହିତ ଟଲେମି ଆଲେସିଗ୍ନେ ନାମକ ଏକ ନଗରର ନାମ ଉଲ୍ଲେଖ କରିଛନ୍ତି । ଏହାର ମୂଳ ଭାରତୀୟ ପ୍ରତିଶବ୍ଦ କ'ଣ ଥିଲା, ବର୍ତ୍ତମାନ ସ୍ଥିର କରିବା କଠିନ । ତଥାପି ଏହା ଗୋଦାବରୀ ମୁହାଣ ନିକଟରେ ଥିବା "କୋରିଙ୍ଗା' ବନ୍ଦରକୁ ନିର୍ଦ୍ଦେଶ କରୁଛି ବୋଲି ମ୍ୟାକ୍‌କ୍ରିଣ୍ଡଲ୍ ମତପୋଷଣ କରିଛନ୍ତି । ଏହି 'କୋରିଙ୍ଗା' ନାମ ଯେ 'କଳିଙ୍ଗ' ଶବ୍ଦରୁ ସୃଷ୍ଟି ହୋଇଛି, ବା ଏହାର ଅପଭ୍ରଂଶ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏକଦା ସପ୍ତମ ଶତାବ୍ଦୀରେ, ଏହି 'କୋରିଙ୍ଗା' ବନ୍ଦର ବଡ଼ ବଡ଼ ଜାହାଜ ନିର୍ମାଣରେ ସମଗ୍ର ପୂର୍ବ ଉପକୂଳରେ ଅଦ୍ୱିତୀୟ ଥିଲା । ଜେମ୍‌ସ ହରନେଲଙ୍କ ମତରେ:—"Coringa, near Cocanada and Masulipatam, the ancient estern sea-gate of the Decan, were the most famous of the old Indian ship-building ports" (Memoirs of the Asiatic Society of Bengal, Vol. VII, 1923). ହରନେଲ ଏହି ତଥ୍ୟ କେଉଁଠାରୁ ପାଇଲେ ଦର୍ଶାଇ ନାହାନ୍ତି ।

## କଳିଙ୍ଗ ଉପକୂଳର ପ୍ରଧାନ ବନ୍ଦର 'ପାଲୁର'

କଳିଙ୍ଗ ଉପକୂଳରେ ଥିବା ଅନ୍ୟାନ୍ୟ ବନ୍ଦରଗୁଡ଼ିକୁ ଟଲେମି ଦୁଇଟି ଗୁଚ୍ଛରେ ପ୍ରକାଶ କରିଥିଲେ । ପ୍ରଥମ ଗୁଚ୍ଛଟି 'ପାଲୁର' ଠାରୁ ଓ ଦ୍ୱିତୀୟ ଗୁଚ୍ଛଟି 'ମପୌଲ' ଠାରୁ ଆରମ୍ଭ ହୋଇଥିଲା । ଏହାଛଡ଼ା ପ୍ରଥମ ଗୁଚ୍ଛରେ ଆଠଟି ଓ ଦ୍ୱିତୀୟ ଗୁଚ୍ଛରେ ଛଅଟି ବନ୍ଦରର ବର୍ଣ୍ଣନା ଟଲେମି କରିଥିଲେ । ଏଗୁଡ଼ିକ ଭିତରୁ କେବଳ 'ପାଲୁର' ସଫଳତାର ସହ ଚିହ୍ନିତ ହୋଇପାରିଛି ବୋଲି କୁହାଯାଇ ପାରେ । ନାଗାର୍ଜ୍ଜୁନ କୋଣ୍ଡା'ରୁ ଆବିଷ୍କୃତ ତୃତୀୟ ଶତାବ୍ଦୀର ଏକ ଅଭିଲେଖରୁ ଏହି -ବନ୍ଦର ସଂପର୍କରେ ପ୍ରଥମେ ଜଣା ପଡ଼ିଥିଲା । 'ପାଲୁର' ନାମଟି ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହି-ଥିବାରୁ ଏହା ଟଲେମିଙ୍କ ବର୍ଣ୍ଣିତ ପ୍ରାଚୀନ ବନ୍ଦରର ସ୍ଥାନ ବୋଲି ଗ୍ରହଣ କରାଯାଉଛି । ଐତିହାସିକ ସିଲ୍‌ଭାନ ଲେଭି ଏହି ପାଲୁରକୁ 'ଦନ୍ତପୁର' ବୋଲି ମଧ୍ୟ ଯୁକ୍ତି କରିଛନ୍ତି । ପାଲୁର ଅଞ୍ଚଳର ମାନଚିତ୍ର ପରୀକ୍ଷା କଲେ ଓ ଏ ଅଞ୍ଚଳ ଉତ୍ତମ ରୂପେ ବୁଲି ଦେଖିଲେ, ଏଠାରେ ପ୍ରାଚୀନ ବନ୍ଦରର ଅନେକ ପ୍ରମାଣ ଏବେବି ଦେଖିବାକୁ ମିଳେ । ତଥାପି, ସମଗ୍ର ପୂର୍ବଉପକୂଳରେ ଏହି ବନ୍ଦରର ସେକାଳର ପ୍ରତିଷ୍ଠାକୁ ବିଗ୍ଭରକୁ ନେଲେ, 'ପାଲୁର' ବା ଦନ୍ତପୁର' ବନ୍ଦର-ନଗରୀର ଅଧିକାଂଶ ଅଞ୍ଚଳ କୌଣସି ସାମୁଦ୍ରିକ ଝଡ ବିଘାତ ଯୋଗୁଁ ଚିଲିକାରେ ବୁଡ଼ିଯାଇଥିବା ଭଳି ମନେହୁଏ । ବୋଧହୁଏ, ଏହି ବନ୍ଦର ଦୁଇହଜାର ବର୍ଷ ପୂର୍ବରୁ ରହିଥିଲା ଓ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ପରେ ଏହାର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଏହି ବନ୍ଦରର ଦ୍ୱାର, ସିଧାସଳଖ ସମୁଦ୍ର ଭିତରକୁ ନହୋଇ 'ଚିଲିକା, ଉପସାଗର ଭିତରକୁ ହୋଇଥିଲା । ଏଠାରେ ଏବେ ରହିଥିବା କେତେକ ଗ୍ରାମର ନାମକୁ ଲକ୍ଷ୍ୟକଲେ, ତାହା ବୈଦେଶିକ ନାବିକମାନଙ୍କର ପ୍ରାଚୀନ ବସତି ହୋଇଥିବା ବିଶ୍ୱାସ ହୁଏ । ଏକଦା ଏହି ବସତିଗୁଡ଼ିକୁ 'ଡିହି' ବା 'କୁଦ' କୁହାଯାଉଥିଲା । ପାଲୁର ନିକଟରେ ଆଜି ରହିଥିବା 'କୁଦ' ମାନଙ୍କ ଭିତରୁ 'ବ୍ରମର କୁଦ' ଏକଦା ବ୍ରହ୍ମଦେଶ ସହିତ ଓ 'କୋଡୁର କୁଦ' ମସଲିପଟ୍ଟମ ନିକଟର ପ୍ରାଚୀନ ବନ୍ଦର 'କୋଡୁର' ସହିତ ସଂପୃକ୍ତ ଥିଲାଭଳି ଜଣା-ଯାଏ । ବୋଧହୁଏ, କେତେଶହ ବର୍ଷ ପରେ ପାଲୁର ବନ୍ଦର ପୋତି ହୋଇ ପଡ଼ିବାରୁ ଏହାର ନିକଟସ୍ଥ ଗୌରାଙ୍ଗ ପାଟଣା' ଠାରେ ଏକ ନୂତନ ବନ୍ଦର ସୃଷ୍ଟି ହୋଇଥିଲା ।

ଏହି ଗୌରାଙ୍ଗ ପାଟଣାରେ ଆଜି ପ୍ରାଚୀନ ବନ୍ଦରର କେତେକ ଚିହ୍ନ ଦେଖା ଯାଇଥାଏ ।

## ସେଦିନର 'ନନି-ଗଇନା' ଆଜିର 'ନିମିନା-ଗଇନାଡ଼ା'

ପାଲୁର ବନ୍ଦର ପରେ ଟଲେମି 'ନନି ଗଇନା' (Nani-gaina) ନାମକ ବନ୍ଦରର ନାମ ଉଲ୍ଲେଖ କରିଛନ୍ତି । ଏ ବନ୍ଦର ସଂପର୍କରେ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ପ୍ରକାଶିତ ହୋଇନାହିଁ । ସୁରେନ୍ଦ୍ର ନାଥ ମଜୁମଦାର ଶାସ୍ତ୍ରୀଙ୍କ ଦ୍ୱାରା ସଂପାଦିତ ମ୍ୟାକ୍‌କ୍ରିଣ୍ଡଲ୍‌ଙ୍କ 'ଆନସିଏଣ୍ଟ ଇଣ୍ଡିଆ' ପୁସ୍ତକରେ ଏହି ବନ୍ଦରକୁ ବର୍ତ୍ତମାନର 'ପୁରୀ' ସହିତ ଚିହ୍ନିତ କରାଯାଇଛି । ଏହା ପ୍ରକୃତ ସତ୍ୟଠାରୁ ବହୁ ଦୂରରେ । ବର୍ତ୍ତମାନ ଚିଲିକା କୂଳରେ 'କୁହୁଡ଼ି' ନିକଟରେ ଥିବା ଗ୍ରାମ ନିମିନା–ଗଇନାଡ଼ା' ହିଁ ଟଲେମିଙ୍କ ବର୍ଣ୍ଣିତ 'ନନି-ଗଇନା'ର ପ୍ରକୃତ ସ୍ଥାନ । ଆଜି ନିମିନା ଓ ଗଇନାଡ଼ା ଦୁଇଟି ସ୍ୱତନ୍ତ୍ର ଗ୍ରାମ । ନିମିନା ନାମ 'ନିମ୍ନନାସୀ'ରୁ ଓ ଗଇନାଡ଼ା ବୋଧହୁଏ 'ଗଇନାଡ଼ୁ'ରୁ ସୃଷ୍ଟି ହୋଇଛି । ଏଠାରେ ଚିଲିକା କୂଳେ ପ୍ରକୃତରେ ଏକ ଗ୍ରାନାଇଟ୍ ପଥରର ନିମ୍ନନାସୀ ରହିଛି, ଯାହାକି ଦିନେ ଏକ ପ୍ରାକୃତିକ 'ଜେଟି' (Jetty) ରୂପେ କାମ କରୁଥିଲା । ଏଠାରେ ଥିବା 'ବାଲିଆ' ଓ 'ଅମରା ବାଲି' ଗ୍ରାମ ଯଥାକ୍ରମେ–'ବାଲିଦ୍ୱୀପ ଓ 'ଅମରାବତୀ (ଦକ୍ଷିଣ ଭାରତ) ସହ ସଂପର୍କରେ ସୂଚନା ଦିଏ । କେବଳ ବିଶିଷ୍ଟ ଐତିହାସିକଙ୍କ ମତରେ ଅମରାବତୀର କଳା ଓ ସ୍ଥାପତ୍ୟ ଦିନେ କଳିଙ୍ଗର ବନ୍ଦର ଦେଇ ଦକ୍ଷିଣ ପୂର୍ବ ଏସିଆରେ ପ୍ରସାର ଲାଭ କରିଥିଲା । ଏହି ଅଞ୍ଚଳର ଗାଁ ଓ ଏହାର ଅଧିବାସୀଙ୍କୁ ଲକ୍ଷ୍ୟକଲେ, ଏହା ସତ୍ୟ ମନେହୁଏ । ନିମିନା ଗାଁଟି ନିତାନ୍ତ ସାନ ହେଲେବି, ଏଠାରେ ପ୍ରାୟ ୮,୧୦ଟି ବୃହତ ପ୍ରାଚୀନ ପୁଷ୍କରିଣୀ ରହିଛି ଓ କେତୋଟି ପ୍ରାଚୀନ ଶିବ ମନ୍ଦିର ମଧ୍ୟ ଅଛି । ଏଗୁଡ଼ିକ ଭିତରୁ 'ନିମିନା' ଗାଁର ମଧ୍ୟଭାଗରେ ଥିବା ଶିବମନ୍ଦିରଟି ଅତି ପ୍ରାଚୀନ ମନେହୁଏ । ଏହି ମନ୍ଦିର ସମ୍ମୁଖରେ ବେଦି ଓ ଭାଙ୍ଗି ପଡ଼ିଥିବା ତୋରଣର କାରୁକାର୍ଯ୍ୟ ଏକ ସ୍ୱତନ୍ତ୍ର ପର୍ଯ୍ୟାୟର । ଏ ସମସ୍ତ ବ୍ୟତୀତ, ଏହି ଅଞ୍ଚଳର ଦଣ୍ଡଯାତ୍ରା ଓ ଘୋଡ଼ାନାଚ ଇତ୍ୟାଦିର ସଂସ୍କୃତି ଦକ୍ଷିଣ ପୂର୍ବ ଏସିଆ, ବିଶେଷତଃ ଜାଭା ଓ ବାଲି ସହିତ ସଂପର୍କର ସୂଚନା ଦିଏ । ନବମ ଓ ଦଶମ ଶତାବ୍ଦୀରେ ଆରବ ଓ ପାରସିକ ନାବିକ(ଲେଖକ) ମାନେ, ଓଡ଼ିଶାର ଉପକୂଳରେ ଯେଉଁ 'ନୁବିନ' (Nubin) ନାମକ ପ୍ରସିଦ୍ଧ ବନ୍ଦରର ସୂଚନା ଦିଅନ୍ତି, ଯେଉଁଠାରୁକି ସମୁଦ୍ରପଥ ବା 'ସୁବର୍ଣ୍ଣ ଦ୍ୱୀପକୁ' ବୋଇତ ଯାତାୟାତ କରୁଥିଲା,ତାହା ଏହି 'ନିମିନା' ହୋଇଥିବା ସମ୍ଭାବନା ସବୁଠାରୁ ଅଧିକ । ସେ ଦୃଷ୍ଟିରୁ ବିଚାର କଲେ, ଏହି ବନ୍ଦର ବୋଧହୁଏ ପ୍ରଥମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିଲା ।

## ସେଦିନର କଟିକର୍ଦ୍ଦମ, ଆଜି କାକଟପୁର

'ନନିଗଇନା' ପରେ ଟଲେମି 'କଟିକର୍ଦ୍ଦମ' (Katikar-dama) ବନ୍ଦରର ବର୍ଣ୍ଣନା କରିଛନ୍ତି । ମ୍ୟାକ୍‌କ୍ରିଣ୍ଡଲ୍‌ଙ୍କ ପୁସ୍ତକରେ ଏହାକୁ 'କଟକନଗର' ବୋଲି ଗ୍ରହଣ କରାଯାଇଛି । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଯେ କଟକ ନଗରର ଅସ୍ତି[...] ନଥିଲା, ଏହା ଏଠାରେ କହିବା ଅନାବଶ୍ୟକ । ଏହି ବନ୍ଦ[...] ଆଜି ପର୍ଯ୍ୟନ୍ତ ଚିହ୍ନିତ ହୋଇନଥିଲେ ୧.୫୨, ପୁରୀ ଜିଲ୍ଲା[...] 'କାକଟପୁର' ଯେ ସେହି 'କଟିକର୍ଦ୍ଦମ', ଏହା ନିଃସନ୍ଦେହ[...] କୁହାଯାଇପାରେ । ଏହା ନିକଟରେ କ୍ଷୁଦ୍ର 'କାଦୁଆ' (କର୍ଦ୍ଦ[...] ନଦୀ ଏବେ ମଧ୍ୟ ପ୍ରବାହିତ । ଏହାବ୍ୟତୀତ କାକଟପ[...] ନିକଟରେ ଏକ ମୌଜାକୁ 'କୋଟକଣା' (କୋଟି-କୋଣ[...] କୁହାଯାଏ । ଏହି ଗ୍ରାମନିକଟରେ କାଦୁଆ ନଦୀର [...] ଚିହ୍ନଧାର ଏବେ ମଧ୍ୟ ରହିଛି । ବୋଧହୁଏ କାକଟପୁ[...] ନାମ ଦିନେ 'କର୍ଦ୍ଦମ-କଟକ' ରହିଥିଲା । ଏଠାରେ ପ୍ରାଚୀ[...] ବନ୍ଦରର ଅନେକ ଲକ୍ଷଣ ଏବେବି ରହିଛି । କେତେଗୁଡ଼ି[...] ଗ୍ରାମର ନାମରୁ ଏହା ସ୍ପଷ୍ଟ ସୂଚିତହୁଏ; ଯଥା:—ବନ୍ଦରିକ[...] ବରାଓଲଙ୍ଗର, ସାନଓଲଙ୍ଗର ଇତ୍ୟାଦି । ଏଠା[...] ବୈଦେଶିକ ଉପନିବେଶର ଚିହ୍ନ ମଧ୍ୟ ଅନେକ ଅଛି ।

## ସେକାଳର 'କୋଣନଗର' ଆଜି 'ନଗର'

କଟିକର୍ଦ୍ଦମର ପରବର୍ତ୍ତୀ ବନ୍ଦର 'କନ୍ନାଗ[...] (Kannagara)କୁ କେତେକ ଐତିହାସିକ 'କୋଣା[...] ବୋଲି ଗ୍ରହଣ କରିଛନ୍ତି । କୋଣାର୍କ ଅଞ୍ଚଳର ମୃତ୍ତି[...] ପରୀକ୍ଷା କଲେ, ସହଜରେ ଜଣାଯିବ ଯେ ସେଠାରେ ଦି[...] ସମୁଦ୍ର ବା 'ଲଗୁନ' ରହିଥିଲା । କନ୍ନାଗର ଶବ୍ଦ ନିଶ୍ଚି[...] ଭାବରେ 'କୋଣନଗର'ରୁ ସୃଷ୍ଟି ହୋଇଛି । କୋଣାର୍କ[...] ସାମାନ୍ୟ ଉତ୍ତର-ପୂର୍ବକୁ, ଦେବୀ ନଦୀର ମୁହାଣ ପୁ[...] ରହିଥିବା 'ନଗର' ହିଁ ପ୍ରକୃତରେ ଅତୀତର 'କୋଣନଗର'[...] କାଳକ୍ରମେ 'କୋଣ' ଶବ୍ଦଟି ଲୋପ ପାଇ, ଆଜି ଏହି ଗ୍ରାମ[...] ନାମ 'ନଗର' ରହିଯାଇଥିଲେ ହେଁବା, ଏହାର ଏକ ଅଞ୍ଚ[...] 'କାନିଆ କଣ' କୁହାଯାଏ । ବୋଧହୁଏ ସେହି ଅଞ୍ଚଳ[...] ଏକଦା ଦେବୀ ନଦୀର ତୀରରେ ଏହି 'କୋଣନଗ[...] ଅବସ୍ଥିତ ଥିଲା । ଏହା ନିକଟରେ ଥିବା ଗ୍ରାମ – ବ[...] ପାନଟାଇ, ଦକ୍ଷିଣ ପାନଟାଇ ଓ ବିରୁଡ଼ି ପାନଟାଇ ଇତ୍ୟା[...] ଜାଭା, ବାଲି ଓ ମାଳୟ ଦ୍ୱୀପ ସହ ସମ୍ପର୍କର ସୂଚ[...] ଦିଏ । ଐତିହାସିକ ଜେରିନି ( Gerini )[...] ମତରେ ମାଳୟ ଅଞ୍ଚଳର ଭାଷାରେ 'ପାନଟେଇ' ଶବ୍ଦ[...] ଅର୍ଥ ତୀର ବା କୂଳ' । ଏହା ସମୁଦ୍ର ଓ ନଦୀ [...] ବ୍ୟବହାର କରାଯାଏ । ବୋଧହୁଏ ଏହି ଅଞ୍ଚଳ[...] ଏକଦା ମାଳୟ ଭାଷା ବ୍ୟବହାର କରୁଥିବା ନାବିକମା[...] ବସତି ସ୍ଥାପନ କରିଥିବାରୁ, ଏହି 'ପାନଟେଇ' ଶ[...] ବ୍ୟବହାର ହୋଇଛି । କାଳକ୍ରମେ ଏହି 'ପାନଟେ[...] ଶବ୍ଦ ଆଜି 'ପାନଟାଇ'ରେ ପରିଚିତ ହୋଇଛି ।

## ସେଦିନର 'ମାନ୍ଦା' ଆଜି ମହାନଦୀ (ଦେବ[...]

'କାନାଗର' ପରେ ଟଲେମି 'ମାନଦା' (Man[...] ନଦୀର ମୁହାଣ ଦର୍ଶାଇଛନ୍ତି । ଆଜିର ଦେବୀ [...] (ମହାନଦୀର ଶାଖା), ବୋଧହୁଏ ସେତେବେ[...]

'ମାନଦା' ବା 'ମହାନଦୀ' ରୂପେ ପରିଚିତ ଥିଲା । ଅର୍ଥାତ ତାହାହିଁ ଥିଲା ସେତେବେଳେ 'ମହାନଦୀ'ର ପ୍ରଧାନ ଧାର । ଏହି ନଦୀର ମୁହାଣ ନିକଟରେ ବର୍ତ୍ତମାନ ରହିଥିବା ଗ୍ରାମ :—ମରିଚପୁର, ଧାନୁହର, ବେଲାରୀ ଓ ବଡ଼ବାଲି ପ୍ରଭୃତି ମସଲା ବ୍ୟବସାୟରେ ଦକ୍ଷିଣ-ପୂର୍ବ ଏସିଆ ସହିତ ସମ୍ପର୍କର ସୂଚନା ଦିଏ । ଟଲେମି ନିଜ ମାନଚିତ୍ରରେ 'କାନ୍ନାଗର' ଓ ଗଙ୍ଗାନଦୀର ମୁହାଣ ଭିତରେ ଚାରିଟି ବଡ଼ନଦୀ ଦର୍ଶାଇଛନ୍ତି । ଯଥା :— ମାନଦା, 'ଟାଇଣ୍ଡିସ', 'ଦୋସରନ', ଓ 'ଆଡ୍ରାମସ୍' । ଏ ବ୍ୟାପାରରେ ଲସେନ ( Lassen ) ଓ ୟୁଲ ( Yule ) ଉଭୟ ଆଲୋଚନା କରିଛନ୍ତି । ଉଭୟଙ୍କ ମତରେ କେତେକ ପାର୍ଥକ୍ୟ ରହିଥିଲେ ମଧ୍ୟ, ପ୍ରଥମ ନଦୀଟିକୁ ସେମାନେ 'ମାନଦା' ବା ମହାନଦୀ ବୋଲି ଗ୍ରହଣ କରିଛନ୍ତି ।

ମାନଦା ପରେ ଟଲେମି କୋଟବାର' (Kottabara) ବନ୍ଦରର ବର୍ଣ୍ଣନା ଦେଇଛନ୍ତି । ଏହି ନାମର ନିକଟବର୍ତ୍ତୀ ତିନୋଟି ସ୍ଥାନ ଓଡ଼ିଶାରେ ଦେଖିବାକୁ ମିଳେ । ପ୍ରଥମଟି ହେଲା, ପୁରୀଜିଲ୍ଲାର 'କୋଠବାଡ଼ି', ଦ୍ୱିତୀୟଟି ହେଲା, କଟକଜିଲ୍ଲାର ସାଲେପୁର ଅଞ୍ଚଳର 'କୋଠବାଡ଼' ଓ ତୃତୀୟଟି ହେଲା, ବାଲେଶ୍ୱର ଜିଲ୍ଲାର ଧାମନଗର ଅଞ୍ଚଳର 'ଚକାଥାର' । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଠାରେ ପ୍ରାଚୀନ ବନ୍ଦରର କେତେକ ଲକ୍ଷଣ ରହିଛି । ଅର୍ଥାତ ଏଗୁଡ଼ିକ ଏକଦା ନଦୀ ବନ୍ଦର ଥିଲା । ଟଲେମି ପ୍ରଦତ୍ତ ବନ୍ଦର ତାଲିକାର କ୍ରମ ତଥା ଅକ୍ଷାଂଶ ଓ ଦ୍ରାଘିମା ସମ୍ପର୍କକୁ ଲକ୍ଷ୍ୟ କରି, ସାଲେପୁରର 'କୋଠବାଡ଼'କୁ ଟଲେମିଙ୍କ 'କୋଟବାର' ରୂପେ ଗ୍ରହଣ କରାଯାଇ ପାରେ । ଏକଦା କଟକ ଜିଲ୍ଲାର ସାଲେପୁର, କିଶନନଗର, ବଡ଼ଚଣା ଓ ଧର୍ମଶାଳା ଅଞ୍ଚଳରେ ବହୁ ପ୍ରାଚୀନ ନଦୀ ବନ୍ଦର ବିକାଶ ଲାଭ କରିଥିବାର ପ୍ରମାଣ ଏବେବି ଦେଖିବାକୁ ମିଳେ । ସାଲେପୁରର 'କୋଠବାଡ଼' ବିରୂପାନଦୀ କୂଳରେ ଅବସ୍ଥିତ । ଠିକ ଏହି ନାମରେ ବନ୍ଦର ଦକ୍ଷିଣ-ପୂର୍ବ ଏସିଆର କେତେକ ଅଞ୍ଚଳରେ ଦେଖା ଯାଇଥିବାର ପ୍ରମାଣ 'ଜେରିନି' ଦେଇଛନ୍ତି । ଏହି ଶବ୍ଦଟିର ବ୍ୟାଖ୍ୟା କରି, ଏହା 'କେଉଟହାର'ରୁ ସୃଷ୍ଟ ହୋଇଥିବା, ସେ ଦର୍ଶାଇଛନ୍ତି । କନ୍ଧରା ଓ କେଉଟମାନେ ଦିନେ ପ୍ରାଚୀନ ନାଗ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ ଓ ସେହିମାନେହିଁ ଥିଲେ କଳିଙ୍ଗର ଦୁର୍ଦ୍ଧର୍ଷ ନାବିକ । ଆଜି ସେମାନଙ୍କ ବଂଶଧରଙ୍କୁ ଅତୀତରେ ବନ୍ଦର ଥିବା ସ୍ଥାନମାନଙ୍କରେ ବହୁ ସଂଖ୍ୟାରେ ଦେଖିବାକୁ ମିଳେ । ତେଣୁ 'ଜେରି'ଙ୍କର ଏ ସିଦ୍ଧାନ୍ତକୁ ବିଶ୍ୱାସ କରିବାର କୌଣସି କାରଣ ନାହିଁ । ଠିକ ଏହି 'କେଉଟ—ହାର' ଶବ୍ଦରୁ ଗଙ୍ଗାନଦୀ ତୀରର 'କଟିହାର' ଅଞ୍ଚଳ ବୋଧହୁଏ ଦିନେ ସୃଷ୍ଟି ହୋଇଥିଲା । ଆଜିର କେଉଟ ଜାତି ଲୋକଙ୍କ ବସ୍ତିକୁ ସେତେବେଳେ ବୋଧହୁଏ 'କେଉଟହାର' କୁହାଯାଉଥିଲା ।

## ସିପ୍‌ପର (Sippara) ବା ଶ୍ରୀପୁର

'କୋଟବାର'ର ପରବର୍ତ୍ତୀ ବନ୍ଦର ସିପ୍‌ପରା । ଏହି ଶବ୍ଦଟି 'ଶ୍ରୀପୁରରୁ' ସୃଷ୍ଟିହୋଇଥିବା ନିଃସନ୍ଦେହରେ କୁହାଯାଇପାରେ । ଟଲେମି ପ୍ରଦତ୍ତ ବନ୍ଦରଗୁଡ଼ିକର କ୍ରମ ଓ ଅକ୍ଷାଂଶ ଦ୍ରାଘିମା ବିଚାରରୁ, ଏହା କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳର ଏକ କ୍ଷୁଦ୍ର ନଦୀ ତୀରରେ ଥିବା 'ଶ୍ରୀପୁର ହୋଇଥିବା ବିଶ୍ୱାସ କରାଯାଏ । ଏହି ଶ୍ରୀପୁରର ଅଳ୍ପ ଦୂରରେ 'ସିପୁର' ନାମକ ଆହୁରି ଏକ ସ୍ଥାନ ଅଛି । ବୋଧହୁଏ ନଦୀ ତୀରର ଏ ସମସ୍ତ ଅଞ୍ଚଳ ଏକଦା 'ଶ୍ରୀପୁର' ବା ସିପୁର ରୂପେ ପରିଚିତ ଥିଲା ।

## ସେଦିନର 'ଟାଇଣ୍ଡିସ୍' (Tyndis) ଆଜି ମହାନଦୀ

ସିପ୍‌ପର ପରେ ଟଲେମି 'ଟାଇଣ୍ଡିସ୍ (Tyndis) ନଦୀର ମୁହାଣ ଦର୍ଶାଇଛନ୍ତି ଓ ସେଠାରେ ଓଡ଼ିଶା ଉପକୂଳର ପ୍ରଥମ ଗୁଚ୍ଛ ବନ୍ଦର ଶେଷ ହୋଇଛି । ଏହି ଟାଇଣ୍ଡିସକୁ ମହାନଦୀର ଅନ୍ୟ ଏକ ଧାର ରୂପେ 'ୟୁଲ୍' (Yule) ଗ୍ରହଣ କରିଥିବାସ୍ଥଳେ, 'ଲସେନ୍ (Lasson) ଏହାକୁ 'ବ୍ରାହ୍ମଣୀ' ନଦୀ ମନେ କରିଛନ୍ତି । ଏ କ୍ଷେତ୍ରରେ ୟୁଲ୍‌ଙ୍କ ଅନୁମାନ ଯଥାର୍ଥ; ଅର୍ଥାତ୍ 'ଟାଇଣ୍ଡିସ୍' ହିଁ ଆଜି ମହାନଦୀର ପ୍ରଧାନ ଧାର ହୋଇଛି । ତେବେ ଏହି ନାମ 'ଟାଇଣ୍ଡିସ୍' ହେଲା କାହିଁକି ? ଓଡ଼ିଶାର ମାନଚିତ୍ରରେ ମହାନଦୀର ପ୍ରଧାନ ଧାରକୁ ଲକ୍ଷ୍ୟ କଲେ, ଏହାର ଉତ୍ତର ତୀର ଦେଶରେ, 'ପାଇକା' ଧାର ନିକଟରେ 'ତେଣ୍ଡାକୁଡ଼ା' (ତଣ୍ଡିକୁଳା) ନାମକ ଏକ ସ୍ଥାନ ଦେଖିବାକୁ ମିଳେ । ଠିକ୍ ସେହିପରି, ଦକ୍ଷିଣ ତୀରରେ 'ତିର୍ତ୍ତୋଲ' ଅଞ୍ଚଳରେ ତଣ୍ଡିକୁଳା' ନାମକ ଏକ ଗ୍ରାମ ଅଛି । ଏହାକୁ ବିଚାରକୁ ନେଲେ, ମହାନଦୀର ପ୍ରଧାନ ଧାର ଦିନେ 'ତଣ୍ଡି' ରୂପେ ପରିଚିତ ଥିବା ଅସମ୍ଭବ ନୁହେଁ, ଏହାଛଡ଼ା ଅଠର ଶହ ବର୍ଷ ତଳେ, ଏହି ମହାନଦୀର ପ୍ରଧାନ ଧାର 'ଦେବୀ' ତୁଳନାରେ କ୍ଷୁଦ୍ର ହୋଇଥିବା ମଧ୍ୟ ବିଶ୍ୱାସ କରାଯାଇପାରେ । ଟଲେମିଙ୍କ ଉପରେ ଗ୍ରୀକ୍ ଭାଷାର ପ୍ରଭାବ ଯୋଗୁ, ଏହି 'ତଣ୍ଡି ନାମ ତାଙ୍କ ଲେଖାରେ 'ଟାଇଣ୍ଡିସ୍' ବା 'ଟଣ୍ଡିସ୍' ହୋଇଯାଇଛି ।

## ଦ୍ୱିତୀୟ ଗୁଚ୍ଛ ବନ୍ଦର ଓ 'ମପୌର'

'ଟାଇଣ୍ଡିସ୍, ପରେ ଟଲେମିଙ୍କ ବର୍ଣ୍ଣନାରେ ବର୍ତ୍ତମାନ ଓଡ଼ିଶା ଉପକୂଳର ଦ୍ୱିତୀୟ ଗୁଚ୍ଛ ବନ୍ଦର ଆରମ୍ଭ ହୁଏ । ଏହି ଗୁଚ୍ଛର ପ୍ରଥମ ବନ୍ଦର ହେଲା—'ମପୌର' (Mapour) । ଏହି ସ୍ଥାନ ଚିହ୍ନିବା ପାଇଁ ଆଦୌ ଅସୁବିଧା ହୁଏ ନାହିଁ । ଓଡ଼ିଶା ଉପକୂଳରେ ଥିବା 'ପାଡ଼ୁଆ' ଅଞ୍ଚଳର ସାମାନ୍ୟ ଉତ୍ତର ଦିଗକୁ 'ମରେପୁର' ଅଞ୍ଚଳ ରହିଛି । ବୋଧହୁଏ, ଟଲେମିଙ୍କ ସମୟରେ ବ୍ରାହ୍ମଣୀ ଓ ବୈତରଣୀ ମୁହାଣ

ପୂର୍ବରୁ ମଇପୁର ନାମକ ଏକ ନଗର ବା ଭୂଖଣ୍ଡ ରହିଥିଲା । ଏହା ଉପରେ ପ୍ରବାହିତ 'ବ୍ରାହ୍ମଣୀ' ନଦୀର ଶାଖା ବା ପ୍ରଥମ ଧାରର ନାମ ଆଜି 'ମଇପୁର ନଦୀ' ରହି ଯାଇଛି ।

## ଶକ ଉପନିବେଶ 'ମୀନାଗର'

'ମପୋର' ପରେ ଟଲେମି 'ମୀନାଗିର' ର ନାମ ଉଲ୍ଲେଖ କରିଛନ୍ତି । ଏହି ବନ୍ଦରଟି ବୋଧହୁଏ– 'ବ୍ରାହ୍ମଣୀ' ମୁହାଣରେ ଥିବା 'ରିଘାଗଡ଼'ର ସାମାନ୍ୟ ଉତ୍ତର ପୂର୍ବକୁ ଅବସ୍ଥିତ ରହିଥିଲା ଯାହାକି ଆଜି ନାହିଁ । ସମୁଦ୍ର ଏହାକୁ ସଂପୂର୍ଣ୍ଣ ଗ୍ରାସ କରି ସାରିଛି । ଟଲେମିଙ୍କ ସମୟରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ବୋଧହୁଏ, ବ୍ରାହ୍ମଣୀ ଓ ବୈତରଣୀ ନଦୀ ଦୁଇଟିର ଗୋଟିଏ ମୁହାଣ (ଧାମରା) ରହିଥିଲା । ତେଣୁ ସେ ଏହାକୁ ଗୋଟିଏ ନଦୀ ବୋଲି ଗ୍ରହଣ କରିଥିଲେ । ଏହା ଫଳରେ, କାଳାଗର ଓ ଗଙ୍ଗା ନଦୀର ମୁହାଣ ମଧ୍ୟରେ ଟଲେମିଙ୍କ ହିସାବରେ ମାତ୍ର ଗୋଟିଏ ପ୍ରଧାନ ନଦୀ ପ୍ରକାଶ ପାଇଛି । ବ୍ରାହ୍ମଣୀ ନଦୀର 'ମଇପୁର' ଧାର ଓ ମୁହାଣ ବୋଧହୁଏ ମାତ୍ର କେତେ ଶହ ବର୍ଷତଳେ ସୃଷ୍ଟି ହୋଇଛି, ଏହି ନଦୀର ଧାର ସୃଷ୍ଟି ହେବାରେ ମଧ୍ୟ 'ମୀନାଗର' ବନ୍ଦର ଧ୍ୱଂସ ହୋଇ ଯାଇ ଥାଇପାରେ । ୟୁଲ (Yule) ଏହି ବନ୍ଦରକୁ କଟକ ଜିଲ୍ଲାର ଯାଜପୁର ସହ ଚିହ୍ନିତ କରିଥିବା ସ୍ଥଳେ, ମ୍ୟାକ୍‌କ୍ରିଣ୍ଡଲ୍ ଯାଜପୁର ନିକଟର 'ମୁନଗ୍ରାପୁର'କୁ ଏଥିପାଇଁ ଗ୍ରହଣ କରିଛନ୍ତି । ଟଲେମିଙ୍କ ବର୍ଣ୍ଣିତ ବନ୍ଦର ଗୁଡ଼ିକର ଅକ୍ଷାଂଶ ଓ ଦ୍ରାଘିମାକୁ ଯେଉଁ କ୍ରମ ପ୍ରକାଶପାଏ, ତଦନୁଯାୟୀ ପରୀକ୍ଷା କଲେ, ଏ ବନ୍ଦରର ଅବସ୍ଥିତି ମଇପୁର ନଦୀ ମୁହାଣ ନିକଟରେ, ସମୁଦ୍ର ଭିତରେ ହୁଏ । ସେଇ ଦୃଷ୍ଟିରୁ, ଏହା ଧ୍ୱଂସ ପାଇଥିବା ବିଶ୍ୱାସ କରଯାଏ । କିନ୍ତୁ ଏହା ସତ୍ତ୍ୱେ ଏହି ବନ୍ଦରର ଅତୀତର ଅବସ୍ଥିତି, କଳିଙ୍ଗ ଓ ଜାଭା ଦ୍ୱୀପର ସଂପର୍କ ନେଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । 'ପେରିପ୍ଲସ୍' ବର୍ଣ୍ଣନାରୁ ଜଣାଯାଏ–ପଶ୍ଚିମ ଉପକୂଳରେ, ବର୍ତ୍ତମାନର ଗୁଜୁରାଟ ଅଞ୍ଚଳରେ, ଏହି 'ମୀନାଗର' ନାମରେ କେତୋଟି ନଗର ସେ ସମୟରେ ଶକ (The saka allied tribes) ମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । କାଳକ୍ରମେ ଶକ ମାନଙ୍କର ପ୍ରଭୁତ୍ୱ ଲୋପ ହେବାରୁ, ଏହି ନଗରଗୁଡ଼ିକର ନାମ ବି ବଦଳି ଗଲା । ବୋଧହୁଏ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗ ଉପକୂଳରେ କେତେକ କ୍ଷୁଦ୍ର 'ଶକ' ବସତି ରହିଥିଲା, ଯାହାର ଚିହ୍ନ ସ୍ୱରୂପ ଆଜି 'ରିଘାଗଡ଼' (R i g h a g a r h) ନିକଟରେ କେତେଗୁଡ଼ିଏ 'ଗଡ଼' ନାମଧାରୀ ଗ୍ରାମ ଦେଖିବାକୁ ମିଳେ । ଜାଭା ଦ୍ୱୀପରେ କଳିଙ୍ଗର ଲୋକେ ବସତି ସ୍ଥାପନ କରିବା ପରେ ଯେଉଁ ଶକମାନେ ଯାଇ ଶକାବ୍ଦ ପ୍ରଚଳନ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି, ସେମାନେ ବୋଧହୁଏ କଳିଙ୍ଗର ନାବିକମାନଙ୍କ ସାହାଯ୍ୟରେ କଳିଙ୍ଗ ଉପକୂଳରୁ ଯାଇଥିଲେ; ଗୁଜରାଟ ଅଞ୍ଚଳରୁ ନୁହେଁ । ଏ ବ୍ୟାପାରରେ ଅଧିକ ଅନୁଶୀଳନ ଆବଶ୍ୟକ ।

**ଟଲେମି ବର୍ଣ୍ଣିତ ବନ୍ଦରଗୁଡ଼ିକର ନାମ, ଅବସ୍ଥିତି, ଦ୍ରାଘିମା ଓ ଅକ୍ଷାଂଶ**

| ଟଲେମି ବର୍ଣ୍ଣିତ ନାମ | ବର୍ତ୍ତମାନର ନାମ | ଟଲେମି ପ୍ରଦତ୍ତ ଦ୍ରାଘିମା ଓ ଅକ୍ଷାଂଶ | ସ୍ଥାନର ପ୍ରକୃତ ଦ୍ରାଘିମା ଓ ଅକ୍ଷାଂଶ |
|---|---|---|---|
| ୧ ପାଲୁର (PALOUR) | ପାଲୁର | ୧୩୬°.୪୦′–୧୧°.୨୦′ | ୮୫°.୬′–୧୯°.୨୬′ |
| ୨ ନନିଗଇନା (NANIGAINA) | ନିଗିନା–ପଇନାଡ଼ା | ୧୩୬°.୨୦′–୧୨° | ୮୫°.୨୧′–୧୯°.୫୦′ |
| ୩ କଟିକର୍ଦ୍ଦମ (KATIKARDAMA) | କାଳନପୁର (କୋଟକଣା) | ୧୩୬°.୨୦′–୧୨°.୪୦′ | ୮୬°.୧୨′–୨୦° |
| ୪ କନ୍ନାଗର (KANNAGARA) | ନଗର (କାଟିଆକୋଣ) | ୧୩୬°.୩୦′–୧୩°.୩୦′ | ୮୬°.୧୯′–୨୦°.୬′ |
| ୫ ମାନଦ ମୁହାଣ (MOUTH OF MANADA) | ଜେବା (ମହାନଦୀ) ମୁହାଣ | ୧୩୭°–୧୪° | ୮୬°.୨୨′–୨୦° |
| ୬ କୋଟ୍ଟୋବାର (KOTTO BARA) | କୋଠବାଡ଼ (ବାଲେଶ୍ୱର) | ୧୩୭°.୧୫′–୧୪°.୪୦′ | ୮୬°–୨୦°.୩୦′ |
| ୭ ସିପ୍ପରା (SIPPARA) | ସିପିର–ଶ୍ରୀପୁର (ମାହାଙ୍ଗା) | ୧୩୭°.୪୦′–୧୫°.୩୦′ | ୮୬°.୧୩′–୨୦°.୩୭′ |
| ୮ ଟାଇଣ୍ଡିସ୍ ମୁହାଣ (MOUTH OF TYNDIS) | ମହାନଦୀ ମୁହାଣ (ଡେଲ୍ଟା) | ୧୩୮°.୩୦′–୧୬° | ୮୬°୪୫′–୨୦°.୧୪′ |

| ଟଲେମି ବର୍ଣ୍ଣିତ ନାମ | ବର୍ତ୍ତମାନର ନାମ | ଟଲେମି ପ୍ରଦତ୍ତ ଦ୍ରାଘିମା ଓ ଅକ୍ଷାଂଶ | ସ୍ଥାନର ପ୍ରକୃତ ଦ୍ରାଘିମା ଓ ଅକ୍ଷାଂଶ |
|---|---|---|---|
| ୯ ମପୋଉର (MAPOURA) | ମଣପୁରା | ୧୩୯°–୧୬°.୩୦′ | ୮୬°–୨୦°.୪୦′ |
| *୧୦ ମୀନାଗର (MINAGARA) | .. | ୧୪୦°–୧୭°.୧୫′ | .. |
| ୧୧ ଦୋସରନ୍ ମୁହାଣ (MOUTH OF DOSARAN) | ବ୍ରାହ୍ମଣୀ ଓ ବୈତରଣୀ ମୁହାଣ | ୧୪୧°–୧୭°.୪୦′ | ୮୬°–୨୦°.୪୮′ |
| ୧୨ କୋକଲ )KALA) | କୋର୍ କରା (ବାଲେଶ୍ୱର) | ୧୪୨°–୧୮° | ୮୬°.୫୪′–୨୧°.୨୮′ |
| ୧୩ ଆଦାମସ୍ ମୁହାଣ (ADAMAS) | ସୁବର୍ଣ୍ଣରେଖା ମୁହାଣ | ୧୪୨°.୪୦′–୧୮° | ୮୬°.୧୫′–୨୧°.୪୦′ |
| ୧୪ କୋସମ୍ବା ବା କୋସ୍‌ବା (KOSAMBA OR KOSABA) | ବାପଲ–ପାଟଣା (ଦକ୍ଷିଣ-ମେଦିନପୁର) | ୧୪୩°.୩୦′–୧୮°୧୫′ | ୮୭°.୫୨′–୨୧°.୫୫′ |

* ମୀନାଗର ବନ୍ଦରଟି ସମୁଦ୍ର ଗ୍ରାସରେ ଲୋପ ପାଇ ଯାଇଥିବା ବିଶ୍ୱାସ ହୁଏ ।

## 'ଦୋସରନ୍ ନାମକ ନଦୀ

ମୀନାଗର ପରେ ଟଲେମି ଦୋସରନ(Dosaran) ନଦୀର ମୁହାଣ ଦର୍ଶାଇଛନ୍ତି । ପେରିପ୍ଲସ୍‌ରେ କଳିଙ୍ଗର ଏକ ପ୍ରଧାନ ଅଞ୍ଚଳକୁ ଦର୍ଶନ କୁହାଯାଇଛି । ଟଲେମିଙ୍କ ଦୋସରନ ଓ ପେରିପ୍ଲସର ଦର୍ଶନ ଯେ ଗୋଟିଏ ଅଞ୍ଚଳକୁ ବୁଝାଉଛି, ଏଥିରେ କୌଣସି ସନ୍ଦେହ ନାହିଁ । ତେବେ ପ୍ରଶ୍ନ ଉଠେ ସେହି ଅଞ୍ଚଳଟି କେଉଁଠାରେ ଓ ତା'ଉପରେ ପ୍ରବାହିତ ନଦୀଟି କିଏ ? ମୀନାଗର ପରେ ଟଲେମି ଦୋସରନ ନଦୀର ମୁହାଣ ଦର୍ଶାଇଥିବାରୁ, ଏହା ବ୍ରାହ୍ମଣୀ–ବୈତରଣୀର ମୁହାଣ ହୋଇଥିବା ଅନୁମାନ କରାଯାଏ । ୟୁଲ ( Yule ) ଏହାକୁ ବ୍ରାହ୍ମଣୀ ନଦୀ ବୋଲି ଗ୍ରହଣ କରିଛନ୍ତି । ଏହି ନଦୀର ଅବବାହିକାରେ ବସବାସ କରୁଥିବା ଲୋକଙ୍କୁ 'ଦର୍ଶନ (Dosaran) କୁହାଯାଉଥିଲା ବୋଲି କେତେକ ଐତିହାସିକ ଉଲ୍ଲେଖ କରିଛନ୍ତି । ଯଦି ବ୍ରାହ୍ମଣୀ ଓ ବୈତରଣୀର ମୁହାଣ ଦୋସରନ ହୁଏ, ତେବେ ମାଳପୁର ଓ ଦଶରଥପୁର ଅଞ୍ଚଳ 'ଦର୍ଶନ' ହେବାର ସମ୍ଭାବନା ସବୁଠାରୁ ଅଧିକ । 'ଦର୍ଶନ' କାଳକ୍ରମେ ଅପଭ୍ରଂଶ ହୋଇ 'ଦଶରଥରେ ପରିଣତ ହେବା ମଧ୍ୟ ବିଚିତ୍ର ନୁହେଁ– ତଥାପି, ଏ ବ୍ୟାପାରରେ ଅଧିକ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳକୁ ଦର୍ଶନ' ବୋଲି ଗ୍ରହଣ କରିବାକୁ ହେବ । ବୋଧହୁଏ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଏହି ଅଞ୍ଚଳ ସମଗ୍ର କଳିଙ୍ଗ ଉପକୂଳରେ ପ୍ରତିଷ୍ଠା ଅର୍ଜନ କରିଥିଲା ଓ ସେଥିପାଇଁ ପେରିପ୍ଲସ୍‌ର ଅଜ୍ଞାତ ଲେଖକ କଳିଙ୍ଗକୁ 'ଦର୍ଶନ' ରୂପେ ଗ୍ରହଣ କରିଥିଲେ । ଦକ୍ଷିଣ–ପୂର୍ବ ଏସିଆର ଇତିହାସରୁ ଜଣାଯାଏ–ଏକଦା ଆଧୁନିକ 'ଲାଓସ୍‌ର ପୂର୍ବାଞ୍ଚଳ 'ଦଶର୍ନ'·ରୂପେ ପରିଚିତ ଥିଲା ଓ ଟଲେମି ସେଠାରେ ମଧ୍ୟ 'ଦଶର୍ନ' (ଦର୍ଶନ) ଦେଖାଇଛନ୍ତି । ତେଣୁ ଏଥିରୁ ଅନୁମାନ କରାଯାଏଯେ, ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ଶେଷଭାଗରେ ବହୁସଂଖ୍ୟକ କଳିଙ୍ଗ–ଦର୍ଶନର ଅଧିବାସୀ, ସ୍ଥଳପଥ ବା ସମୁଦ୍ରପଥରେ ଯାଇ, ଲାଓସର ପୂର୍ବାଞ୍ଚଳରେ ବସତି ସ୍ଥାପନକରି ତା'କୁ ମଧ୍ୟ 'ଦର୍ଶନ' ବା ଦର୍ଶନ ନାମ ଦେଇଥିଲେ ।

## କୋକଲ ନାମକ ନଦୀ

ଦୋସରନ ବା ଦଶର୍ନ ନଦୀର ମୁହାଣ ପରେ, ଟଲେମି 'କୋକଲ ( Kokala ) ବନ୍ଦର ଦର୍ଶାଇଛନ୍ତି ଏହି କୋକଲ ଆଜି 'କୋରକୋରା'ରେ ପରିଣତ ହୋଇଥିବା ବିଶ୍ୱାସ କରାଯାଏ । ପ୍ରକୃତରେ କେଉଁଠାରୁ ଏହି 'କୋକଲି ବା 'କୋରକୋରାର ଉତ୍ପତ୍ତି ହେଲ, ଆଜି ଜାଣି ହୁଏ ନାହିଁ; କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ନାମରେ ଦୁଇଟି ଗ୍ରାମ ରହିଛି । ପ୍ରଥମ 'କୋରକାର, ବାଲେଶ୍ୱର ସହରର ଅଳ୍ପ କେତେ ମାଇଲ ଦକ୍ଷିଣକୁ ଅବସ୍ଥିତ ଓ ଦ୍ୱିତୀୟ 'କୋରକରା', ଭଣ୍ଡାରି ପୋଖରୀ ନିକଟର ଏକ ପ୍ରତିଷ୍ଠିତ ଗ୍ରାମ । ପ୍ରଥମ 'କୋରକୋରା ନିକଟରେ ଆଜି କୌଣସି ନଦୀ ପ୍ରବାହିତ ହେଉନଥିଲେ ସୁଦ୍ଧା, ଦୀର୍ଘ ଅତୀତରେ ଏଠାରେ 'ପାଣ୍ଡନଇ' ନାମକ ସମୁଦ୍ରକୁ ସଂଯୋଗ କରୁଥିବା ଏକ ନଦୀ ପ୍ରବାହିତ ହେଉଥିଲା ବୋଲି ଲୋକ ମୁଖରୁ ଶୁଣିବାକୁ ମିଳେ । ଏହି କୋରକୋରା ଓ ଏହାର ନିକଟବର୍ତ୍ତୀ ଗ୍ରାମ 'ବାଙ୍ଗରା'ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅନେକ ଗୁଡ଼ିଏ ଅତି ପ୍ରାଚୀନ ପୁଷ୍କରିଣୀ ରହିଛି । ଏହି ପୁଷ୍କରଣୀଗୁଡ଼ିକର ନିକଟବର୍ତ୍ତୀ ଅଞ୍ଚଳର ମୃତ୍ତିକା ପରୀକ୍ଷା କଲେ, ଏଥିରେ ବହୁ ପରିମାଣ ବାଲି ଓ ସମୁଦ୍ରର ଶାମୁକା ଦେଖିବାକୁ ମିଳେ । ଏତିକି

ପ୍ରମାଣରୁ ମନେ ହୁଏ ଦୀର୍ଘ ଅତୀତରେ ଏଠାରେ ଏକ ବୁଆରିଆ ନଦୀ ଥିଲା । ଏହାଛଡ଼ା, ଏହି କୋରକୋରା ନିକଟରେ ଥିବା 'ଘୁଙ୍କେଶ୍ୱିପାଟଣା' ନାମକ ଏକ ଗ୍ରାମ, ଅତୀତରେ ଦିନେ ଏକ ନଦୀ ବନ୍ଦର ହୋଇଥିବା ବିଶ୍ୱାସ ହୁଏ । ବାଲେଶ୍ୱର ଜିଲ୍ଲାର ଦୁଇଟି 'କୋରକରା' ଅତୀତରେ ବିଭିନ୍ନ ସମୟରେ ଗୋଟିଏ ନାମରେ ଯେ ଦୁଇଟି ବନ୍ଦର ହୋଇଥିଲା ଏଥିରେ କୌଣସି ସନ୍ଦେହ ନାହିଁ । ଏ ଦୁଇଟି ମଧ୍ୟରୁ ଟଲେମିଙ୍କ 'କୋରକୋରା' ବା ମୂଳ 'କୋରକରା'କୁ ବାଛିବା କଠିନ ହେଲେ ମଧ୍ୟ, ସେକାଳର ଭୌଗୋଳିକ ପରିସ୍ଥିତି ଓ ଅକ୍ଷାଂଶ, ଦ୍ରାଘିମାକୁ ବିଚାରକୁ ନେଲେ, ବର୍ତ୍ତମାନ ନଦୀ ନଥିବା, ବାଲେଶ୍ୱର ସହର ନିକଟର 'କୋରକରା'କୁ ମୂଳ 'କୋକରା ବା କୋକଲି ରୂପେ ଗ୍ରହଣ କରାଯାଇ ପାରେ ।

## ଆଡ଼ାମସ୍ ନଦୀର ମୁହାଣ

ଏହାପରେ ଟଲେମି ଆଡ଼ାମସ୍ (Adamas) ନଦୀର ମୁହାଣ ଦର୍ଶାଇଛନ୍ତି । ସୁବର୍ଣ୍ଣରେଖା ନଦୀକୁ ଲସେନ୍ (Lassen) ଆଡ଼ାମସ୍ ରୂପେ ଗ୍ରହଣ କରିଥିବା ସ୍ଥଳେ, ୟୁଲ୍ (Yule) ବୈତରଣୀକୁ 'ଆଡ଼ାମସ୍' ରୂପେ ଗ୍ରହଣ କରିଛନ୍ତି । 'ଅଡ଼ାମସ୍' ଏକ ଗ୍ରୀକ ଶବ୍ଦ ଓ ଏହାର ଅର୍ଥ ହୀରା । ଟଲେମି 'ଆଲେକ-ଜାଣ୍ଡ୍ରିଆର ଲୋକ ହୋଇଥିବାରୁ, ତାଙ୍କ ଉପରେ ଗ୍ରୀକ୍ ଭାଷାର ପ୍ରଭାବକୁ ୟୁଲ ଗ୍ରହଣକରି ନେଇଛନ୍ତି । ବ୍ରାହ୍ମଣୀନଦୀର ଏକ ଲୁପ୍ତଧାର ନିକଟରେ ଏକଦା ହୀରା ମିଳୁଥିବାରୁ, ଏହି ନଦୀକୁ ଟଲେମି 'ଆଡ଼ମସ୍' କହିଥିବା ୟୁଲ ବିଶ୍ୱାସ କରିଛନ୍ତି । ୟୁଲଙ୍କର ଏହି ମତ ଭ୍ରାନ୍ତିପୂର୍ଣ୍ଣ । ଟଲେମି କଳିଙ୍ଗ ଉପକୂଳର ପୂର୍ବବର୍ତ୍ତୀ ବନ୍ଦରଗୁଡ଼ିକ କ୍ଷେତ୍ରରେ ଗ୍ରୀକ୍ ପ୍ରତିଶବ୍ଦ ପ୍ରୟୋଗ କରିନାହାନ୍ତି । ତେଣୁ ଏ କ୍ଷେତ୍ରରେ କରିଥିବା ବିଶ୍ୱାସଯୋଗ୍ୟ ମନେ ହୁଏ ନାହିଁ । ବୋଧହୁଏ ସୁବର୍ଣ୍ଣରେଖା ନଦୀର ନାମ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ 'ଅମଦ' ବା 'ଅମର୍ଦ୍ଦ' ଥିଲା । ଏହି ନାମର ସ୍ମୃତି ବହନ କରି, ଏହାର ମୁହାଣର ଅଳ୍ପଦୂରରେ ଆଜି 'ଅମର୍ଦ୍ଦା' ନାମକ ସ୍ଥାନ ରହିଛି । ଟଲେମିଙ୍କ ଉପରେ ଗ୍ରୀକ୍ ଭାଷାର ପ୍ରଭାବରୁ ତତ୍କାଳୀନ 'ପାଲିଭାଷାର 'ଅମଦ' 'ଅମଦସ ବା 'ଅମଦସ୍'କୁ ରୂପାନ୍ତରିତ ହୋଇଛି । ଟଲେମିଙ୍କ ମୂଳ ଲେଖାର ଲାଟିନ୍ ଅନୁବାଦ ବେଳେ କିମ୍ବା ଷୋଡ଼ଶ ଶତାବ୍ଦୀରେ ଗ୍ରୀକ୍ ଅନୁବାଦ ବେଳେ, କୌଣସି ଲେଖକଙ୍କର ସାମାନ୍ୟ ତ୍ରୁଟିରୁ 'ଅମ୍‌ଦସ' ଆଜି 'ଅଦାମସ୍ ହୋଇଯାଇଛି । ଦୁଇଟି ଅକ୍ଷରର ସ୍ଥାନ ପରିବର୍ତ୍ତନ ବ୍ୟତୀତ ଶବ୍ଦ ଦୁଇଟି ସମାନ ରହିଥିବାରୁ, ସୁବର୍ଣ୍ଣରେଖା ନଦୀକୁ ଟଲେମିଙ୍କ ଅଦମସ୍ ବା ଅଦମସ୍ ରୂପେ ଆଜି ଗ୍ରହଣ କରାଯାଇପାରେ ।

## ବନ୍ଦର ନାମ କୋସମ୍ବା

ଅଦମସ୍‌ର ପରବର୍ତ୍ତୀ ବନ୍ଦରକୁ ଟଲେମି 'କୋସମ୍ବା ବା 'କୋସବା' କହିଛନ୍ତି । 'ୟୁଲ' ଏହି କୋସମ୍ବାକୁ ବାଲେଶ୍ୱର ନିକଟରେ ଦେଖାଇଥିବା ସ୍ଥଳେ 'ଲସେନ୍' ଏହାକୁ ସୁବର୍ଣ୍ଣରେଖା ମୁହାଣରେ ଦର୍ଶାଇଛନ୍ତି । ଏକଥା ସତ୍ୟଯେ, ପ୍ରାଚୀନ କୈଶାମ୍ବୀ ନଗରୀର ନାମକୁ ଅନୁସରଣ କରି ସେ ସମୟରେ ବୌଦ୍ଧଧର୍ମ ବିକାଶ ଲାଭ କରିଥିବା, ପୂର୍ବ ଉପକୂଳବର୍ତ୍ତୀ ଏକ ଅଞ୍ଚଳକୁ କୋସମ୍ବା କୁହାଯାଉଥିଲା । ଏହି ଅଞ୍ଚଳଟି ଚିହ୍ନିତ କରିବାରେ ଆଜି ମୋଟେ ଅସୁବିଧା ହୁଏ ନାହିଁ । ଓଡ଼ିଶାର ଉତ୍ତରସୀମା ଓ ବଙ୍ଗଳାର ଦକ୍ଷିଣ ସୀମାବର୍ତ୍ତୀ ଅଞ୍ଚଳରେ ଏହି କୋସବା ନାମ ଯୁକ୍ତ କେତେକ ସ୍ଥାନ ଏବେବି ଦେଖିବାକୁ ମିଳେ । ସେହି ସ୍ଥାନ ଗୁଡ଼ିକ ହେଲା :–କାସ୍‌ବା କମରଦା (ବାଲେଶ୍ୱର), କାସ୍‌ବା ନାରାୟଣ ଗଡ଼, ଅମର୍ସି କାସ୍‌ବା ଓ ପୋଟସପୁର କାସ୍‌ବା (ମେଦିନ୍ ପୁର) । ଏହି ସ୍ଥାନଗୁଡ଼ିକ ଏକ ବୃହତ ଅଞ୍ଚଳରେ ବିସ୍ତୃତ । ବୋଧହୁଏ ଏକଦା ସୁବର୍ଣ୍ଣରେଖା ମୁହାଣଠାରୁ ଗଙ୍ଗାନଦୀ ମୁହାଣ ଭିତରେ ଥିବା ଅଞ୍ଚଳକୁ 'କୋସମ୍ବା' ବା କୋସ୍‌ବା'କୁହାଯାଉଥିଲା । ଏହାର ସମୁଦ୍ରତୀରବର୍ତ୍ତୀ ଅଞ୍ଚଳ, ବିଶେଷତଃ ମେଦିନ ପୁରର 'ଦୀପଲି (ଦୀପପାଳ) ଓ ପାଟଣା ପ୍ରଭୃତି ସ୍ଥାନ ନିକଟରେ ଏକ କ୍ଷୁଦ୍ର ନଦୀତୀରରେ ଏହି ବନ୍ଦର ଏକଦା ଅବସ୍ଥିତ ଥିଲା ।

## ଟଲେମିଙ୍କ ବର୍ଣ୍ଣନାରେ ସ୍ଥାନ ନପାଇଥିବା କେତେକ ବନ୍ଦର

'କୋସମ୍ବା' ପରେ ଟଲେମି ଗଙ୍ଗାନଦୀ ମୁହାଣର ପାଞ୍ଚଟି ଧାରର ବର୍ଣ୍ଣନା ଦେବା ସଙ୍ଗେ ସଙ୍ଗେ ପୋଲଉର (Poloura) ଓ ତିଲୋଗ୍ରାମ (Trilogrammon) ନାମକ ଦୁଇଟି ନଗରର ଉଲ୍ଲେଖ କରିଛନ୍ତି । କିନ୍ତୁ ଏ ଗୁଡ଼ିକ ଭିତରେ ତତ୍କାଳୀନ ପ୍ରଧାନ ବନ୍ଦର 'ତାମ୍ରଲିପ୍ତ' ସ୍ଥାନ ପାଇନାହିଁ । ଖ୍ରୀଷ୍ଟଜନ୍ମର ୬୦୦ ବର୍ଷ ପୂର୍ବରୁ ଏହି ବନ୍ଦର ବିକାଶଲାଭ କରିଥିଲେ ସୁଦ୍ଧା ଟଲେମିଙ୍କ ବର୍ଣ୍ଣନାରୁ କିପରି ବାଦ୍ ପଡ଼ିଗଲା, ସହଜରେ ବୁଝିହୁଏ ନାହିଁ । ଠିକ ସେହିପରି କଳିଙ୍ଗ ଉପକୂଳର ଅନ୍ୟ କେତେକ ପ୍ରଧାନ ବନ୍ଦର ମଧ୍ୟ ଟଲେମିଙ୍କ ବର୍ଣ୍ଣନାରେ ସ୍ଥାନ ପାଇନଥିବା ବିଶ୍ୱାସ କରଯାଇ ପାରେ । ଦୀର୍ଘ ଅଠର ଶହ ବର୍ଷ ଭିତରେ ଭୌଗୋଳିକ ପରିସ୍ଥିତିର ଅନେକ ପରିବର୍ତ୍ତନ ହୋଇଥିବା ସତ୍ତ୍ୱେ, ଆଜି ଓଡ଼ିଶାର ଉପକୂଳରେ ଶହଶହ ସ୍ଥାନ ପ୍ରାଚୀନ ବନ୍ଦରର ଲକ୍ଷଣ ବହନ କରେ । ଅନେକ ସ୍ଥାନରେ ସେଦିନର ସମୁଦ୍ର ସଂଯୋଗକାରୀ, ସୁଗଭୀର ଓ ସୁନାବ୍ୟ ନଦୀଟି ଆଜି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଥିଲେ ବି ଅଧିକାଂଶ ସ୍ଥଳରେ ତା'ର ଅସ୍ତିତ୍ୱ ରହିଛି । କେତେକ ସ୍ଥଳରେ ତା'ହା ଏକ ଛିନ୍ନଧାରରେ ପରିଣତ ହୋଇଛି । କିନ୍ତୁ ଏହ ସବୁ ପ୍ରାଚୀନ ବନ୍ଦରର ସ୍ଥାନ ନିରୂପଣ କରିବାରେ ବିଶେଷ ଅସୁବିଧା ହୁଏ ନାହିଁ । ଏ କ୍ଷେତ୍ରରେ କେବଳ ଗୋଟିଏ ଉଦାହରଣ ଦେଲେ ବୋଧହୁଏ ଯଥେଷ୍ଟ ହେବ ।

ଭୁବନେଶ୍ୱର ସହରର ମାତ୍ର କେତେ ମାଇଲ ଦୂରରେ ଖଣ୍ଡଗିରିର ଦକ୍ଷିଣ ଦିଗରେ ପାତ୍ରପଡ଼ା ଓ ଭଗବାନ ପୁର

ନାମରେ ଦୁଇଟି ବଡ଼ ଗାଁ ଅଛି । ଏଇ ଗାଁ ଦୁଇଟିର ଅନ୍ତଦୂରରେ, ଏକ ଅପେକ୍ଷାକୃତ ନିମ୍ନଭୂମିରେ ଗୋଟିଏ ଖୁବ୍ ବଡ଼ ମାଟି ଢ଼ୁଦ ରହିଛି । ଲୋକେ ଏହାକୁ ବନ୍ଦରମୁଣ୍ଡିଆ କହନ୍ତି । ଏହି ମୁଣ୍ଡିଆ ଉପରେ ଗୋଟିଏ କୂଅ ଓ ଦୁଇ ପାଖରେ ଦୁଇଟି ବଡ଼ ପୋଖରୀ ଅଛି । ସେ ଅଞ୍ଚଳରେ କୌଣସି ଜନବସତି ନାହିଁ । ତଥାପି ଲୋକେ ସେହିସ୍ଥାନକୁ ପାଟଣା କହନ୍ତି ! ନଈ କିମ୍ବା ନାଳ ନଥାଇ, ଏପରି ଏକ ଅଞ୍ଚଳକୁ କାହିଁକି ପାଟଣା କୁହାଗଲା, ଅନୁସନ୍ଧାନ କରିବାରୁ ଜଣାଗଲା—କେତେଶହ ବର୍ଷତଳେ ଏଠାରେ ଏକ କ୍ଷୁଦ୍ରନଦୀ ପ୍ରବାହିତ ହେଉଥିଲା ଓ ଏହା ଶିଶୁପାଳଗଡ଼' ନିକଟରେ ବହିଯାଉଥିବା ଗଙ୍ଗୁଆନଦୀ' ସହିତ ସଂଯୁକ୍ତ ଥିଲା । ଏହି ଅଞ୍ଚଳର କେତେକ ପୁରାତନ ମାନଚିତ୍ରରେ ଏହିନଦୀ ଏବେବି ଦେଖିବାକୁ ମିଳେ । ଏ ଗାଁରେ ଏବେବି କେତୋଟି ଖଣ୍ଡରା ଓ କେଉଟ ପରିବାର ଅଛନ୍ତି, ଯେଉଁମାନଙ୍କୁ କଳିଙ୍ଗର ପ୍ରାଚୀନ ନାବିକ 'ନାଗସଂପ୍ରଦାୟ'ଙ୍କ ବଂଶଧର କୁହାଯାଇପାରିବ । ଏ ଗାଁରେ 'ବାଲୁକେଶ୍ୱର' ମହାଦେବ ଅଛନ୍ତି ଓ ଦକ୍ଷିଣ—ପୂର୍ବ ଏସିଆର ପ୍ରାଚୀନ ସଂସ୍କୃତିର ଅନୁରୂପ ଦଣ୍ଡନାଟ ଓ ଘୋଡ଼ାନାଚ ଇତ୍ୟାଦିର ପ୍ରଥା ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ଏହିଯେ—ଏ ଗାଁର 'ପାଟଣା' ବା 'ବନ୍ଦରମୁଣ୍ଡିଆ ନିକଟରେ ତିନୋଟି ଛୋଟ ଗାଁ ଏବେ ରହିଛି, ଯାହାର ନାମ :— ପାଣ୍ଡିଆପଡ଼ା (ପାଣ୍ଡ୍ୟପଡ଼ା), ବାଲିଆପଡ଼ା (ବାଲିପଡ଼ା), ଓ କାଶିପୁର । ଏତିକି ପ୍ରମାଣରୁ ମନେ ହୁଏ, ପ୍ରାୟ ଦୁଇ ହଜାର ବର୍ଷପୂର୍ବେ ଏଠାରେ ଏକ ନଦୀବନ୍ଦର ରହିଥିଲା, ଯେଉଁ ବନ୍ଦର ମୁଣ୍ଡିଆ ଆଜି ଲୋକ ମୁଖରେ 'ବନ୍ଦର ମୁଣ୍ଡିଆରେ' ପରିଣତ ହୋଇଛି । ଏଠାରେ ତତ୍‌କାଳୀନ ପ୍ରବାହମାନ କ୍ଷୁଦ୍ରନଦୀଟି କଳିଙ୍ଗର ରାଜଧାନୀ 'କଳିଙ୍ଗନଗର' (ଶିଶୁପାଳଗଡ଼) ସହ ସଂଯୁକ୍ତଥିଲା । ଏଠାରେ ଦକ୍ଷିଣ ଭାରତର ପାଣ୍ଡ୍ୟରାଜ୍ୟ, ଉତ୍ତରଭାରତର କାଶିରାଜ୍ୟ ଓ ସୁଦୂର ବାଲିଦ୍ୱୀପର ତିନୋଟି ବାଣିଜ୍ୟ ଉପନିବେଶ ରହିଥିଲା ।

## ସହାୟକ ଗ୍ରନ୍ଥ ସୂଚୀ :

1. H. B. Sarakar, "Cultural relations batween India and Southeast Asian Countries". indian Council for Cultural relations, New Dethi, 1985.

2. G. Coedes, "The Indianized States of South east Asia", The University Press of Howaii Honolulu, 1968.

3. G. E. Gerini, "Researches on Ptolemy's Geography of Eastern Asia", Oriental Books Reprint Corporation, New Delhi,

4. S. Majumdar Sastri, "Mc Crindle's Ancient India as described by Ptolemy" Chuckervertty, Chatterjee and Co. Ltd. Calcutta, 1927.

5. James Horneil, Memoirs of The Asiatic Society of Bengal Vol. VII, 1918—1923, Baptist Mission Press, Calcutta, 1923.

6. K. C. Panigrahi, History of Orissa, Kitab Mahal, Cuttack, 1966.

7. Orissa Administrative Atlas. Census, of India, 1961. Volume XII, Part IX-B, Published by The Manager of Publications, New Delhi, 1964.

ଉପ ନିର୍ଦ୍ଦେଶକ
ରାଜ୍ୟ ପରିବାର ନିଯୋଜନ ନିର୍ଦ୍ଦେଶାଳୟ
ଆଇ. ଇ. ସି. ସେଣ୍ଟର, ନୂଆପଲ୍ଲୀ, ଭୁବନେଶ୍ୱର



# ରାଷ୍ଟ୍ରୀୟ ସାମାଜିକ ବିଜ୍ଞାନ ପ୍ରଲେଖନ କେନ୍ଦ୍ର

ଡ଼ଃ ସୁଧାଂଶୁଗୋବିନ୍ଦ ଦାସ

ପ୍ରାଚୀନ କାଳରେ ଆମ ଦେଶକୁ ବିଦେଶରୁ ଗବେଷକମାନେ ଉଚ୍ଚତର ଗବେଷଣା ପାଇଁ ଆସୁଥିଲେ । ଇତିହାସ ପୃଷ୍ଠାରେ ସେହି ଗବେଷକ ଓ ଗବେଷଣାଗାରମାନଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି । ତେବେ ସେ ସୁବର୍ଣ୍ଣଯୁଗ ଅଳ୍ପ କେତେକ ଶତାବ୍ଦୀ ମଧ୍ୟରେ ସୀମିତ ମାତ୍ର । ପରାଧୀନ ଭାରତ ସବୁଦୃଷ୍ଟିରୁ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ପଡ଼ିଲା । ଏ ଦେଶରେ ସେ ସମୟରେ ଆଉ ଗବେଷଣା ରହିଲା ନାହିଁ କହିଲେ ଚଳେ । ଦୁର୍ଭାଗ୍ୟ ଏକା ଆସେ ନାହିଁ, ସାଙ୍ଗରେ ବନ୍ଧୁ ସହୋଦରମାନଙ୍କୁ ନେଇଆସେ । ଆମେ ସବୁ ଦୃଷ୍ଟିରୁ ପରାଧୀନ ହୋଇଗଲୁ ।

୧୯୦୩ ପର୍ଯ୍ୟନ୍ତ ଇଂରେଜମାନେ ଆମ ଦେଶରେ ଗବେଷଣା ପାଇଁ କୌଣସି ସୁବିଧା କରି ନ ଥିଲେ ବୋଲି କହିବାକୁ ହେବ । କେବଳ କେତୋଟି ଗୁଡ଼ିଏ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିଦେଲେ ତ ଗବେଷଣା ପାଇଁ ସଂପୂର୍ଣ୍ଣ ଅନୁକୂଳ ପରିସ୍ଥିତି ସୃଷ୍ଟି ହୁଏ ନାହିଁ । ଫଳରେ ଆମ ଦେଶର ଗବେଷକମାନେ ସେ ସମୟରେ ବିଦେଶକୁ ଗବେଷଣା ପାଇଁ ଯିବାକୁ ବାଧ୍ୟ ହେଉଥିଲେ । ଏପରିକି ଅନେକ ସାମାନ୍ୟ ସ୍ନାତକୋତ୍ତର ଶିକ୍ଷା ପାଇଁ ମଧ୍ୟ ବିଦେଶକୁ ଯାଇ ନିଜକୁ ଧନ୍ୟ ମଣୁଥିଲେ । ମୁସଲମାନମାନଙ୍କ ଅମଳରେ ଆମଦେଶର ଅନେକ ଉପାଦେୟ ଗ୍ରନ୍ଥ ଲୁଣ୍ଠନକାରୀମାନେ ନିଜ ଦେଶକୁ ନେଇ ଯାଇଥିଲେ । ଏ ଦେଶର ଅନେକ ମୂଲ୍ୟବାନ ଗ୍ରନ୍ଥ ଇଂରେଜମାନଙ୍କ ଅମଳରେ ଲଣ୍ଡନସ୍ଥିତ ଇଣ୍ଡିଆ ଅଫିସ ଲାଇବ୍ରେରୀକୁ ନିଆଯାଇଥିଲା । ଏହା ଫଳରେ ଆମ ଦେଶର ଅପୂରଣୀୟ କ୍ଷତି ହୋଇଅଛି ।

ଲର୍ଡ଼ କର୍ଜନ ୧୯୦୩ରେ କଲିକତାରେ ଇମ୍ପେରିଏଲ୍ (Emperial) ଲାଇବ୍ରେରୀ ପ୍ରତିଷ୍ଠା କରନ୍ତି । ସ୍ୱାଧୀନତା ପରେ ଏହା ଜାତୀୟ ଗ୍ରନ୍ଥାଗାର (National Library) ଭାବେନାମିତ ହୋଇଅଛି । ଭାରତରେ ଗବେଷଣାର ସୁବିଧା ସୁଯୋଗ ସୃଷ୍ଟି କ୍ଷେତ୍ରରେ ଇଂରେଜମାନଙ୍କର ଏହା ବୋଧହୁଏ ପ୍ରଥମ ପଦକ୍ଷେପ କିନ୍ତୁ ସ୍ୱାଧୀନତା ପରେ ଆମ ଜାତୀୟ ସରକାର ଗବେଷଣାର ପ୍ରସାର ପାଇଁ ବହୁତ ଅନୁଷ୍ଠାନ ଓ ପରିଷଦମାନ ସୃଷ୍ଟି କରି ଅଛନ୍ତି । ଫଳରେ ଭାରତୀୟ ଗବେଷକମାନେ ବର୍ତ୍ତମାନ ଗବେଷଣା ପାଇଁ ବିଦେଶ ଉପରେ ଆଉ ସେତେଟା ନିର୍ଭରଶୀଳ ନୁହନ୍ତି । ଏହି ପରିଷଦମାନଙ୍କ ମଧ୍ୟରେ ୧୯୬୯ ରେ ପ୍ରତିଷ୍ଠିତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (Indian Council of Social Science Research, ICSSB ) ଅନ୍ୟତମ ।

ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ଆନୁକୂଲ୍ୟରେ ସାମାଜିକ ବିଜ୍ଞାନ ପ୍ରଲେଖନ କେନ୍ଦ୍ର (Socil Science Documentation Centre, S.S.D.C.) ୧୯୭୦ରେ ପ୍ରତିଷ୍ଠିତ ହୁଏ ।ଗତବର୍ଷଠାରୁ ଏହି "ସାମାଜିକ ବିଜ୍ଞାନ ପ୍ରଲେଖନ କେନ୍ଦ୍ର" ରାଷ୍ଟ୍ରୀୟ ମର୍ଯ୍ୟାଦା ଲାଭକରି "ରାଷ୍ଟ୍ରୀୟ ସାମାଜିକ ବିଜ୍ଞାନ ପ୍ରଲେଖନ କେନ୍ଦ୍ର" (National Social Science Documentation Centre, N.S.S.D.C.) ରେ ନାମିତ ହୋଇଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀସ୍ଥିତ ୩୫, ଫିରୋଜସାହା ମାର୍ଗରେ ଅବସ୍ଥିତ ।

ବିଜ୍ଞାନ ଯେପରି ଦ୍ରୁତ ଅଗ୍ରଗତି କରୁଛି, ସାମାଜିକ ବିଜ୍ଞାନ ମଧ୍ୟ ସେହିପରି ଦ୍ରୁତଗତିରେ ସମୃଦ୍ଧି ପଥରେ ଅଗ୍ରସର ହେଉଛି । ଇତିହାସ, ରାଜନୀତି, ବିଜ୍ଞାନ, ଅର୍ଥନୀତି, ବାଣିଜ୍ୟ ଶିକ୍ଷା, କୃଷି, ଆଇନ, ଭୂଗୋଳ, ସମବାୟ, ଭ୍ରମଣ, ଗ୍ରନ୍ଥାଗାର ବିଜ୍ଞାନ ପ୍ରଭୃତି ସମାଜର ହିତ ସାଧନକାରୀ ବିଷୟଗୁଡ଼ିକ ସାମାଜିକ ବିଜ୍ଞାନ ଅନ୍ତର୍ଭୁକ୍ତ । ଏହିସବୁ ବିଷୟମାନଙ୍କରେ ଉଚ୍ଚତର ଓ ଉନ୍ନତତର ଗବେଷଣା ଦିଗରେ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ପ୍ରତିଷ୍ଠିତ ହୋଇଛି । ସାମାଜିକ ବିଜ୍ଞାନ ପ୍ରଲେଖନ କେନ୍ଦ୍ର ଗବେଷକମାନଙ୍କୁ ସମସ୍ତପ୍ରକାର ସହାୟତା କରି ସେମାନଙ୍କ ଗବେଷଣାକୁ ସଫଳ ଓ ସହଜସାଧ୍ୟ କରିବାରେ ସହାୟତା କରନ୍ତି । ସାମାଜିକ ବିଜ୍ଞାନ କ୍ଷେତ୍ରରେ ଉପଯୁକ୍ତ ସହାୟକ ଗ୍ରନ୍ଥମାନଙ୍କର ଏକ ବୃହତ୍ ସଂଗ୍ରହ ପ୍ରତିଷ୍ଠା. ରାଷ୍ଟ୍ରୀୟ ସାମାଜିକ

ବିଜ୍ଞାନ ପ୍ରଲେଖନ କେନ୍ଦ୍ରର ପ୍ରଥମ ଓ ମୂଳ ଉଦ୍ଦେଶ୍ୟ । ଏହା ମଧ୍ୟରେ ଅନ୍ତର୍ଭୁକ୍ତ:— ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ଡକ୍ଟରେଟ୍ ଉପାଧିପାଇଁ ଅନୁମୋଦିତ ଓ ବିଦେଶରେ ଭାରତ ସମ୍ବନ୍ଧୀୟ ପ୍ରକାଶିତ ସମସ୍ତ ପ୍ରକାଶିତ ଓ ଅପ୍ରକାଶିତ ସନ୍ଦର୍ଭ ଏହି ସଂସ୍ଥା ସଂଗ୍ରହ କରିଥାନ୍ତି ।

ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ପ୍ରଭୃତି ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ହୋଇଥିବା ଗବେଷଣାତ୍ମକ କାର୍ଯ୍ୟକ୍ରମରେ ରିପୋର୍ଟ ମଧ୍ୟ ଏହି ସଂସ୍ଥା ଗବେଷକମାନଙ୍କର ସୁବିଧା ପାଇଁ ମହଜୁଦ ରଖନ୍ତି ।

ଏହି ପରିଷଦ ଦ୍ୱାରା ଆୟୋଜିତ ପାଠଚକ୍ର ଓ ଆଲୋଚନା ଚକ୍ରମାନଙ୍କରେ ଉପସ୍ଥାପିତ ସନ୍ଦର୍ଭଗୁଡ଼ିକ ମଧ୍ୟ ଏହି କେନ୍ଦ୍ରରେ ରଖାଯାଇଛି । ସାମାଜିକ ବିଜ୍ଞାନ ଗବେଷଣା ପାଇଁ ଉଦ୍ଦିଷ୍ଟ ସମସ୍ତ ପତ୍ର ପତ୍ରିକା ମହଜୁଦ୍ ରଖି ଏହି ସଂସ୍ଥା ଗବେଷଣାରେ ସହାୟତା କରିଥାନ୍ତି । ଗବେଷକମାନେ ଆବଶ୍ୟକ କଲେ ସମସ୍ତ ସନ୍ଦର୍ଭ ବା ପ୍ରବନ୍ଧମାନଙ୍କର ଫଟୋ ନକଲ (ଜେରକ୍ସ) ଏଠାରୁ ପାଇ ପାରିବେ । ବିଭିନ୍ନ ସାମାଜିକ ବିଜ୍ଞାନ ଗ୍ରନ୍ଥ ପଞ୍ଜିମାନ ପ୍ରଣୟନ ଏହି କେନ୍ଦ୍ରର ଏକ ସାଧୁ ଉଦ୍ୟମ । ଏପର୍ଯ୍ୟନ୍ତ ୪୬ଟି ଗ୍ରନ୍ଥ ପଞ୍ଜି ଏଠାରେ ସଂକଳିତ ହୋଇଛି । ଗବେଷକମାନେ ଇଚ୍ଛାକଲେ ସେମାନଙ୍କ ମନଇଚ୍ଛା ଗ୍ରନ୍ଥ ପଞ୍ଜି ମଧ୍ୟ ଏଠାରୁ ପାଇ ପାରିବେ । ଏହିପରି ସହାୟତା ଗବେଷଣା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ବିଭିନ୍ନ ଆନ୍ତର୍ଜାତିକ ପ୍ରଲେଖନ କେନ୍ଦ୍ର-ମାନଙ୍କୁ ଏଠାରୁ ଭାରତୀୟ ପ୍ରକାଶନମାନଙ୍କର ଗ୍ରନ୍ଥ ପଞ୍ଜିମାନ ଅନୁରୋଧ କ୍ରମେ ଯୋଗାଇଦେବା ବ୍ୟବସ୍ଥା ଏଠାରେ କରାଯାଏ । ଗବେଷକମାନଙ୍କୁ ସେମାନଙ୍କର ଇଚ୍ଛା ଅନୁସାରେ ଯେ କୌଣସି ଗ୍ରନ୍ଥାଗାରରେ ଅଧ୍ୟୟନ କରିବାକୁ ଅଧ୍ୟୟନ ଅନୁଦାନ (Study grant) ଏହି କେନ୍ଦ୍ରରୁ ମିଳିଥାଏ । ଏହି ଭତ୍ତାର ପରିମାଣ ଦୈନିକ ୨୦ଟଙ୍କା ଓ ପ୍ରାୟ ୪୨ ଦିନ ପାଇଁ ଏହି ଭତ୍ତା ମିଳିଥାଏ । ସେହି ଗ୍ରନ୍ଥାଗାରକୁ ଯିବା ଆସିବା ପାଇଁ ପରିବହନ ଖର୍ଚ୍ଚ ମଧ୍ୟ ଏହି ଅଧ୍ୟୟନ ଅନୁଦାନର ଅନ୍ତର୍ଭୁକ୍ତ । ସାମାଜିକ ବିଜ୍ଞାନ ଅନୁଷ୍ଠାନମାନଙ୍କୁ ଏଠାରୁ ପ୍ରଲେଖନ ଓ ସୂଚନା ସମ୍ବନ୍ଧୀୟ ତଥ୍ୟମାନ ଯୋଗାଇ ଦିଆଯାଏ । ଏହି କେନ୍ଦ୍ରର କର୍ମଚାରୀମାନଙ୍କୁ ବିଭିନ୍ନ ପାଠଚକ୍ର ଓ ଆଲୋଚନା ଚକ୍ରମାନଙ୍କରେ ଯୋଗ ଦେବାପାଇଁ ପଠାଯାଇ ସେମାନଙ୍କୁ ଗବେଷକମାନଙ୍କ ସାହାଯ୍ୟ ପାଇଁ ସକ୍ଷମ ହେବାକୁ ତାଲିମ୍ ଦିଆଯାଏ । ଆନ୍ଧ୍ର ରାଜ୍ୟର ମୁକ୍ତ ବିଶ୍ୱବିଦ୍ୟାଳୟମାନଙ୍କରେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ପାଠ୍ୟକ୍ରମ ପାଇଁ ଏହି କେନ୍ଦ୍ରରୁ ସହାୟତା ଯୋଗାଇ ଦିଆ-ଯାଇଅଛି । ଜାତୀୟ ଓ ଆନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହିତ ଏହି କେନ୍ଦ୍ର ଗ୍ରନ୍ଥାଦି ଆଦାନ ପ୍ରଦାନ (Exchange Programme) ପାଇଁ ଚୁକ୍ତିବଦ୍ଧ । ବିଶ୍ୱର ୧,୫୦୦ ସଂସ୍ଥା ଏହି ପରିସରଭୁକ୍ତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ଦ୍ୱାରା ପ୍ରକାଶିତ ତଥା ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥମାନଙ୍କର କ୍ରୟ ବିକ୍ରୟ ପାଇଁ ଏହି ସଂସ୍ଥା ଗ୍ରନ୍ଥ ମେଳାର ଆୟୋଜନ କରି-ଥାନ୍ତି । ଅନୁରୋଧ କଲେ ବ୍ୟକ୍ତି ବିଶେଷଙ୍କୁ ଏଠାରୁ ପୁସ୍ତକାଦି ମଧ୍ୟ ଯୋଗାଇ ଦିଆଯାଏ । ଏହି କେନ୍ଦ୍ରର ଗ୍ରନ୍ଥାଗାର ବର୍ଷର ତିନୋଟି ଜାତୀୟ ପର୍ବ ବ୍ୟତୀତ (ସ୍ୱାଧୀନତା ଦିବସ, ସାଧାରଣ ତନ୍ତ୍ର ଦିବସ, ଓ ଗାନ୍ଧୀଜୟନ୍ତୀ) ବ୍ୟତୀତ ବର୍ଷର ସବୁଦିନ ଗବେଷକ-ମାନଙ୍କ ପାଇଁ ଉନ୍ମୁକ୍ତ । ସକାଳ ୯ଟା-୩୦ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଏହି ଗ୍ରନ୍ଥାଗାରର ଦ୍ୱାର ପାଠକମାନଙ୍କ ପାଇଁ ଉନ୍ମୁକ୍ତ । ଭାରତୀୟ ସାମାଜିକ ବିଜ୍ଞାନ କ୍ଷେତ୍ରରେ ପ୍ରକାଶିତ ସମସ୍ତ ପତ୍ର ପତ୍ରିକା ଏଠାରେ ମିଳିଥାଏ । ସାମାଜିକ ବିଜ୍ଞାନ ପାଇଁ ଉଦ୍ଦିଷ୍ଟ ସମସ୍ତ ସହାୟକ ଗ୍ରନ୍ଥ ତଥା ବିଷୟ ଅଭିଧାନ, ବିଶ୍ୱକୋଷ ଗ୍ରନ୍ଥ ପଞ୍ଜି, ସୂଚୀ ପ୍ରଭୃତି ମଧ୍ୟ ଏହି ଗ୍ରନ୍ଥାଗାରରେ ମିଳେ । ଗବେଷଣା ପାଇଁ ଆବଶ୍ୟକ ହେଉଥିବା ଗ୍ରନ୍ଥମାନଙ୍କର ସନ୍ଧାନ ଗ୍ରନ୍ଥପଞ୍ଜିମାନଙ୍କରୁ ମିଳିଥାଏ । ତେଣୁ ସବୁ ପ୍ରକାର ଗ୍ରନ୍ଥ ପଞ୍ଜି ମହଜୁଦ ରଖି ଏହି କେନ୍ଦ୍ର ଗବେଷକମାନଙ୍କର ଯଥେଷ୍ଟ ଉପକାର କରିଥାନ୍ତି । ଭାରତୀୟ ସାମାଜିକ ଗବେଷଣା ପରିଷଦ ଦ୍ୱାରା ପ୍ରକାଶିତ ସମସ୍ତ ମୂଲ୍ୟ ଦିଆଯାଉଥିବା (Priced) କିମ୍ବା ମାଗଣା (Non-Priced) ପ୍ରକାଶନ ତଥା ଏହି ପରିଷଦ ଅର୍ଥ ସହାୟତାରେ ପ୍ରକାଶିତ ହୋଇଥିବା ଗ୍ରନ୍ଥ ଓ ପତ୍ରିକା ଏଠାରେ ମହଜୁଦ୍ ଅଛି । ପି. ଏଚ୍. ଡି. ଡିଗ୍ରୀ ପାଇଁ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ସୁବିଧା ପାଇଁ ପ୍ରକାଶିତ ପି. ଏଚ୍. ଡି. ସନ୍ଦର୍ଭମାନ ଏଠାରେ ମିଳେ । ଏପର୍ଯ୍ୟନ୍ତ ୨୨,୦୦୦ ଅପ୍ରକାଶିତ ପି. ଏଚ୍. ଡି. ସନ୍ଦର୍ଭ ଓ ୧,୦୦୦ ଗବେଷଣା କାର୍ଯ୍ୟକ୍ରମର ବିବରଣୀଗୁଡ଼ିକ ମଧ୍ୟ ଏଠାରେ ସଂଗୃହିତ । ଏହି ସନ୍ଦର୍ଭ ତଥା ବିବରଣୀମାନଙ୍କର ତାଲିକା ସବୁବେଳେ ସମୟ ଉପଯୋଗୀ (Up-to-date) କରାଯାଏ । ଦିଲ୍ଲୀରେ ଅବସ୍ଥିତ ଗ୍ରନ୍ଥାଗାରମାନଙ୍କ ସହିତ ଏହି ଗ୍ରନ୍ଥାଗାର ସମବାୟ ଚୁକ୍ତିବଦ୍ଧ ହୋଇଥିବାରୁ ପାଠକମାନଙ୍କ ସୁବିଧା ପାଇଁ ଅନ୍ୟ ଗ୍ରନ୍ଥାଗାରମାନଙ୍କରୁ ଗ୍ରନ୍ଥ ବା ପତ୍ର ପତ୍ରିକା ମଧ୍ୟ ଧାର ସୂତ୍ରରେ ଆଣି ପାରନ୍ତି । ଦିଲ୍ଲୀରୁ ୩୮ଟି ଗ୍ରନ୍ଥାଗାର ଏହି କେନ୍ଦ୍ରର ସମବାୟ ସୂତ୍ରରେ ଚୁକ୍ତିବଦ୍ଧ । ସ୍ଥାନାଭାବରୁ କିଛିବର୍ଷ ତଳେ ଏହି ଗ୍ରନ୍ଥାଗାରର ୫,୫୦୦୦ ଗ୍ରନ୍ଥ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରକୁ ସ୍ଥାନାନ୍ତରିତ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ଏହି ଗ୍ରନ୍ଥମାନଙ୍କ ସଂରକ୍ଷଣ ପାଇଁ ନିକଟରେ ଏକ ସ୍ୱତନ୍ତ୍ର ଭବନ ନିର୍ମାଣ କରିଛନ୍ତି । ଫଳରେ ଅଧିକ ଗ୍ରନ୍ଥାଗାର ଏହି ଭବନରେ ସେମାନଙ୍କର ଗଚ୍ଛିତ ଗ୍ରନ୍ଥମାନ ମହଜୁଦ୍ ରଖି-ପାରିବେ ।

ସାମାଜିକ ବିଜ୍ଞାନ ପତ୍ରିକାମାନଙ୍କର ସବୁ ପ୍ରକାର ତାଲିକା ଏବଂ ନାସତ୍ରକ ସୂଚନା ସିରିଜ୍ ଏହି କେନ୍ଦ୍ରରେ ମିଳିଥାଏ । ବମ୍ବେ, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକରେ ମିଳୁଥିବା ସାମାଜିକ ବିଜ୍ଞାନ ପତ୍ରିକାମାନଙ୍କର ତାଲିକା ୧୯୭୨ରେ ଚାରି ଭାଗରେ ଏଠାରୁ ପ୍ରକାଶିତ ହୋଇଥିଲା । ଦିଲ୍ଲୀରେ ମିଳୁଥିବା ପତ୍ରିକା-ମାନଙ୍କର ତାଲିକାକୁ ୧୯୭୮,୮୨ ଓ ୮୫ରେ ସମୟୋପଯୋଗୀ (Up-to-date) କରାଯାଇଛି ।

ସମ୍ବାଦ ପତ୍ରମାନଙ୍କରେ ରାଜ୍ୟ ତଥା ଦେଶଓ୍ୱାରୀ ତାଲିକା ମଧ୍ୟ ଏଠାରେ ପ୍ରସ୍ତୁତ କରାଯାଏ । ଦିଲ୍ଲୀ ଗ୍ରନ୍ଥାଗାରମାନଙ୍କରେ ମିଳୁଥିବା ପୁରୁଣା ସମ୍ବାଦ ପତ୍ରମାନଙ୍କର ତାଲିକା ମଧ୍ୟ ପାଠକ-ମାନେ ଏଠାରେ ପାଇ ପାରିବେ ।

ଏହି ରାଷ୍ଟ୍ରୀୟ ସାମାଜିକ ବିଜ୍ଞାନ କେନ୍ଦ୍ର ଭାରତରେ ଥିବା ସମସ୍ତ ସାମାଜିକ ବିଜ୍ଞାନ ଅନୁଷ୍ଠାନମାନଙ୍କର ଏକ ଡାଇରେକ୍ଟୋରୀ ସଙ୍କଳନ କରିଅଛନ୍ତି ।

ଇଂରାଜୀ, ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁ ଏହି ଚାରି ଭାଷାରେ ମହାତ୍ମା ଗାନ୍ଧୀ ଗ୍ରନ୍ଥପଞ୍ଜି ଏଠାରେ ସଂକଳିତ ହୋଇଅଛି । ଏହାର ବଙ୍ଗଳା ଅନୁବାଦ ନିକଟରେ ପ୍ରକାଶିତ ହେବ ।

ଅଞ୍ଚଳ ଅଧ୍ୟୟନ ଗ୍ରନ୍ଥପଞ୍ଜି (Area study bibliography) ସଂକଳନ କାର୍ଯ୍ୟ ଏଠାରେ ୧୯୭୯ରୁ ଆରମ୍ଭ ହୋଇଅଛି । ସାମାଜିକ ବିଜ୍ଞାନ କ୍ଷେତ୍ରରେ ପ୍ରକାଶିତ ପୁସ୍ତକମାନଙ୍କର ଆଞ୍ଚଳିକ ଭିତ୍ତିରେ ତାଲିକା ସଂକଳନ ଏହି ଯୋଜନାର ଲକ୍ଷ୍ୟ । ନିର୍ଦ୍ଦିଷ୍ଟ ଅଞ୍ଚଳ ସମ୍ବନ୍ଧୀୟ ସବୁ ଭାଷାର ପ୍ରକାଶିତ ଗ୍ରନ୍ଥ ଏହି ଗ୍ରନ୍ଥପଞ୍ଜିରେ ସ୍ଥାନ ପାଇଅଛି ।

ପ୍ରତ୍ୟେକ ରାଜ୍ୟ କିମ୍ବା ଅଞ୍ଚଳରେ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ (Project Director)ଙ୍କ ତତ୍ତ୍ୱାବଧାନରେ ଏହି ସଂକଳନ କାର୍ଯ୍ୟ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଗୋଆ, ଦାମନ, ଡିଉ, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆନା ଓ ହିମାଚଳ-ପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ, ପ୍ରଭୃତିରେ ଶେଷହୋଇଛି । ଅବଶିଷ୍ଟ ରାଜ୍ୟ ଓ ଅଞ୍ଚଳମାନଙ୍କରେ ଏହି କାର୍ଯ୍ୟ ଆନ୍ତରିକତା ସହିତ ଅଗ୍ରଗତି କରି ଚାଲିଛି । ପ୍ରାୟ ଦଶହଜାର ଗ୍ରନ୍ଥ ଏହି ପ୍ରକଳ୍ପରେ ପଞ୍ଜିକୃତ କରାଯାଇଛି । ଓଡ଼ିଶା ଗ୍ରନ୍ଥପଞ୍ଜି ଗତବର୍ଷ ଡକ୍ଟର ରାଧାଗୋବିନ୍ଦ ଦାସଙ୍କ ଦ୍ୱାରା ସଂକଳିତ ହୋଇ ଏହି କେନ୍ଦ୍ରରେ ଗବେଷକମାନଙ୍କ ବ୍ୟବହାର ପାଇଁ ରଖାଯାଇଛି ।

ଭାଷା ଅଧ୍ୟୟନ ଗ୍ରନ୍ଥପଞ୍ଜି (Language Study Bibliographies ) ସଂକଳନ ଯୋଜନା ମଧ୍ୟ ଏହି କେନ୍ଦ୍ର ହାତକୁ ନେଇଛନ୍ତି । ଅଞ୍ଚଳ ଅଧ୍ୟୟନ ଗ୍ରନ୍ଥପଞ୍ଜି ଅପେକ୍ଷା ଭାଷା ଅଧ୍ୟୟନ ଗ୍ରନ୍ଥପଞ୍ଜିର ପରିସର ଅଧିକ ବ୍ୟାପକ । ଏଥିରେ ନିର୍ଦ୍ଦିଷ୍ଟ ଭାଷାର ସମସ୍ତ ସାମାଜିକ ବିଜ୍ଞାନ ଗ୍ରନ୍ଥ ସ୍ଥାନ ପାଇବ । କିନ୍ତୁ ଅଞ୍ଚଳ ଅଧ୍ୟୟନ ଗ୍ରନ୍ଥପଞ୍ଜିରେ କେବଳ ଉକ୍ତ ଅଞ୍ଚଳ ସମ୍ବନ୍ଧୀୟ ସାମାଜିକ ବିଜ୍ଞାନ ଗ୍ରନ୍ଥ ସ୍ଥାନ ପାଇଥାଏ । ହିନ୍ଦୀ, ଗୁଜରାଟୀ, କର୍ଣ୍ଣାଟ ଓ ଓଡ଼ିଆ ଭାଷାର ଗ୍ରନ୍ଥପଞ୍ଜି ସଂକଳନ କାର୍ଯ୍ୟ ଚାଲିଛି ।

ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଥିବା ପ୍ରତ୍ୟେକ ଗବେଷକ ପାଇଁ ଏହି କେନ୍ଦ୍ରର ସଦ୍‌ଉପଯୋଗ ଏକାନ୍ତ ଅପରିହାର୍ଯ୍ୟ । ଅନେକ ଗବେଷକ ଏହି କେନ୍ଦ୍ର ସମ୍ବନ୍ଧରେ କିଛି ଜାଣି ନ ଥିବାରୁ ଗବେଷଣା କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସେମାନେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ ନ କରି ଏହି କେନ୍ଦ୍ରର ସାହାଯ୍ୟ ଗ୍ରହଣ କଲେ ସେମାନଙ୍କ ତଥା ସାମାଜିକ ବିଜ୍ଞାନର ଅଗ୍ରଗତି ସମ୍ଭବ ହେବ । ଏହି କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଏସ. ପି. ଅଗ୍ରୱାଲ ଓ ଅନ୍ୟ ସମସ୍ତ କର୍ମଚାରୀ ଅତ୍ୟନ୍ତ ହୃଦୟବାନ ଏବଂ ଗବେଷଣା ପ୍ରେମୀ ଗବେଷକମାନଙ୍କୁ ସବୁପ୍ରକାର ସାହାଯ୍ୟ ଦେବାକୁ ସେମାନ ସର୍ବଦା ପ୍ରସ୍ତୁତ ।

ଗ୍ରନ୍ଥପାଳ, ରାଜେନ୍ଦ୍ର ମହାବିଦ୍ୟାଳୟ
ବଲାଙ୍ଗୀର ୭୬୭୦୦୨ ।




ଶ୍ରୀ ଉମାଶଙ୍କର ଦୀକ୍ଷିତଙ୍କୁ "ପଦ୍ମ ବିଭୂଷଣ" ସମ୍ମାନ

OGP—MP-VI (I. & P. R.) 51—6,000—1-3-1989



ରାଷ୍ଟ୍ରପତି ଦମ୍ପତିଙ୍କ ସହ ଜାତିସଂଘ ସେକ୍ରେଟେରୀ ଜେନେରାଲ୍ ଦମ୍ପତି

Vol. XLIV No. 7/8 UTKAL PRASANGA Regd. No.
Licence No. C. R. N. P. 5—Licensed to post without Pre-Payment




ାକ ଟିକଟ ଉନ୍ମୋଚନ



ନୌସେନା ଅବଲୋକନ

# ଉତ୍କଳ ପ୍ରସଙ୍ଗ

